ଧରିତ୍ରୀ 50 Years
ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ଡିସେମ୍ବର ୨୦/୨୦୨୩
Bhubaneswar, Wednesday, December 20/2023


# ଚାଇନାରେ ଭୂକମ୍ପ: ୧୨୭ ମୃତ

ବେଜିଂ/ଜିଶିଶାନ୍, ୧୯।୧୨

ଉତ୍ତର-ପଶ୍ଚିମ ଚାଇନାର ପାର୍ବତ୍ୟାଞ୍ଚଳରେ ସୋମବାର ମଧ୍ୟରାତ୍ରରେ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୧୨୭ ଜଣଙ୍କ ମୃତ୍ୟୁ ଘଟିବା ସହ ୭୦୦ରୁ ଅଧିକ ଆହତ ହୋଇଛନ୍ତି। ଚାଇନା ଆର୍ଥକ୍ୱେକ୍ ନେଟ୍‌ୱର୍କ ସେଣ୍ଟର ଅନୁଯାୟୀ ଭୂକମ୍ପର ତୀବ୍ରତା ୬.୨ ଥିଲା। ସୋମବାର ରାତି ୧୧ଟା ୫୯ ମିନିଟ୍‌ରେ ଅନୁଭୂତ ଭୂକମ୍ପ କିଙ୍ଗ୍‌ହାଇ ପ୍ରଦେଶ ଅନ୍ତର୍ଗତ ଗାନ୍‌ସୁକୁ ଦୋହଲାଇ ଦେଇଥିଲା। ଏହାର କେନ୍ଦ୍ରସ୍ଥଳ ଡୋଙ୍ଗଶିଆଙ୍ଗର ଜିଶିଶାନ ବାଓଆନ୍ କାଉଣ୍ଟି ଆସନଠାରୁ ୮ କିଲୋମିଟର ଦୂର ଲିଉଗୋଇ ସହରର ୧୦ କିଲୋମିଟର ଗଭୀରରେ ବୋଲି ଜଣାପଡ଼ିଛି। କେନ୍ଦ୍ରସ୍ଥଳର ଗଭୀରତା କମ୍ ଥିବାରୁ ଅଧିକ ଭିତ୍ତିଭୂମି କ୍ଷୟକ୍ଷତି ଘଟିଥିବା ବିଶେଷଜ୍ଞମାନେ କହିଛନ୍ତି। ପଡୋଶୀ ଜିନ୍‌ଜିଆଙ୍ଗ ଉଇଗୁର ସ୍ୱୟଂଶାସିତ ଅଞ୍ଚଳରେ ମଙ୍ଗଳବାର



ଉତ୍ତରପଶ୍ଚିମ ଚାଇନାର ଗାନ୍‌ସୁ ପ୍ରଦେଶ ଅନ୍ତର୍ଗତ ଜିଶିଶାନ କାଉଣ୍ଟିର ଡାହେଜିଆରେ ଭୂକମ୍ପରେ ଏକ ବିଲ୍ଡିଂ ଭୁଶୁଡ଼ି ପଡ଼ିଛି।

ସକାଳ ୯ଟା ୪୬ରେ ଦ୍ୱିତୀୟ ଭୂକମ୍ପ ଅନୁଭୂତ ହୋଇଛି। ଉଭୟ ଗାନ୍‌ସୁ ଏବଂ କିଙ୍ଗହାଇରେ ୩୨ ଥର ପଶ୍ଚାତ୍ କମ୍ପନ ହୋଇଛି। ଜିଶିଶାନ୍‌ରେ ୬,୩୮୧ ଘର କ୍ଷତିଗ୍ରସ୍ତ ହୋଇଛି। ଭୂକମ୍ପ ଯୋଗୁ କେତେକ ଗ୍ରାମାଞ୍ଚଳ ରାସ୍ତା ନଷ୍ଟ ହେବା ସହ ବିଦ୍ୟୁତ୍ ସରବରାହ ଏବଂ ଟେଲି ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ପାନୀୟଜଳ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହୋଇଛି। କ୍ଷତିଗ୍ରସ୍ତ ଭିତ୍ତିଭୂମି ସଜାଡ଼ିବା କାର୍ଯ୍ୟରେ ଗତ ରାତିରୁ କର୍ମଚାରୀମାନେ ନିୟୋଜିତ ଅଛନ୍ତି। ଭୂକମ୍ପ ଯୋଗୁ ୟେଲୋ ନଦୀ ଉପରେ ଥିବା ଏକ ବ୍ରିଜ୍‌ରେ ଫାଟ ସୃଷ୍ଟି ହୋଇଛି।

ମଙ୍ଗଳବାର ଜିଶିଶାନରେ ତାପମାତ୍ରା ବିଯୁକ୍ତ ୧୦ ଡିଗ୍ରୀ ସେଲ୍‌ସିୟସ୍ ରହିଥିବାରୁ ଘରଦ୍ୱାର ହରାଇଥିବା ଲୋକେ ଖୋଲା ଆକାଶ ତଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେମାନଙ୍କ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଟେଣ୍ଟ ନିର୍ମାଣ କରାଯାଉଛି। ଅଗ୍ନିଶମ ଓ ଉଦ୍ଧାର ବିଭାଗରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଉପକରଣ, ୮୮ ଦମକଳ ଗାଡ଼ି ଓ ୫୮୦ କର୍ମଚାରୀଙ୍କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ଭୂକମ୍ପ ସ୍ଥଳକୁ ଗାନ୍‌ସୁର କମ୍ୟୁନିଷ୍ଟ ପାର୍ଟି ମୁଖ୍ୟ ଏବଂ ରାଜ୍ୟପାଳ ଯାଇଥିବାବେଳେ ଯଥାସମ୍ଭବ ମୃତ୍ୟୁସଂଖ୍ୟା କମ୍ କରିବା ପାଇଁ ତୁରନ୍ତ ଉଦ୍ଧାର କାର୍ଯ୍ୟକୁ ଜୋର୍‌ଦାର କରିବା ସହ ଆହତମାନଙ୍କୁ ସମସ୍ତ ଚିକିତ୍ସା ସୁବିଧା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭୂକମ୍ପ କ୍ଷତିଗ୍ରସ୍ତ ଗାନ୍‌ସୁ ଏବଂ କିଙ୍ଗହାଇ ପାଇଁ ଚାଇନା ୨୫୦ ନିୟୁତ ୟୁଆନ୍ (୮୫ ନିୟୁତ ଡଲାର) ମଞ୍ଜୁର କରିଛି। ଭୂକମ୍ପ କ୍ଷତିଗ୍ରସ୍ତମାନଙ୍କ ରହିବା ପାଇଁ ବହୁସଂଖ୍ୟାରେ ଟେଣ୍ଟ ସ୍ଥାପନ କରାଯିବା ସହ ସେମାନଙ୍କୁ ପାନୀୟ ଜଳ, କମ୍ବଳ, ଷ୍ଟୋଭ୍, ଶୁଖିଲା ଖାଦ୍ୟ ଆଦି ଯୋଗାଇ ଦିଆଯାଇଛି।

# ଜ୍ଞାନବାପି ମସ୍‌ଜିଦ୍ କମିଟି ପିଟିଶନ ଖାରଜ

ପ୍ରୟାଗରାଜ, ୧୯।୧୨

ଆଲ୍ଲାହାବାଦ ହାଇକୋର୍ଟ ମଙ୍ଗଳବାର ଜ୍ଞାନବାପି ମାମଲା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ମସ୍‌ଜିଦ ସ୍ଥଳରେ ମନ୍ଦିରର ପୁନରୁଦ୍ଧାର ଲାଗି ଦାଏର ଦେୱାନୀ ମାମଲାଗୁଡ଼ିକୁ ଚ୍ୟାଲେଞ୍ଜ କରି ମସ୍‌ଜିଦ କମିଟି ଦାଏର କରିଥିବା ପିଟିଶନଗୁଡ଼ିକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ୧୯୯୧ରେ ଦାଏର ଏକ ସିଭିଲ୍ ସୁଟ୍‌ର ଶୁଣାଣି ୬ ମାସ ମଧ୍ୟରେ ଶେଷ କରିବାକୁ ହାଇକୋର୍ଟ ବାରାଣସୀ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବାରାଣସୀର କାଶୀ ବିଶ୍ୱନାଥ ମନ୍ଦିର ନିକଟରେ ଜ୍ଞାନବାପି ମସ୍‌ଜିଦ ଅବସ୍ଥିତ, ଯାହା ମନ୍ଦିର ଢାଞ୍ଚା ଉପରେ ନିର୍ମାଣ ହୋଇଥିବା ହିନ୍ଦୁପକ୍ଷ ଦାବି କରିଆସୁଛନ୍ତି। ଜ୍ଞାନବାପି ମସ୍‌ଜିଦ କମିଟିର ୩ ପିଟିଶନ ଏବଂ ଉତ୍ତରପ୍ରଦେଶ ସୁନ୍ନି ସେଣ୍ଟ୍ରାଲ ୱାକଫ୍ ବୋର୍ଡର ୨ଟି ପିଟିଶନର ଶୁଣାଣି ହାଇକୋର୍ଟରେ ହେଉଛି। ୧୯୯୧ରେ ଆଦି ବିଶ୍ୱେଶ୍ୱର ବିରାଜମାନଙ୍କ



ତରଫରୁ ବାରାଣସୀ କୋର୍ଟରେ ଦାଏର ମାମଲାକୁ ଚ୍ୟାଲେଞ୍ଜ କରି ୩ଟି ପିଟିଶନ ଦାଏର ହୋଇଥିଲା। ଆଦି ବିଶ୍ୱେଶ୍ୱର ବିରାଜମାନଙ୍କ ପକ୍ଷରୁ ଦାଏର ମାମଲାରେ ବିବାଦୀୟ ସ୍ଥାନକୁ ନିୟନ୍ତ୍ରଣକୁ ନେଇ ସେଠାରେ ପୂଜାର୍ଚ୍ଚନା ପାଇଁ ଅନୁମତି ଦେବାକୁ ନିବେଦନ କରାଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ଅଞ୍ଜୁମନ୍ ଇଣ୍ଟେଜାମିଆ ମସ୍‌ଜିଦ କମିଟି ଏବଂ ୟୁପି ସୁନ୍ନି ସେଣ୍ଟ୍ରାଲ ୱାକଫ୍ ବୋର୍ଡ ଦାଏର କରିଥିବା ପିଟିଶନରେ ଯୁକ୍ତି ଦର୍ଶାଇଥିଲେ ଯେ, ମସ୍‌ଜିଦ ୧୯୪୭ ଅଗଷ୍ଟ ୧୫ ପୂର୍ବରୁ ଥିବାରୁ ଉପାସନା ସ୍ଥଳ ଅଧିନିୟମ (ସ୍ୱତନ୍ତ୍ର ବ୍ୟବସ୍ଥା) ଆକ୍ଟ, ୧୯୯୧ ଅନୁଯାୟୀ ଧର୍ମସ୍ଥାନର କିସମ ପରିବର୍ତ୍ତନ ଉପରେ କଟକଣା ରହିଥିବାରୁ ଉକ୍ତ ମାମଲା ବିଚାରଯୋଗ୍ୟ ନୁହେଁ। ଅନ୍ୟପକ୍ଷରେ ୧୯୯୧ ମାମଲାର ଆବେଦନକାରୀଙ୍କ ଯୁକ୍ତି ହେଲା ଜ୍ଞାନବାପି ବିବାଦ ସ୍ୱାଧୀନତା ପୂର୍ବରୁ ରହିଥିବାରୁ ଏହା ଉପାସନା ସ୍ଥଳ ଅଧିନିୟମ ଅଧୀନରେ ଆସୁନାହିଁ। ଜଷ୍ଟିସ୍ ରୋହିତ ରଞ୍ଜନ ଅଗ୍ରୱାଲ ମଙ୍ଗଳବାର କହିଛନ୍ତି, ୧୯୯୧ ମାମଲା ବିଚାରଯୋଗ୍ୟ ଏବଂ ଉପାସନା ସ୍ଥଳ ଅଧିନିୟମ, ୧୯୯୧ ଏଥିରେ ବାଧକ ନୁହେଁ।

# ଦିଲ୍ଲୀର ଅନଧିକୃତ କୋଠା ସମ୍ପର୍କିତ ବିଲ୍ ଲୋକ ସଭାରେ ଗୃହୀତ

ନୂଆଦିଲ୍ଲୀ, ୧୯।୧୨ (ପି.ଟି.)

## ସୁରକ୍ଷା ସମୟସୀମା ୩ ବର୍ଷ ବଢ଼ିବ

ଦିଲ୍ଲୀରେ ଅନଧିକୃତ ଭାବେ ଗଢ଼ିଉଠିଥିବା କୋଠାଗୁଡ଼ିକ ବିରୋଧରେ ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ବିରୋଧରେ ସୁରକ୍ଷାକୁ ଡିସେମ୍ବର ୩୧ ସମୟସୀମା ଶେଷ ହେବା ପରେ ଆଉ ୩ ବର୍ଷ ବଢ଼ାଇବାକୁ ଏକ ବିଲ୍ ମଙ୍ଗଳବାର ଲୋକ ସଭାରେ ଗୃହୀତ ହୋଇଛି। ଦିଲ୍ଲୀର ଏଏପି ସରକାର ଏବଂ ପୂର୍ବରୁ କେନ୍ଦ୍ରରେ ଥିବା କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଏଦିଗରେ କିଛି କରି ନ ଥିଲେ ବୋଲି ଭାଜପା ଏମ୍‌ପିମାନେ ଅଭିଯୋଗ କରିଛନ୍ତି। ବିଲ୍ ଉପରେ ସଂକ୍ଷିପ୍ତ ଆଲୋଚନା ପରେ ଏହା ଧ୍ୱନିମତରେ ଗୃହୀତ ହୋଇଥିଲା। ଦିଲ୍ଲୀର ନିର୍ଦ୍ଦିଷ୍ଟ କେତେକ ଅନଧିକୃତ ଘରକୁ କାର୍ଯ୍ୟାନୁଷ୍ଠାନରୁ ସୁରକ୍ଷା ଦେବା ଲାଗି ବିଲ୍‌ରେ ବ୍ୟବସ୍ଥା ରହିଛି।

# ଜିଏସ୍‌ଟି ଆପିଲେଟ୍ ଟ୍ରିବ୍ୟୁନାଲ ଅଧ୍ୟକ୍ଷଙ୍କ ବୟସସୀମା ବଢ଼ିବ

ନୂଆଦିଲ୍ଲୀ, ୧୯।୧୨

## ଲୋକ ସଭାରେ ବିଲ୍ ଗୃହୀତ

ଜିଏସ୍‌ଟି ଆପିଲେଟ୍ ଟ୍ରିବ୍ୟୁନାଲ (ଜିଏସ୍‌ଟିଏଟି)ର ଅଧ୍ୟକ୍ଷଙ୍କ ବୟସସୀମାକୁ ୭୦ ବର୍ଷ ଏବଂ ସଦସ୍ୟମାନଙ୍କ ବୟସ ୬୭ ବର୍ଷକୁ ବୃଦ୍ଧି କରିବା ପାଇଁ ଏକ ବିଲ୍ ମଙ୍ଗଳବାର ଲୋକ ସଭାରେ ଗୃହୀତ ହୋଇଛି। ପୂର୍ବରୁ ଜିଏସ୍‌ଟିଏଟିର ଅଧ୍ୟକ୍ଷଙ୍କ ସର୍ବାଧିକ ବୟସସୀମା ୬୭ ଏବଂ ସଦସ୍ୟମାନଙ୍କର ୬୫ ବର୍ଷ ରଖାଯାଇଥିଲା। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଥିଲେ, ଜିଏସ୍‌ଟିଏଟି କାର୍ଯ୍ୟକାରୀ ହେବା ପରେ ବିଭିନ୍ନ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟରେ ଯେଉଁମାନଙ୍କ ନାଁରେ ଜିଏସ୍‌ଟି ମାମଲା ରହିଛି, ସେମାନେ ତାକୁ ପ୍ରତ୍ୟାହାର କରିନେଇ ଉକ୍ତ ଟ୍ରିବ୍ୟୁନାଲରେ ଆବେଦନ କରିପାରିବେ। କେନ୍ଦ୍ରୀୟ ୪ ବର୍ଷ କିମ୍ବା ସେମାନଙ୍କୁ ଯଥାକ୍ରମେ ୭୦ ଏବଂ ୬୭ ବର୍ଷ ହେବା ପର୍ଯ୍ୟନ୍ତ ପଦବୀରେ ରହିପାରିବେ। ପୂର୍ବରୁ ଏହି ବୟସସୀମା ଯଥାକ୍ରମେ ୬୭ ଓ ୬୫ ବର୍ଷ ଥିଲା। ବିଲ୍ ଗୃହୀତ ହେବା ଫଳରେ ଟ୍ରିବ୍ୟୁନାଲ ସଂସ୍କାର ଅଧିନିୟମ, ୨୦୨୧ ସହ ଜିଏସ୍‌ଟିଏଟିର ନ୍ୟାୟିକ ଓ ବୈଷୟିକ ସଦସ୍ୟଙ୍କ ସେବା ସର୍ତ୍ତାବଳୀ ସମାନ ହୋଇଥିବା ନିର୍ମଳା କହିଛନ୍ତି।




ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ବୁଧବାର, ଡିସେମ୍ବର ୨୦/୨୦୨୩
Bhubaneswar, Wednesday, December 20/2023



**ଆଜିର ମନ୍ତବ୍ୟ**

"ପ୍ରଥମେ ଜିତିବା ହେଉଛି ଆମର ପ୍ରାଥମିକତା। କିଏ ପ୍ରଧାନମନ୍ତ୍ରୀ ହେବେ ପରେ ଆଲୋଚନା ହୋଇପାରିବ। ଯଦି ଏମ୍‌ପି ନ ଥିବେ ତେବେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ସମ୍ପର୍କରେ କଥା ହେବାରେ ଲାଭ କ'ଣ।
– ମଲ୍ଲିକାର୍ଜ୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଲ ତେଲ
ପାଣି ପାଣି।**

ତେଲ ସହ ତେଲ ସହଜରେ ମିଶିଯାଏ। ସେହିପରି ପାଣି ମଧ୍ୟ ପାଣି ସହ ମିଶିଯାଇଥାଏ। ପରନ୍ତୁ ତେଲ ସହ ପାଣି କସ୍ମିନ କାଳେ ମିଶିପାରି ନ ଥାଏ। ପରୋକ୍ଷରେ ସମ ସ୍ୱଭାବ ବ୍ୟକ୍ତି ପରସ୍ପର ସହ ଅତିରେ ମେଳ ଖାଇଯାଉଥିବା ବେଳେ ଅସମାନ ଦୁଇ ବ୍ୟକ୍ତିଙ୍କର ମିଳନ ଅସମ୍ଭବ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତା' କାଣ୍ଡେଇ ଗୁଣ ସେ କାହିଁ ଛାଡ଼ିବ ?
କଂସା ଗିନା ହୋଇଛି, ବଦଳି ପଡ଼ିବ ?**

କଳହପ୍ରିୟ ବ୍ୟକ୍ତି କଳିର ଯଥାର୍ଥ କାରଣ ନ ଥାଇ ମଧ୍ୟ କଳି କରିବାକୁ ଆଗଭର ହୋଇଯାଇଥାନ୍ତି। ଅଯଥାରେ କଳି କରିବା ସେମାନଙ୍କ ପ୍ରକୃତି ହୋଇଥାଏ। ସାଧାରଣତଃ ମଣିଷ ତା'ର ଜନ୍ମଗତ ପ୍ରକୃତିକୁ କେବେ ଛାଡ଼ିପାରି ନ ଥାଏ। କଂସା ଗିନା ଭାଙ୍ଗିରୁଜି ଗଲେ ତାକୁ ବଦଳାଇ ଦେଇ ହୋଇଥାଏ, ପରନ୍ତୁ ଯାହାର ଯେପରି ସ୍ୱଭାବ ରହିଥାଏ ତାକୁ ବଦଳା ଯାଇ ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ବାରିପଦା ଛଉପଡ଼ିଆରେ ମଙ୍ଗଳବାର ଆୟୋଜିତ ଜନସମାବେଶରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଉଦ୍‌ବୋଧନ।

# ମ୍ୟାଜିକ୍ କରିବ ମୟୂରଭଞ୍ଜ: ପାଣ୍ଡିଆନ

ଭୁବନେଶ୍ୱର(ଅନିଲ ଦାସ)/ ବାରିପଦା (ନୀଳାଦ୍ରି ଦଣ୍ଡପାଟ), ୧୯।୧୨

■ ବିରୋଧୀଙ୍କୁ ବିରୋଧ ନ କରି ଖେଳିଲେ ମାଷ୍ଟରଷ୍ଟ୍ରୋକ୍
■ ଏ ସରକାର ଲୋକଙ୍କର
■ ଆପଣମାନେ ନବୀନଙ୍କ ପରିବାର ଲୋକ

ବିରୋଧୀଙ୍କୁ ଆଦୌ ଟାର୍ଗେଟ ନ କରି ମୟୂରଭଞ୍ଜରେ ମାଷ୍ଟରଷ୍ଟ୍ରୋକ୍ ଖେଳିଲେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଦୁଇ ଚାରିଟି ଶବ୍ଦରେ ଜିଣିନେଲେ ମୟୂରଭଞ୍ଜବାସୀଙ୍କ ମନ। ଏ ସରକାର ବିଜେଡି ସରକାର ନୁହେଁ, ଏହା ଆପଣମାନଙ୍କର ସରକାର, ଲୋକଙ୍କ ସରକାର। ଆପଣମାନେ ଯେତେବେଳେ ଯାହା ଚାହିଁବେ, ଏ ସରକାର ତାହା କରିବ। ସମଗ୍ର ଓଡ଼ିଶାବାସୀ ନବୀନଙ୍କ ପରିବାର, ବିଜୁ ପରିବାର। ମଙ୍ଗଳବାର ବାରିପଦା ଛଉ ପଡ଼ିଆଠାରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେବାବେଳେ ୫-ଟି ଅଧ୍ୟକ୍ଷ ପାଣ୍ଡିଆନ ଏହା କହିଛନ୍ତି। ସେ କହିଛନ୍ତି ବିଜେଡି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଲୋକଙ୍କ ଆସ୍ଥା, ବିଶ୍ୱାସ ଅଧିକ ଦୃଢ଼ ହୋଇଛି। ନିଜ ଅଭିଭାଷଣରେ ସେ ମୁଖ୍ୟମନ୍ତ୍ରୀଙ୍କୁ ତୁଙ୍ଗ ଜନନାୟକ କହିବା ସହ ଓଡ଼ିଶାବାସୀଙ୍କ ପାଇଁ ତାଙ୍କ ସମର୍ପଣ ବିଭିନ୍ନ ଉଦାହରଣ ସୃଷ୍ଟି କରିଛି। ଜିଲାର ୫୬ ଜିଲା ପରିଷଦ ଆସନରୁ ୫୩ରେ ଜିତି ମ୍ୟାଜିକ୍ କରିଛି ମୟୂରଭଞ୍ଜ। ଆଗାମୀ ଦିନରେ ଏକାଠି କାମକଲେ ୫୬ରୁ ୫୬ ଭଳି ମ୍ୟାଜିକ୍ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

୭୭ ବର୍ଷ ବୟସରେ ମଧ୍ୟ ଚଳଚଞ୍ଚଳ ମୁଖ୍ୟମନ୍ତ୍ରୀ ଲୋକ କଲ୍ୟାଣ ପାଇଁ ଅହରହ ପରିଶ୍ରମ କରୁଛନ୍ତି। ତାଙ୍କୁ ସବୁବେଳେ ଦେଖି ସେ ନିଜେ ପ୍ରେରଣା ପାଇଛନ୍ତି ବୋଲି ପାଣ୍ଡିଆନ କହିଛନ୍ତି। ଓଡ଼ିଶା କିଭଳି ନୂଆ ଓଡ଼ିଶା ଆଡ଼କୁ ଅଗ୍ରସର ହେଉଛି ସେ ସମ୍ପର୍କରେ ଉଦାହରଣ ଦେଇ ସେ ପରୋକ୍ଷରେ ବିକାଶ ବିରୋଧୀଙ୍କୁ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ଏହା ଯଦି ରୂପାନ୍ତରଣ ନୁହେଁ, ଏହା ଯଦି ନୂଆ ଓଡ଼ିଶାର ଯାତ୍ରା ନୁହେଁ, ତାହାହେଲେ ଆଉ କ'ଣ। ପ୍ରତି ପଞ୍ଚାୟତରୁ ବସ୍ ଗଡ଼ିବା ପାଇଁ ହୋଇଥିବା ଲକ୍ଷ୍ମୀ ଯୋଜନାଠୁ ଆରମ୍ଭ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ୫-ଟି ଅଧୀନରେ ସ୍କୁଲ ଓ କଲେଜର ରୂପାନ୍ତରଣ ପ୍ରସଙ୍ଗରେ ପାଣ୍ଡିଆନ ଉତ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଗରିବରୁ ଗରିବତମ ଲୋକଙ୍କୁ ଏଭଳି ସଶକ୍ତ କରିଛନ୍ତି ଯେ ସେମାନେ ଆଜି ନିଜ ସନ୍ତାନଙ୍କୁ ଡାକ୍ତର, ଇଞ୍ଜିନିୟର ଭଳି ବଡ଼ ବଡ଼ ବୃତ୍ତିରେ ଦେଖିବା ସ୍ୱପ୍ନକୁ ସାକାର କରିପାରୁଛନ୍ତି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆମ ଗୁରୁ ଓ ବାପା ଭଳି। ସେ ହେଉଛନ୍ତି ସମଗ୍ର ଓଡ଼ିଶାବାସୀଙ୍କ ପ୍ରେରଣା। ରାଜ୍ୟବାସୀଙ୍କ ପାଇଁ କାମ କରିବାକୁ ମୁଖ୍ୟମନ୍ତ୍ରୀ ନିଜର ଭାଗ୍ୟ ବୋଲି ମନେକରନ୍ତି। ଏହି ଏକମାତ୍ର ଉଦ୍ଦେଶ୍ୟ ରଖି ମୁଖ୍ୟମନ୍ତ୍ରୀ କାର୍ଯ୍ୟ କରିଚାଲିଛନ୍ତି। ସେ ବିଜୁ ପଟ୍ଟନାୟକଙ୍କ



ପୁଅ। ୫ ଥର ମୁଖ୍ୟମନ୍ତ୍ରୀ ହେଲେଣି। ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ହେଲେ ବି ଫରକ ପଡ଼ିବନି। କିନ୍ତୁ ତାଙ୍କର ଉଦ୍ଦେଶ୍ୟ ହେଉଛି ଭଲ ସରକାର ଓ ନୂଆ ଓଡ଼ିଶା ଗଠନ। ଏସବୁ ପାଇଁ ସେ ଜିଲାବାସୀଙ୍କ ସହଯୋଗ ଲୋଡ଼ିଛନ୍ତି। ଛଉପଡ଼ିଆଠାରେ ଆୟୋଜିତ ସାଧାରଣ ସଭାକୁ ଉଦ୍‌ବୋଧନ ଦେବା ପୂର୍ବରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗଦେଇ ପାଣ୍ଡିଆନ ପିଲାଙ୍କୁ କିଛି ପ୍ରଶ୍ନ ପଚାରିଥିଲେ। ଏ ପ୍ରଶ୍ନ ପିଲାଙ୍କ ପାଇଁ ଯେତିକି ନ ଥିଲା, ରୂପାନ୍ତରଣକୁ ଦେଖିପାରୁ ନ ଥିବା ବିକାଶ ବିରୋଧୀଙ୍କ ପାଇଁ ଅଧିକ ଥିଲା। କେଉଁ ରାଜ୍ୟ ସମଗ୍ର ଭାରତବର୍ଷର କ୍ରୀଡ଼ା ରାଜଧାନୀ, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ କେଉଁ ରାଜ୍ୟକୁ ଜାତିସଂଘରୁ ସମ୍ମାନ ମିଳିଛି, କେଉଁ ରାଜ୍ୟ ଏବେ ବଳକା ରାଜ୍ୟ ଭାବେ ଖ୍ୟାତି ଅର୍ଜନ କରିଛି, କେଉଁ ଜିଲା ଦେଶର ଏକ ନମ୍ବର। ଏଭଳି କିଛି ପ୍ରଶ୍ନ ପିଲାମାନଙ୍କୁ ପଚାରିଥିଲେ ୫-ଟି ଅଧ୍ୟକ୍ଷ। ପିଲାମାନେ ଉଚ୍ଚ ସ୍ୱରରେ ଏସବୁର ଉତ୍ତର ଯଥାକ୍ରମେ ଓଡ଼ିଶା ଓ ମୟୂରଭଞ୍ଜ ବୋଲି ଦେଇଥିଲେ। ପାଣ୍ଡିଆନଙ୍କ ମୟୂରଭଞ୍ଜ ଗସ୍ତ ବେଳେ ତାଙ୍କୁ ମିଳିଥିଲା ଉଚ୍ଛ୍ୱସିତ ସମ୍ବର୍ଦ୍ଧନା। ହଜାର ହଜାର ଲୋକ ସ୍ଲୋଗାନ ଦେବା ବେଳେ ତାଙ୍କ ସହ ସ୍ୱର ମିଳାଇ କହିଥିଲେ, ଆମ ଓଡ଼ିଶା- ନବୀନ ଓଡ଼ିଶା, ଆମ ନେତା- ନବୀନ ପଟ୍ଟନାୟକ। ଏହି ସଭାରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ରାଜ୍ୟ ସଭା ସଦସ୍ୟ ମମତା ମହାନ୍ତ, ମୋରଡ଼ା ବିଧାୟକ ରାଜ କିଶୋର ଦାସ, ମୟୂରଭଞ୍ଜ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ଦେବାଶିଷ ମାର୍ଣ୍ଡି, ବାରିପଦା ପୌର ପରିଷଦ ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।





ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ନୂଆ ଭାରିଆଣ୍ଟ ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ

ଭୁବନେଶ୍ୱର, ୧୯।୧୨(ଅସମାପିକା ସାହୁ)

କରୋନାର ନୂଆ ସବ୍‌ଭାରିଆଣ୍ଟ 'ଜେଏନ୍ ୧' କର୍ନାଟକ ଓ କେରଳରେ ଠାବ ହେବା ପରେ କେନ୍ଦ୍ର ସରକାର ସବୁ ରାଜ୍ୟ ପାଇଁ ସତର୍କ ସୂଚନା ଜାରି କରିଛନ୍ତି। ଇତିମଧ୍ୟରେ ଏହି ସବଭାରିଆଣ୍ଟରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ହେଲେ ଓଡ଼ିଶାରେ ଏଯାଏ ଏହି ନୂଆ ଭାରିଆଣ୍ଟ ଚିହ୍ନଟ ହୋଇ ନ ଥିଲେ ମଧ୍ୟ ସରକାର ଏହାକୁ ଅତି ଗୁରୁତର ସହ ଗ୍ରହଣ କରିଛନ୍ତି। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି, ଯେଉଁ ନୂଆ ଭାରିଆଣ୍ଟ କଥା କୁହାଯାଉଛି ତାହା ନାଚୁରାଲ। ଏଠାରେ ନୂଆ ଭାରିଆଣ୍ଟ ଚିହ୍ନଟ ହେଲେ ଜିନୋମ ସିକ୍ୱେନ୍ସ ପାଇଁ ପଠାଯିବ। ଆମେ ମୁକାବିଲା ପାଇଁ ପ୍ରସ୍ତୁତ ଅଛୁ। ଆବଶ୍ୟକ ହେଲେ ରାଜ୍ୟ ଗାଇଡ୍‌ଲାଇନ ଜାରି କରିପାରୁ। ଥଣ୍ଡା, ଜ୍ୱର କାଶ ହେଲେ ଟେଷ୍ଟ କରନ୍ତୁ, ଗହଳି ସ୍ଥାନକୁ ଯାଆନ୍ତୁ ନାହିଁ। ପଜିଟିଭ ଚିହ୍ନଟ ହେଲେ ତୁରନ୍ତ ଚିକିତ୍ସା ଆରମ୍ଭ ହେବ। ଆବଶ୍ୟକ ସ୍ଥଳେ ସର୍ଭିଲାନ୍ସକୁ ଜୋର୍‌ଦାର କରାଯିବ। ରାଜ୍ୟରେ ପର୍ଯ୍ୟାପ୍ତ ଟେଷ୍ଟିଂ କିଟ୍ ଉପଲବ୍ଧ ରହିଛି। କେବଳ ବ୍ୟାପକ ସଚେତନତା ସୃଷ୍ଟି ଆବଶ୍ୟକ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

# ସିଟିଏସ୍ ନିଯୁକ୍ତି ପାଇଁ ୬୪୧ କନିଷ୍ଠ ଯନ୍ତ୍ରୀ ପଦ ବୃଦ୍ଧି

ଭୁବନେଶ୍ୱର, ୧୯।୧୨(ଅସମାପିକା ସାହୁ)

ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପକ୍ଷରୁ କମ୍ବାଇନ୍‌ଡ ଟେକ୍ନିକାଲ ସର୍ଭିସ୍ (ସିଟିଏସ୍) ନିଯୁକ୍ତି ପାଇଁ ୬୪୧ କନିଷ୍ଠ ଯନ୍ତ୍ରୀ ପଦ ବୃଦ୍ଧି କରାଯାଇଛି। ଜଳସମ୍ପଦ ବିଭାଗରେ ୬୬ଟି ଓ ପୂର୍ତ୍ତ ବିଭାଗର ୫୭୫ଟି ନୂତନ ପଦ ସଂଯୋଗ ହୋଇଛି। ତେବେ ପ୍ରାଥମିକ ବିଜ୍ଞପ୍ତିରେ ପ୍ରକାଶିତ ହୋଇଥିବା ପଦରୁ ୧୫ଟି ଲାବ୍ ଆସିଷ୍ଟାଣ୍ଟ ଓ ୧୩ଟି ଲାବ୍ ଆଟେଣ୍ଡାଣ୍ଟ ପଦକୁ ରଦ୍ଦ କରାଯାଇଥିବା

**ଆଜିଠାରୁ ଆବେଦନ**

ଓଏସ୍‌ଏସ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଆଶାୟୀ ପ୍ରାର୍ଥୀମାନେ ବୁଧବାରଠାରୁ ଜାନୁୟାରୀ ୧୯ ପର୍ଯ୍ୟନ୍ତ ଏଥିପାଇଁ ଆବେଦନ କରିପାରିବେ। ସୂଚନାଯୋଗ୍ୟ, ଗତ ୧୧ ତାରିଖରେ ଜଳସମ୍ପଦ ଓ ପୂର୍ତ୍ତ ବିଭାଗରେ ଖାଲିଥିବା ଯନ୍ତ୍ରୀ ପଦକୁ ଏହି ନିଯୁକ୍ତି ପ୍ରକ୍ରିୟାରେ ସାମିଲ କରିବାକୁ ଡିପ୍ଲୋମା ଇଞ୍ଜିନିୟର ସଂଘ ପକ୍ଷରୁ ଦାବି କରାଯାଇ ଧାରଣା ଦିଆଯାଇଥିଲା।

# ସୁବର୍ଣ୍ଣପୁରକୁ ପରୀକ୍ଷାମୂଳକ ଭାବେ ଟ୍ରେନ୍ ଚାଲିଲା

## ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଆଉ ପାଦେ ଆଗେଇଲା

ସୋନପୁର, ୧୯।୧୨ (ମୃତ୍ୟୁଞ୍ଜୟ ଶତପଥୀ)

ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଆଉ ପାଦେ ଆଗେଇଛି। ଏହି ରେଳପଥ ଅନ୍ତର୍ଗତ ସୁବର୍ଣ୍ଣପୁର ଜିଲା ଖମ୍ବେଶ୍ୱରୀପାଲିରୁ ସୁବର୍ଣ୍ଣପୁର ଷ୍ଟେଶନ ମଧ୍ୟରେ ୧୩ କିଲୋମିଟର ନୂଆ ରେଳ ଲାଇନ୍‌ର ମଙ୍ଗଳବାର ସିଆର୍‌ଏସ୍ ଯାଞ୍ଚ ହୋଇଛି। ପୂର୍ବତଟ ସର୍କଲର ରେଳପଥ ନିରାପତ୍ତା ଆୟୁକ୍ତ(ସିଆର୍‌ଏସ) ବ୍ରିଜେଶ ମିଶ୍ର ଅପରାହ୍ନରେ ସମ୍ବଲପୁର ରେଳ ମଣ୍ଡଳ ଅନ୍ତର୍ଗତ ଖମ୍ବେଶ୍ୱରୀପାଲି-ସୁବର୍ଣ୍ଣପୁର ରେଳ ଲାଇନ ନିର୍ମାଣ କାମର ଅନୁଧ୍ୟାନ କରିଛନ୍ତି। ରେଳ ନିରାପତ୍ତା ଆୟୁକ୍ତ ମିଶ୍ର ବରିଷ୍ଠ ଅଧିକାରୀଙ୍କ ସହିତ ଖମ୍ବେଶ୍ୱରୀପାଲିରୁ ୬ଟି ଟ୍ରଲିରେ ଅପରାହ୍ନ ୨ଟା ୩୦ ମିନିଟ୍‌ରେ ବାହାରି ଥିଲେ। ମିଶ୍ର ସୁବର୍ଣ୍ଣପୁର ରେଳ ଷ୍ଟେଶନ ପର୍ଯ୍ୟନ୍ତ





ନୂଆ ରେଳ ଲାଇନର ନିରାପତ୍ତା ଯାଞ୍ଚ କରିଥିଲେ। ପରେ ସେ ନୂତନ ରେଳ ଷ୍ଟେଶନ ପରିଦର୍ଶନ କରିଥିଲେ। ଉକ୍ତ ଷ୍ଟେଶନରେ ଯାତ୍ରୀମାନଙ୍କ ପାଇଁ ଉପଲବ୍ଧ ହେବାକୁ ଥିବା ବିଭିନ୍ନ ସୁବିଧା ଓ ଏଠାରେ ନିର୍ମାଣାଧୀନ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ନିରୀକ୍ଷଣ କରିଥିଲେ। ସିଆର୍‌ଏସ୍ ମିଶ୍ର ସନ୍ଧ୍ୟା ୫ଟା ୩୦ମିନିଟ୍‌ରେ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ବସି ଉକ୍ତ ଦୁଇ ଷ୍ଟେଶନ ମଧ୍ୟରେ ଘଣ୍ଟା ପ୍ରତି ୧୦୧ କିଲୋମିଟର ବେଗରେ ସ୍ପିଡ୍ ଟ୍ରାଏଲ କରିଥିଲେ। ପରୀକ୍ଷାମୂଳକ ଭାବେ ଟ୍ରେନ୍ ଚାଲିବା ଓ ରେଳ ଲାଇନର ନିରାପତ୍ତା ଯାଞ୍ଚ ସମୟରେ ରେଳବାଇ ଭୁବନେଶ୍ୱରର ମୁଖ୍ୟ କାର୍ଯ୍ୟନିର୍ବାହୀ(ନିର୍ମାଣ) ଅଜୟ କୁମାର ସାମଲ, ମୁଖ୍ୟ ପ୍ରଶାସନିକ ଅଧିକାରୀ ଶ୍ରୀନିବାସ, ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ବିନୀତ ସିଂ, ରେଳ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ, ଚିଫ୍ ଇଞ୍ଜିନିୟର ଇଲେକ୍ଟ୍ରିକାଲ, ସିଗ୍‌ନାଲ, ଇଲେକ୍ଟ୍ରିକାଲ ଓ ବ୍ରିଜ୍ କନ୍‌ଷ୍ଟ୍ରକଶନ ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଖୋର୍ଦ୍ଧା-ବଲାଙ୍ଗୀର ରେଳପଥରେ ସୁବର୍ଣ୍ଣପୁର ବଲାଙ୍ଗୀର ପଟୁ ପଞ୍ଚମ ଷ୍ଟେଶନ ହେବ। ବଲାଙ୍ଗୀରରୁ ସୁବର୍ଣ୍ଣପୁର ମଧ୍ୟରେ ୫୧ କିଲୋମିଟର ରେଳ ଲାଇନ କାମ ସମ୍ପୂର୍ଣ୍ଣ ହୋଇଛି।

# ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୬.୫ ଡିଗ୍ରୀ

ଜି.ଉଦୟଗିରି, ୧୯।୧୨ (ଶିଶିର ପଟ୍ଟନାୟକ)

ମଙ୍ଗଳବାର ରାଜ୍ୟର ସବୁଠାରୁ ଥଣ୍ଡା ସହର ପାଲଟିଛି କନ୍ଧମାଳ ଜିଲାର ଜି.ଉଦୟଗିରି। ମଙ୍ଗଳବାର ସକାଳ ୮ଟା ସୁଦ୍ଧା ସର୍ବନିମ୍ନ ତାପମାତ୍ରା ୬.୫ ଡିଗ୍ରୀ ସେଲ୍‌ସିୟସ ରହିଥିବା ଜି.ଉଦୟଗିରି କୃଷି ଗବେଷଣା କେନ୍ଦ୍ରରେ ଥିବା ତାପ ମାପକ କେନ୍ଦ୍ର ଅଧିକାରୀଙ୍କଠାରୁ ଜଣାଯାଇଛି। ଦିନ ୧୦ଟା ଯାଏ ଘରୁ ବାହାରିବା କଷ୍ଟ ହେଉଛି। ଘନ କୁହୁଡ଼ି ଯୋଗୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି। ଗରିବ ଅସହାୟମାନେ ଅଧିକ ପ୍ରଭାବିତ ହେଉଥିବା ବେଳେ ଶୀତରୁ ରକ୍ଷା ପାଇଁ ଲୋକେ, ନିଆଁ ଜାଳି ବସୁଛନ୍ତି।

# ଜେରା ପାଇଁ ଭୁବନେଶ୍ୱରରେ ଆଇବି ଟିମ୍

ଭୁବନେଶ୍ୱର,୧୯।୧୨(ସତ୍ୟଜିତ୍ ରାଉତ)

■ ସନ୍ଦିଗ୍ଧ ଆତଙ୍କବାଦୀ ବୁଖାରୀଙ୍କ ୫ ଦିନିଆ ରିମାଣ୍ଡ ଆରମ୍ଭ

ସନ୍ଦିଗ୍ଧ ଆତଙ୍କବାଦୀ ତଥା କଶ୍ମୀର ପୋଲିସର ୱାଣ୍ଟେଡ୍ ଥିବା ସୟଦ ଇଶାନ ବୁଖାରୀଙ୍କ ୫ଦିନିଆ ରିମାଣ୍ଡ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଟିମ୍ ପୂର୍ବାହ୍ନରେ ଯାଜପୁର ଜିଲାର ରଗଡ଼ି ସବ୍‌ଜେଲରୁ ବୁଖାରୀଙ୍କୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟକୁ ଆଣି ଆତଙ୍କବାଦୀ ଲିଙ୍କ୍ ସହ ତାଙ୍କ ଅପରାଧ ସାମ୍ରାଜ୍ୟର ଗୁମର ଖୋଲିବାକୁ ମାରାଥନ ଜେରା କରୁଛି। ଏଥିସହ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା 'ଇଣ୍ଟେଲିଜେନ୍‌ସ ବ୍ୟୁରୋ (ଆଇବି)' ଟିମ୍ ମଧ୍ୟ ଭୁବନେଶ୍ୱରରେ ପହଞ୍ଚିଛି। ଏସ୍‌ଟିଏଫ୍ ଓ ଆଇବି ଅଧିକାରୀଙ୍କ ଏକ ମିଳିତ ଟିମ୍ ବୁଖାରୀଙ୍କୁ ପର୍ଯ୍ୟାୟକ୍ରମେ ଗୁଡ଼ାଇ ତୁଡ଼ାଇ ପ୍ରଶ୍ନ ପଚାରି ଜେରା କରୁଥିବା ଜଣାପଡ଼ିଛି। ବୁଖାରୀ କେତେଜଣ ପାକିସ୍ତାନୀଙ୍କ ସହ ନିୟମିତ ଯୋଗାଯୋଗରେ ଥିବାବେଳେ ତାଙ୍କ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକରେ ବହୁ ସନ୍ଦେହଜନକ ଆର୍ଥିକ କାରବାର ହୋଇଛି। ତେବେ ସେ ତାଙ୍କ ଚାଟ୍ ହିଷ୍ଟ୍ରିକୁ ଡିଲିଟ୍ କରିଦେଇଥିବାରୁ ତାଙ୍କ ଉପରେ ତଦନ୍ତ ସଂସ୍ଥାର ଅଧିକ ସନ୍ଦେହ ହେଉଛି। ଏପରିକି ଉକ୍ତ ଚାଟ୍‌ରେ ଥିବା ବ୍ୟକ୍ତିମାନେ ଆଇଏସ୍‌ଆଇ ଏଜେଣ୍ଟ ହୋଇଥାଇପାରନ୍ତି ବୋଲି ଏସ୍‌ଟିଏଫ୍ ଆଶଙ୍କା କରୁଛି। ରିମାଣ୍ଡବେଳେ ଏସବୁ ଦିଗକୁ ନେଇ ଆଇବି ଓ ଏସ୍‌ଟିଏଫ୍ ଅଧିକାରୀମାନେ ଅଧିକ ପଚରାଉଚରା କରି ତଥ୍ୟ ଯୋଗାଡ଼ କରିବାକୁ ଲାଗି ପଡ଼ିଛନ୍ତି। ଅନ୍ୟପକ୍ଷରେ ବୁଖାରୀଙ୍କ ବ୍ୟାଙ୍କ ଆକାଉଣ୍ଟର ଆର୍ଥିକ କାରବାର ସଂକ୍ରାନ୍ତ ତଥ୍ୟ ଦେବାକୁ ଅର୍ଥ ମନ୍ତ୍ରଣାଳୟର ଫାଇନାନ୍ସିଆଲ ଇଣ୍ଟେଲିଜେନ୍ସ ୟୁନିଟ୍(ଏଫ୍ଆଇୟୁ)କୁ ଚିଠି ଲେଖାଯାଇଥିବାବେଳେ କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍)କୁ ମଧ୍ୟ ଏସ୍‌ଟିଏଫ୍ ଅପେକ୍ଷା କରିଛି। ଏସବୁ ଆସିବା ପରେ ଜେରାବେଳେ ବୁଖାରୀଙ୍କ ଅପରାଧ ଗୁମର ଅଧିକ ଫିଟିବ। ତେବେ ଏହି ୫ଦିନ ଭିତରେ କିମ୍ବା ପରେ ନ୍ୟାଶନାଲ୍ ଇନ୍‌ଭେଷ୍ଟିଗେଶନ ଏଜେନ୍ସି (ଏନ୍ଆଇଏ) ଓ କଶ୍ମୀର ପୋଲିସ ମଧ୍ୟ ଆସି ବୁଖାରୀଙ୍କୁ ଜେରା କରିବ ବୋଲି ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି।

**ଚର୍ଚ୍ଚାରେ ବୁଖାରୀ-ପୋଲିସ ସମ୍ପର୍କ, ସାମ୍ବାଦିକଙ୍କ ମୃତ୍ୟୁ**

ସନ୍ଦିଗ୍ଧ ଆତଙ୍କବାଦୀ ସୟଦ ଇଶାନ ବୁଖାରୀଙ୍କୁ ଧର୍ମଶାଳା ଅଞ୍ଚଳରୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଗିରଫ କରିବା ପରେ ସ୍ଥାନୀୟ ପୋଲିସ ଚର୍ଚ୍ଚାକୁ ଆସିଛି। ବୁଖାରୀ-ପୋଲିସ ସମ୍ପର୍କରୁ ଧର୍ମଶାଳା ଅଞ୍ଚଳର ଜଣେ ସାମ୍ବାଦିକ ସେଖ୍ ଦିଲ୍‌ଦାରଙ୍କ ଜୀବନ ଯାଇଥିବା ଅଭିଯୋଗ ଉଠିଛି। ୨୦୧୮ରୁ ବୁଖାରୀଙ୍କ ଜୀବନଶୈଳୀ ଉପରେ ସେଖ୍ ଦିଲ୍‌ଦାରଙ୍କ ସନ୍ଦେହ ହୋଇଥିଲା। ତେଣୁ ସେ ବୁଖାରୀଙ୍କ ବିରୋଧରେ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ହେଲେ ବୁଖାରୀଙ୍କ ସ୍ତ୍ରୀଙ୍କ ପାଲଟା ଏତଲା ପରେ ସାମ୍ବାଦିକ ଦିଲ୍‌ଦାରଙ୍କୁ ପୋଲିସ ଆକ୍ରୋଶର ଶିକାର ହେବାକୁ ପଡ଼ିଥିଲା। ଏପରିକି ଦୁଃଖଦ ଘଟଣାକ୍ରମରେ ଦିଲ୍‌ଦାରଙ୍କ ଗତ ୩ ମାସ ତଳେ ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା। ପୋଲିସ ସେହି ସମୟରେ ଠିକ୍ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିଥିଲେ ଏବେ ଏଭଳି ପରିସ୍ଥିତି ଉପୁଜି ନ ଥାନ୍ତା ବୋଲି ସ୍ୱର୍ଗତ ଦିଲ୍‌ଦାର୍‌ଙ୍କ ସ୍ତ୍ରୀ ସଗୁପ୍ତା ୟାସମିନ୍ ମଙ୍ଗଳବାର ଗଣମାଧ୍ୟମକୁ କହିଛନ୍ତି। କ୍ରାଇମବ୍ରାଞ୍ଚ ଓ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଏହି ପ୍ରସଙ୍ଗକୁ ତଦନ୍ତ ପରିସରଭୁକ୍ତ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଗତକାଲିର ଟେନ୍‌ସନ ଆଜି କମିଯିବ ଏବଂ ଅଫିସ୍‌ରେ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ରାହୁ ଯୁକ୍ତ ଚନ୍ଦ୍ରଙ୍କ କୁପ୍ରଭାବରୁ କ୍ରୟ ବିକ୍ରୟ କ୍ଷେତ୍ରରେ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ। ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବାରୁ ମନୋବଳ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ଚିଡ଼ା ସ୍ୱଭାବ ଏବଂ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ।

**ବୃଷ**
ପାପଗ୍ରହ ମଧ୍ୟସ୍ଥ ରାଶ୍ୟାଧିପତି ହେତୁ ଆଜି ଯେତେ ଭଲ କାମ କଲେ ମଧ୍ୟ ଅଭିଯୋଗ ପାଇବେ। ବନ୍ଧୁଙ୍କ ସମ୍ମୁଖରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବା ପାଇଁ ବାଧ୍ୟ ହେବେ। ଗତକାଲିଠାରୁ ଭାବୁଥିବା କାମଟି ଆଜି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ପରିବହନ, ବ୍ୟବସାୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ।

**ମିଥୁନ**
ଆଜି ରବି ଓ ବୁଧଙ୍କ ସଂଯୋଗରୁ ଦୃଢ଼ ପଦକ୍ଷେପ ନେଇ ଲକ୍ଷ୍ୟ ହାସଲ କରିବେ। ଆର୍ଥିକ ଅଭିବୃଦ୍ଧି ଘଟିଲେ ମଧ୍ୟ ଆପଣ ବାଧ୍ୟ ହୋଇ ଯେସାକୁ ତେସା ନୀତିରେ କାମ କରିବେ। ପ୍ରତିଟି କ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟ ଦେଇ ଚଳିବାକୁ ପଡ଼ିବ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ**
ଆଜି ପାପଗ୍ରହ ଯୁକ୍ତ ଚନ୍ଦ୍ର ଯୋଗୁ ଅଧିକାଂଶ ସମୟ ମାନସିକ ଅସ୍ଥିରତା ମଧ୍ୟରେ କଟାଇବେ। କର୍ମକ୍ଷେତ୍ରରେ କଠୋର ପରିଶ୍ରମଜନିତ ସ୍ୱାସ୍ଥ୍ୟ ହାନି ଘଟିପାରେ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବ ଓ ଶୁକ୍ରଙ୍କ ସୁପ୍ରଭାବରୁ ପାରିବାରିକ ସ୍ଥିତି ବହୁତ ଭଲ ରହିବ। ମାତ୍ର ଆଲୋଚନା ସମୟରେ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି।

**ସିଂହ**
ଆଜିର ବୁଧାଦିତ୍ୟ ଯୋଗ ଆପଣଙ୍କ ସ୍ଥିର ନିଷ୍ପତ୍ତି ନେବାରେ ସହାୟକ ହୋଇପାରିବ। ଆର୍ଥିକ ସ୍ୱଚ୍ଛଳତା ରହିବା କାରଣରୁ ମାନସିକ ସ୍ଥିରତା ଆସିବ। ପ୍ରତ୍ୟେକ କ୍ଷେତ୍ରରେ ଜଗି ରଖି ଚଳିବା ଭଲ ହେବ ଅନ୍ୟଥା ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବନ୍ଧୁଙ୍କ ପ୍ରରୋଚନାରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**କନ୍ୟା**
ସମସ୍ୟା ନିୟନ୍ତ୍ରଣାଧୀନ ରହିଥିଲେ ମଧ୍ୟ ମନରେ ସରସତା ରହିବ ନାହିଁ। ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବ। ଆଜି ପରିଶ୍ରମ ତୁଳନାରେ ପାରିଶ୍ରମିକ କମ୍ ମିଳିପାରେ। ସ୍ୱଗୃହୀ ଶନି ପ୍ରଭାବରେ ଆଇନ ଅଦାଲତରୁ ସୁଫଳ ପାଇବେ ଏବଂ ଦୀର୍ଘ ଦିନର ସମସ୍ୟା ସମାଧାନ ହୋଇଯିବ।

**ତୁଳା**
ପାରିବାରିକ ପରିସ୍ଥିତି ପୂର୍ବପରି ରହିବ। ପିଲାଙ୍କ ସହ ଖୁସିଗପର ମଉକା ଜୁଟିବ। ସଭାସମିତିରେ ଯୋଗ ଦେଲେ କିମ୍ବା ସହମତିରେ କାମ କଲେ ଲକ୍ଷ୍ୟ ହାସଲ କରିପାରିବେ। ଆଜି ଇଚ୍ଛା ନ ଥିଲେ ମଧ୍ୟ ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ। ଶୁକ୍ର ପ୍ରଭାବରୁ ପରିବହନ, ବ୍ୟବସାୟ ତଥା ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ।

**ବିଛା**
କଥାକହିବାରେ ସଂଯମତା ଅବଲମ୍ବନ ନ କରିପାରିଲେ ହାତମୁଠାରୁ ଥିବା ସୁଯୋଗ ଖସିଯାଇପାରେ। ଦ୍ୱାଦଶସ୍ଥ ଶୁକ୍ରଜନିତ ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଅଭାବ ନ ଥିଲେ ମଧ୍ୟ ଆବଶ୍ୟକତା ପୂରଣ ପାଇଁ କରଜ କରିପାରନ୍ତି।

**ଧନୁ**
ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ଅନୁକୂଳ ବାତାବରଣ ମଧ୍ୟରେ ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରିବେ। ଅର୍ଥ ସଂଗ୍ରହରେ ତତ୍ପରତା ବେକାର ଯିବ ନାହିଁ। ପାରିବାରିକ ଝଞ୍ଜାଳଜନିତ ସାମୟିକ ମାନସିକ ଅସ୍ଥିରତା ସୃଷ୍ଟି ହେବାର ଆଶଙ୍କା ରହିଛି। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର**
ତୃତୀୟସ୍ଥ ରାହୁଯୁକ୍ତ ଚନ୍ଦ୍ର ହେତୁ କୌଣସି ଭୁଲ୍ ଖବରକୁ ସତ୍ୟ ମନେକରି ଉତ୍‌କ୍ଷିପ୍ତ ହୋଇପାରନ୍ତି। ବାଣିଜ୍ୟ, ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବାରରେ ପୁତ୍ରକନ୍ୟା ହେତୁକ ସମସ୍ୟା ଲାଗି ରହିବ। ଛୋଟ ଛୋଟ କଥାକୁ କେନ୍ଦ୍ରକରି ପଡ଼ୋଶୀ ପ୍ରତିବାଦର ସ୍ୱର ଉଠାଇପାରନ୍ତି।

**କୁମ୍ଭ**
ଭାଗ୍ୟସ୍ଥାନରେ ଶୁକ୍ର ରହିଥିବା ହେତୁ ଆଜି ଯେଉଁ କାମରେ ହାତ ଦେବେ, ସେଥିରେ ସଫଳତା ଅବଶ୍ୟମ୍ଭାବୀ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ମାତ୍ର ଅତିରିକ୍ତ ଭ୍ରମଣ ହେତୁକ ସନ୍ଧ୍ୟାରେ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ପାରିବାରିକ କ୍ଷେତ୍ରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ।

**ମୀନ**
ଆଜିର କର୍ମକ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ ପ୍ରଶଂସିତ ହେବେ। ଅଫିସ୍ କାମରେ ସାମାନ୍ୟ ଅନୁପସ୍ଥିତି କିମ୍ବା ବିଳମ୍ବ ପାଇଁ କୈଫିୟତ୍ ଦେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କିମ୍ବା ପ୍ରତିଯୋଗିତା କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପାପଗ୍ରହ ମଧ୍ୟସ୍ଥ ଗୁରୁଙ୍କ ଯୋଗୁ ଆନୁଷ୍ଠାନିକ କାମରେ ବାଧାବିଘ୍ନ ଘଟିପାରେ।

ଆଜି ମାର୍ଗଶିର ଶୁକ୍ଳ ଅଷ୍ଟମୀ ଯୁକ୍ତ ନବମୀ ବୁଧବାର, ଡିସେମ୍ବର ୨୦ ତାରିଖ, ଅନ୍ତର୍ରାଷ୍ଟ୍ରୀୟ ମାନବ ଏକତା ଦିବସ, ରାଶି ନକ୍ଷତ୍ର- ଉତ୍ତରଭାଦ୍ରବ/ମୀନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୧୯ମି. ଗତେ ଘ.୦୮.୨୯ମି. ମଧ୍ୟେ, ଘ.୧୦.୨୯ମି. ଗତେ ଘ.୧୧.୪୩ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଘ.୧୧.୪୩ମି. ଗତେ ଘ.୦୧.୦୫ମି. ମଧ୍ୟେ ରାହୁ କାଳ।

ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ବୁଧବାର, ଡିସେମ୍ବର ୨୦/୨୦୨୩ | Bhubaneswar, Wednesday, December 20/2023 | ପୃଷ୍ଠା-୧



ସଂସଦ ଭବନ ପରିସର ଗାନ୍ଧୀମୂର୍ତ୍ତି ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭରତ ନିଲମ୍ବିତ ଏମ୍‌ପିମାନଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ନେତା ରାହୁଲ ଗାନ୍ଧୀ।

# ହଇଜା ଭୂତାଣୁରୁ ଝାଡ଼ାବାନ୍ତି

## ରାଉରକେଲାରେ ମୃତ୍ୟୁ ସଂଖ୍ୟା ୧୦, ସଂକ୍ରମିତ ୫୮୦ରୁ ଊର୍ଦ୍ଧ୍ୱ

ରାଉରକେଲା,୧୯।୧୨(ସଙ୍ଗୀତା ଜେନା)

ରାଉରକେଲା ସହର ସମେତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗତ ୧୧ ତାରିଖରୁ ଝାଡ଼ାବାନ୍ତିର ପ୍ରକୋପ ଦେଖିବାକୁ ମିଳିଛି। ସୋମବାର ବିଳମ୍ବିତ ରାତିରେ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ମୃତା ହେଲେ ତିଲାକାନଗର ଅଞ୍ଚଳର ଅଞ୍ଜଳି ଶୁଣ୍ଡି(୮)। ଫଳରେ ବର୍ତ୍ତମାନ ସୁଦ୍ଧା ଝାଡ଼ାବାନ୍ତି ମୃତ୍ୟୁସଂଖ୍ୟା ୧୦ରେ ପହଞ୍ଚିଛି। ସହରରେ ଆର୍‌ଜିଏଚ୍ ସମେତ ବିଭିନ୍ନ ହସ୍ପିଟାଲରେ ୧୯ ତାରିଖ ସକାଳ ୮ଟା ସୁଦ୍ଧା ୫୮୦ଜଣ ସଂକ୍ରମିତ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରେ ପୌରାଞ୍ଚଳର ୪୨୯ ଜଣ ଥିବାବେଳେ ଅବଶିଷ୍ଟ ଝାଡ଼ଖଣ୍ଡ ସମେତ ପାରିପାର୍ଶ୍ୱିକ ଅଞ୍ଚଳର। ଝାଡ଼ାବାନ୍ତି ଆକ୍ରାନ୍ତଙ୍କଠାରେ ହଇଜା ଭୂତାଣୁ ରହିଥିବା ମଳ ନମୁନା ଯାଞ୍ଚ ରିପୋର୍ଟ ଆସିବା ପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ମଙ୍ଗଳବାର ସ୍ପଷ୍ଟ କରାଯାଇଛି।

ସଂକ୍ରମିତମାନଙ୍କ ମଳ ନମୁନା ଯାଞ୍ଚରେ ଏହା ଭିଭିଓ କଲେରା, ଇକୋଲାଇ ଓ ବ୍ୟାକ୍ଟେରିଆ ସଂକ୍ରମିତ ବୋଲି ଜଣାପଡ଼ିଛି। ତେଣୁ ଏହାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ୱାଟ୍‌କୋ କର୍ତ୍ତୃପକ୍ଷ ପ୍ରମୁଖ ୧୪ଟି ସ୍ଥାନରେ ପାଇପ ଓ ଲିକେଜ୍ ମରାମତି କରିଛନ୍ତି। ଡାକ୍ତରୀ ଟିମ୍ ଦ୍ୱାରା ଅନୁସନ୍ଧାନ କରାଯାଇଥିବା ବାଲୁଘାଟ, ରେଲୱେ କଲୋନି, ମଧୁସୂଦନପାଲ୍ଲୀ ସମେତ ୧୨ରୁ ଊର୍ଦ୍ଧ୍ୱ ସଂକ୍ରମଣବହୁଳ ଅଞ୍ଚଳରେ ଅଧିକ ରୋଗୀ ଥିବାରୁ ସେମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ତେବେ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଉଛି। ୨୨୪ ଜଣ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ବଜାର ଅଞ୍ଚଳରେ ଖାଦ୍ୟ ନମୁନା ସଂଗ୍ରହ ସାଙ୍ଗକୁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଲୋକଙ୍କ ଅଭିଯୋଗ ଆସିଲେ ଡାକ୍ତରୀ ଟିମ୍ ତୁରନ୍ତ ସେବା ଯୋଗାଇ ଦେଉଛି। ଝାଡ଼ାବାନ୍ତି ସଂକ୍ରମିତଙ୍କ ପାଇଁ ଆର୍‌ଜିଏଚ୍‌ରେ ଅଧିକ ଶଯ୍ୟା ସାଙ୍ଗକୁ ଔଷଧ ଓ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି ବୋଲି ରାଉରକେଲା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ର କହିଛନ୍ତି। ସେହିପରି ପାଣି ଯୋଗୁ ବହୁଳ ସଂକ୍ରମଣ ହୋଇଛି ☞ପୃଷ୍ଠା-୧୧

# ବିରୋଧୀ ନାହାନ୍ତି, ଆଲୋଚନା ଚାଲିଛି

## ବିଜେଡିର ସମର୍ଥନ

**ପାର୍ଲାମେଣ୍ଟ ଶୀତ ଅଧିବେଶନ ଶେଷ ହେବାକୁ ଥିବାବେଳେ ୩ଟି କାର୍ଯ୍ୟ ଦିବସରେ ଉଭୟ ଗୃହର ୧୪୧ ବିରୋଧୀ ସଦସ୍ୟଙ୍କୁ ନିଲମ୍ବନ କରାଗଲାଣି। ଫଳରେ ଏକପ୍ରକାର ବିନା ବିରୋଧୀ ଦଳରେ ସଂସଦରେ ଆଲୋଚନା ଚାଲିଛି। କଂଗ୍ରେସ ଏହାକୁ କେନ୍ଦ୍ରର ଏକଛତ୍ରବାଦୀ ମନୋଭାବ ବୋଲି ଅଭିହିତ କରିଥିବାବେଳେ ବିଜେଡିର ସମର୍ଥନ ସରକାରଙ୍କୁ ସୁହାଉଛି।**

ନୂଆଦିଲ୍ଲୀ,୧୯।୧୨

ପାର୍ଲାମେଣ୍ଟରେ ସୁରକ୍ଷା ବିଭ୍ରାଟ ଉପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ବିବୃତି ଓ ଇସ୍ତଫା ଦାବି କରୁଥିବା ଆଉ ୪୯ ଏମ୍‌ପିଙ୍କୁ ମଙ୍ଗଳବାର ଚଳିତ ଅଧିବେଶନ ଶେଷ ପର୍ଯ୍ୟନ୍ତ ନିଲମ୍ବନ କରାଯାଇଛି। ଗତ ସପ୍ତାହରେ ଲୋକ ସଭାରୁ ୧୩ ଓ ରାଜ୍ୟ ସଭାରୁ ଜଣେ ବିରୋଧୀ ସଦସ୍ୟଙ୍କୁ ନିଲମ୍ବନ କରାଯାଇଥିଲା। ସେହିପରି ସୋମବାର ନିମ୍ନ ସଦନରୁ ୩୩ ଓ ଉଚ୍ଚ ସଦନରୁ ୪୫ ଜଣ ସସ୍‌ପେଣ୍ଡ ହୋଇଥିଲେ। ମଙ୍ଗଳବାର ନିଲମ୍ବିତ ସଦସ୍ୟଙ୍କୁ ମିଶାଇ ମୋଟ ୧୪୧ ଜଣ ସସ୍‌ପେଣ୍ଡ ତାଲିକାରେ ରହିଲେଣି। ପାର୍ଲାମେଣ୍ଟର ଶୀତ ଅଧିବେଶନ ଶେଷ ହେବାକୁ ଆଉ ମାତ୍ର ୩ ଦିନ ବାକି ଥିବାବେଳେ ☞ପୃଷ୍ଠା-୧୧

### ଦୁଇତୃତୀୟାଂଶ ବିରୋଧୀ ଏମ୍‌ପି ନିଲମ୍ବିତ ହେଲେଣି

ମଙ୍ଗଳବାର ନିଲମ୍ବିତ ୪୯ ଏମ୍‌ପି

| | | | |
|---|---|---|---|
| ୧. ଭି. ବୈଥିଲିଙ୍ଗମ୍ | ୧୧. ଫ୍ରାନ୍ସିସ୍କୋ ସାର୍ଡିନ୍ହା | ୨୪. ହସ୍‌ନୈନ ମସୁଦୀ | ୩୭. ସଜଦା ଅହମଦ |
| ୨. ଗୁରଜିତ ସିଂ ଅଉଜଲା | ୧୨. ଏସ୍. ଜଗତରକ୍ଷକନ୍ | ୨୫. ଡାନିଶ୍ ଅଲି | ୩୮. ଯଶବୀର ସିଂ ଗିଲ୍ |
| ୩. ସୁପ୍ରିୟା ସୁଲେ | ୧୩. ଏସ୍.ଆର୍. ପାର୍ଥିବନ୍ | ୨୬. ଖଲିଲୁର ରହମାନ | ୩୯. ମହାବଲୀ ସିଂ |
| ୪. ସପ୍ତଗିରି ଉଲ୍ଲାକା | ୧୪. ଫାରୁକ୍ ଅବ୍ଦୁଲ୍ଲା | ୨୭. ରାଜୀବ ରଞ୍ଜନ ସିଂ | ୪୦. ଅମୋଲ କୋହ୍ଲେ |
| ୫. ଅଦୂର ପ୍ରକାଶ | ୧୫. ଜ୍ୟୋତ୍ସ୍ନା ମହନ୍ତ | ୨୮. ଡିଏନ୍‌ଭି ସେନ୍ଥିଲ କୁମାର | ୪୧. ସୁଶୀଲ କୁମାର ରିଙ୍କୁ |
| ୬. ଅବ୍ଦୁଲ ସମଦ | ୧୬. ଏ. ଗଣେଶମୂର୍ତ୍ତି | ୨୯. ସନ୍ତୋଷ କୁମାର | ୪୨. ସୁଶୀଲ କୁମାର ସିଂ |
| ୭. ମନୀଷ ତିୱାରୀ | ୧୭. ମାଲା ରାୟ | ୩୦. ଦୁଲାଲ ଚନ୍ଦ୍ର ଗୋସ୍ୱାମୀ | ୪୩. ଏସ୍.ଟି. ହାସନ |
| ୮. ପ୍ରଦ୍ୟୁତ୍ ବର୍ଦୋଲୋଇ | ୧୮. ପି. ଭେଲୁସାମୀ | ୩୧. ରନଭିତ୍ ସିଂ ବିଟ୍ଟୁ | ୪୪. ଏମ୍. ଧନୁଷ କୁମାର |
| ୯. ଗିରିଧାରୀ ଯାଦବ | ୧୯. ଏ. ଚେଲ୍ଲାକୁମାର | ୩୨. ଦୀନେଶ ଯାଦବ | ୪୫. ପ୍ରତିଭା ସିଂ |
| ୧୦. ଗୀତା କୋଡ଼ା | ୨୦. ଶଶୀ ଥରୁର | ୩୩. କେ. ସୁଧାକରନ | ୪୬. ଥୋଲ ଥିରୁମାୱଲାୱନ |
| | ୨୧. କାର୍ତ୍ତି ଚିଦାମ୍ବରମ୍ | ୩୪. ମହମ୍ମଦ ସାଦିକ | ୪୭. ଚଣ୍ଡେଶ୍ୱର ପ୍ରସାଦ |
| | ୨୨. ସୁଦୀପ ବନ୍ଦ୍ୟୋପାଧ୍ୟାୟ | ୩୫. ଏମ୍.କେ. ବିଷ୍ଣୁପ୍ରସାଦ | ୪୮. ଆଲୋକ କୁମାର ସୁମନ |
| | ୨୩. ଡିମ୍ପଲ ଯାଦବ | ୩୬. ପି.ପି. ମହମ୍ମଦ ଫୈଜାଲ | ୪୯. ଦିଲେଶ୍ୱର କାମାତ୍ |

# ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବାକୁ ଖାର୍ଗେଙ୍କ ନା

**'ଇଣ୍ଡିଆ' ବୈଠକରେ ପ୍ରସ୍ତାବ ଦେଲେ ମମତା, କେଜରିୱାଲ**

ନୂଆଦିଲ୍ଲୀ,୧୯।୧୨

ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ମଙ୍ଗଳବାର ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି। ଏଥିରେ ଯୋଗଦେଇଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜରିୱାଲ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନାମ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ରୂପେ ଉପସ୍ଥାପନ କରିଥିଲେ। କିନ୍ତୁ ଖାର୍ଗେ ଉଭୟଙ୍କ ପ୍ରସ୍ତାବକୁ ତତ୍କାଳ ପ୍ରତ୍ୟାଖ୍ୟାନ କରିବା ସହ ନିର୍ବାଚନ ପରେ ଏହା ଉପରେ ବିଚାର କରିବା ବୋଲି କହିଥିଲେ। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ହରାଇବା ପାଇଁ ବିରୋଧୀ ସଜବାଜ ହେଉଛନ୍ତି। ଏହି କ୍ରମରେ ମଙ୍ଗଳବାର ଅନୁଷ୍ଠିତ ଇଣ୍ଡିଆ ବ୍ଲକ୍ ବୈଠକରେ ବିରୋଧୀ ଦଳଗୁଡ଼ିକର ୨୮ ନେତା ଯୋଗଦେଇଥିଲେ। ମମତା ଓ କେଜରିୱାଲ ଦେଶକୁ ପ୍ରଥମ ଦଳିତ ପ୍ରଧାନମନ୍ତ୍ରୀ ରୂପେ ଖାର୍ଗେଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ୧୨ଟି ଦଳ ସମର୍ଥନ କରିଥିଲେ। ଏପରି କି କେଜରିୱାଲ ମଧ୍ୟ ଖାର୍ଗେଙ୍କ ନାମକୁ ନେଇ ସହମତି ପ୍ରକାଶ କରିଥିଲେ। ଖାର୍ଗେ କହିଥିଲେ, ସେ ବଞ୍ଚିତ ଓ ନିଷ୍ପେଷିତ ବର୍ଗଙ୍କ ପାଇଁ କାର୍ଯ୍ୟ କରିଆସିଛନ୍ତି। ତେବେ ଆଗେ ନିର୍ବାଚନର ସଂଖ୍ୟାଗରିଷ୍ଠତା ହାସଲ କରି ଜିତିବା, ତା' ପରେ ଦେଖିବା। ପାଟନା, ବେଙ୍ଗାଲୁରୁ ଓ ମୁମ୍ବାଇ ପରେ ଏହା ଥିଲା 'ଇଣ୍ଡିଆ' ବ୍ଲକ୍ ନେତାଙ୍କ ଚତୁର୍ଥ ବୈଠକ। ଅଶୋକା ହୋଟେଲରେ ଅନୁଷ୍ଠିତ ଉକ୍ତ ବୈଠକରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ, ବିହାର ମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୧୧

## ୧୪୨ ନୂଆ କୋଭିଡ୍ ମାମଲା: ଜଣେ ମୃତ

ନୂଆଦିଲ୍ଲୀ,୧୯।୧୨

ଭାରତରେ ମଙ୍ଗଳବାର ୧୪୨ ନୂଆ କୋଭିଡ୍ ମାମଲା ଚିହ୍ନଟ ହେବା ଫଳରେ ସକ୍ରିୟ ମାମଲା ସଂଖ୍ୟା ୧,୯୭୦କୁ ବୃଦ୍ଧି ପାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। କର୍ଣ୍ଣାଟକରେ ମଙ୍ଗଳବାର ଜଣେ କୋଭିଡ୍ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିବାରୁ ଅଦ୍ୟାବଧି କୋଭିଡ୍ ଜନିତ ମୋଟ ମୃତ୍ୟୁସଂଖ୍ୟା ୫,୩୩,୩୧୮ରେ ପହଞ୍ଚିଛି। ☞ପୃଷ୍ଠା-୧୧

**ଆଜିର ସମ୍ପାଦକୀୟ**

**ସ୍ୱଚ୍ଛ ଏବେ ଅସ୍ୱଚ୍ଛ**

# ଫେବୃୟାରୀରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ଭୁବନେଶ୍ୱର,୧୯।୧୨(ଅନିଲ ଦାସ)

ଆସନ୍ତା ୨୦୨୪ ଫେବୃୟାରୀରେ ଭୁବନେଶ୍ୱରଠାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ହେବ। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ଐତିହ୍ୟ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଏହି ସମ୍ମିଳନୀରେ ବିଶ୍ୱର ବିଭିନ୍ନ ଭାଗରେ ଥିବା ଭାଷାବିତ୍ ଓ ଗବେଷକମାନଙ୍କୁ ଆମନ୍ତ୍ରଣ କରାଯିବ। ଏହା ୩ ଦିନ ଧରି ଚାଲିବ। ଓଡ଼ିଆ ସମେତ ଓଡ଼ିଶାରେ ବ୍ୟବହୃତ ହେଉଥିବା ସମସ୍ତ ଭାଷାର ପ୍ରଚାର-ପ୍ରସାର ଓ ସଂରକ୍ଷଣ ଦିଗରେ ପଦକ୍ଷେପ ନିଆଯିବା ଉପରେ ବିସ୍ତୃତ ଆଲୋଚନା ହେବ। ସମ୍ମିଳନୀକୁ ଆସିଥିବା ଗବେଷକ ଓ ବିଶେଷଜ୍ଞମାନଙ୍କ ମତାମତ ସଂଗ୍ରହ କରାଯିବ। ଭାଷା ବୈଜ୍ଞାନିକମାନଙ୍କୁ ମଧ୍ୟ ନିଜର ଗବେଷଣାଲବ୍ଧ ତଥ୍ୟ ଉପସ୍ଥାପନ କରିବାର ସୁଯୋଗ ମିଳିବ। ଯୁବପିଢ଼ିଙ୍କ ମଧ୍ୟରେ ଓଡ଼ିଆ ଭାଷାର ଆଦୃତ ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ଏହି ସମ୍ମିଳନୀରେ ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ନିଜ ନିଜର କାର୍ଯ୍ୟକ୍ରମ ଆୟୋଜନ କରିବେ। ଏତଦ୍‌ବ୍ୟତୀତ ମାତୃଭାଷାକୁ ସମ୍ମାନ ଦେବା ଓ ଏହାର ଉନ୍ନତି ସାଧନ କରିବା ତଥା ଆଗାମୀ ପିଢ଼ିଙ୍କ ପାଇଁ ଓଡ଼ିଆ ଭାଷାର ଅସ୍ମିତାକୁ ବଜାୟ ରଖିବା କାର୍ଯ୍ୟ ସମ୍ପାଦନରେ ଉକ୍ତ ସମ୍ମିଳନୀର ପ୍ରଭାବ ସୁଦୂରପ୍ରସାରୀ ହୋଇପାରିବ। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଆୟୋଜନ କରାଯିବ।

ଓଡ଼ିଆ ଭାଷାର ପ୍ରଚାର-ପ୍ରସାର ଓ ସଂରକ୍ଷଣ ଏବଂ ଯୁବବର୍ଗଙ୍କ ମଧ୍ୟରେ ଓଡ଼ିଆ ଭାଷା ପ୍ରତି ଆକର୍ଷଣ ବୃଦ୍ଧି କରିବା ଦିଗରେ ପଦକ୍ଷେପ ନିଆଯିବ। ଏହି ସମ୍ମିଳନୀରେ ଓଡ଼ିଆ ଭାଷାର ଗବେଷକଙ୍କ ସମେତ ବିଶ୍ୱରେ କାର୍ଯ୍ୟ କରୁଥିବା ବିଭିନ୍ନ ଭାଷାର ବୈଜ୍ଞାନିକ ଓ ଗବେଷକମାନଙ୍କୁ ଆମନ୍ତ୍ରଣ କରାଯିବ। ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟରେ ପଢୁଥିବା ପିଲାମାନଙ୍କୁ ମଧ୍ୟ ☞ପୃଷ୍ଠା-୧୧




# ଷ୍ଟାର୍କ ୨୪.୭୫, କୁମିନ୍ସ ୨୦.୫ କୋଟି


ମିଚେଲ ଷ୍ଟାର୍କ



ପ୍ୟାଟ୍ କୁମିନ୍ସ

**ଆଇପିଏଲ୍ ଇତିହାସରେ ରେକର୍ଡ**

ଦୁବାଇ,୧୯।୧୨(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ ଇତିହାସରେ ସବୁଠାରୁ ଦାମୀ ଖେଳାଳି ହୋଇଛନ୍ତି ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ। ମଙ୍ଗଳବାର ଏଠାରେ ଅନୁଷ୍ଠିତ ଖେଳାଳି ନିଲାମ ପ୍ରକ୍ରିୟାରେ ସର୍ବକାଳୀନ ରେକର୍ଡ ଭାଙ୍ଗି କୋଲକାତା ନାଇଟ ରାଇଡର୍ସ ତାଙ୍କୁ ୨୪.୭୫ କୋଟି ଟଙ୍କାରେ କିଣିଛି। ତାଙ୍କ ବ୍ୟତୀତ ଅଷ୍ଟ୍ରେଲିଆର ବିଶ୍ୱକପ୍ ବିଜୟୀ ଅଧିନାୟକ ପ୍ୟାଟ୍ କୁମିନ୍ସ ମଧ୍ୟ ଆକର୍ଷଣୀୟ ଦାମ୍‌ରେ ବିକ୍ରି ହୋଇଛନ୍ତି। ସନ୍‌ରାଇଜର୍ସ ହାଇଦ୍ରାବାଦ ତାଙ୍କୁ ୨୦.୫ କୋଟି ଟଙ୍କାରେ କିଣିଛି। ନିଲାମ ପ୍ରକ୍ରିୟାରେ ଅଷ୍ଟ୍ରେଲିଆ ଖେଳାଳିମାନେ ଚାହିଦାରେ ରହିବେ ବୋଲି ପୂର୍ବାନୁମାନ କରାଯାଉଥିଲା। ତାହା ହିଁ ହୋଇଥିଲା। କୁମିନ୍ସଙ୍କୁ କିଣି ସନ୍‌ରାଇଜର୍ସ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବାବେଳେ ଏହାର କିଛି ସମୟ ପରେ ନାଇଟ ରାଇଡର୍ସ ଷ୍ଟାର୍କଙ୍କୁ ନେବା ପାଇଁ ମଲ୍ଟି ମିଲିୟନ ଡଲାରର ବିଡ୍ ଲଗାଇ ସବୁ ରେକର୍ଡ ଭାଙ୍ଗି ଦେଇଥିଲା। ବାମହାତୀ ପେସର ଷ୍ଟାର୍କ ଶେଷଥର ପାଇଁ ୨୦୧୫ରେ ଆଇପିଏଲ୍ ଖେଳିଥିଲେ। ତେବେ ଅନ୍ୟତମ ଚର୍ଚ୍ଚିତ ଅଷ୍ଟ୍ରେଲୀୟ ଖେଳାଳି ଜୋଶ୍ ହାଜେଲ୍‌ଉଡ୍ ପ୍ରଥମ ରାଉଣ୍ଡରେ ଅନ୍‌ସୋଲ୍ଡ ରହିଥିଲେ। ଗତ ସିଜନରେ ସବୁଠାରୁ ଦାମୀ ଖେଳାଳି ଥିଲେ ଇଂଲଣ୍ଡର ସାମ୍ କୁରାନ। ସେ ସର୍ବାଧିକ ୧୮.୫ କୋଟିରେ ପଞ୍ଜାବ ଦଳକୁ ଯାଇଥିଲେ। ଏଥର ପ୍ରଥମଥର ପାଇଁ ଆଇପିଏଲ୍ ଖେଳାଳି ନିଲାମ ପ୍ରକ୍ରିୟା ଭାରତ ବାହାରେ ଦୁବାଇରେ ହୋଇଥିଲା।

ଷ୍ଟାର୍କଙ୍କୁ କିଣିବା ପାଇଁ ଗୁଜରାଟ ଟାଇଟନ୍ସ ଓ କୋଲକାତା ମଧ୍ୟରେ ଦୀର୍ଘ ସମୟ ବିଡ୍ ଚାଲିଥିଲା। ମାତ୍ର ଶେଷରେ କୋଲକାତା ତାଙ୍କୁ ରେକର୍ଡ ମୂଲ୍ୟରେ କିଣିଥିଲା। ଷ୍ଟାର୍କ କେବଳ ୨ ସିଜନ ଆଇପିଏଲ୍ ଖେଳିଛନ୍ତି। ୨୭ ମ୍ୟାଚରୁ ସେ ୩୪ ଉଇକେଟ ନେଇଛନ୍ତି। ଅନ୍ୟପକ୍ଷରେ କୁମିନ୍ସଙ୍କୁ କିଣିବା ପାଇଁ ମୁମ୍ବାଇ ଇଣ୍ଡିଆନ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ଚେନ୍ନାଇ ସୁପର କିଙ୍ଗ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଦୀର୍ଘ ସମୟ ଲଢ଼େଇ ଚାଲିଥିଲା। ଶେଷରେ ହାଇଦ୍ରାବାଦ ବାଜି ମାରିଥିଲା। କୁମିନ୍ସଙ୍କ ବ୍ୟତୀତ ସନ୍‌ରାଇଜର୍ସ ଦିନିକିଆ କ୍ରିକେଟ ବିଶ୍ୱକପ୍ ଫାଇନାଲର ହିରୋ ଟ୍ରାଭିସ୍ ହେଡ୍‌ଙ୍କୁ ୬.୮ କୋଟି ଟଙ୍କାରେ କିଣିଥିଲା। ଫାଷ୍ଟ ବୋଲରଙ୍କ ମଧ୍ୟରେ ହର୍ଷଲ ପଟେଲ ୧୧.୭୫ କୋଟିରେ ପଞ୍ଜାବ କିଙ୍ଗ୍ସ, ଆଲଜାରି ଜୋସେଫ ୧୧.୫ କୋଟିରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ଉମେଶ ଯାଦବ ୫.୮ କୋଟିରେ ଗୁଜରାଟ ଟାଇଟନ୍ସ ଏବଂ ଶିବମ ମାଭି ୬.୪ କୋଟିରେ ଲକ୍ଷ୍ନୌ ସୁପର ଜାଏଣ୍ଟ ଦଳକୁ ଯାଇଥିଲେ। ବ୍ୟାଟରଙ୍କ ମଧ୍ୟରେ ଡାରିଲ ମିଚେଲଙ୍କୁ ଚେନ୍ନାଇ ସୁପର କିଙ୍ଗ୍ସ ୧୪ କୋଟି ଟଙ୍କାରେ କିଣିଥିଲା। ଅନ୍ୟତମ ନ୍ୟୁଜିଲାଣ୍ଡ ☞ପୃଷ୍ଠା-୧୧

" ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ । କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ । ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା । ସବୁ ଦୁର୍ବଳତା ହେଉଛି- ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା । -ଶ୍ରୀଅରବିନ୍ଦ



# ସ୍ୱଚ୍ଛ ଏବେ ଅସ୍ୱଚ୍ଛ

ଚିକିତ୍ସା କ୍ଷେତ୍ରରେ ବ୍ୟାପକ ଯୋଜନା ସତ୍ତ୍ୱେ ଡାଇରିଆ ବ୍ୟାପୁଛି । ଏହାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରାଯାଇପାରୁନାହିଁ । ଉଲ୍ଲେଖନୀୟ ଯେ, ଡାଇରିଆ ଭୂତାଣୁ ଦୂଷିତଜଳ ଓ ଖାଦ୍ୟ ଦ୍ୱାରା ବ୍ୟାପିଥାଏ । ମୁଖ୍ୟତଃ ଦୁର୍ବଳ ପରିମଳ ଓ ପାନୀୟ ଜଳ ଯୋଗାଣରେ ଅବ୍ୟବସ୍ଥା ଏହାକୁ ଆମନ୍ତ୍ରଣକରେ । ଓଡ଼ିଶାରେ ଏହାର ପରିଣାମ ସାମ୍ନାକୁ ଆସିଛି । ୧୧ ତାରିଖରୁ ରାଉରକେଲାରେ ଡାଇରିଆ ବ୍ୟାପିଛି । ଏଥିରେ ୧୦ ଜଣଙ୍କର ମୃତ୍ୟୁ ଘଟିବା ସହ ୫୦୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି । ଦୂଷିତଜଳ ଯୋଗୁ ଏଭଳି ସ୍ଥିତି ଉପୁଜିଛି ବୋଲି କୁହାଯାଉଛି । ତେବେ ଧରିତ୍ରୀରେ ପ୍ରକାଶ ପାଇଥିବା ରାଉରକେଲାର ଏକ ପାଣିପାଇପ ଫାଟିଥିବା ଦୃଶ୍ୟ ଏହାର ବାସ୍ତବତାକୁ ସୂଚିତକରେ । କେବଳ ରାଉରକେଲା ନୁହେଁ, ବିଗତ ଦଶନ୍ଧିର ବିଭିନ୍ନ ସମୟରେ ଗଞ୍ଜାମ, କଳାହାଣ୍ଡି, କେନ୍ଦୁଝର, କନ୍ଧମାଳ, ଫୁଲବାଣୀରେ ଡାଇରିଆ ଦେଖାଯାଇଥିଲା । ଏପରିକି କଟକ ସହରରେ ମଧ୍ୟ । ୨୦୨୨ରେ ରାୟଗଡ଼ାର ବିଭିନ୍ନ ଗାଁରେ ଡାଇରିଆ ବ୍ୟାପିଥିଲା ଓ ତାହାର କାରଣ ଥିଲା ଦୂଷିତପାଣି । ବାହାରେ ମଳତ୍ୟାଗ କରିବା, ପାଣିପାଇପ ଲିକ୍‌ହେବା ଓ ଅଳିଆ ପାହାଡ଼ ଡାଇରିଆର ପୂର୍ବ ସଙ୍କେତ ଦିଏ । ଏଭଳି ସ୍ଥିତି କଟକ ଓ ଭୁବନେଶ୍ୱରରେ ଦେଖିବାକୁ ମିଳୁଛି । ଏହି ଯମଜ ନଗରୀର ପରିମଳ ସ୍ଥିତି ଯାହା ଏଠାରେ କୌଣସି ସମୟରେ ଡାଇରିଆ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ । ଏହା ବ୍ୟତୀତ ରାଜ୍ୟର ବିଭିନ୍ନ ସହର ନିକଟସ୍ଥ ନଦୀନାଳକୁ ସ୍ୱେରେଜ ଓ କଳକାରଖାନାରୁ ନିର୍ଗତ ପାଣି ଛଡ଼ାଯାଉଥିବା ଦେଖାଯାଉଛି । ଏହାଦ୍ୱାରା ଉଭୟ ଭୂପୃଷ୍ଠ ଓ ଭୂର୍ଗଭ ଜଳ ଦୂଷିତ ହେଉଛି । ଏହାବାଦ୍ ଦୂଷିତ ଖାଦ୍ୟ କଥା ବିଚାରକୁ ନେଲେ ଯୁଆଡ଼େ ଆଖି ବୁଲାଇଲେ ରାସ୍ତକଡ଼ରେ ଖାଦ୍ୟ ପସରା ଦେଖିବାକୁ ମିଳେ । କେବଳ ଲୋକଦେଖାଣିଆ ଭାବେ ପର୍ବପର୍ବାଣି ସମୟରେ କାଁ ଭାଁ ଫୁଡ୍ ଭିଜିଲାନ୍ସ ଚଢ଼ାଇ କରେ ଓ ତା' ପରେ ଏହା କାଗଜପତ୍ରରେ ସୀମିତ ରହେ । ଖାଦ୍ୟ ସୁରକ୍ଷା ମାନ ପରୀକ୍ଷା ତ ଦୂରର କଥା, ଏହା କେଉଁ ପରିବେଶରେ ପ୍ରସ୍ତୁତ ହେଉଛି ତାହା ଉପରେ ମଧ୍ୟ ଅନୁଧ୍ୟାନ କରାଯାଉନାହିଁ । ଏଭଳି ଦୂଷିତ ପରିବେଶରେ ଡାଇରିଆ ରହିବା ଥୟ ।

ଓଡ଼ିଶା ବ୍ୟତୀତ ଚଳିତ ବର୍ଷ କୋଲକାତା, କୋଚି, ପଞ୍ଜାବର ଲାଲ୍ଡୁ ଏବଂ ହିମାଚଳ ପ୍ରଦେଶର ବିଭିନ୍ନ ଅଞ୍ଚଳରେ ଡାଇରିଆ ବ୍ୟାପିବା ଭାରତରେ ସ୍ୱାସ୍ଥ୍ୟ ଏବଂ ପରିମଳ ବ୍ୟବସ୍ଥାର ଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି । ସ୍ୱଚ୍ଛ ଭାରତ ଅଭିଯାନରେ ପାଇଖାନା ନିର୍ମାଣ କରାଯାଉଛି, କିନ୍ତୁ ପରବର୍ତ୍ତୀ ସ୍ଥିତି କ'ଣ ରହିଛି ତାହା ଅନୁଧ୍ୟାନ କରାଯାଉନାହିଁ । ନାମକୁ ମାତ୍ର ପାଇଖାନା ସଂଖ୍ୟା ଗଣି ବାହାରେ ମଳତ୍ୟାଗ ମୁକ୍ତ ଗାଁର ସାଇନ୍ ବୋର୍ଡ ଲଗାଇଲେ ପରିମଳ ସୁଧୁରିବା କଷ୍ଟକର । ଏହା ସହ ୨୦୨୪ ସୁଦ୍ଧା ପ୍ରତି ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କାର୍ଯ୍ୟ ଜୋରସୋରରେ ଚାଲିଥିବାବେଳେ ଏହି ପାଣିର ଗୁଣବତ୍ତା ପରୀକ୍ଷା କରାଯାଇ ଲୋକଙ୍କୁ ଅବଗତ କରାଯାଉନାହିଁ । ଏବେସୁଦ୍ଧା ଗ୍ରାମାଞ୍ଚଳରେ ବହୁ ଲୋକ ନଳକୂପ,ଗଡ଼ିଆ ଓ ଝରଣା ପାଣି ବ୍ୟବହାର କରୁଛନ୍ତି । ବ୍ଲକ୍ ସ୍ତରରେ ଏହାର ମାନ ପରୀକ୍ଷା କରାଯାଇ ଏ ବାବଦରେ ଲୋକଙ୍କୁ ସଚେତନ କରାଯାଉନାହିଁ । ଏହା ନିଶ୍ଚିତ ଯେ,ଦୁର୍ବଳ ପରିମଳ ବ୍ୟବସ୍ଥା ଓ ନିମ୍ନମାନର ପାନୀୟ ଜଳ ଯୋଗୁ ଜାତୀୟ ସ୍ତରରେ ଡାଇରିଆ କାରଣରୁ ୫ ବର୍ଷ ବୟସରୁ କମ୍ ଶିଶୁଙ୍କର ଅଧିକ ମୃତ୍ୟୁ ହେଉଛି । ବିଶ୍ୱରେ ବର୍ଷକୁ ଏହି ବୟସ ବର୍ଗର ୫ ଲକ୍ଷ ଶିଶୁଙ୍କର ମୃତ୍ୟୁ ହେଉଥିବାବେଳେ ଭାରତରେ ଏହାର ୨୦% ମୃତ୍ୟୁ ଘଟୁଛି । ଉନ୍ନତ ପରିମଳ ପାଇଁ ଯୋଜନା ତୃଣମୂଳ ସ୍ତରରେ କିଭଳି ସଫଳତା ପାଇବ ତାହା ଉଭୟ ରାଜ୍ୟ ଓ କେନ୍ଦ୍ରର ଦାୟିତ୍ୱ । କିନ୍ତୁ ଏଥିରେ ବହୁସମୟରେ ତାଳମେଳ ନ ରହିବା ଓ କ୍ଷେତ୍ର ଅଧିକାରୀମାନଙ୍କ ବେଖାତିର ମନୋଭାବ ଯୋଗୁ ସ୍ୱେରେଜ ପରିଚାଳନାଠାରୁ ଆରମ୍ଭକରି ପାଇଖାନା ନିର୍ମାଣ ଓ ପାନୀୟ ଜଳ ଯୋଗାଣରେ ସ୍ୱଚ୍ଛତା ଆସିପାରୁନାହିଁ, ଯାହାର ଶେଷ ପରିଣାମ ହେଉଛି ଡାଇରିଆ । ଶେଷରେ ଏତିକି କୁହାଯାଇପାରିବ ଯେ,'ସ୍ୱଚ୍ଛ ଭାରତ' କାର୍ଯ୍ୟକ୍ରମ ପାଇଁ କରଦାତା ନିୟମିତ ଭାବେ ଟିକସ ଦେଇଆସୁଛନ୍ତି । ସେହି ସ୍ୱଚ୍ଛ ଭାରତଠାରୁ ଆରମ୍ଭକରି ' ବିକଶିତ ଭାରତ' ଧ୍ୱନିରେ ଦେଶ କମ୍ପି ଉଠୁଥିବାବେଳେ ଏକବିଂଶ ଶତାବ୍ଦୀରେ ଡାଇରିଆରେ ଶିଶୁ ମୃତ୍ୟୁ ସମଗ୍ର ଦେଶ ପାଇଁ ଏକ ବିରାଟ ଲଜ୍ଜାର ବିଷୟ ହେବା କଥା । କିନ୍ତୁ କାହାରି ସମୟ ନାହିଁ ।

**ଶେଷରେ ଏତିକି କୁହାଯାଇପାରିବ ଯେ, 'ସ୍ୱଚ୍ଛ ଭାରତ' କାର୍ଯ୍ୟକ୍ରମ ପାଇଁ କରଦାତା ନିୟମିତ ଭାବେ ଟିକସ ଦେଇଆସୁଛନ୍ତି । ସେହି ସ୍ୱଚ୍ଛ ଭାରତଠାରୁ ଆରମ୍ଭକରି ' ବିକଶିତ ଭାରତ' ଧ୍ୱନିରେ ଦେଶ କମ୍ପି ଉଠୁଥିବାବେଳେ ଏକବିଂଶ ଶତାବ୍ଦୀରେ ଡାଇରିଆରେ ଶିଶୁ ମୃତ୍ୟୁ ସମଗ୍ର ଦେଶ ପାଇଁ ଏକ ବିରାଟ ଲଜ୍ଜାର ବିଷୟ ହେବା କଥା । କିନ୍ତୁ କାହାରି ସମୟ ନାହିଁ ।**

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | 6 | | | | | | |
| | | 8 | | 6 | | | 9 | |
| 3 | 7 | | | | | | | |
| | 1 | | | 2 | 9 | | | 3 |
| | | | | | | | 6 | |
| 7 | 5 | | | 4 | | | | 2 |
| | | | 1 | 5 | 2 | | | 7 |
| | | | | | 7 | | | 4 |
| 9 | 8 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 4 | 7 | 3 | 9 | 5 | 1 | 6 |
| 1 | 6 | 3 | 4 | 5 | 8 | 9 | 2 | 7 |
| 7 | 5 | 9 | 6 | 1 | 2 | 8 | 4 | 3 |
| 3 | 2 | 6 | 5 | 4 | 7 | 1 | 8 | 9 |
| 9 | 1 | 8 | 3 | 2 | 6 | 7 | 5 | 4 |
| 4 | 7 | 5 | 8 | 9 | 1 | 6 | 3 | 2 |
| 5 | 4 | 1 | 9 | 7 | 3 | 2 | 6 | 8 |
| 8 | 9 | 2 | 1 | 6 | 4 | 3 | 7 | 5 |
| 6 | 3 | 7 | 2 | 8 | 5 | 4 | 9 | 1 |

ଗତକାଲିର ଉତ୍ତର

# ସ୍କୁଲ ଶିକ୍ଷାର ସ୍ଥିତି



ରାଜୀବ କୁମାର ନାୟକ

ନିକଟ ଅତୀତରେ କେନ୍ଦ୍ର ସରକାରଙ୍କ ତରଫରୁ କରାଯାଇଥିବା ୨୦୨୧-୨୨ ବର୍ଷ ପାଇଁ ପରଫରମାନ୍ସ ଗ୍ରେଡିଂ ଇଣ୍ଡେକ୍ସ ସାମ୍ନାକୁ ଆସିଛି ; ଯେଉଁଥିରେ ସ୍କୁଲ ଶିକ୍ଷାର ସ୍ଥିତି କେଉଁ ରାଜ୍ୟରେ କ'ଣ ତାହା ଆକଳନ କରାଯାଇଛି । ଏଥିରେ ଓଡ଼ିଶାର ସ୍ଥାନ ଦେଶର ରାଜ୍ୟଗୁଡ଼ିକ ମଧ୍ୟରେ ୨୪ ଥିବାବେଳେ ୨୦୨୦-୨୧ରେ ଥିବା ୧୦ମ ସ୍ଥାନରୁ ହଠାତ୍ ଅନେକ ତଳକୁ ଖସିଯିବା ଉଦ୍‌ବେଗର ବିଷୟ । ଓଡ଼ିଶାର ସ୍କୁଲ ଶିକ୍ଷାକୁ ନେଇ ଦୀର୍ଘଦିନ ହେଲା ବିଭିନ୍ନ ସ୍ତରରେ ସମାଲୋଚନା ହୋଇ ଆସୁଥିବାବେଳେ ସରକାରଙ୍କ ଏହି ଇଣ୍ଡେକ୍ସ ଏଭଳି ଆଲୋଚନାକୁ ଆହୁରି ସରଗରମ କରିଛି ।

ବିଶେଷକରି ମାଗଣା ତଥା ବାଧ୍ୟତାମୂଳକ ଶିକ୍ଷାନୀତି ୨୦୦୯ କାର୍ଯ୍ୟକାରୀ ହେଲାପରେ ୧କି.ମି. ଭିତରେ ପ୍ରାଥମିକ ବିଦ୍ୟାଳୟ, ୩ କି.ମି. ଭିତରେ ଉଚ୍ଚପ୍ରାଥମିକ ବିଦ୍ୟାଳୟ ରହିବା କଥା । କିନ୍ତୁ ସରକାର ନୂଆ ସ୍କୁଲ ଖୋଲିବେ କ'ଣ ପିଲା ସଂଖ୍ୟାର ଆଳ ଦେଖାଇ ଏହା ଭିତରେ ଅନେକ ସ୍କୁଲ ବନ୍ଦ କରିସାରିଛନ୍ତି ; ଯଦ୍ୱାରା ଅନେକ ଶିଶୁ ବିଦ୍ୟାଳୟ ଅଭାବରୁ ସବୁଦିନ ପାଇଁ ପାଠପଢ଼ାରେ ଡୋରି ବାନ୍ଧି ଦେଇଛନ୍ତି । ଠିକ୍ ସେହିପରି ସରକାରଙ୍କ କହିବାନୁସାରେ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଏକ ଉଚ୍ଚ ବିଦ୍ୟାଳୟ ଯଦିଓ ରହିବା କଥା କିଛି ଗ୍ରାମପଞ୍ଚାୟତରେ ଏହା ନ ଥିବା ଦୃଷ୍ଟିଗୋଚର ହେଉଛି । ବିଦ୍ୟାଳୟରେ ଶିକ୍ଷକ ଅଭାବ ଏକ ନିତିଦିନିଆ ଘଟଣା । ଶିକ୍ଷା ଅଧିକାର ଆଇନରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ୩୦ଟି ପିଲାରେ ଜଣେ ଶିକ୍ଷକ ଏବଂ ଉଚ୍ଚ ପ୍ରାଥମିକ ଅର୍ଥାତ୍ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ୩୫ ଜଣ ଛାତ୍ରୀଛାତ୍ରରେ ଜଣେ ଶିକ୍ଷକ(ବିଷୟ ଶିକ୍ଷକ ଛାଡ଼ି)ରହିବାର ପ୍ରାବଧାନ ଥିବାବେଳେ ଅନେକ ସ୍ଥାନରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବାର ବ୍ୟବସ୍ଥା ଥାଇ ମାତ୍ର ତିନି/ଚାରିଜଣ ଶିକ୍ଷକଙ୍କୁ ନେଇ ବିଦ୍ୟାଳୟ ଚାଲୁଛି । ଶିକ୍ଷା ଅଧିକାର ଆଇନରେ ଥିବା ବେସରକାରୀ ବିଦ୍ୟାଳୟରେ ଗରିବ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ସକାଶେ ୨୫ ଶତକଡା ସ୍ଥାନ ସଂରକ୍ଷଣ ଏବଂ ଏଥିସକାଶେ ଆବଶ୍ୟକୀୟ ଫି ସରକାର ଭରଣା କରିବେ ବୋଲି ରଖା ଯାଇଥିବା ପ୍ରାବଧାନ ବାସ୍ତବିକ ସରକାରୀ ବିଦ୍ୟାଳୟଠାରୁ ବେସରକାରୀ ବିଦ୍ୟାଳୟ ଭଲ ବୋଲି ସରକାର ଖୋଦ କହୁଛନ୍ତି ଏବଂ ପରୋକ୍ଷରେ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ଅନୁଦାନ ଯୋଗାଇବା ମାଧ୍ୟମରେ ପ୍ରୋତ୍ସାହନ ଯୋଗାଉଛନ୍ତି । ଏହା ବ୍ୟତୀତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନାମରେ ସି.ବି.ଏସ.ଇ. ଢାଞ୍ଚାରେ ସବୁ ବ୍ଲକରେ ବିଦ୍ୟାଳୟ ଖୋଲିବା ଦ୍ୱାରା ଆଗରୁ ଥିବା ସରକାରୀ ବିଦ୍ୟାଳୟ ପ୍ରତି ଗୁରୁତ୍ୱ କମିଛି ଏବଂ ପଞ୍ଚମ ଶ୍ରେଣୀ ପରେ ପିଲା ଆଦର୍ଶ ବିଦ୍ୟାଳୟ ଏବଂ ନବୋଦୟ ବିଦ୍ୟାଳୟରେ ପଢ଼ିବାକୁ ସୌଭାଗ୍ୟ ମନେକରି ସିଟ୍‌ଟେ ପାଇବାକୁ ବହୁତ ଜୋରରେ କସରତ ଚଳାଉଛନ୍ତି । ଏଠି ମଧ୍ୟ ପରୋକ୍ଷରେ କୁହାଯାଉଛି ଯେ ଓଡ଼ିଆ ମାଧ୍ୟମ ସରକାରୀ ବିଦ୍ୟାଳୟ ଅପେକ୍ଷା ଏହିସବୁ ଇଂଲିଶ ମାଧ୍ୟମ ବିଦ୍ୟାଳୟ ଯଥେଷ୍ଟ ଗୁଣରେ ଉନ୍ନତ । ଅନୁସୂଚିତ ଜାତି ତଥା ଅନୁସୂଚିତ ଜନଜାତି ବିକାଶ ବିଭାଗ ଆନୁକୂଲ୍ୟରେ ଖୋଲା ଯାଇଥିବା ସେବାଶ୍ରମ ସ୍କୁଲର କଥା ଦେଖିଲେ ଏହି ସ୍କୁଲ ସବୁରେ କେବଳ ପିଲାମାନେ ଅବସ୍ଥାନ କରି ପଢ଼ିବାର ସୁଯୋଗ ପାଉଛନ୍ତି ସିନା, ପାଠପଢ଼ାରେ ଆଶାନୁରୂପ ଉନ୍ନତି ଦୃଷ୍ଟି ଗୋଚର ହେଉନାହିଁ । ଏହା ଜିଲା ମଙ୍ଗଳ ଅଧିକାରୀ ତଥା ପ୍ରତି ବ୍ଲକରେ କାର୍ଯ୍ୟରତ ମଙ୍ଗଳ ସଂପ୍ରସାରଣ ଅଧିକାରୀଙ୍କ ମାଧ୍ୟମରେ ପରିଚାଳିତ ହେଉଥିବାବେଳେ ଏହି ବିଭାଗ ବିଦ୍ୟାଳୟକୁ ଛାଡ଼ି ଆଦିବାସୀଙ୍କ ମଙ୍ଗଳ ନିମିତ୍ତ ଜଙ୍ଗଲ ଜମି ଅଧିକାର ଆଇନ କାର୍ଯ୍ୟକାରୀ କରିବା ହେଉ କି ଅନ୍ୟ କାମରେ ହେଉ ନିଜକୁ ନିୟୋଜିତ କରୁଥିବାରୁ ବିଦ୍ୟାଳୟ ପାଇଁ ସମୟ ଦେଇ ପାରୁ ନାହିଁ । ଏସବୁକୁ ଛାଡ଼ି ଏହି କିଛି ବର୍ଷ ମଧ୍ୟରେ ବିଭିନ୍ନ ସ୍ଥାନରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପିଲାଙ୍କ ପାଇଁ ଛାତ୍ରାବାସ ନିମିତ୍ତ ଗୃହ ନିର୍ମାଣ କରାଯାଇଛି କିନ୍ତୁ ତହିଁରେ କର୍ମଚାରୀ ନିଯୁକ୍ତି ଆଜି ପର୍ଯ୍ୟନ୍ତ ହୋଇନାହିଁ ।



ପ୍ରଥମ ଅନୁଷ୍ଠାନ ଦ୍ୱାରା ସମଗ୍ର ଦେଶରେ ପ୍ରତିବର୍ଷ କରାଯାଉଥିବା ଏ.ଏସ.ଇ.ଆର.(ଅସର) ସର୍ଭେରୁ ଜଣାପଡ଼େ ଯେ ଦେଶର ସ୍କୁଲଗୁଡ଼ିକରେ ପଢୁଥିବା ପାଖାପାଖି ୨୬ କୋଟି ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଅନେକେ ବହି ପଢ଼ିବା ତଥା ପ୍ରାରମ୍ଭିକ ଗଣିତ କରିବା ସକାଶେ ସମର୍ଥ ନୁହନ୍ତି । ପଞ୍ଚମ ଶ୍ରେଣୀ ସମାପ୍ତ କରି ସାରିଥିବା ମୋଟ୍ ପିଲାଙ୍କ ମଧ୍ୟରୁ ମାତ୍ର ୨୫ ଶତକଡ଼ା ପିଲା ଗୁଣନ କରିବାରେ ସମର୍ଥ ଥିବାବେଳେ ୪୩ ଶତକଡ଼ା ପିଲା ଦ୍ୱିତୀୟ ଶ୍ରେଣୀ ସକାଶେ ଉଦ୍ଦିଷ୍ଟ ବହି ପଢ଼ି ପାରୁଛନ୍ତି । ଅଷ୍ଟମ ଶ୍ରେଣୀ ସମାପ୍ତ ବେଳକୁ ମାତ୍ର ୪୫ ଶତକଡ଼ା ଶିଶୁ ମୌଳିକ ହରଣ କରିବାକୁ ସକ୍ଷମ ହେଉଛନ୍ତି । ଏଥିରୁ ଆମ ଶିକ୍ଷା ବ୍ୟବସ୍ଥାର ଚିତ୍ର ସାମନାକୁ ଆସୁଛି । ଏଭଳି ସ୍ଥିତିରେ କାର୍ଯ୍ୟକାରୀ ହେଉଥିବା ଉତ୍କର୍ଷ ଭଳି ଯୋଜନା ଯଦିଓ ସ୍ୱାଗତ ଯୋଗ୍ୟ ପଦକ୍ଷେପ କିନ୍ତୁ ଯେଉଁ ପିଲା ଭଲ ପଢୁଛି ତା' ପାଇଁ ଅଲଗା ପଢ଼ା ଏବଂ ଯିଏ ପାଠ ପଢ଼ାରେ ପଛରେ ପଡ଼ି ଯାଇଛି ତା'ପାଇଁ ଅଲଗା ପଢ଼ା କରିବା ସହଜ କି? ବର୍ଷ ଶେଷରେ ତ ସମସ୍ତଙ୍କ ପାଇଁ ସମାନ ପରୀକ୍ଷା ନା ?

ବିଦ୍ୟାଳୟମାନଙ୍କରେ ଯେଉଁ ବିଦ୍ୟାଳୟ ପରିଚାଳନା କମିଟି ଗଠିତ ହେଉଛି ଅନେକ ସ୍ଥାନରେ ତାହା କେବଳ କାଗଜ କଲମରେ ଚାଲିଛି । ଏହାର ପ୍ରମୁଖ କାରଣ ହେଲା ଏଥିରେ ଅଭିଭାବକମାନଙ୍କ ମଧ୍ୟରୁ ତିନି ଚତୁର୍ଥାଂଶ ସଭ୍ୟାସଭ୍ୟ ରହୁଥିବାବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ କାମ କଲେଯାଇ ଖାଆନ୍ତି । ତେଣୁ ସେମାନେ ବର୍ଷସାରା ପରିବାର ପ୍ରତିପୋଷଣ ଚିନ୍ତାରେ ବୁଡ଼ି ରହୁଥିବାବେଳେ ଛୁଆ ପାଠ ପଢ଼ିଲା ନା ନାହିଁ ତାକୁ ଅଣଦେଖା କରିବାକୁ ବାଧ୍ୟ ହୋଇଥାନ୍ତି । ଦ୍ୱିତୀୟତଃ ତାଙ୍କ ମଧ୍ୟରୁ ଅଧିକାଂଶ ଶିକ୍ଷା ସମ୍ବନ୍ଧରେ ଅସଚେତନ । ଅଧିକାଂଶ ସମୟରେ ବିଦ୍ୟାଳୟ ତରଫରୁ ଘରଘର ଯାଇ ସଭ୍ୟାସଭ୍ୟଙ୍କ ଦସ୍ତଖତ ସଂଗ୍ରହ କରାଯାଏ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ନାଁରେ । ଆଉ କଦବା କେମିତି ବୈଠକ ବସିଲେ ତହିଁରେ ସଭ୍ୟାସଭ୍ୟ ଉପସ୍ଥାନ ବହୁତ କମ୍ । ମାତାପିତା ତଥା ଅଭିଭାବକଙ୍କ ମଧ୍ୟରୁ ସଭାପତି ହେଉଥିବାବେଳେ ଅନେକ ସ୍ଥଳେ ସେମାନେ ବିଶେଷ ଶିକ୍ଷାର ଅଧିକାରୀ ହୋଇ ନ ଥିବାରୁ ତାଙ୍କୁ ଛୋଟ ବଡ଼ ଲୋଭ ଦେଖାଇ ଚୁପ୍ କରି ଦିଆଯାଏ । ତେଣୁ ଦାରିଦ୍ର୍ୟ ଏବଂ ସଚେତନତାର ଅଭାବ କାରଣରୁ ବ୍ୟକ୍ତି ଜଣକ ଅନେକ ସ୍ଥଳେ ଚୁପ୍ ରହିବା ବା ନିଜ ଶିକ୍ଷାମତେ କେବଳ ଭିତ୍ତିଭୂମି ସଜଡ଼ା ଯିବା କାମରେ ନିଜକୁ ସୀମିତ ରଖିଥାନ୍ତି । ପ୍ରଧାନଶିକ୍ଷକ ଯିଏ କି ପରିଚାଳନା କମିଟିର ସଂପାଦକ ସିଏ ଅଧିକାଂଶ ସ୍ଥଳେ ଚାହାନ୍ତି ନାହିଁ ଯେ ଏସବୁ କାମରେ କେହି ହସ୍ତକ୍ଷେପ କରୁ । ସମନ୍ୱୟ ଅଭାବରୁ ଅନେକ ସମୟରେ ବିଦ୍ୟାଳୟର ବିକାଶ ମଧ୍ୟ ବାଧାପ୍ରାପ୍ତ ହେଉଛି । ଆହୁରି ମଧ୍ୟ ବିଦ୍ୟାଳୟ ପରିଚାଳନା କମିଟିରେ ଛାତ୍ରୀଛାତ୍ରଙ୍କ ଭାଗୀଦାରିତାକୁ ଗୁରୁତ୍ୱ ନ ଦିଆଯିବା କାରଣରୁ ଅସଲ ଉପଭୋକ୍ତା(ଛାତ୍ରୀଛାତ୍ର)ଙ୍କ ପାଖରୁ ମଧାହ୍ନ ଭୋଜନ ଠିକ୍ ଚାଲିଛି ନା ନାହିଁ, ବହିପତ୍ର ମିଳିଲାଣି କି ନାହିଁ ଭଳି ଅନେକ ତଥ୍ୟ ଠିକ୍ ଭାବରେ ଜଣାପଡ଼େ ନାହିଁ ।

ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସରକାର ଛୁଟିଦିନରେ ତାଲିମ ନ ଦେଇ ବର୍ଷ ମଝିରେ ତାଲିମ ଦେବା ତଥା ଶିକ୍ଷା ବାଧାପ୍ରାପ୍ତ ହେଲାଭଳି ବିଭିନ୍ନ ପ୍ରକାର ରିପୋର୍ଟ ଦିନେ ଦୁଇଦିନ ମାଗିବାରୁ ନିବୃତ୍ତ ରହିବା ଆବଶ୍ୟକ । ଏବେ ତ ବିଦ୍ୟାଳୟମାନଙ୍କୁ ଆଗଭଳି ଆଉ ନିରୀକ୍ଷକମାନେ ପରିଦର୍ଶନରେ ପ୍ରାୟତଃ ଯାଉନାହାନ୍ତି ଆଉ କଦବା କେମିତି ଯଦି ଯାଉଥାଆନ୍ତି ତା'ହେଲେ ତାହା ବାର୍ଷିକ ଉତ୍ସବ, ବିଜ୍ଞାନ ପ୍ରଦର୍ଶନୀ ଭଳି ଦିନ ଗୁଡ଼ିକରେ ଯାଉଥିବେ । ତେଣୁ ଅଧିକାରୀମାନଙ୍କର ପରିଦର୍ଶନକୁ ମଧ୍ୟ କଡ଼ାକଡ଼ି କରାଯିବାର ଆବଶ୍ୟକତା ରହିଛି ।

ଭିନ୍ନ ଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ ପାଉଥିବା ବେତନରେ ଅନେକ ପ୍ରଭେଦ ପରିଲକ୍ଷିତ ହେଉଛି ; ଯାହାକୁ ଦୃଷ୍ଟିଦେବାର ଆବଶ୍ୟକତା ରହିଛି ଶିକ୍ଷାର ମାନ ବୃଦ୍ଧି ନିମିତ୍ତ । ମାତୃଭାଷାରେ ଅନ୍ତତଃ ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ କରିବା ପର୍ଯ୍ୟନ୍ତ ଶିକ୍ଷା ଦିଆଯିବାର ଆବଶ୍ୟକତା ରହିଛି କାରଣ ଶିଶୁ ଏହି ଭାଷା ସହିତ ଖୁବ୍ ପରିଚିତ । ତେଣୁ ସେ ପାଠପଢ଼ାର ମଜା ନେଇପାରିବ ଏବଂ ଅଧାରୁ ପାଠ ଛାଡ଼ିବାର ଭୟ ରହିବ ନାହିଁ । ବୟସ ବଢ଼ିବା ସଙ୍ଗେ ସଙ୍ଗେ ସେ ଅନ୍ୟ ଭାଷା ସହିତ ପରିଚିତ ହେବାରେ କିଛି ଅସୁବିଧା ନାହିଁ ; ଯଦ୍ୱାରା ସେ ଭବିଷ୍ୟତର ପ୍ରତିଯୋଗିତାକୁ ମଧ୍ୟ ସାମ୍ନା କରିପାରିବ । ଆମେ ଦୀର୍ଘ ବର୍ଷରୁ କହି ଆସୁଥିବା କମନ ସ୍କୁଲ ଏଜୁକେଶନ ବା ସମସ୍ତ ବିଦ୍ୟାଳୟ ପାଇଁ ସମାନ ଶିକ୍ଷାର ଆବଶ୍ୟକତା ଅନେକ ମାତ୍ରାରେ ରହିଛି ।

**ପଦରପଡା, ବୌଦ୍ଧ**
**ମୋ: ୯୪୩୭୫୬୭୧୮୩୧**

# ଶେଷ ବୟସର ସମ୍ବଳ



ସଂଗ୍ରାମ କେଶରୀ ପୃଷ୍ଟି

ମଣିଷ ଜୀବନର କଅଁଳ ଶୈଶବ, କୈଶୋର କେମିତି ଯେ ସଅଳ ଚାଲିଯାଏ ଜଣାପଡ଼େନି । ଏଠି ନା ଥାଏ ଚିନ୍ତାଅର୍ଥ, ନା ଥାଏ ଦାୟିତ୍ୱବୋଧ । ଥାଏ କେବଳ ପ୍ରଚୁର ଖୁସି ଓ ଆନନ୍ଦ । କପଟଶୂନ୍ୟ ଜୀବନ ଭିତରେ ଆଗକୁ ମାଡ଼ିଚାଲେ ସମୟ । ଯା ପରେ ଆସେ ଯୌବନାବସ୍ଥା । ବିବାହ ପରେ ଆସିଯାଏ ଦାୟିତ୍ୱବୋଧ । ଘରର ଯାବତୀୟ ଦାୟିତ୍ୱ ମୁଣ୍ଡାଇବାକୁ ବାଧହୁଏ ମଣିଷ । ସାଂସାରିକ ବିଳାସବ୍ୟସନ ମଧରେ କେମିତି ଯେ କଟିଯାଏ ଏ ସମୟ ଜାଣିହୁଏନା । ବୟସକୁ ଅଟକାଇବାକୁ ଅନବରତ ପ୍ରୟାସ ଜାରି ରଖିଥାଏ ମଣିଷ । ମାତ୍ର ଏଥିରେ ସେ ସଫଳ ହୋଇପାରି ନ ଥାଏ । ବୟସକୁ ଲୁଚେଇବାକୁ ଚେଷ୍ଟାକରି ବିଫଳ ହୁଏ ମଣିଷ । ବୟସର ଚାପରେ ପରିପକ୍ୱ ହୁଏ କେଶରାଶି । ପଡ଼ିଯାଏ ଦାନ୍ତ । ଲୋଚାକୋଚା ହୋଇପଡ଼େ ତ୍ୱଚା । ହ୍ରାସ ପାଏ ସ୍ମରଣ ଶକ୍ତି । ନଇଁଯାଏ ଅଣ୍ଟା । ଚାଲିବାକୁ ଆଶ୍ରା କେବଳ ଖଣ୍ଡିଏ ବଙ୍କୁଲିବାଡ଼ି । ପ୍ରତିଟି କାର୍ଯ୍ୟ ପାଇଁ ମଣିଷକୁ ଏଥର ଅନ୍ୟର ସାହାଯ୍ୟ ନେବାକୁ ପଡ଼ିଥାଏ । କିଛି କଥା ଦେଖି ସୁଦ୍ଧା ତାକୁ ବିରୋଧ କରିବାର ପ୍ରୟାସ ବ୍ୟର୍ଥ ଯାଏ । କାହିଁକି ନା ତାଙ୍କ କଥା ଶୁଣିବାକୁ କାହାପାଖରେ ଯେମିତି ସମୟର ଥାଏ ଘୋର ଅଭାବ । ପରିବାର ପାଇଁ ସେ ସତେଯେମିତି ହୋଇଯାଇଥାନ୍ତି ଅଲୋଡ଼ା ମଣିଷଟିଏ । ବୋଧହୁଏ ଏହା ହିଁ ଶେଷ ବୟସର ସନ୍ତାପ । ଯେଉଁଠି ଦୁନିଆ ଆଖିରେ ସେ ପାଲଟିଯାଇଥାନ୍ତି - ବୁଢ଼ା ଲୋକ ।

ଜୀବନକୁ ତିଳତିଳକରି ଦଗ୍ଧୀଭୂତକରି ନିଜ ପରିବାର ପାଇଁ ଅସୁମାରୀ ସ୍ୱପ୍ନ ଦେଖିଥିବା ଏବଂ ତାକୁ ସଫଳ କରିଥିବା ମଣିଷଟି ଭୋଗେ ଶେଷ ବୟସକୁ । ବାର୍ଦ୍ଧକ୍ୟର ଯନ୍ତ୍ରଣା ମଣିଷକୁ ଯେତେ ନ ବାଧେ , ତା'ଠୁ ଅଧିକ ବାଧେ ମାନସିକ ଯନ୍ତ୍ରଣା । ତାହାପୁଣି ନିଜ ହାତରେ ଗଢିଥିବା ଆତ୍ମୀୟସ୍ୱଜନଙ୍କ ଦ୍ୱାରା । ବୟସର ଅପରାହ୍ନରେ ପହଞ୍ଚିଥିବା ଏ ମଣିଷପ୍ରତି ସମସ୍ତେ ଭୁଲିଯାଆନ୍ତି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟବୋଧ । ଯେଉଁ ମାଆବାପା ପାଞ୍ଚ ପାଞ୍ଚଟି ପିଲାଙ୍କୁ ମଣିଷ କରି ଗଢିତୋଳିବା ପାଇଁ ନିଜକୁ ଜଳାଞ୍ଜଳି ଦେଇଥିଲେ, ଏବେ ସେମାନେ ବାପାମାଆଙ୍କୁ ବୁଢ଼ା ବୟସରେ ପାଖରେ ରଖିବାକୁ ନିଜ ଭିତରେ ଭାଗ ବସାନ୍ତି । ସେମାନଙ୍କ ସମ୍ପର୍କକୁ ଅଲଗା କରିଦେବାକୁ ତିଳେ ହେଁ କୁଣ୍ଠାପ୍ରକାଶ କରନ୍ତି ନାହିଁ ।

ଶେଷ ବୟସର ଜୀବନ ଯେ କେଡ଼େ ଯନ୍ତ୍ରଣାଦାୟକ, ସେକଥା କେବଳ ଅନୁଭବୀଟିଏ ହିଁ ଉପଲବ୍ଧି କରିପାରିଥାଏ । ନିଃସଙ୍ଗ ଜୀବନ ଭିତରେ ସେ କେବଳ ଚାହିଁ ରହିଥାଏ ଶୂନ୍ୟ ଆକାଶକୁ । ସ୍ତ୍ରୀକୁ ହରାଇଥିବା ସ୍ୱାମୀ ଓ ସ୍ୱାମୀକୁ ହରାଇଥିବା ସ୍ତ୍ରୀର ଜୀବନ ହୋଇପଡ଼େ ଦୁର୍ବିଷହ । ଏ ସମୟର ସମ୍ବଳ ଥାଏ କେବଳ ଆଶ୍ୱାସନା ଟିକିଏ । ତାକୁ ହିଁ ପାଥେୟକରି ଜିଇବାକୁ ହୋଇଥାଏ ଅବଶିଷ୍ଟ ଜୀବନ । ହାତଧରି ବାଟ ଚାଲିବାକୁ ଶିଖାଇଥିବା ଏ ବୟସ୍କଙ୍କ ପ୍ରତି ହୁଏ ଅତ୍ୟାଚାର । ଏ ବେଳରେ ସେମାନେ ଅନ୍ୟର ହାତଧରି ଚାଲିବାକୁ ଇଚ୍ଛାକଲେ ମଧ ମିଳେ ଖାଲି ପ୍ରତାରଣା । ଅନବରତ ତାଙ୍କୁ ଦଂଶନ କରୁଥାଏ ନୈରାଶ୍ୟ ।



ପୈତୃକ ସମ୍ପତ୍ତି ପାଇଁ ସନ୍ତାନ ସନ୍ତତିଙ୍କ ବ୍ୟଗ୍ରତା ଯେତିକିଥାଏ ମାତାପିତାଙ୍କ ସେବା ଯତ୍ନ ପାଇଁ ସେତିକି ତତ୍ପରତା ନ ଥାଏ । ସଂପତ୍ତିର ମୋହଭିତରେ ହଜିଯାଏ ସମ୍ପର୍କ । ସମ୍ପତ୍ତିର ମୁରବି ଏଠି ଥାଆନ୍ତି ଅସହାୟ । ପିଲାଙ୍କ ସବୁକଥାରେ ନୀରବ ସମ୍ମତି ଦେବା ଛଡ଼ା ତାଙ୍କର ଅନ୍ୟବାଟ କିଛି ନ ଥାଏ । ଏ ଦୁର୍ଦ୍ଦିନରେ ଆଶା ଓ ଆଶ୍ୱାସନାର ମାଧମ ପାଲଟିଥାନ୍ତି ପାଖପଡ଼ୋଶୀ । ରୋଗଶଯ୍ୟାରେ ସେବା ଓ ସହାନୁଭୂତି ଫିକା ପଡ଼ିଯାଏ । ଏ ଶେଷ ବୟସର ସାହା ହିଁ ଈଶ୍ୱର ।

ସୁନ୍ଦରଭାବରେ ତୋଳିଥିବା ଘରର ପୁଅଟି ବିଦେଶରେ ଚାକିରି କରେ । ଘରକୁ ସୁନ୍ଦର ବୋହୂଟିଏ ଆସେ । ଆସନ୍ତି ପୁଣି ସନ୍ତାନସନ୍ତତି । ପୁଅ ବାହାରେ ଚାକିରି କରୁଥିବା କାରଣରୁ ଅଗତ୍ୟା ବୋହୂକୁ ମଧ ସେଠାକୁ ଯିବାକୁ ପଡ଼ିଥାଏ । ଘରେ ଏବେ ବିରାଜୁଥାଏ କେବଳ ଶୂନ୍ୟତା । ବୃଦ୍ଧ ମାତାପିତା ବିଦେଶକୁ ଯିବାପାଇଁ ଅସହଜ ମଣନ୍ତି । ଭିଟାମାଟିର ମୋହ ପରିତ୍ୟାଗ କରିବା ସମ୍ଭବତଃ ସେମାନଙ୍କ ପକ୍ଷରେ କଷ୍ଟକର ଥାଏ । ସୁତରାଂ ମାଟିକାମୁଡ଼ି ସେମାନେ ପଡ଼ିରହନ୍ତି ସେଇଠି । ପୁଅମାନେ ମଧ କର୍ତ୍ତବ୍ୟ ସଂପାଦନା କରିବାକୁ ଯାଇ ମାତାପିତାଙ୍କ ପାଖରେ ଛାଡ଼ିଦେଇ ଯାଆନ୍ତି ଘରଟେ, ଚାକରଟେ, କୁକୁରଟେ ଓ ଖଣ୍ଡିଏ ମୋବାଇଲ ଫୋନ । ବାସ୍ ଏତକ ସମ୍ବଳନେଇ ବିତିଯାଏ ସେମାନଙ୍କର ଅବଶିଷ୍ଟ ଆୟୁଷ ।

ବଡ଼ ବିଚିତ୍ର ଓ ଦୁଃଖଦ ସ୍ଥିତି ଆଣିଦିଏ ଏ ଶେଷ ବୟସ । ଏଠି ନା ମିଳେ ପୁଅ ବୋହୂଙ୍କ ସେବା ଶୁଶ୍ରୂଷା ଅବା ନାତିନାତୁଣୀଙ୍କ ଆତ୍ମୀୟତା । ଖାଲି ଭୋଗିବାକୁ ହୋଇଥାଏ ନିଃସଙ୍ଗତା । ପାଖରେ ସୁନ୍ଦର ଘରଟିଏ ଥାଏ ସତ, ହେଲେ ଏକ ସୁନ୍ଦର ମନର ଅଭାବ ପରିଲକ୍ଷିତ ହୋଇଥାଏ । ନିଜ ମର୍ଜିରେ କାମକରିଚାଲିଥାଏ ପରିଚାରକ । ପାଖରେ ମୋବାଇଲ ଫୋନ ଥାଏ ସତ, ହେଲେ ଫୋନ କଲ୍ ପାଇଁ ସମ୍ପର୍କର ଅଭାବ ଥାଏ । ଏ ବେଳରେ ଘରର ଜଗୁଆଳି କୁକୁର ତା' ମହାନତା ପ୍ରଦର୍ଶନ କରିଥାଏ । ବିଶ୍ୱସ୍ତପଣିଆର ସାଥୀ ସାଜି ପାଖେ ପାଖେ ଜଗି ବସିଥାଏ ।

ଚଷମା ଭିତରୁ ଲୁଲୁଲୁ କରି ବୃଦ୍ଧ ଦମ୍ପତି ଚାହିଁରହିଥାନ୍ତି ଶୂନ୍ୟକୁ । ବଙ୍କୁଲିବାଡ଼ିର ସହଚର୍ଯ୍ୟରେ ପାଦେପାଦେ ଆଗକୁ ବଢ଼ିବାର ଆଶା ଟିକକ ତଥାପି ମରି ନ ଥାଏ ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ । ଈଶ୍ୱରଙ୍କ ଉପରେ ଆସ୍ଥା ଓ ଭରସା ରଖି ଅଗତ୍ୟା ଭୋଗିବାକୁ ହୋଇଥାଏ ଶେଷ ବୟସର ସମୟ । ବେଳେବେଳେ ଅଭିମାନ ଭରା ସ୍ୱରରେ ସେମାନେ ପଚାରିବସନ୍ତି - ହେ ଈଶ୍ୱର ! ଏ ଶେଷ ବୟସର କ'ଣ ଶେଷ ନାହିଁ ?

**ଶିକ୍ଷକ, କିଶୋରନଗର ଉଚ୍ଚ ବିଦ୍ୟାଳୟ,**
**ରାଜ କିଶୋରନଗର, ଅନୁଗୋଳ**
**ମୋ- ୯୪୩୭୫୪୭୧୪୬**

## ପାଠକ ଶ୍ରେଷ୍ଠ ବିଚାରକ

### ଅପ୍ରସଙ୍ଗକୁ ଖବର କରାଯିବା ଉଚିତ ନୁହେଁ

ମହାଶୟ,

ଅନେକ ଖବରର ଆବଶ୍ୟକତା ନ ଥାଇ ବି ଛପାଯାଉଛି । ଟନେଲ ଭିତରେ କର୍ମଚାରୀ ରହିଯିବା ପାଇଁ ଯେଉଁ ସଂସ୍ଥା ଏହାର ନିର୍ମାଣ କାର୍ଯ୍ୟ ନେଇଛି, ତା'ର ଅପାରଗତା ଓ କର୍ମଚାରୀଙ୍କ ସୁରକ୍ଷା ବ୍ୟବସ୍ଥାରେ ଅବହେଳା ଲାଗି ଖବରକାଗଜ ଓ ଗଣମାଧ୍ୟମକୁ ଦାୟୀ ନ କରି ଅମୁକ ଏହି ବ୍ୟବସ୍ଥା କଲେ, ସମୁକ ଯାଇ ସେଠାରେ ପହଞ୍ଚିଲେ ପ୍ରଭୃତି ଅଖବରକୁ କାହିଁକି ପ୍ରାଧାନ୍ୟ ଦିଆଯାଉଛି ? ଗଣମାଧମ ତା'ର ପ୍ରକୃତ କାମ ଭୁଲି ଗୋଡ଼ାଣିଆ ସାଜିବା ଦେଶ ପାଇଁ ଶୁଭଙ୍କର ନୁହେଁ । ଖେଳର ଆବଶ୍ୟକତା ତ ରହିଛି, ମାତ୍ର ସବୁ ଦିନ ପ୍ରସାରଣ ଓ ତଥାକଥିତ ଅତି ବିଶିଷ୍ଟ ବ୍ୟକ୍ତିଙ୍କ ବୟାନବାଜି ସହ ଖେଳକୁ ଯୁଦ୍ଧ ପରି ପରିବେଷଣ କରିବା କେତେଦୂର ଗ୍ରହଣୀୟ ? କାହାକୁ ମହାନାୟକ କରିବା ଗଣମାଧମର କାମ ନୁହେଁ । ଖବରଦାତାର କର୍ତ୍ତବ୍ୟ ଯାହା ଘଟୁଛି, ତା'ର ବିବରଣ ଲୋକଙ୍କୁ ଜଣାଇବା । ମାତ୍ର ଅତିଶୟୋକ୍ତି ବିରକ୍ତି ଆଣେ ତଥା ଖବର ପ୍ରସାରଣର ମୂଲ୍ୟ କମାଏ ।

**- ଡ. ରାଜୀବ ଷଡ଼ଙ୍ଗୀ, କୁଣ୍ଡି, କୁମୁଡା ଜୟପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଏକ ସୁସ୍ଥ ପୃଥିବୀ ପାଇଁ ପରିବେଶର ସୁରକ୍ଷା ଜରୁରୀ । ଏ ଦିଗରେ ଭାରତରେ ଯେଉଁ କେତେଜଣ କାର୍ଯ୍ୟ କରୁଛନ୍ତି ସେମାନଙ୍କ ମଧ୍ୟରେ ଦିଲ୍ଲୀର ଅର୍ପିତ ଧୁପରଙ୍କ ଉଦ୍ୟମ ପ୍ରଶଂସନୀୟ । ପଞ୍ଜାବ ଓ ହରିୟାଣାରେ ଖୁଣ୍ଟାପୋଡ଼ିରୁ ବାହାରୁଥିବା ଧୂଆଁ ପରିବେଶ ପ୍ରଦୂଷଣ କରୁଥିବାରୁ ଏହାର ସମାଧାନ ବାଟ ବାହାର କରିଛନ୍ତି ଅର୍ପିତ । ସେ 'ଦରକ୍ଷା ଇକୋସିଷ୍ଟମସ୍' ଷ୍ଟାର୍ଟଅପ ଗଠନ କରି ତା' ମାଧମରେ ବର୍ଜ୍ୟ ଧାନଖୁଣ୍ଟାର ପୁନଃ ଉପଯୋଗ କରୁଛନ୍ତି । ନୂତନ ଜ୍ଞାନକୌଶଳ ପ୍ରୟୋଗ କରି ଧାନଖୁଣ୍ଟାରୁ ପ୍ୟାକେଜିଂ ଜିନିଷ ତିଆରି କରୁଛନ୍ତି । ଏସବୁ ପରିବେଶ ଉପଯୋଗୀ ଓ ବିଘଟନ ଯୋଗ୍ୟ । ଏହା ଫଳରେ ପ୍ୟାକେଜିଂରେ ବ୍ୟବହୃତ ଥର୍ମକୁଲ ଓ ପ୍ଲାଷ୍ଟିକ ଆଉ ବିପୁଳ ପରିମାଣରେ ବାହାରେ ଜମା ହୋଇ ରହିବ ନାହିଁ ବୋଲି କହନ୍ତି ଅର୍ପିତ । ଦିଲ୍ଲୀ ଆଇଆଇଟିରୁ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିବା ପରେ ସେ ଏହି ଷ୍ଟାର୍ଟଅପ ଆରମ୍ଭ କରିଥିଲେ । ଏବେ ସୁଦ୍ଧା ସେ ପଞ୍ଜାବ ଓ ହରିୟାଣାର ୧୦୦ ଏକର ଜମିରୁ ୨୫୦ ଟନରୁ ଅଧିକ ଖୁଣ୍ଟା ସଂଗ୍ରହ କରି ସେଥିରୁ ପ୍ୟାକେଜିଂ ଜିନିଷ ପ୍ରସ୍ତୁତ କରି ସାରିଲେଣି । ସେ ଏକର ପିଛା ଖୁଣ୍ଟା ବାବଦରେ କୃଷକଙ୍କୁ ୨,୫୦୦ ଟଙ୍କା ଦେଇ ତାହାକୁ କିଣୁଛନ୍ତି । ଅର୍ପିତଙ୍କ ଏହି କାର୍ଯ୍ୟ ଦ୍ୱାରା ପରିବେଶ ପ୍ରଦୂଷଣ କମିବା ସହ କୃଷକମାନଙ୍କର ଆୟ ମଧ ବଢୁଛି ।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ଡିସେମ୍ବର ୧୯୭୪

- ଦେଶର ବୈଦେଶିକ ବିନିମୟ ମୁଦ୍ରାର ସଂରକ୍ଷଣ ଏବଂ ଚୋରା କାରବାର ନିରୋଧ କରିବା ପାଇଁ ଏକ ନୂଆ ଆଇନ ଲାଗୁ ।
- ମୋହନ ସିଂ ଓବେରେଇଙ୍କ ନେତୃତ୍ୱରେ ପରିଚାଳିତ ଭାରତୀୟ କ୍ରାନ୍ତି ଦଳ (ବିକେଜି) ଜାତୀୟ କଂଗ୍ରେସରେ ସାମିଲ ।

## ଚିରନ୍ତନୀ

ହେଲେ ହେଁ ପ୍ରାଚୀନତମ ତବ ସତ୍ୟ ହେଉ ପଛେ ଜୀର୍ଣ୍ଣ
ଆଣିଛି ସେ ଭୂମିକମ୍ପ ଧରଣୀକୁ କରିଛି ବିଦୀର୍ଣ୍ଣ
ଭାରତ ଗଗନପରେ ଶୁଭେ ସେହି ଅନାହତ ଧ୍ୱନି
ଶ୍ମଶାନର ଶବ କାନେ ଫୁଙ୍କିଦେଇ ମୃତ୍ୟୁ ସଞ୍ଜୀବନୀ ।
-(ଜାଗ ଜାଗ ଗାନ୍ଧୀ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ




## ଶିଡ଼ିରୁ ଖସି ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କ ଗାଇଡ୍ ମୃତ

**ରାୟଗଡ଼ା,୧୯।୧୨ (ଆଶିଷ ରଞ୍ଜନ ପଣ୍ଡା)**

ବରିଷ୍ଠ ନାଗରିକଙ୍କୁ ନେଇ ତୀର୍ଥଯାତ୍ରାରେ ଯିବାକୁ ରାୟଗଡ଼ା ଆସିଥିବା ଜଣେ ଗାଇଡ୍‌ଙ୍କ ଶିଡ଼ିରୁ ଖସିପଡ଼ି ମୃତ୍ୟୁ ଘଟିଛି। ସେ ହେଲେ ଅଟଳ ବିହାରୀ ହୋତା(୪୫)। ସେ ନବରଙ୍ଗପୁର ଜିଲା ମସିଗାଁ ଉଚ୍ଚ ବିଦ୍ୟାଳୟରେ କ୍ରୀଡା ଶିକ୍ଷକ ଥିଲେ। ନବରଙ୍ଗପୁର ଜିଲାରୁ ୧୪୪ ବରିଷ୍ଠ ନାଗରିକଙ୍କୁ ନେଇ ୬ ଜଣ ଗାଇଡ୍ ସୋମବାର ରାତିରେ ରାୟଗଡ଼ାରେ ପହଞ୍ଚିଥିଲେ। ପୌର ପରିଷଦ ଅଧୀନ ଅଶୋକ କଲ୍ୟାଣ ମଣ୍ଡପଠାରେ ସେମାନେ ରାତ୍ରିଯାପନ କରିଥିଲେ। ସୋମବାର ରାତିରେ ଭୋଜନ କରିବା ପରେ କୌଣସି କାରଣରୁ ତଳକୁ ଓହ୍ଲାଇବା ସମୟରେ ଶିଡ଼ିରୁ ଖସିପଡ଼ିଥିଲେ।

# ଆଜିଠୁ କମିବ ଶୀତ

## ୨୨ରୁ ହାଲୁକା ବର୍ଷା

**ଭୁବନେଶ୍ୱର,୧୯।୧୨ (ଅନିଲ ଦାସ)**

ରାଜ୍ୟରେ ଜାରି ରହିଥିବା ଶୀତ ବୁଧବାରଠାରୁ ଧୀରେ ଧୀରେ କମିବ । ପାରଦ ଉପରମୁହାଁ ହେବ। ସର୍ବନିମ୍ନ ତାପମାତ୍ରାରେ ୩ରୁ ୪ ଡିଗ୍ରୀ ବୃଦ୍ଧିପାଇବ। ଉତ୍ତର-ଉତ୍ତର-ପଶ୍ଚିମ ଦିଗରୁ ରାଜ୍ୟକୁ ପ୍ରବାହିତ ହେଉଥିବା ବାୟୁର ଦିଗ ପରିବର୍ତ୍ତନ ହୋଇ ଦକ୍ଷିଣ-ପଶ୍ଚିମ ଦିଗରୁ ବହିବ। ଏହାଛଡ଼ା ପଶ୍ଚିମା ଝଡ଼ର ପ୍ରଭାବ ଯୋଗୁ ରାଜ୍ୟରେ ଆସନ୍ତା ୨୨ରୁ ୨୪ ତାରିଖ ମଧ୍ୟରେ ଆଭ୍ୟନ୍ତରୀଣ ଏବଂ ଉପକୂଳ ଓଡ଼ିଶାର କେତେକ ଜିଲାରେ ହାଲୁକା ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୩୧ ତାରିଖ ଯାଏ ଶୀତର ପ୍ରକୋପ ବଢ଼ିବ ନାହିଁ । ଗତ କିଛିଦିନ ହେବ ରାଜ୍ୟରେ ଶୀତ ବୃଦ୍ଧି ପାଇଛି। ଅଧିକାଂଶ ସ୍ଥାନରେ ରାତ୍ରିର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଯାଇଛି। ମଙ୍ଗଳବାର ରାଜ୍ୟର ସର୍ବନିମ୍ନ ତାପମାତ୍ରା ଫୁଲବାଣୀଠାରେ ୮.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି କେନ୍ଦୁଝରରେ ସର୍ବନିମ୍ନ ତାପମାତ୍ରା ୮.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ କୋରାପୁଟ ୮.୭, ସୁନ୍ଦରଗଡ଼ ୯, ଦାରିଙ୍ଗବାଡି ୯.୫, ଝାରସୁଗୁଡ଼ା ୯.୨, ଅନୁଗୋଳ ୯.୬, ରାଉରକେଲା ୯.୬, ସୋନପୁର ୧୦.୫, ଭବାନୀପାଟଣା ୧୧, ବଲାଙ୍ଗୀର ୧୧.୨, ବୌଦ୍ଧ ୧୧.୩, ବାରିପଦା ୧୧.୫, ନବରଙ୍ଗପୁର ୧୨, କଟକ ୧୩.୫ ଏବଂ ଭୁବନେଶ୍ୱରରେ ୧୩.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।






# 'ଏଭଳି ସାହସିକତା ପରିହାର କର'

## ଭିଜିଲାନ୍ସ କୋର୍ଟଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା

**ଭୁବନେଶ୍ୱର,୧୯।୧୨(ବ୍ୟୁରୋ)**

ହାଇକୋର୍ଟଙ୍କ ଆଗୁଆ ଜାମିନ ପ୍ରଦାନ ସତ୍ତ୍ୱେ ତଳ କୋର୍ଟ ଏହାକୁ ଗ୍ରହଣ ନ କରି ଅଭିଯୁକ୍ତ ଆବେଦନକାରୀଙ୍କୁ ପୋଲିସ ରିମାଣ୍ଡରେ ପଠାଇବା ଘଟଣାରେ ଉଚ୍ଚ ଅଦାଲତ କ୍ଷୁବ୍ଧ ହୋଇଛନ୍ତି। ତଳ କୋର୍ଟ ଏଭଳି ସାହସିକତା ପରିହାର କରିବାକୁ ହାଇକୋର୍ଟ କହିଛନ୍ତି। ଏଥିସହ ବିଚାରବିଭାଗୀୟ ହାଜତରେ ଥିବା ଜଣେ ଅଭିଯୁକ୍ତଙ୍କୁ ଦ୍ୱିତୀୟ ଥର ପାଇଁ ପୋଲିସ ରିମାଣ୍ଡରେ ପଠାଯାଇପାରିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

ପ୍ରକାଶ ଯେ, ଏକ ଦୁର୍ନୀତି ମାମଲାରେ ସମ୍ପୃକ୍ତ ୨ଜଣ ଅଭିଯୁକ୍ତ ଆବେଦନକାରୀଙ୍କୁ ହାଇକୋର୍ଟ ଆଗୁଆ ଜାମିନ ପ୍ରଦାନ କରିଥିଲେ। ହେଲେ ଉକ୍ତ ଆଦେଶକୁ ଅଣଦେଖା କରି ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବା ପରିବର୍ତ୍ତେ ପୋଲିସ ରିମାଣ୍ଡରେ ଛାଡ଼ିଥିଲେ। ତଳ କୋର୍ଟଙ୍କ ଏଭଳି ଆଚରଣକୁ ହାଇକୋର୍ଟ ନିନ୍ଦା

**ଉଚ୍ଚ ଅଦାଲତଙ୍କ ଜାମିନ ସତ୍ତ୍ୱେ ତଳ କୋର୍ଟଙ୍କ ଖାରଜ ମାମଲା**

କରିବା ସହ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କୁ ସମନ ଜାରି କରିଛନ୍ତି। ଏପରି କି ଉକ୍ତ ଅଭିଯୁକ୍ତଦ୍ୱୟଙ୍କୁ ତୁରନ୍ତ ବିଚାରବିଭାଗୀୟ ହେପାଜତକୁ ଆଣିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉଚ୍ଚ ଅଦାଲତ ଥରେ ଗୋଟିଏ ରାୟ ପ୍ରକାଶ କରିଥିବା ପରେ ତଳ କୋର୍ଟ ଅଭିଯୋଗର ସତ୍ୟତା ଉପରେ ପୁନଃ ଯାଞ୍ଚ କରିବାର ଆଉ ଆବଶ୍ୟକ ନାହିଁ। ନିୟମତଃ ଜଣେ ବ୍ୟକ୍ତି ଗିରଫ ହୋଇ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର ହେବା ପରେ ପରେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ସ୍ୱାଧୀନତା ବିଚାର ବିଭାଗ ହାତକୁ ଚାଲିଯାଇଥାଏ। ତେଣୁ ସେଥିରୁ ମୁକ୍ତ ହେବା ପାଇଁ ଜଣେ ବ୍ୟକ୍ତି ଜାମିନ ଆବେଦନ କରିବା ସହ ପୋଲିସ କିମ୍ବା ଜେଲ ହାଜତକୁ ଯିବା ପାଇଁ ବିରୋଧ କରିଥାନ୍ତି ବୋଲି ଉଚ୍ଚ ଅଦାଲତ କହିଛନ୍ତି।

ପ୍ରକାଶ ଯେ, ଏହି ମାମଲାର ଆବେଦନକାରୀଦ୍ୱୟ ବିଭାଗୀୟ ନିମ୍ନପଦସ୍ଥ ଅଧିକାରୀଙ୍କ ସହ ମିଶି ଷଡ଼ଯନ୍ତ୍ର ରଚିବା ସହିତ ସରକାରଙ୍କ ରାଜକୋଷର ୨୩,୬୩,୯୪୦ ଟଙ୍କା କ୍ଷତି କରିଥିଲେ। ତେଣୁ ସେମାନଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ଗିରଫ ଭୟରେ ଆବେଦନକାରୀ ଆଗୁଆ ଜାମିନ ହାଇକୋର୍ଟରେ ଆବେଦନ କରିଥିଲେ। ମାମଲା ତଦନ୍ତ ଶେଷ ସହ ଚାର୍ଜଶିଟ ଦାଖଲ ହୋଇସାରିଥିବାରୁ ଉଚ୍ଚ ଅଦାଲତ ନିର୍ଦ୍ଦିଷ୍ଟ କେତେକ ସର୍ତ୍ତ ମାଧ୍ୟମରେ ଉଭୟଙ୍କୁ ଆଗୁଆ ଜାମିନ ପ୍ରଦାନ କରିଥିଲେ। ଏପରି କି ସର୍ତ୍ତ ଉଲ୍ଲଂଘନ କଲେ ଜାମିନ ଖାରଜ ହୋଇଯିବ ବୋଲି କୋର୍ଟ ଉଲ୍ଲେଖ କରିଥିଲେ। ପରେ ତଳ କୋର୍ଟଙ୍କଠାରୁ ସମନ ପାଇବା ପରେ ଆବେଦନକାରୀ ହାଜର ହୋଇ ଜାମିନ ଆବେଦନ କରିଥିଲେ, ହେଲେ ଉକ୍ତ କୋର୍ଟ ସେମାନଙ୍କୁ ଜାମିନ ପ୍ରଦାନ ନ କରି ଉଭୟଙ୍କୁ ପୋଲିସ ରିମାଣ୍ଡରେ ପଠାଇଥିଲେ।

# ଆଜି ନିଯୁକ୍ତି ପାଇବେ ୪,୧୬୬ ଶିକ୍ଷକ

**ଭୁବନେଶ୍ୱର, ୧୯।୧୨ (ଅସମାପିକା ସାହୁ)**

ରାଜ୍ୟ ସରକାର ବୁଧବାର ୪,୧୬୬ ଶିକ୍ଷକଙ୍କୁ ନିଯୁକ୍ତି ଦେବେ। ୩୦ ଜିଲାର ୩,୭୧୪ ଟିଜିଟି(ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ) ଏବଂ ୪୫୨ ପିଇଟି(ଶାରୀରିକ ଶିକ୍ଷା ଶିକ୍ଷକ)ଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଯୁକ୍ତିପତ୍ର ପ୍ରଦାନ କରିବେ। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ପ୍ରଶିକ୍ଷଣ ଶିବିରକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରି ନବନିଯୁକ୍ତ ମାଧ୍ୟମିକ ଶିକ୍ଷକଙ୍କୁ ଭବିଷ୍ୟତରେ ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ମାର୍ଗଦର୍ଶନ କରାଇବେ। ଏହି ଶିବିରରେ ନିଯୁକ୍ତି ପାଇବାକୁ ଥିବା ସମସ୍ତ ଶିକ୍ଷକ ଯୋଗଦେବାର ଆୟୋଜନ କରାଯାଇଛି ବୋଲି ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ରାଜ୍ୟ ସରକାର ସମସ୍ତ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷାଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ଥିବାବେଳେ ପର୍ଯ୍ୟାୟକ୍ରମେ ଉଚ୍ଚ ବିଦ୍ୟାଳୟଗୁଡ଼ିକର ରୂପାନ୍ତରୀକରଣ କରାଯାଉଛି। ବର୍ତ୍ତମାନ ଶିକ୍ଷାଦାନ ଶୈଳୀରେ ପରିବର୍ତ୍ତନ ସହ ଶିକ୍ଷକ ନିଯୁକ୍ତି ଉପରେ ସରକାରଙ୍କ ପ୍ରାଥମିକତା ରହିଛି। କ୍ରୀଡ଼ା ଭିତ୍ତିଭୂମିର ଉନ୍ନତୀକରଣ ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି ଉପରେ ମଧ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଶାରୀରିକ ଶିକ୍ଷା ଶିକ୍ଷକଙ୍କ ନିଯୁକ୍ତି ଦ୍ୱାରା ଛାତ୍ରୀଛାତ୍ର ସ୍ୱାସ୍ଥ୍ୟ ସଚେତନ ହେବା ସହ ସେମାନଙ୍କ ମଧ୍ୟରେ କ୍ରୀଡ଼ା ଦକ୍ଷତା ବୃଦ୍ଧି ପାଇବ। ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପକ୍ଷରୁ ସିବିଟି ମାଧ୍ୟମରେ ପରୀକ୍ଷା କରାଯାଇ ଶିକ୍ଷକମାନଙ୍କୁ ଚୟନ କରାଯାଇଥିଲା। ନିଯୁକ୍ତିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ପ୍ରଶାସନିକ ଢାଞ୍ଚା, ନିୟମାବଳୀ, ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ସମଗ୍ର ଶିକ୍ଷା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଦିଗ୍‌ଦର୍ଶନ ଦିଆଯିବ। ରାଜ୍ୟ ସରକାର ହାତକୁ ନେଇଥିବା ଗୁଣାତ୍ମକ ଶିକ୍ଷାଦାନ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ପର୍କରେ ସୂଚନା ଦିଆଯିବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




# ସ୍ମାର୍ଟସିଟିରେ ୨୫ ଆଇକନିକ ଟ୍ରାଫିକ୍ ପୋଷ୍ଟ

## ମାସ ଶେଷସୁଦ୍ଧା ସରିବ ସ୍ଥାପନ କାମ

ଭୁବନେଶ୍ୱର, ୧୯।୧୨(ଅନୁରାଧା ମହାରଣା)

ସ୍ମାର୍ଟସିଟି ଭୁବନେଶ୍ୱରର ଟ୍ରାଫିକ୍ ପୋଷ୍ଟଗୁଡ଼ିକର ରୂପ ବଦଳିବ। ଆହୁରି ସ୍ମାର୍ଟ ହେବ ଟ୍ରାଫିକ ପରିଚାଳନା। ସହରର ୨୫ ଛକରେ ଆଇକନିକ୍ ଟ୍ରାଫିକ୍ ପୋଷ୍ଟ ବା ସ୍ମାର୍ଟ ଟ୍ରାଫିକ୍ ପୋଷ୍ଟ ସ୍ଥାପନ ହେବ। ସୂର୍ଯ୍ୟାଲୋକକୁ ଉପଯୋଗ କରି ଟ୍ରାଫିକ ପୋଷ୍ଟରେ ଲାଇଟ୍ ଜଳିବ, ପଙ୍ଖା ବି ଚାଲିବ। ଟ୍ରାଫିକ କର୍ମଚାରୀ ଯେପରି ବର୍ଷାରେ ଓଦା ନ ହୁଅନ୍ତି ସେଥିପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ସହରରେ ଟ୍ରାଫିକ ପରିଚାଳନାକୁ ସୁବ୍ୟବସ୍ଥିତ କରିବା ପାଇଁ କମିଶନରେଟ୍ ପୋଲିସ୍ ଓ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍( ବିଏସ୍‌ସିଏଲ୍) ପକ୍ଷରୁ ନୂଆ ଜ୍ଞାନକୌଶଳର ବ୍ୟବହାର କରି ଏହି ସ୍ମାର୍ଟ ଟ୍ରାଫିକ ପୋଷ୍ଟଗୁଡ଼ିକର ବ୍ୟବସ୍ଥା କରାଯାଉଛି। କମିଶନରେଟ୍ ପୋଲିସର ଆବଶ୍ୟକତା ଓ ପରାମର୍ଶରେ ଟ୍ରାଫିକ୍ ପୋଷ୍ଟକୁ ନୂଆ ରୂପ ଦିଆଯାଉଛି। ୩.୬ କୋଟି ଟଙ୍କା ବ୍ୟୟରେ ବିଏସ୍‌ସିଏଲ ପକ୍ଷରୁ ଏଜେନ୍ସି ମାଧ୍ୟମରେ ଏହି ସ୍ମାର୍ଟ ଟ୍ରାଫିକ ପୋଷ୍ଟ ସ୍ଥାପନ କରାଯାଉଛି। ଆସନ୍ତା ୫ବର୍ଷ ଯାଏ ମରାମତି ଦାୟିତ୍ୱ ଏଜେନ୍ସି ଉପରେ ନ୍ୟସ୍ତ ରହିବ। ଡିସେମ୍ବର ଶେଷ ସୁଦ୍ଧା ଏହି କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି।

ବାହାରୁ ଆସୁଥିବା ଲୋକଙ୍କ ସୁବିଧା ପାଇଁ ଟ୍ରାଫିକ୍ ପୋଷ୍ଟ ଚାରିପାର୍ଶ୍ୱରେ ସୁଦୃଶ୍ୟ ଅକ୍ଷରରେ ଛକର ନାମ ଲେଖାଯିବ। ରାତିରେ ଏହି ଅକ୍ଷରଗୁଡ଼ିକ ଆଲୋକିତ ହୋଇଉଠିବ। ଏପରି ବ୍ୟବସ୍ଥା ସହରରେ ପ୍ରଥମଥର ହେବାକୁ ଯାଉଛି। ଏହି ପୋଷ୍ଟଗୁଡ଼ିକରେ ବିଏଲ୍‌ଡିସି ଫ୍ୟାନ, ସଫ୍ଟ ଗ୍ଲୋ ଲାଇଟ୍, ମୋବାଇଲ ଚାର୍ଜିଂ ପଏଣ୍ଟ ଆଦି ରହିବ। ତେବେ ଏହି ସମସ୍ତ ଉପକରଣ ସୌରଚାଳିତ ରହିବ। ଏଥିପାଇଁ ସୋଲାର୍ ପାୱାର ସିଷ୍ଟମ ଖଞ୍ଜାଯିବ। ଏହି ସୋଲାର ପାୱାର ସିଷ୍ଟମରେ ବ୍ୟାଟେରି, ହାଇବ୍ରିଡ୍ ଚାର୍ଜର ଆଦି ରହିବ, ଯାହାକି ୫୬ ଘଣ୍ଟା ପାଇଁ ଶକ୍ତି ଯୋଗାଇବାକୁ ସକ୍ଷମ ହେବ। ତେବେ ଏହି ଟ୍ରାଫିକ୍ ପୋଷ୍ଟରେ ଆଉ ଏକ ବିଶେଷତା ହେଲା, ଏଥିରେ କୌଣସି ଜରୁରୀ ଘୋଷଣା ପାଇଁ ଲାଉଡ୍ ସ୍ପିକର ତଥା ମାଇକ୍ ସୁବିଧା ରହିବ। ଅନ୍ୟପଟେ ଏଠାରେ ଏକ ଜରୁରିକାଳୀନ କଲ୍ ବଟନ ରହିବ। କୌଣସି ଦୁର୍ଘଟଣା ଘଟିଲେ କିମ୍ବା ଦୁର୍ଘଟଣା ଘଟାଇ କୌଣସି ଯାନ ଖସିଯିବାକୁ ଚେଷ୍ଟା କରୁଥିଲେ ଏହି କଲ୍ ବଟନ କାମରେ ଆସିବ। କୌଣସି ଜରୁରିକାଳୀନ ପରିସ୍ଥିତିରେ ବଟନ ପ୍ରେସ୍ କଲେ ସାଇରନ୍ ବାଜିବ। ଟ୍ରାଫିକ ନିୟମ ଅବମାନନା କଲେ କିମ୍ବା କୌଣସି ଗୋଟିଏ ପାର୍ଶ୍ୱରୁ ଗାଡି ଅଟକାଇବାକୁ ପଡୁଥିଲେ ଟ୍ରାଫିକ୍ ପୋଲିସ୍ କର୍ମଚାରୀ ଏହି ବଟନ ପ୍ରେସ୍ କରି ଲୋକଙ୍କୁ ଅବଗତ କରିପାରିବେ। ଟ୍ରାଫିକ କର୍ମଚାରୀଙ୍କ ଅନୁପସ୍ଥିତିରେ ସାଧାରଣ ଲୋକ ମଧ୍ୟ ଏହି ଟ୍ରାଫିକ ବଟନ୍ ବ୍ୟବହାର କରି ଜନସାଧାରଣଙ୍କୁ ଦୁର୍ଘଟଣା ଆଦି ସମ୍ପର୍କରେ ସୂଚନା ଦେଇପାରିବେ। ଷ୍ଟାଣ୍ଡିଂ ଫ୍ଲୋର୍ ଏବଂ ରେଲିଂରେ ଅର୍ଦ୍ଧସ୍ୱଚ୍ଛ ଓ ସ୍ୱଚ୍ଛ ପିଭିସି ବ୍ୟବହାର କରାଯିବ। ଏହାଦ୍ୱାରା ରାସ୍ତା ଭଲଭାବେ ଦୃଶ୍ୟମାନ ହେବା ସହ ଭିତରକୁ ବର୍ଷାଜଳ ଯିବ ନାହିଁ କିମ୍ବା ଅଧିକ ଗରମ ଅନୁଭୂତ ହେବ ନାହିଁ। ତେବେ ଏଠାରେ ଲାଗିବାକୁ ଥିବା ବିଏଲ୍‌ଡିସି ଟ୍ରାଫିକ ସିଲିଂ ଫ୍ୟାନକୁଡିକ ମାନୁଆଲ ହୋଇଥିବାବେଳେ ଲାଇଟ୍‌ଗୁଡ଼ିକ ସ୍ୱୟଂଚାଳିତ ରହିବ। ଏଥିରେ ଟାଇମର ବନ୍ଦୋବସ୍ତ କରାଯାଇଥିବାରୁ ସନ୍ଧ୍ୟା ହେବା ମାତ୍ରେ ଏହା ଆପେ ଜଳିବାକୁ ଲାଗିବ। ତେବେ ଆବଶ୍ୟକସ୍ଥଳେ କର୍ମଚାରୀ ନିଜେ ଏହାକୁ ଲଗାଇପାରିବେ ବା ବନ୍ଦ କରିପାରିବେ। ଏହି ଟ୍ରାଫିକ ପୋଷ୍ଟଗୁଡ଼ିକୁ ଆକର୍ଷଣୀୟ କରିବା ପାଇଁ ସଫ୍ଟ ଗ୍ଲୋ ଲାଇଟ୍ ଲଗାଯିବ। ଏକାମ୍ର ଛକ, ଶିଶୁ ଭବନ ଛକ, ରାଜମହଲ ଛକ, ମାଷ୍ଟରକ୍ୟାଣ୍ଟିନ୍ ଛକ, ଶ୍ରୀୟା ଛକ, ରାମମନ୍ଦିର ଛକ, ସତ୍ୟନଗର ଛକ, ଆଇଡିବିଆଇ ଛକ, ରୂପାଲି ଛକ, ବାଣୀବିହାର ଛକ, ହାଉସିଂ ବୋର୍ଡ ଛକ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଛକ, ନିକୋପାର୍କ ଛକ, ଓଡିଏମ୍ ଛକ, ପାୱାର ହାଉସ ଛକ, ଆଚାର୍ଯ୍ୟ ବିହାର ଛକ, କଳ୍ପନା ଛକ, ରବି ଟକିଜ୍ ଛକ, ନନ୍ଦନକାନନ ଛକ, କଳାରାହାଙ୍ଗା ଛକ, କିଟ୍ ଛକ, ପଟିଆ ଛକ, ଡମଣା ଛକ, ନାଲ୍‌କୋ ଛକ ଓ ଜାଭିୟର ଛକ ଭଳି ଜନଗହଳିପୂର୍ଣ୍ଣ ଛକରେ ଏହି ଆଇକନିକ ଟ୍ରାଫିକ୍ ପୋଷ୍ଟ ରହିବ ବୋଲି ବିଏସ୍‌ସିଏଲ୍ ପକ୍ଷରୁ ସୂଚନା ଦିଆଯାଇଛି।



ଆଇକନିକ ଟ୍ରାଫିକ୍ ପୋଷ୍ଟର ଡିଜାଇନ୍।

## ସଂକ୍ଷେପରେ

### ପାନ ମସଲା କମ୍ପାନୀକୁ ୫ ଲକ୍ଷ ଟଙ୍କା ଜରିମାନା

#### ୫୦ହଜାର ଲେଖାଏ ଗଣିଲେ ୩ ସଂସ୍ଥା

ଭୁବନେଶ୍ୱର, ୧୯।୧୨ (ବନ୍ଦନା ସେଠୀ)

ରାସ୍ତାରେ ବିଜ୍ଞାପନ ହୋର୍ଡିଂ ମାରି ୫ଲକ୍ଷ ଟଙ୍କାର ତଣ୍ଡ ଗଣିଛି ବିମଳ ପାନ ମସଲା କମ୍ପାନୀ। ବିଏମ୍‌ସି ଅଞ୍ଚଳରେ ବିନା ଅନୁମତିରେ କୌଣସି ପୋଷ୍ଟର, ବ୍ୟାନର, ହୋର୍ଡିଂ ଆଦି ଲଗାଇବା ବେଆଇନ ହୋଇଥିବା ନେଇ ସମ୍ପୃକ୍ତ କମ୍ପାନୀ ଜାଣି ମଧ୍ୟ ସର୍ବସାଧାରଣ ରାସ୍ତା ଉପରେ ବିଜ୍ଞାପନ ତୋରଣ ଲଗାଇଥିବାରୁ ଏହି ଜରିମାନା କରାଯାଇଥିବା ସୂଚନା ଦିଆଯାଇଛି। କମ୍ପାନୀର ଭୁବନେଶ୍ୱର କାର୍ଯ୍ୟାଳୟ ଜୟଦେବ ବିହାର ହୋଇଥିବାବେଳେ ସେ ବିନା ଅନୁମତିରେ ଶହୀଦନଗର ଅଞ୍ଚଳର ଏକ ରାସ୍ତା ଉପରେ ବିଜ୍ଞାପନ ତୋରଣ ଲଗାଇଥିଲା। ବିଏମ୍‌ସି ସ୍କ୍ୱାଡ୍‌ଙ୍କ ନଜରକୁ ଆସିବା ପରେ ଏନେଇ ପଚରାଉଚରା କରାଯାଇଥିଲା। ସମ୍ପୃକ୍ତ କମ୍ପାନୀ ଗତ ୧୧ ତାରିଖରୁ ବିଜ୍ଞାପନ ତୋରଣ ଲଗାଇଥିବା ଜଣାପଡ଼ିବା ପରେ ତଥ୍ୟ ପ୍ରମାଣ ସହ ବିଏମ୍‌ସି ସ୍କ୍ୱାଡ୍ ସମ୍ପୃକ୍ତ କମ୍ପାନୀ ଉପରେ ୫ ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ କରିବା ସହ କମ୍ପାନୀ ନାମରେ ଥାନାରେ ଏତଲା ଦିଆଯାଇଛି। ସେହିପରି ୟୁନିଟ-୩ ଖାରବେଳ ନଗରସ୍ଥିତ ଜେନେକ୍ସ ଫର୍ଟିଲିଟି କେୟାର, ଝାରପଡାସ୍ଥିତ ଅନ୍ନପୂର୍ଣ୍ଣା ଟେଣ୍ଟ ହାଉସ ଓ ଶହୀଦନଗର ଜୟଦେବ ଏକାଡେମୀ ସେମାନଙ୍କର ପ୍ରଚାର ପ୍ରସାର ପାଇଁ ପୋଷ୍ଟର, ବ୍ୟାନର ଓ ହୋଡିଂ ଇତ୍ୟାଦି ମାରିଥିବାରୁ ପ୍ରତ୍ୟେକଙ୍କୁ ୫୦ହଜାର ଟଙ୍କା ଲେଖାଏ ଜରିମାନା ଧାର୍ଯ୍ୟ କରାଯାଇଛି। ୱାର୍ଡ ନଂ. ୫୦ର ଜଣେ ଦୋକାନୀଙ୍କୁ ୫ ମିଟର ପରିଧି ସଫା ନ ରଖିବା କାରଣରୁ ୧୦ ହଜାର ଟଙ୍କା ଜରିମାନା ହୋଇଛି।

### ଭାସ୍କର୍ଯ୍ୟ ଶିଳ୍ପୀ ଚନ୍ଦନ ସାମଲଙ୍କୁ ଜାତୀୟ ପୁରସ୍କାର

ପୁରୁଣା ଭୁବନେଶ୍ୱର, ୧୯।୧୨
(ସୁବାସ ଚନ୍ଦ୍ର ପ୍ରଧାନ)

ଭାସ୍କର୍ଯ୍ୟ ଶିଳ୍ପୀ ଚନ୍ଦନ କୁମାର ସାମଲ ଅଲ୍ ଇଣ୍ଡିଆ ଫାଇନ ଆର୍ଟ ଆଣ୍ଡ କ୍ରାଫ୍ଟ ସୋସାଇଟିର ବାର୍ଷିକ କଳା ପ୍ରଦର୍ଶନୀ ପ୍ରତିଯୋଗିତାରେ ଜାତୀୟ ପୁରସ୍କାର ପାଇଛନ୍ତି। ନୂଆଦିଲ୍ଲୀଠାରେ ଏଆଇଏଫଏସିଏସ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ରାଷ୍ଟ୍ରୀୟ ଲଳିତ କଳା ଏକାଡେମୀର ଚେୟାରମ୍ୟାନ ପ୍ରଫେସର ଭି. ନାଗଦାସ, ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ରାମଭୀର ସୁତାର ଓ ଅନୁଷ୍ଠାନର ଚେୟାରମ୍ୟାନ ବିମାନ ବି.ଦାସ ଯୋଗଦେଇ କୃତୀ କଳାକାରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଭାସ୍କର୍ଯ୍ୟ କଳାରେ ଓଡ଼ିଶାରୁ ଚନ୍ଦନ ସାମଲଙ୍କୁ ସ୍ୱର୍ଣ୍ଣପଦକ, ମାନପତ୍ର ଓ ମାନଦେୟ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସାମଲଙ୍କ ଭାସ୍କର୍ଯ୍ୟ, ମାର୍ବଲ ପ୍ରସ୍ତରରେ ଏକ ନିଆରା ସୃଜନଭାବେ ଦୃଶ୍ୟମାନ ହୋଇଥିଲା। ଅତିଥି ଓ ଅନ୍ୟ କଳାକାରମାନେ ପ୍ରଶଂସା କରିବା ସହ ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ୩ ଜାନୁୟାରୀ ପର୍ଯ୍ୟନ୍ତ ଚାଲିବ ବୋଲି ଏଆଇଏଫଏସିଏସର ସମ୍ପାଦକ ଜଣାଇଛନ୍ତି।

## ଆରମ୍ଭ ହେଲା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ବାରଙ୍ଗ, ୧୯।୧୨(ଲିଙ୍ଗରାଜ ରାଉତ)

ମେଣ୍ଢାଶାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁରୀ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟ ଆଲୁମ୍ନି କମିଟି ଅଧ୍ୟକ୍ଷ ସନ୍ତୋଷ ରାୟ, ଭରତ ଚନ୍ଦ୍ର ରାଉତରାୟ, ସୁରେନ୍ଦ୍ରନାଥ ସାମନ୍ତରାୟ, ପଦ୍ମଚରଣ ବଡ଼ଜେନା, ରମେଶଚନ୍ଦ୍ର ବେହେରା, ବିଦ୍ୟାଳୟ କମିଟି ସଭାପତି ରମାକାନ୍ତ ମହାପାତ୍ର, ପରିଚାଳନା କମିଟି ଅଧ୍ୟକ୍ଷା ସସ୍ମିତା ବାହିନୀପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଏହାପରେ ବାର୍ଷିକ କ୍ରୀଡ଼ା ଆରମ୍ଭ ହୋଇଥିଲା। ବିଦ୍ୟାଳୟର ୫୪୪ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଶିକ୍ଷାଦାନ ସହ କ୍ରୀଡ଼ାର ଆବଶ୍ୟକତା ବାବଦରେ ବୁଝାଇଥିଲେ। ଏହି ଅବସରରେ ଏକ ନୂତନ ପ୍ରବେଶ ପଥକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଦୁଇଦିନ ଧରି ଚାଲିବାକୁ ଥିବା ଏହି ବାର୍ଷିକ କ୍ରୀଡ଼ାକୁ କ୍ରୀଡ଼ା ଶିକ୍ଷକ ବିଶ୍ୱାମିତ୍ର ଷଡ଼ଙ୍ଗୀ ଓ ଅନ୍ୟ ଶିକ୍ଷକମାନେ ପରିଚାଳନା କରିଥିଲେ।

# ଗଙ୍ଗୁଆ ବ୍ରିଜ୍-କପିଳେଶ୍ୱର ମନ୍ଦିର ରାସ୍ତା ନିର୍ମାଣ ଦାବିରେ ବିକ୍ଷୋଭ



ସାମନ୍ତରାପୁର ଛକଠାରେ ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ପୁରୁଣା ଭୁବନେଶ୍ୱର, ୧୯।୧୨
(ସୁବାସ ଚନ୍ଦ୍ର ପ୍ରଧାନ)

ଗଙ୍ଗୁଆ ବ୍ରିଜଠାରୁ କପିଳେଶ୍ୱର ମନ୍ଦିର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଦାବିରେ ମଙ୍ଗଳବାର ସାମନ୍ତରାପୁର ଛକଠାରେ ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ସଭାପତି ବିଶ୍ୱଜିତ୍ ଦାଶଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ନାରାବାଜି ଦେଇଥିଲେ। ସୂଚନାଥାଉ କି, ଏହି ରାସ୍ତା ପାଇଁ ୨୦୧୦ ମସିହାରେ ବିଭାଗ ପକ୍ଷରୁ ୧୩ କୋଟି ୮୭ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ତେବେ ମଞ୍ଜୁର ଟଙ୍କା କେଉଁଆଡେ ଗଲା ଏ ସମସ୍ତ ପ୍ରଶ୍ନର ଉତ୍ତର ପ୍ରଶ୍ନବାଚୀ ହୋଇ ରହିଯାଇଛି। ତୁରନ୍ତ ଏ ଦିଗରେ ସରକାର ପଦକ୍ଷେପ ନେଇ ରାସ୍ତା ନିର୍ମାଣ କରନ୍ତୁ। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରହେବ ବୋଲି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି। ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥକୁ ପ୍ରାୟ ଦେଢ଼ ଘଣ୍ଟା ବିକ୍ଷୋଭକାରୀ ଅବରୋଧ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, କିଶୋର ଜେନା, ସୁବ୍ରତ ମହାପାତ୍ର, ମନୋରଞ୍ଜନ ଦାସ, ପ୍ରଶାନ୍ତ ଚମ୍ପତି, ନାରୀ ନେତ୍ରୀ ରଶ୍ମି ମହାପାତ୍ର, ଜୟକୃଷ୍ଣ ମଲିଆ, ଜୟଶ୍ରୀ ପାତ୍ର ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

## ପୋଲିସ ପରିଚୟ ଦେଇ ନେଇଗଲେ ସୁନାଚେନ୍, ଦେଲେ ନକଲି

### ରାଜଧାନୀରେ ବୃଦ୍ଧାଙ୍କୁ ଠକେଇ

ଭୁବନେଶ୍ୱର, ୧୯।୧୨ (ସତ୍ୟଜିତ୍ ରାଉତ)

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏକ ନୂଆ ଧରଣର ଠକେଇ ହୋଇଛି। ୪ ଜଣ ଦୁର୍ବୃତ୍ତ ପୋଲିସ ପରିଚୟ ଦେଇ ଜଣେ ମହିଳାଙ୍କଠୁ ସୁନାଚେନ୍ ନେଇଯାଇଛନ୍ତି। ଏପରିକି ବୃଦ୍ଧାଙ୍କୁ ଅଭିଯୁକ୍ତମାନେ ଏକ ନକଲି ଚେନ୍ ଧରାଇ ସେଠାରୁ ଛୁ ମାରିଛନ୍ତି। ଠକେଇର ଶିକାର ହୋଇଛନ୍ତି ଶୈଳଶ୍ରୀବିହାର ରଙ୍ଗେଶ୍ୱରନଗର ନଗର ଅଞ୍ଚଳର ବବିତା ଆଚାର୍ଯ୍ୟ (୬୪)। ସୋମବାର ଏହି ଘଟଣା ଘଟିଛି। ବବିତା ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ ତାଙ୍କ ଏତଲାକୁ ଭିତ୍ତିକରି ଏକ ଠକେଇ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟା ୪୫ରେ ବବିତା ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍‌ରୁ ଏକ ଅଟୋ ଯୋଗେ ନାତିଙ୍କୁ ଘରକୁ ଆଣୁଥିଲେ। ଥାନା ନିକଟରୁ ମାତ୍ର ୧୫୦ ମିଟର ଦୂର ହୋଟେଲ୍ କ୍ରିଷ୍ଟାଲ୍ କ୍ରାଉନ୍ ନିକଟ ଗଳି ରାସ୍ତା ପାଖରେ ୪ଜଣ ଦୁର୍ବୃତ୍ତ ଉକ୍ତ ଅଟୋକୁ ଅଟକାଇଥିଲେ। ଯୁବକମାନେ ନିଜକୁ ପୋଲିସ ଅଫିସର ପରିଚୟ ଦେଇ ବବିତାଙ୍କୁ ଫସାଇଥିଲେ। ଅଟୋ ଡ୍ରାଇଭରକୁ ଲାଇସେନ୍ସ ଆଦି ମାଗି ଭୟ ଦେଖାଇଥିଲେ। ସେଠାରୁ କିଛି ବାଟ ଦୂରରେ ଗଣ୍ଡଗୋଳ ହେଉଛି, ସେମାନଙ୍କୁ ସୁନା ଅଳଙ୍କାର ଦେଇଦେବାକୁ ଯୁବକମାନେ ବବିତାଙ୍କୁ କହିଥିଲେ। ବବିତା ଭୟରେ ସେମାନଙ୍କୁ ସୁନା ଚେନ୍ ସହ ସେଥିରେ ଲାଗିଥିବା ସୁନା ଲକେଟ୍‌କୁ ମଧ୍ୟ ଦେଇ ଦେଇଥିଲେ। କିଛିସମୟ ପରେ ଯୁବକମାନେ ବବିତାଙ୍କୁ ନକଲି ଚେନ୍ ଧରାଇ ପଳାଇଯାଇଥିଲେ। ପରେ ବବିତା ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ଭୟରେ କିଛି ନ ବୁଝି ଯୁବକମାନଙ୍କୁ ସୁନାଚେନ୍ ଦେଇ ଭୁଲ କରିଥିବା ମଧ୍ୟ ବବିତା ଗଣମାଧ୍ୟମକୁ କହିଛନ୍ତି।

## ସାମ୍ପ୍ରତିକ ବିଶ୍ୱ ବ୍ୟବସ୍ଥା ଉପରେ ଆଲୋଚନାଚକ୍ର

ଭୁବନେଶ୍ୱର, ୧୯।୧୨(ଅସମାପିକା ସାହୁ)



ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ସାମ୍ପ୍ରତିକ ବିଶ୍ୱ ବ୍ୟବସ୍ଥା ଉପରେ ଜାତୀୟ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀ ଚରଣ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ପୂର୍ବତନ ରାଷ୍ଟ୍ରଦୂତ ଦେବରାଜ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ବର୍ତ୍ତମାନ ବିଶ୍ୱରେ ଯୁଦ୍ଧରୁ କିପରି ମାନବ ସମାଜ ମୁକ୍ତ ହେବ ସେ ବିଷୟରେ ଆଲୋଚନା କରିଥିଲେ। ସାମ୍ପ୍ରତିକ ବିଶ୍ୱରେ ଭାରତର ଭୂମିକା ବିଷୟରେ ସେ ବିଶଦ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ମାନସ ବେହେରା ଭିତ୍ତି ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଶତାଧିକ ଛାତ୍ରୀ ଉପସ୍ଥିତ ଥିବାବେଳେ ଆଇକ୍ୟୁଏଲ୍ ନିର୍ଦ୍ଦେଶିକା ଡ. ସସ୍ମିତା ମହାନ୍ତି, ଡ. ମଧୁସ୍ମିତା ପତି, ବିଭୁ ପତି, ଦିଲୀପ ବିଶି, ସୁଦାମ ସାହୁ, ସ୍ମରଣିକା ଧଳ, ଜିନା ମହାପାତ୍ର ପ୍ରମୁଖ ଆଲୋଚନା କରିଥିଲେ। ଡ. ବସନ୍ତ ବେହେରା ଅତିଥି ପରିଚୟ ଦେଇଥିବା ବେଳେ ଶୁଭଲକ୍ଷ୍ମୀ ସାହାଣୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ବିଡିଏ, ହାଉସିଂବୋର୍ଡ ଜମି ଫ୍ରି ହୋଲ୍ଡ ପାଇଁ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୧୯।୧୨ (ବନ୍ଦନା ସେଠୀ)

ବିଡିଏ ହାଉସିଂ ବୋର୍ଡ ଅଧୀନରେ ଥିବା ବାସୋପଯୋଗୀ ଜମିଗୁଡିକୁ ଫ୍ରି ହୋଲ୍ଡ କରିବାକୁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ବିଡିଏ ଓ ହାଉସିଂ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଅବଗତ କରାଯାଇଛି। ବିଡିଏ ଓ ହାଉସିଂ ବୋର୍ଡ ଦ୍ୱାରା ଗ୍ରାହକମାନଙ୍କୁ ଆଲଟ୍‌ମେଣ୍ଟ ହୋଇଥିବା ହାଉସିଂ ସ୍କିମ୍ କ୍ଷେତ୍ରରେ ଏହା କାର୍ଯ୍ୟକାରି ହେବ। ପ୍ରଥମ ପର୍ଯ୍ୟାୟରେ ବିଡିଏର ସୁବୁଦ୍ଧିପୁରସ୍ଥିତ ହାଉସିଂ ସ୍କିମ ଅଧୀନସ୍ଥ ଜମିଗୁଡିକୁ ଏହାର ଅନ୍ତର୍ଭୁକ୍ତ କରାଯାଇଛି। ସୁବୁଦ୍ଧିପୁରରେ ୨୬୨.୭୬୬ ଏକର ଜମି କ୍ଷେତ୍ରରେ ଏହା ଲାଗୁ ହେବାକୁ ଥିବାବେଳେ ସେଥିରୁ ୧୭୭.୪୭୫ ଏକର ନିର୍ମାଣାଧୀନ ରହିଛି। ସେହିପରି ହାଉସିଂବୋର୍ଡର ଚନ୍ଦ୍ରଶେଖରପୁରସ୍ଥିତ ପ୍ଲଟେଡ୍ ହାଉସିଂ ସ୍କିମ୍ କ୍ଷେତ୍ରରେ ଫ୍ରି ହୋଲ୍ଡ ନିୟମ କାର୍ଯ୍ୟକାରୀ ହେବ। ସେଠାରେ ୧୯.୯୦୦ ଏକର ପରିମିତ ପ୍ରକଳ୍ପ ଉପରେ ୧୪.୯୬୪ ଏକର ଜମିରେ ନିର୍ମାଣ ଚାଲିଛି। ଏହି ଦୁଇଟି ପ୍ରକଳ୍ପର ଜମି ଫ୍ରି ହୋଲ୍ଡ ପାଇଁ ସରକାର ଉଭୟ ବିଡିଏ ଓ ହାଉସିଂ ବୋର୍ଡକୁ ଅନୁମତି ଦେବା ସହ କନ୍‌ଭରଶନ୍ ଡିଡ୍ କରିବାକୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ଜାନୁୟାରୀ ସୁଦ୍ଧା ଏହି ଦୁଇ ପ୍ରକଳ୍ପରେ ଫ୍ରି ହୋଲ୍ଡ ପ୍ରକ୍ରିୟା ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## କାରଖାନା ପରିଚାଳନାରେ ସୁରକ୍ଷା ଜ୍ଞାନକୌଶଳକୁ ଗୁରୁତ୍ୱ

ଭୁବନେଶ୍ୱର, ୧୯।୧୨(ଅନୁରାଧା ମହାରଣା)

ଖୋର୍ଦ୍ଧା କଣ୍ଟାବାଡ଼ସ୍ଥିତ ଆଇଆଇଏମ୍‌ଟି ପରିସରରେ ଆଇପିଏମ୍ (ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନ) ଏବଂ ଭିଜନ ୱେଲବିଙ୍ଗ୍‌ର ମିଳିତ ସହଯୋଗରେ 'ଘଟଣା ଏବଂ ଦୁର୍ଘଟଣା ପରିଚାଳନାରେ ସୁରକ୍ଷା ଜ୍ଞାନ କୌଶଳର ଆବଶ୍ୟକତା' ଉପରେ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶା ବୈଷୟିକ ଏବଂ ଗବେଷଣା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଓ କାରାଖାନା ଏବଂ ବାଷ୍ପିତ ବିଭାଗର ଉପନିର୍ଦ୍ଦେଶକ ଡ. ମଳୟ କୁମାର ପ୍ରଧାନ ଯୋଗ ଦେଇ ସୁରକ୍ଷା ଜ୍ଞାନ କୌଶଳର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଆଇଆଇଏମ୍‌ଟି ନିର୍ଦ୍ଦେଶକ ଡ. ଶ୍ରୀକାନ୍ତ ପଟ୍ଟନାୟକ ଏବଂ ଆଇପିଏମ୍‌ର ନିର୍ଦ୍ଦେଶକ ବିକ୍ରମ କିଶୋର ସ୍ୱାଇଁ ଯୋଗଦେଇ ସୁରକ୍ଷା ଜ୍ଞାନ କୌଶଳ କାରଖାନା ପରିଚାଳନାରେ ଏକାନ୍ତ ଆବଶ୍ୟକ ବୋଲି ମତ ଦେବା ସହିତ ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଆଇଆଇଏମ୍‌ଟିର ପ୍ରଶାସନିକ ଡିନ୍ ଡକ୍ଟର ଜଗମୋହନ ପଟ୍ଟନାୟକ ଅତିଥି ପରିଚୟ ଓ ଆସିଷ୍ଟାଣ୍ଟ ପ୍ରଫେସର ସୃଜନୀ ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଆଇଓସିଏଲ୍ ପାରାଦୀପର ସୁରକ୍ଷା ଅଧିକାରୀ ପ୍ରୀତିରଞ୍ଜନ ବେହେରା, ଟାଟାପାୱାର, ଦକ୍ଷିଣ ଓଡ଼ିଶା ବିଦ୍ୟୁତ୍ ବିତରଣର ସୁରକ୍ଷା ଅଧିକାରୀ ସୁଶୀଲ୍ ପାଣିଗ୍ରାହୀ, ଭିଜନ ୱେଲବିଙ୍ଗ୍‌ର ସୁରକ୍ଷା ବିଶେଷଜ୍ଞ ବଂଶୀଧର ସାହୁ, ଅସିତ୍ କୁମାର ପତ୍ରୀ, ଦିନେଶ୍ କୁମାର ସାହୁ, ଆଶୁତୋଷ ଦାସ ସୁରକ୍ଷା ଜ୍ଞାନ କୌଶଳର ଆବଶ୍ୟକତା ଉପରେ ବୈଷୟିକ ଜ୍ଞାନ ପ୍ରଦାନ କରିଥିଲେ। ଖୋର୍ଦ୍ଧାସ୍ଥିତ କଳ କାରଖାନା, ଚିକିତ୍ସାଳୟ ଏବଂ ବୈଷୟିକ ଅନୁଷ୍ଠାନର ପଦାଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବିଜେବି କଲେଜ ପୁରାତନ ଛାତ୍ର ସଂଘର ବନ୍ଧୁମିଳନ

ଭୁବନେଶ୍ୱର, ୧୯।୧୨(ଅନୁରାଧା ମହାରଣା)

ବିଜେବି କଲେଜ ପୁରାତନ ଛାତ୍ର ସଂଘ 'ବିଜେବି ଫ୍ରେଣ୍ଡସ'ର ବନ୍ଧୁ ମିଳନ କାର୍ଯ୍ୟକ୍ରମ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ଓଡିଶା ସରକାରଙ୍କ ବିଜ୍ଞାନ ଓ କାରିଗରି ବିଭାଗ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା, ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ଆଡଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜା, ଏମ୍‌ପି ଅମର ପଟ୍ଟନାୟକ, ରିଜର୍ଭ ବ୍ୟାଙ୍କର ପୂର୍ବତନ ଡେପୁଟି ଗଭର୍ନର ହାରୁନ୍ ରସିଦ୍ ଖାନ୍, ପୂର୍ବତନ ବାଚସ୍ପତି ବିଭୂତି ଭୂଷଣ ସିଂ ମର୍ଦ୍ଦରାଜ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସଂଘ ସଭାପତି ଦେବାଶିଷ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ସମ୍ପାଦକ ସତ୍ୟବ୍ରତ ଧୂପାଳ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଏହି ଅବସରରେ ମୁଖ୍ୟ ବିଚାରପତି ଷଡ଼ଙ୍ଗୀ ଓ ଆଡ୍‌ଭୋକେଟ୍ ଜେନେରାଲ ପରିଜାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଚଳିତ ବର୍ଷ ବିଜେବି କଲେଜର କଳା, ବିଜ୍ଞାନ ଓ ବାଣିଜ୍ୟରେ ସର୍ବାଧିକ ମାର୍କ ରଖିଥିବା କୃତୀ ଛାତ୍ରୀଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଅଲ୍ ରାଉଣ୍ଡର ଭାବେ ଛାତ୍ର ବିଶାଳ ପରିଜାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଡିସେମ୍ବର ୨ରେ ଆୟୋଜିତ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ସଂଘର ସୋଭେନ୍ୟୁର-୨୦୨୩ ଉନ୍ମୋଚିତ ହୋଇଥିଲା। ବିଜେବି ଫ୍ରେଣ୍ଡସର ଉପ ସଭାପତି ରାଜ କିଶୋର ଚୌଧୁରୀ, ଶ୍ୟାମସୁନ୍ଦର ପଟ୍ଟନାୟକ, କେଦାର ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ମନୋଜ ମିଶ୍ରଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ।


ବନ୍ଧୁମିଳନ କାର୍ଯ୍ୟକ୍ରମ ଅବସରରେ ଅତିଥିମାନେ 'ସୋଭେନ୍ୟୁର-୨୦୨୩' ଉନ୍ମୋଚନ କରୁଛନ୍ତି।

# କଠିନ ପରିଶ୍ରମୀ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ


ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

## ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧୯।୧୨(ଅସମାପିକା ସାହୁ)

ରସୁଲଗଡ଼ସ୍ଥିତ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ମଙ୍ଗଳବାର ବିଦ୍ୟାଳୟର ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ସ୍କୁଲ ପରିଚାଳନା ପରିଷଦର ଉପସଭାପତି ଶଶାଙ୍କ ଶେଖର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ବିଧାୟକ ସୁଶାନ୍ତ କୁମାର ରାଉତ ବିଦ୍ୟାଳୟର ନୂତନ ଶିକ୍ଷାଦାନ ପଦ୍ଧତିର ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କଠିନ ପରିଶ୍ରମୀ, ଆତ୍ମବିଶ୍ୱାସୀ ଓ ସକାରାତ୍ମକ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ସାମାଜିକ କର୍ମୀ ଦିଲୀପ ଶ୍ରୀଚନ୍ଦନ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ବିଧାନସଭା ସଚିବ ଦାଶରଥି ଶତପଥୀ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଜିକାଲିର ନୂତନ ପାଠ୍ୟକ୍ରମ ଛାତ୍ରୀଛାତ୍ରଙ୍କ ପାଇଁ କିପରି ସହଜ ଓ ସରଳ ହୋଇପାରିବ ତାହା ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟ ପରିଚାଳନା ପରିଷଦ ଅଧ୍ୟକ୍ଷ ସୂର୍ଯ୍ୟପ୍ରକାଶ ପତି ଛାତ୍ରୀଛାତ୍ରଙ୍କୁ ଆତ୍ମବିଶ୍ୱାସୀ, କର୍ତ୍ତବ୍ୟ ପରାୟଣ ଓ ସତ୍ୟନିଷ୍ଠ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବସନ୍ତ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ବିଥିକା ଛୋଟରାୟଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯାଇଥିଲା। କାର୍ଯ୍ୟକ୍ରମର ସଫଳତା ପାଇଁ ପ୍ରଶାସକ ହିମାଂଶୁ ଶେଖର ପତି ଓ ସଚିବ ବିଜୟ କୁମାର ନାୟକ ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ, ଛାତ୍ରୀଛାତ୍ର ଓ ଅନ୍ୟ କର୍ମକର୍ତ୍ତାଙ୍କର ପ୍ରଶଂସା କରିଥିଲେ। ଭେଙ୍କଟେଶ୍ୱର ବିଦ୍ୟାଳୟ ସମୂହର କର୍ମକର୍ତ୍ତା ଜି. ରାମକିଶୋର, ମହେଶ ମିଶ୍ର, ଐଶ୍ୱର୍ଯ୍ୟାମୟୀ ଦାସ, ଚନ୍ଦନା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷୟିତ୍ରୀ ନାଜନିନ କଲିମ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବାଲ୍ୟ ବିବାହ, ଯୌତୁକ ପ୍ରଥା ବନ୍ଦ କରିବାକୁ ଆହ୍ୱାନ

ଗମ୍ଭାରୀମୁଣ୍ଡା,୧୯।୧୨(ଦିଲୀପ ସ୍ୱାଇଁ)

ଶିଶୁ ଶ୍ରମିକ, ବାଲ୍ୟ ବିବାହ ଏବଂ ଯୌତୁକ ପ୍ରଥା ସମାଜ ପାଇଁ ଏକ କଳଙ୍କ ବୋଲି ମଙ୍ଗଳବାର ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ଗ୍ରାମୀଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ କର୍ମଶାଳାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ କର୍ମଶାଳାରେ ଅଧକ୍ଷା ରଶ୍ମିତା ମହାନ୍ତି ସଭାପତିତ୍ୱ କରିଥିବା ବେଳେ ନେହେରୁ ସେବା ସଂଘର ସମ୍ପାଦିକା ସୁଶ୍ରୀ ସରୋଜିନୀ ଦାସ ମୁଖ୍ୟ ଅତିଥି, ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ, ଏକଦା ପରିଷଦ ଟ୍ରଷ୍ଟ ଅଧକ୍ଷା ସୁଶ୍ରୀ ସନ୍ଧ୍ୟା ଦେବୀ, ଶିକ୍ଷାବିତ୍ ତ୍ରିନାଥ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ବାଲ୍ୟ ବିବାହ, ଯୌତୁକ ପ୍ରଥାର ବିଲୋପ ପାଇଁ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ସୁଚିତ୍ରା ଦାସ ଅତିଥି ପରିଚୟ ଏବଂ ସର୍ବେଶ୍ୱର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ମନୋଜ ମହାପାତ୍ର, ରୋଜାଲିନ ଦାସ, କଲ୍ୟାଣୀ ବୈରୀରଞ୍ଜନ, କସ୍ତୁରୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ନିରାକାରପୁର,୧୯।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ମଳିପଡ଼ା କବି ପ୍ରସନ୍ନ ପାଟ୍ଟଶାଣୀ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧକ୍ଷ ସୁରେନ୍ଦ୍ର ନାଥ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପାଠ ପଢ଼ିବା ସହିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଆହ୍ୱାନ ଦେଇଥିଲେ। କ୍ରୀଡ଼ା ସଂଯୋଜକ ଅଧ୍ୟାପକ ଖୋକନ ନାୟକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। କଲେଜ ନୋଡାଲ ଅଫିସର ଅଧ୍ୟାପକ ବିଦ୍ୟାଧର ଘଡୁଆରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କ୍ରୀଡବିତ୍‌ଙ୍କୁ ଉତ୍ସାହିତ କରିଥିଲେ। କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ସହଯୋଗ କରିଥିଲେ।

### ସେମିରେ ବଘେଇ କ୍ଲବ

ବେଗୁନିଆ,୧୯।୧୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ରାଉତପଡ଼ା ଗ୍ରାମସ୍ଥିତ ଖେଳପଡ଼ିଆରେ ଚାଲିଥିବା ମା' କଇରୀ ବଘେଇ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଥିଲା ତୃତୀୟ ଲିଗ୍ ମ୍ୟାଚ୍। ଏଥିରେ ଗୋଡ଼ିଗ୍ରାମର ମା'ବଘେଇ କ୍ରିକେଟ୍ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିତି ବଘେଇ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୯୦ରନ ସଂଗ୍ରହ କରିଥିଲା। ଜବାବରେ ବାବା ବାଲୁଙ୍କେଶ୍ୱର କ୍ଲବ ୧୩.୧ ଓଭରରେ ସମସ୍ତ ଉଇକେଟ ବିନିମୟରେ ୫୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ତାପସ ମହାପାତ୍ର ଏବଂ କୃଷ୍ଣ ମୋହନ ମ୍ୟାଚ୍ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅଞ୍ଚଳର ବରିଷ୍ଠ ଖେଳାଳି ବିକାଶ ମହାପାତ୍ର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ସଫେଇ କର୍ମଚାରୀଙ୍କ ଧାରଣା, ଉଠିଲାନି ଅଳିଆ

## ନବୀନ ନିବାସ ଯାଉଥିଲେ, ଉପଜିଲାପାଳ ଅଟକାଇଲେ

ଖୋର୍ଦ୍ଧା,୧୯।୧୨(ପ୍ରଭାତ ପାଣିଗ୍ରାହୀ)


ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ଠିକା ସଫେଇ କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି।

ଖୋର୍ଦ୍ଧା ପୌର ପରିଷଦ ଅଧୀନରେ ଓଡ଼ିଶା ଚୁକ୍ତିଭିତ୍ତିକ ଠିକା କର୍ମଚାରୀ ସଂଘର ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ସଫେଇ କର୍ମଚାରୀ କାମ କରୁଛନ୍ତି। ବିଭିନ୍ନ ସମସ୍ୟା ସମାଧାନ ଦାବିରେ ମଙ୍ଗଳବାର ସଂଘ ପକ୍ଷରୁ ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ପୌର କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ହେଲେ କୌଣସି ଅଧିକାରୀ ଧାରଣାକାରୀଙ୍କ ସହ ଆଲୋଚନା କରିବାକୁ ଆସି ନ ଥିଲେ। ଫଳରେ ସଂଘର ରାଜ୍ୟ ସଭାପତି ମୋହନ ନାୟକଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀ ନବୀନ ନିବାସ ଅଭିମୁଖେ ଯାଉଥିଲେ। ଖବରପାଇ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ସଦର ଏସ୍‌ଡିପିଓ ଦିଲୀପ ଦାସ, ଟାଉନ ଥାନା ଅଧିକାରୀ ସଞ୍ଜୟ ନାୟକ ପ୍ରମୁଖ ମୁକୁନ୍ଦପ୍ରସାଦଠାରେ ପହଞ୍ଚି ସେମାନଙ୍କୁ ଅଟକାଇବା ସହ ବୁଝାଶୁଝା କରିଥିଲେ। ସେମାନଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ କର୍ମଚାରୀମାନେ ଫେରିଥିଲେ। ପରେ ମଧ୍ୟାହ୍ନରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସଂଘର ଏକ ପ୍ରତିନିଧି ଟିମ୍ ସହ ଉପଜିଲାପାଳ ଆଲୋଚନା କରିଥିଲେ। ପୌର ନିର୍ବାହୀ ଅଧିକାରୀ ରିଜ୍‌ୱାନ କଅକବ ଏବଂ ଅନ୍ୟ ପୌର ଅଧିକାରୀ, ସଦର ଏସ୍‌ଡିପିଓ ମଧ ଉପସ୍ଥିତ ଥିଲେ। ଆଲୋଚନା ପରେ କର୍ମଚାରୀମାନେ ଆନ୍ଦୋଳନକୁ ସ୍ଥଗିତ ରଖିଥିବା କହିଛନ୍ତି। ଅନ୍ୟପଟେ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ସହରରୁ ଅଳିଆ ଆବର୍ଜନା ଉଠି ନ ଥିଲା। ବିଳମ୍ବରେ ହେଉ ପଛେ ଠିକାସଂସ୍ଥା ପକ୍ଷରୁ କିଛି ସ୍ଥାନରୁ ଅଳିଆ ଉଠାଯାଇଥିଲା।

ଅଭିଯୋଗ ପ୍ରକାରେ, ସଂଘ ପକ୍ଷରୁ ପୌର ପ୍ରଶାସନ ସହ ଏକ ଚୁକ୍ତିନାମା କରାଯାଇଥିଲା। ତେବେ ଚୁକ୍ତିନାମା ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ମାସର ପ୍ରଥମ ସପ୍ତାହରେ ଦରମା ପ୍ରଦାନ, ନିୟୋଜିତ ସଫେଇ କର୍ମଚାରୀଙ୍କୁ ଦୁର୍ଘଟଣାଜନିତ ଚିକିତ୍ସା ସୁବିଧା ସହ ଛୁଟି ପ୍ରଦାନ, ସମସ୍ତ କର୍ମଚାରୀଙ୍କ ଇପିଏଫ୍, ଖରା ବର୍ଷା ଦାଉରୁ ରକ୍ଷା ପାଇଁ ରେନ୍‌କୋଟ୍, ଶୀତବସ୍ତ୍ର, ମହିଳା କର୍ମଚାରୀଙ୍କୁ ଆବଶ୍ୟକ ସୁବିଧା, ଶ୍ରମ ଆଇନ ଅନୁସାରେ ମଜୁରି ପ୍ରଦାନ ପାଇଁ ଚୁକ୍ତି ହୋଇଥିବା ସତ୍ତ୍ୱେ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ସଫେଇ ପାଇଁ ଉଦ୍ଦିଷ୍ଟ ସେଫ୍ଟି କିଟ୍ ପ୍ରଦାନ କରାଯାଉନାହିଁ। କର୍ମଚାରୀମାନେ ଦୟନୀୟ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ଏକାଧିକ କର୍ମଚାରୀ କହିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଛନ୍ତି, ସଂଘର ଟିମ୍ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଛି। ଆଇନ ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯିବ। ସେହିପରି ସଂଘ ସଭାପତି ମୋହନ ନାୟକ କହିଛନ୍ତି, ବିଭିନ୍ନ ସମସ୍ୟା ନେଇ ପୌର କର୍ତ୍ତୃପକ୍ଷଙ୍କଠାରୁ ଜିଲା ପ୍ରଶାସନକୁ ବାରମ୍ବାର ଅବଗତ କରାଯାଇଛି। ତେବେ ପୌର ପ୍ରଶାସନ ପକ୍ଷରୁ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ପୌର ପ୍ରଶାସନ ଠିକା କର୍ମଚାରୀଙ୍କ ସମସ୍ୟା ସମାଧାନ ପରିବର୍ତ୍ତେ ଠିକାସଂସ୍ଥାକୁ ଗୁରୁତ୍ୱ ଦେଉଛି ବୋଲି ସଂଘ ଅଭିଯୋଗ କରିଛି। ପୌର ନିର୍ବାହୀ ଅଧିକାରୀ ରିଜ୍‌ୱାନ କଅକବ କହିଛନ୍ତି, ସହରର ପରିମଳ ଓ ସ୍ୱଚ୍ଛତା ପାଇଁ ଏକ ଠିକାସଂସ୍ଥାକୁ ନିୟୋଜିତ କରାଯାଇଛି। ସଫେଇ କର୍ମଚାରୀଙ୍କ ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦିଆଯାଉଛି। ଠିକାସଂସ୍ଥାକୁ ପୌର ପ୍ରଶାସନ ଘଣ୍ଟ ଘୋଡ଼ାଉଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। କୌଣସି ଅଭିଯୋଗ ଆସିଲେ, ତର୍ଜମା କରାଯିବ ବୋଲି ସେ କହିଛନ୍ତି।

### ବିଦ୍ୟାଳୟର ବାର୍ଷିକ ଉତ୍ସବ

ଟାଙ୍ଗୀ,୧୯।୧୨(ରଘୁନାଥ ସାହୁ)

ମାଧବାନନ୍ଦ ଇଂଲିଶ୍ ମିଡିୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାରୁଣି ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ଗଙ୍ଗାଧର ପ୍ରଧାନ ସଭାପତିତ୍ୱ କରିଥିଲେ। ଅତିଥିଭାବେ ଟାଙ୍ଗୀ ସାହିତ୍ୟ ଘର ସଭାପତି ବିଜୟ କୁମାର ରାଉତ ଯୋଗଦେଇ ପିଲାଙ୍କୁ ଭଲ ମଣିଷ ଭାବେ ଗଢ଼ି ତୋଳନ୍ତୁ ବୋଲି ମନ୍ତବ୍ୟ ରଖିଥିଲେ। ସେହିପରି ପୂର୍ବତନ ପ୍ରଧାନ ଶିକ୍ଷକ ସନ୍ତୋଷ ଚନ୍ଦ୍ର କର ମୋବାଇଲଠାରୁ ଦୂରତା ରକ୍ଷାକରିବା ସହ ପିଲାମାନଙ୍କ ସହିତ ସମୟ ବିତାଇବାକୁ ପରାମର୍ଶ ଦେଇଥିଲେ। ଓଡ଼ଗାଁ ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ କହିଥିଲେ, ଶିଶୁମାନଙ୍କର ଅନ୍ତର୍ନିହିତ ଗୁଣର ବିକାଶ କରିବା ପାଇଁ ମା'ମାନଙ୍କ ସହିତ ବିଦ୍ୟାଳୟର ଗୁରୁଜୀ ଗୁରୁମା'ଙ୍କ ମଧ ଦାୟିତ୍ୱ ରହିଛି। ତେଣୁ ପିଲାମାନେ କୁପଥଗାମୀ ହେବା ପୂର୍ବରୁ ଯତ୍ନବାନ୍ ହେବାକୁ ପରାମର୍ଶ ଦେଇଥିଲେ। ବଡ଼ପୋଖରିଆ ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ ଅଶୋକ ନନ୍ଦ ସମସ୍ତେ ନିଜ ନିଜର ଧର୍ମ ରକ୍ଷାକଲେ ସମାଜର ଉନ୍ନତି ହୋଇପାରିବ ବୋଲି ମନ୍ତବ୍ୟ ରଖିଥିଲେ। ଅଧକ୍ଷ ସୁକାନ୍ତ ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ବିଜୟିନୀ ସୁଦକ୍ଷିଣା ଦାଶଙ୍କ ଲିଖିତ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ପକ୍ଷୀ ସୁରକ୍ଷା-ଚିଲିକା ରକ୍ଷା' ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବାଲୁଗାଁ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ।

## 'ପକ୍ଷୀ ସୁରକ୍ଷା-ଚିଲିକା ରକ୍ଷା' ସଚେତନତା କାର୍ଯ୍ୟକ୍ରମ

ବାଲୁଗାଁ,୧୯।୧୨(ସଂଗ୍ରାମ ପାଇକରାୟ)

ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ମଙ୍ଗଳବାର ବାଲୁଗାଁ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ଗ୍ରାମ ପରିକ୍ରମା କରିବା ସହ ଚିଲିକା ବନ୍ୟପ୍ରାଣୀ ରେଞ୍ଜ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା କରି ବିଦେଶାଗତ ପକ୍ଷୀ ଆମ ଅତିଥି, ପକ୍ଷୀ ସୁରକ୍ଷା-ଚିଲିକା ରକ୍ଷା ଆଦି ସ୍ଲୋଗାନ୍ ଦେଇ ସଚେତନ କରାଇଥିଲେ। ମହାବିଦ୍ୟାଳୟ ଅଧକ୍ଷା ଡ. କଳ୍ପନା ଦାଶ ଓ ଯୁକ୍ତ ୨ ଅଧକ୍ଷା ଡ. ଜୟନ୍ତୀ ସାମଲଙ୍କ ଦିଗ୍‌ଦର୍ଶନରେ ଆୟୋଜିତ ଏହି ସମାଜ ବିକାଶ କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଡ. କୈଳାସ ଚନ୍ଦ୍ର ମହାରଣା, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ. ଲକ୍ଷ୍ମୀଧର ସୁବୁଦ୍ଧି, ଅଧ୍ୟାପିକା ରୀନା ରାଉତ, ଏନ୍‌ସିସି ଅଧିକାରୀ ଡ. ଅକ୍ଷୟ ମିଶ୍ର, ମନସ୍ୱିନୀ ପଟ୍ଟନାୟକ, ଝରଣା ନାଥ, ହିମାଂଶୁ ଦାଶ, ଶୁଭଦର୍ଶିନୀ ବିଶ୍ୱାଳ, ସ୍ୱାତି ସ୍ୱାଗତିକା ସାହୁ, କୀର୍ତ୍ତିମୟୀ ବାରିକ, ପ୍ରିୟମ୍ବଦା ମହାପାତ୍ର, ପତିତ ପାବନ ପଣ୍ଡା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା, ବନ୍ୟପ୍ରାଣୀ ରେଞ୍ଜର ରଶ୍ମିତା ଜେନା ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହାପରେ ଛାତ୍ରୀଛାତ୍ରମାନେ ବାଲୁଗାଁ ସହରରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରିଥିଲେ। ହେଲମେଟ୍ ପିନ୍ଧି ନ ଥିବା ଚାଳକଙ୍କୁ ଯମରାଜ ବେଶରେ ଗୋଲାପ ଫୁଲ ଦେଇ ହେଲମେଟ ପିନ୍ଧିବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲୁଗାଁ ଥାନାର ଅଧିକାରୀମାନେ ସହଯୋଗ କରିଥିଲେ।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ

ଜଟଣୀ,୧୯।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଷଣ୍ଢପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦ୍ୱିତୀୟ ବର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରିନ୍ସିପାଲ ହରେକୃଷ୍ଣ ମହାପାତ୍ର ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଆଇଆଇଟି କୁଳସଚିବ ବାମଦେବ ଆଚାର୍ଯ୍ୟ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଖୋର୍ଦ୍ଧା ନବୋଦୟ ବିଦ୍ୟାଳୟ ପ୍ରିନ୍ସିପାଲ କବିତା କର, ସମ୍ମାନିତ ଅତିଥି ଜଟଣୀ ବ୍ଲକ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି, ଆଦର୍ଶ ବିଦ୍ୟାଳୟ ନୋଡାଲ ଅଫିସର ଭକ୍ତି ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନିଜ ଲକ୍ଷ୍ୟରୁ କେବେହେଲେ ବିଚ୍ୟୁତ ନ ହେବାକୁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟତ୍ରୀଶିକ୍ଷକ ଏବଂ କର୍ମଚାରୀ ପରିଚାଳନା କରିଥିଲେ।

## ଶିକ୍ଷଣୀୟ ସାମଗ୍ରୀ ପ୍ରଶିକ୍ଷଣ କର୍ମଶାଳା


ଚିତ୍ରକଳା ମାଧ୍ୟମରେ ପ୍ରଶିକ୍ଷଣ ନେଉଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକ।

ବେଗୁନିଆ,୧୯।୧୨(ହରପ୍ରସନ୍ନ ପଣ୍ଡା)

ବିଦ୍ୟାଳୟରେ ଶିଶୁମାନଙ୍କର ଜ୍ଞାନ ବଢ଼ାଇବା ପାଇଁ ସରକାରଙ୍କ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି। ବିଶେଷକରି ମୌଳିକ ସାକ୍ଷରତା, ଭାଷା ଓ ସଂଖ୍ୟାଜ୍ଞାନର ଅଭିବୃଦ୍ଧି ପାଇଁ ଡିଆଇଇଟି ତତ୍ପରତା ଦେଖାଇଛି। ଏହିପରିପ୍ରେକ୍ଷୀରେ ମଙ୍ଗଳବାର ବେଗୁନିଆ ବ୍ଲକ କୁଶପଲ୍ଲା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଶିକ୍ଷା ଜିଲା ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡିଆଇଇଟି) ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାରେ ବ୍ଲକ ଶିକ୍ଷାଧିକାରୀ ଭାସ୍କର ଚନ୍ଦ୍ର ଲେଙ୍କା, ବିଆରସିସି ଲକ୍ଷ୍ମୀ ଦେଈ, ବେଗୁନିଆ ବ୍ଲକ ଶିକ୍ଷା ବିଭାଗର ପର୍ଯ୍ୟବେକ୍ଷକ ଶିଖା ଶିଆଳ ଏବଂ ବୋଲଗଡ ବ୍ଲକ ଶିକ୍ଷା ବିଭାଗର ପର୍ଯ୍ୟବେକ୍ଷକ ସଞ୍ଜୁଲତା ହାଁସଦା ଅତିଥିଭାବେ ଯୋଗଦେଇଥିଲେ। ବେଗୁନିଆ ଓ ବୋଲଗଡ଼ ବ୍ଲକର ମୋଟ୍ ୪୦ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ୬ଜଣ ଶିଳ୍ପୀ ଓ କଳାକାର ଯୋଗଦେଇ ସଂଖ୍ୟା ଚିହ୍ନିବା, କଳା ମାଧ୍ୟମରେ ଶିଖିବା ଓ ଗଳ୍ପ ମାଧ୍ୟମରେ ପ୍ରଶିକ୍ଷଣ ଦେଇଥିଲେ। ପ୍ରଶିକ୍ଷଣ କର୍ମଶାଳା ୩ଦିନ ଧରି ଚାଲିବ। ପ୍ରଧାନ ଶିକ୍ଷକ ନବଘନ ସାହୁ, ସିଆରସିସି ସନ୍ଧ୍ୟାରାଣୀ ରଥ, ସରୋଜ ବେହେରା, ଅଖିଳେଶ ମହାପାତ୍ର ପରିଚାଳନା କରିଥିଲେ।

## ରାଧାକାନ୍ତପୁର ପଞ୍ଚାୟତ କାର୍ଯ୍ୟାଳୟରୁ ସାମଗ୍ରୀ ଚୋରି

ବେଗୁନିଆ,୧୯।୧୨(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ଅନ୍ତର୍ଗତ ରାଧାକାନ୍ତପୁର ପଞ୍ଚାୟତ କାର୍ଯ୍ୟାଳୟରୁ ଲକ୍ଷାଧିକ ଟଙ୍କାର ଉପକରଣ ଚୋରି ହୋଇଥିବା ନେଇ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ସରପଞ୍ଚ ଲୁଲିତା ଦାଶଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୪୩୬/୨୩) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ସୋମବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ପଞ୍ଚାୟତ କାର୍ଯ୍ୟାଳୟ କୋଠରିର ତାଲା ଭାଙ୍ଗି ଭିତରେ ପ୍ରବେଶ କରିଥିଲେ। ଦୁଇଟି ଏଲ୍‌ଇଡି ଟିଭି, ଇନ୍‌ଭର୍ଟର, ସିପିୟୁ, କେବୁଲ ବକ୍ସ ଆଦି ଚୋରିକରି ନେଇ ପଳାଇଛନ୍ତି। ଖବରପାଇ ଖୋର୍ଦ୍ଧା ସାଇଣ୍ଟିଫିକ୍ ଟିମ୍ ଏବଂ ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସୂଚନାଥାଉ କି, ଏହି ଥାନା ଅଞ୍ଚଳରେ ଚୋରି ବଢ଼ିଚାଲିଥିବା ବେଳେ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ଏକପ୍ରକାର ବିଫଳ ହେଉଛି। ଅନ୍ୟପଟେ ଚୋରି ସମ୍ପତ୍ତି ଫେରିପାଇବା ଆଶାରେ ଲୋକେ ଦିନ ଗଣୁଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡା କହିଛନ୍ତି, ଅନେକ ଚୋରି ମାମଲାର ପ୍ରମାଣ ମିଳୁନାହିଁ। ଆଉ କେତେକ ମାମଲାର ଅଭିଯୁକ୍ତ ବାହାର ରାଜ୍ୟକୁ ପଳାଇଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପ୍ରକ୍ରିୟା ଜାରି ରହିଛି।

### ଭୂଇଁଆଣୀଙ୍କ ପୀଠରେ ଧନୁଯାତ୍ରା ଉତ୍ସବ ଉଦ୍‌ଯାପିତ

ବୋଲଗଡ଼,୧୯।୧୨(ଦେବବ୍ରତ ହୋତା)

ବୋଲଗଡ଼ ଗ୍ରାମ ଉପକଣ୍ଠ ମୁଣ୍ଡିଆ ଉପରେ ଅବସ୍ଥିତ ମା' ଭୂଇଁଆଣୀଙ୍କ ପୀଠରେ ଚାଲିଥିବା ଧନୁଯାତ୍ରା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମା' ଭୂଇଁଆଣୀ ବନଦୁର୍ଗା ରୂପେ ଏଠାରେ କାହିଁ କେଉଁକାଳରୁ ପୂଜା ପାଉଥିବା ବେଳେ ଏହି ପୀଠରେ ଚାରିଦିନ ଧରି ଆୟୋଜିତ ହୋଇଥିଲା ଉତ୍ସବ। ଏହି ଉତ୍ସବ ମା' ଭୂଇଁଆଣୀ (ବନଦୁର୍ଗା) ଟ୍ରଷ୍ଟବୋର୍ଡ ସୌଜନ୍ୟରେ ତଥା ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ତେବେ ଯାତ୍ରା ଦେଖିବାକୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ସମାଗମ ହୋଇଥିଲା। ପୀଠରେ ବିଭିନ୍ନ ଉଠାଦୋକାନୀ ପସରା ମେଲାଇଥିଲେ। ତିନିଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିବା ବେଳେ ସନ୍ଧ୍ୟାରେ ଆତସବାଜି ପ୍ରଦର୍ଶନ କରାଯାଇଥିଲା।

## କୁରାଳ ପଞ୍ଚମୀରେ ପୂଜାପାଇଲେ ଲକ୍ଷ୍ମୀନାରାୟଣ



ନିରାକାରପୁର,୧୯।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୋଳ ପଞ୍ଚାୟତରେ ଥିବା କୁମ୍ଭକାର ସାହିରେ କୁରାଳ ପଞ୍ଚମୀରେ ଲକ୍ଷ୍ମୀ ନାରାୟଣଙ୍କ ପାରମ୍ପରିକ ପୂଜା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ମାନସିକଧାରୀ ମହିଳା ଓ ପୁରୁଷ ମଲାଗୁଣି ନଦୀରୁ କଳସରେ ପାଣି ଉଠାଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମଣ୍ଡପରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ପରେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ଲକ୍ଷ୍ମୀନାରାୟଣଙ୍କୁ ବିଭିନ୍ନ ପ୍ରକାର ଫଳ ଓ ଶୁଖିଲା ଭୋଗ, ଦ୍ୱିତୀୟ ଦିବସରେ ଇଡ଼ିଲି ଓ ଖିରି, ତୃତୀୟ ଦିବସରେ ଦହିପଖାଳ ଓ ଶାଗଭଜା, ଚତୁର୍ଥ ଦିନରେ ଖେଚୁଡ଼ି ଏବଂ ଅନ୍ତିମ ଦିବସରେ ବିଭିନ୍ନ ଫଳରେ ପ୍ରସ୍ତୁତ ପଣା ଠାକୁରଙ୍କ ପାଖରେ ଭୋଗ କରାଯାଏ ବୋଲି ପୂଜକ ପ୍ରଶାନ୍ତ କୁମାର ମିଶ୍ର କହିଛନ୍ତି। ଆଡ଼ମ୍ବରଭାବେ ଏହି ଉତ୍ସବ ୫ଦିନ ଧରି ପାଳନ କରାଯାଇଥାଏ ବୋଲି କର୍ତ୍ତା ଅଶୋକ ବିଶୋଇ ସୂଚନା ଦେଇଛନ୍ତି। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ବୋଲି କୁମ୍ଭକାର ପର୍ଶୁରାମ ବିଶୋଇ, ବ୍ରଜକିଶୋର ବିଶୋଇ ପ୍ରମୁଖ କହିଛନ୍ତି। ଅନ୍ତିମ ଦିନରେ ଠାକୁରଙ୍କୁ ପୂଜାର୍ଚ୍ଚନା ପରେ ପଣାଲାଗି କରାଯାଇ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଆହୁତ ପ୍ରଦାନ କରାଯାଇଥିଲା। ବିଜୁ ଜନତା ଦଳର ରାଜ୍ୟ ମହିଳା ଉପସଭାପତି ବାସନ୍ତୀ ମହାପାତ୍ର ପହଞ୍ଚି ଜଗତ କଲ୍ୟାଣ ଲାଗି ଦୀପ ଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଧର୍ମାନନ୍ଦ ମୁଦୁଲି, ଅବିନାଶ ମୁଦୁଲି, ସୁରେଶ ବିଶୋଇ, ବିଜୟ ବିଶୋଇ, ବୈକୁଣ୍ଠ ବିଶୋଇ, ସୁଧାକର ବିଶୋଇ, ପ୍ରତାପ ବିଶୋଇ, ବିରଞ୍ଚି ମୁଦୁଲି, ନୀଳମଣି ମୁଦୁଲି ପ୍ରମୁଖ ପରିଚାଳନା କରିଥିଲେ।

## ସାନ୍ କ୍ଲବ, ଭୁବନେଶ୍ୱର ଚାମ୍ପିୟନ

ବୋଲଗଡ଼,୧୯।୧୨(ଦେବବ୍ରତ ହୋତା)

### ଜାନକୀ ପାଢ଼ୀ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ


ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

ଫ୍ରେଣ୍ଡସ କ୍ଲବ ପକ୍ଷରୁ ଚାଲିଥିବା ଜାନକୀ ପାଢ଼ୀ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ସାନ୍ କ୍ଲବ ଭୁବନେଶ୍ୱର ଚାମ୍ପିୟନ ହୋଇଛି। ମଙ୍ଗଳବାର ସ୍ଥାନୀୟ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ପ୍ରାଙ୍ଗଣରେ ଡିଏଫ୍‌ଏ ଯାଜପୁର ଓ ସାନ୍ କ୍ଲବ ଭୁବନେଶ୍ୱର ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ସାନ କ୍ଲବର ୪ ନମ୍ବର ଖେଳାଳି ହରି ନାୟକ ଓ ୧୦ ନଂ. ଖେଳାଳି ଚନ୍ଦନ ନାୟକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଡିଏଫ୍‌ଏ ଯାଜପୁର ଟିମର ୭ ନମ୍ବର ଖେଳାଳି ଏସ୍.କେ. ୟୁନିସ ଗୋଟିଏ ଗୋଲ ଦେଇଥିବା ବେଳେ ସାନ୍ କ୍ଲବର ୯ ନମ୍ବର ଖେଳାଳି ଗୋଟିଏ ଗୋଲ ଦେଇଥିଲେ। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଡିଏଫ୍‌ଏ ଯାଜପୁର ଟିମ୍ ଆଉ ଗୋଲ ଦେଇ ନ ପାରିବାରୁ ପରାଜିତ ହୋଇଥିଲା। ଫଳରେ ସାନ୍ କ୍ଲବ ୩-୧ ଗୋଲ ବ୍ୟବଧାନରେ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ମୁଖ୍ୟ ରେଫରି ଭାବେ ଶିବ ସୁନ୍ଦର ଦାସ ଦାୟିତ୍ୱ ତୁଲାଇଥିଲେ। ଲାଇନ୍ସରେ ସୁଶାନ୍ତ ମିଶ୍ର ଓ ଲକ୍ଷ୍ମୀଧର ଚୌଧୁରୀ ସହାୟତା କରିଥିବା ବେଳେ ଭଞ୍ଜକିଶୋର ଯତି ଚତୁର୍ଥ ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂ ସାମନ୍ତ, ଡାଇରେକ୍ଟର ପ୍ରକାଶ ଚନ୍ଦ୍ର ରାଉତରାୟ, ଶିଳ୍ପପତି ଭାଗୀରଥି ବେହେରା, ଫ୍ରେଣ୍ଡସ କ୍ଲବ ସଭାପତି ଭଞ୍ଜ କିଶୋର ଯତି, ଅଶ୍ୱିନୀ କୁମାର ପଟ୍ଟନାୟକ, ବୀରକିଶୋର ଦାସ, ଲକ୍ଷ୍ମୀଧର ଚୌଧୁରୀ, ଜିତେନ୍ଦ୍ର ମାର୍ଥା, ସିକୁ ମହାପାତ୍ର ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୧୫ହଜାର ଟଙ୍କା ଓ ରନର୍ସଅପ୍ ଟିମକୁ କପ୍ ସହ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସାନ୍ କ୍ଲବର ଚନ୍ଦନ ନାୟକ ମ୍ୟାନ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇ ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ରେଫରି ଏବଂ କେତେଜଣ ଖେଳ ପ୍ରତିଭାଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଶ୍ୱିନୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଅଠରାଙ୍ଗ ବିଜୟୀ

ବୋଲଗଡ଼,୧୯।୧୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଟାଙ୍ଗୀ ପଡ଼ିଆରେ ଚାଲିଥିବା ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଅଠରାଙ୍ଗ କ୍ରିକେଟ କ୍ଲବ ଓ ପଣ୍ଡୁସର କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଅଠରାଙ୍ଗ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୨୨ ରନ ସଂଗ୍ରହ କରିଥିଲା। ଜବାବରେ ପଣ୍ଡୁସର ଟିମ୍ ୧୩.୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୭୨ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ମିଟୁ ପ୍ରଧାନ ଓ ଜିତୁ ଲେଙ୍କା ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଖଙ୍ଗୁରିଆ ପଞ୍ଚାୟତର ବିଜେଡି ସଭାପତି ଚିତ୍ତରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଯବାନ ପ୍ରହ୍ଲାଦ ମଙ୍ଗରାଜ ପ୍ରମୁଖ ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବର ନିରଞ୍ଜନ ନାୟକ, ରାଜକୁମାର ବଳିୟାରସିଂହ, ସୁଶାନ୍ତ ପ୍ରଧାନ, ବିକାଶ ବଳିୟାରସିଂହ, ରାଜା ମାନସିଂ, ପ୍ରଶାନ୍ତ ମଙ୍ଗରାଜ, ଶିଶିର ବସ୍ତି ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

ଗୋପ,୧୯।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ଏକ ଗାଡ଼ି ଧକ୍କାରେ ମଙ୍ଗଳବାର ସନ୍ଧ୍ୟାରେ କୋଣାର୍କ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗରେ କାର୍ଯ୍ୟରତ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଳଙ୍ଗା ଥାନା ଅଧୀନ ରୂପଦେଇପୁର ଗ୍ରାମର ଶିବ ପ୍ରସାଦ ଦୀକ୍ଷିତ(୫୦)। ଗାଡ଼ି ଧକ୍କା ଦେଇ ଘଟଣାସ୍ଥଳରୁ ଚମ୍ପଟ୍ ମାରିଥିବାବେଳେ ଗୋପ ଦମକଳ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଶିବଙ୍କୁ ଉଦ୍ଧାର କରି ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶିବ ପ୍ରତିଦିନ ଭଳି ମଙ୍ଗଳବାର ତାଙ୍କ ଡ୍ୟୁଟି ସାରି ବାଇକ୍ ଯୋଗେ ଘରକୁ ଫେରୁଥିଲେ। ସେହି ସମୟରେ ତାଙ୍କୁ ଅପର ପଟରୁ ଏକ ଗାଡ଼ି ଧକ୍କା ଦେଇଥିଲା। ସୂଚନାଯୋଗ୍ୟ, ଗୋପ–କୋଣାର୍କ ରାସ୍ତାରେ ଦୈନିକ କୋଣାର୍କ ବୁଲିବାକୁ ହଜାର ହଜାର ପର୍ଯ୍ୟଟକ ଯା' ଆସ କରୁଥିବାବେଳେ ପୋଲିସ ପାଟ୍ରୋଲିଂ ହେଉନାହିଁ। ଅପରପକ୍ଷେ ଶିବ ଘଟଣାସ୍ଥଳରେ ୪୦ ମିନିଟ୍ ଧରି ପଡ଼ିରହିଥିଲେ ମଧ୍ୟ ପୋଲିସ ବିଳମ୍ବରେ ପହଞ୍ଚିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରି ଅଭିଯୋଗକୁ ନେଇ ଜିଲା ଏସ୍‌ପି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

### ବକେୟା ଦରମା ଦାବିରେ ସିକ୍ୟୁରିଟି ଗାର୍ଡଙ୍କ ଧାରଣା

ପୁରୀ,୧୯।୧୨(ଅଜିତ୍ ମହାନ୍ତି):

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ କରୁଥିବା ଟାଟା କମ୍ପାନୀ ଅଧୀନରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ସିକ୍ୟୁରିଟି ଏଜେନ୍ସି ସେମାନଙ୍କୁ ବକେୟା ଦରମା ଦେଇ ନ ଥିବା ଅଭିଯୋଗ କରି କାର୍ଯ୍ୟରତ କର୍ମଚାରୀମାନେ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଧାରଣା ଦେଇଥିଲେ। ସିକ୍ୟୁରିଟି ଗାର୍ଡମାନେ ଅଭିଯୋଗ କରିଛନ୍ତି କି, ସେମାନେ ଡ୍ୟୁଟି କରୁଥିଲେ ମଧ୍ୟ ଠିକ୍ ଭାବରେ ସେମାନଙ୍କୁ ଦରମା ଦିଆଯାଉନାହିଁ। ଗତ ନଭେମ୍ବର ମାସ ଦରମା ପ୍ରଦାନ ନ କରିବାରୁ ୪୩ଜଣ ସିକ୍ୟୁରିଟି ଗାର୍ଡ ଧାରଣାରେ ବସିଥିଲେ। ଖୁବଶୀଘ୍ର ଦରମା ପ୍ରଦାନ କରା ନ ଗଲେ ଆନ୍ଦୋଳନ ତ୍ରୀବତର କରିବାକୁ ଚେତାବନୀ ଦେଇଛନ୍ତି ।

# ସାକ୍ଷୀଗୋପାଳ ରେଳ ଓଭର ବ୍ରିଜ ନିର୍ମାଣ ପାଇଁ ସର୍ଭେ

ସାକ୍ଷୀଗୋପାଳ,୧୯।୧୨
(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

**ପଞ୍ଚାୟତ ସଭାପତିଙ୍କ ସମେତ କିଛି ଲୋକଙ୍କ ବିରୋଧ**

ସାକ୍ଷୀଗୋପାଳ ରେଳ ଓଭର ବ୍ରିଜ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ସମ୍ପୃକ୍ତ ବିଭାଗ ପକ୍ଷରୁ ସତ୍ୟବାଦୀର ବିଭିନ୍ନ ଜନଗହଳି ସ୍ଥାନରେ କିଛି ଦିନ ପୂର୍ବରୁ ସାଧାରଣଲୋକଙ୍କ ସୂଚନା ନିମନ୍ତେ ହେବାକୁ ଥିବା ପ୍ରକଳ୍ପ ସମ୍ବନ୍ଧରେ ନୋଟିସ ମରାଯାଇଥିଲା।

ସୂଚନା ଅନୁଯାୟୀ, ସାକ୍ଷୀଗୋପାଳ ରେଳ ଓଭର ବ୍ରିଜ ନିର୍ମାଣ ନିମନ୍ତେ ସତ୍ୟବାଦୀ ତହସିଲ ପକ୍ଷରୁ ମାପଚୁପ ହୋଇ ଏକ ନକ୍ସା ଉକ୍ତ ବିଭାଗକୁ ପ୍ରଦାନ କରାଯିବା ପରେ ନିର୍ମାଣ କାର୍ଯ୍ୟ ପାଇଁ ସରକାରଙ୍କ ପ୍ରଶାସନିକ ଅନୁମୋଦନ ମିଳିଥିଲା। ଜିଲାପାଳ କାର୍ଯ୍ୟାଳୟ, ପୁରୀ (ଜମି ଅଧିଗ୍ରହଣ ବିଭାଗ) ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଆର୍ ଆଣ୍ଡ ବି ଡିଭିଜନ୍, ପୁରୀ ସାକ୍ଷୀଗୋପାଳ ଅଳଗୁମ ରାସ୍ତାରେ ପ୍ରସ୍ତାବିତ ବ୍ରିଜ ନିର୍ମାଣ ପ୍ରକଳ୍ପ ଅଧୀନରେ ସର୍ଭେ ପାଇଁ ଆନୁମାନିକ ଏସ୍‌ଆଇଏ(ସୋସିଆଲ ଇମ୍ପାକ୍ଟ ଅଶେସମେଣ୍ଟ) ଫି ଜମା କରିବାକୁ ନିର୍ଦ୍ଦେଶ ହୋଇଥିଲା। ଉପରୋକ୍ତ ପ୍ରକଳ୍ପର ଅଧ୍ୟୟନ ନିମନ୍ତେ ନିୟୋଜିତ ନୋଡାଲ ଏଜେନ୍ସି ନବକୃଷ୍ଣ ଚୌଧୁରୀଙ୍କୁ ୬ ଲକ୍ଷ ୫୦ ହଜାର ୮୧୭ ଟଙ୍କା ଉକ୍ତ ବିଭାଗ ପ୍ରଦାନ କରିଛି। ବ୍ରିଜ ନିର୍ମାଣ ନିମନ୍ତେ ଅଧିଗ୍ରହଣ କରାଯିବାକୁ ଥିବା ଜମି ମଧ୍ୟରୁ ସତ୍ୟବାଦୀ ଓରଫ ପେଣ୍ଟପଡ଼ା ଓରଫ ଗୋପାଳପୁରପାଟଣାର ବେସରକାରୀ ଜମି ୨. ୩୧୮୫, ଦେବୋତ୍ତର ୧. ୩୦୦୦ ଓ ସତ୍ୟବାଦୀ ଜୟପୁରର ୦.୨୧୭୦ ମୋଟ ୩.୮୩୫୫ ଏକର ଜମି ରହିଛି। ଏହି ଜମିରେ ଜୟପୁର ପଞ୍ଚାୟତର ୭ ଜଣ ଓ ପେଣ୍ଟପଡ଼ା ପଞ୍ଚାୟତର ୧୯୭ ଜଣଙ୍କ ନାମ ଥିବା ଏକ ସରକାରୀ ଚିଠା ଅନୁଯାୟୀ ଚୌଧୁରୀଙ୍କ ସହଯୋଗୀ ଅନୁଷ୍ଠାନ ଲାଭସ ସଂସ୍ଥାର ୪ ଜଣ ଅଧିକାରୀ ସତ୍ୟବାଦୀରେ ପହଞ୍ଚି ବ୍ରିଜ ନିମନ୍ତେ ପ୍ରାରମ୍ଭିକ ସର୍ଭେ କାର୍ଯ୍ୟ ଆରମ୍ଭ କରିଛନ୍ତି। ଉକ୍ତ ଅଧିକାରୀ ସର୍ଭେ ସମୟରେ ବ୍ରିଜ ପାଇଁ ଜମି ହରାଉଥିବା ଲୋକଙ୍କୁ ଚିହ୍ନଟ କରି ସେମାନଙ୍କ ମତାମତ ସହ ଘରର ଆର୍ଥିକ ଚଳଣି ସମ୍ବନ୍ଧରେ ସମସ୍ତ ତଥ୍ୟ ସଂଗ୍ରହ କରିବେ। ଏଥିପାଇଁ ସେମାନେ ଉଭୟ ପଞ୍ଚାୟତର ୨୦୪ ଜଣ ଜମି ମାଲିକଙ୍କ ମତାମତ ସହିତ ସତ୍ୟବାଦୀର ସାଧାରଣ ଲୋକଙ୍କଠୁ ଏହି ପ୍ରକଳ୍ପ ପାଇଁ ମତାମତ ସଂଗ୍ରହ କରିବେ। ଏହି ସର୍ଭେ ନିମନ୍ତେ ମଙ୍ଗଳବାର ସ୍ଥାନୀୟ ମତନେଇ ମନ୍ଦିର ପରିସର ଓ ଜୟପୁର ପଞ୍ଚାୟତରେ ପହଞ୍ଚି ସାକ୍ଷୀଗୋପାଳ ବଜାର କମିଟି ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷଙ୍କ ସହ ଅନ୍ୟ ବ୍ୟବସାୟୀ ପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ। ମାତ୍ର ଆଲୋଚନାରେ ସଭାପତିଙ୍କ ସମେତ ଅନ୍ୟମାନେ ଏହି ସର୍ଭେକୁ ବିରୋଧ କରି ଅନ୍ୟତ୍ର ସ୍ଥାନରେ ବ୍ରିଜ କରିବାକୁ କହି ଏହି କାର୍ଯ୍ୟରେ ସହଯୋଗ କରିବେନି ବୋଲି କହିଥିଲେ। ଏପଟେ ଏହି ସର୍ଭେ କାର୍ଯ୍ୟ ଆଗକୁ ଚାଲିବ ବୋଲି ଅଧିକାରୀ ପ୍ରକାଶ କରିଛନ୍ତି। ସର୍ଭେରେ (ରାଇଟ୍ ଟୁ ଫେୟାର) କ୍ଷତିପୂରଣର ଧାରା ୪ରୁ ୧୦ ଅନୁଯାୟୀ, ଜମି ଅଧିଗ୍ରହଣ ସମୟରେ କ୍ଷତିଗ୍ରସ୍ତଙ୍କୁ ଥଇଥାନ ତଥା ପୁନର୍ବାସ ଆଇନ– ୨୦୧୩ ସ୍ୱଚ୍ଛତାକୁ ପାଳନ କରାଯିବ। ବ୍ରିଜରେ ସତ୍ୟବାଦୀ ଦେବୋତ୍ତର ବିଭାଗର ଯେଉଁ ଜମି ଯାଉଛି ତାହାର ପ୍ରକୃତ ତଥ୍ୟ ଓ ନ୍ୟାୟାଳୟରେ ଥିବା ମାମଲା ସମ୍ପର୍କରେ ସଠିକ ତଥ୍ୟ ସର୍ଭେ ଅଧିକାରୀ ମନ୍ଦିର ପ୍ରଶାସକଙ୍କ ସହଯୋଗ ଲୋଡିଛନ୍ତି। ଏହି ସର୍ଭେରେ ଲାଭସର ଅଧିକାରୀ ସମୀର ମହାନ୍ତି, ରମେଶଚନ୍ଦ୍ର ବଳ ଓ ଅନ୍ୟ ୨ଜଣ ଉପସ୍ଥିତ ଥିଲେ।

# ଜିଲା ସ୍ୱାସ୍ଥ୍ୟ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

ପୁରୀ,୧୯।୧୨(ଅଜିତ୍ ମହାନ୍ତି):

- ଅଭୁଲ୍ ଇଞ୍ଜେକ୍ସନ ଯୋଗୁ ଶିଶୁକନ୍ୟା ମୃତ୍ୟୁ ଘଟଣା
- ୮ସପ୍ତାହ ଭିତରେ ତଦନ୍ତ ସାରିବାକୁ ନିର୍ଦ୍ଦେଶ

ଭୁଲ୍ ଇଞ୍ଜେକ୍ସନ ଦେବାରୁ ଅସ୍ତରଙ୍ଗ ଥାନା ଅଧୀନ ପାଟସୁନ୍ଦରପୁର ଗ୍ରାମର ୬ ବର୍ଷୀୟା ଶିଶୁକନ୍ୟା ରଶ୍ମିତା ସେନାପତିଙ୍କ ମୃତ୍ୟୁ ଘଟଣାରେ ଜାତୀୟ ମାନବାଧିକାର ଆୟୋଗ(ଏନ୍‌ଏଚ୍‌ଆର୍‌ସି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ସମ୍ବେଦନଶୀଳ ମାମଲାକୁ ଗ୍ରହଣ କରି ଜିଲା ସ୍ୱାସ୍ଥ୍ୟ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ୮ସପ୍ତାହ ଭିତରେ ତଦନ୍ତ କରି ଏହାର ରିପୋର୍ଟ ଅଭିଯୋଗକାରୀ ଏବଂ ପୀଡ଼ିତ ପରିବାରଙ୍କୁ ଦେବା ସଙ୍ଗେ ସଙ୍ଗେ ଏହାର କପି କମିଶନଙ୍କ ନିକଟରେ ଦାଖଲ କରିବା ପାଇଁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ଶିଶୁକନ୍ୟାର ମୃତ୍ୟୁ ପାଇଁ ଦାୟୀ ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଶିଶୁକନ୍ୟାର ପରିବାରକୁ କ୍ଷତି ପୂରଣ ବାବଦକୁ ୫୦ଲକ୍ଷ ଟଙ୍କା ପ୍ରଦାନ ଦାବି କରି ନ୍ୟାୟ ପାଇଁ ଲଢେଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାସ ଗତ ଅକ୍ଟୋବର ୧୭ ତାରିଖରେ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଆବେଦନ କରିଥିଲେ। ପରେ ତାହା କେସ ନମ୍ବର ୧୭,୩୧୮/୨୦୨୩ ରେ ପଞ୍ଜୀକୃତ ହୋଇଥିଲା।

ପ୍ରକାଶ ଯେ, ଗତ ଅକ୍ଟୋବର ୧୫ରେ ଅସ୍ତରଙ୍ଗ ଥାନା ଅଧୀନ ପାଟସୁନ୍ଦରପୁର ଗ୍ରାମର ସୁକାନ୍ତ ସେନାପତିଙ୍କ ୬ବର୍ଷୀୟା ଶିଶୁକନ୍ୟା ରଶ୍ମିତା ସେନାପତିଙ୍କୁ ସାମାନ୍ୟ ଜ୍ୱର ହୋଇଥିଲା। ଉକ୍ତ ଗ୍ରାମର ମନୋଜ ଦଳେଇ ଯିଏକି କାକଟପୁର ବ୍ଲକ ବାଙ୍ଗୁରିଗାଁ ମେଡିକାଲରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟ କରନ୍ତି ରଶ୍ମିତାଙ୍କୁ ଜ୍ୱର ଇଞ୍ଜେକ୍ସନ ବଦଳରେ ଭୁଲ ଇଞ୍ଜେକ୍ସନ ଦେଇଥିଲେ। ଫଳରେ ରଶ୍ମିତା ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଅସ୍ତରଙ୍ଗ ମେଡିକାଲକୁ ନେଇ ଯାଇଥିଲେ। ସେଠାରେ ମଧ୍ୟ ଡାକ୍ତର ରଶ୍ମିତାଙ୍କୁ ଠିକ୍ ଭାବେ ଚିକିତ୍ସା କରି ନ ଥିଲେ। ଅସ୍ତରଙ୍ଗ ମେଡିକାଲରେ ଦେଢ଼ ଘଣ୍ଟା ରହିବା ପରେ ରଶ୍ମିତାଙ୍କ ଅବସ୍ଥା ଅତ୍ୟନ୍ତ ଅସୁସ୍ଥ ହେବାରୁ ତାଙ୍କୁ ଚାରିଛକ ମେଡିକାଲକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅଳଙ୍କାର ଦାନ



ଗୁଜରାଟରୁ ଆସିଥିବା ଭକ୍ତ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସୁନା ଅଳଙ୍କାର ଦାନ କରିଛନ୍ତି ।

ପୁରୀ,୧୯।୧୨(ଅଜିତ୍ ମହାନ୍ତି):

ଗୁଜରାଟରୁ ଆସିଥିବା ଜଣେ ଭକ୍ତ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସୁନା ଅଳଙ୍କାର ଦାନ କରିଛନ୍ତି। ଅହମ୍ମଦାବାଦର ଚିରାଗ ଚିନୁଭାଇ ପଟେଲ ଦାନ କରିଥିବା ଅଳଙ୍କାର ମଧ୍ୟରେ ସୁବର୍ଣ୍ଣ ଚିତା ବା ତିଳକ ଦୁଇଟି ରହିଛି। ଏହାର ଓଜନ ପ୍ରାୟ ୧ କେଜି ୬୦ଗ୍ରାମ ହେବ ବୋଲି ଜଣାପଡ଼ିଛି। ଏହାର ମୂଲ୍ୟ ୭୫ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଏଥିସହିତ ଶ୍ରୀମନ୍ଦିର ଭିତରେ ନାରାୟଣ, ସାକ୍ଷୀଗୋପାଳଙ୍କ ପାଇଁ ଏକ ଲକ୍ଷ ଟଙ୍କା ମୂଲ୍ୟର ତିନୋଟି ରୁପାମୁକୁଟ ଦାନ କରିଛନ୍ତି। ପୁରୀ ଆସି ଛତିଶାନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର ଓ ବରିଷ୍ଠ ସିଂହାରୀ ସେବାୟତ ମଧୁସୂଦନ ସିଂହାରୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରି ଏକ ବିରାଟ ଶୋଭାଯାତ୍ରାରେ ଶ୍ରୀମନ୍ଦିର ନିକଟକୁ ଆସିଥିଲେ। ସେଠାରୁ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଯାଇ ସୁନା ଅଳଙ୍କାରକୁ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିଛନ୍ତି। ତେବେ ଏହି ଅଳଙ୍କାର ଗୁଜରାଟର ସ୍ୱତନ୍ତ୍ର ବଣିଆଙ୍କ ଦ୍ୱାରା ଶ୍ରୀମନ୍ଦିର ପ୍ରଶାସନର ମାପ ଅନୁଯାୟୀ ୨୪ କ୍ୟାରେଟ୍ ସୁନାରେ ଦୁଇଟି ଚିତା ତିଆରି କରାଯାଇଛି। ପଟେଲଙ୍କ ପରିବାର ଲୋକେ ଓ ସମ୍ପର୍କୀୟ ସାଥୀରେ ରହିଥିଲେ। ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଦାତାଙ୍କୁ ମହାପ୍ରଭୁଙ୍କ ଖଣ୍ଡୁଆ ଦେଇ ସମ୍ମାନିତ କରିଥିଲେ।

## ଡଙ୍ଗା କିଣାରେ ଦୁର୍ନୀତି ଅଭିଯୋଗ

ପୁରୀ,୧୯।୧୨(ଅଜିତ୍ ମହାନ୍ତି):

ଡଙ୍ଗା କିଣାରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ କରି ସାମୁଦ୍ରିକ ମତ୍ସ୍ୟଜୀବୀମାନେ ମଙ୍ଗଳବାର ମେରାଇନ ଏଡିଏଫ୍‌ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ଅରଖକୁଦା, ସାନ ପାଟଣା, ମିର୍ଜାପୁର, ପାର୍ବତୀପୁର ଓ ରାୟପୁର ସମେତ ଅନେକ ଗ୍ରାମର ସାମୁଦ୍ରିକ ମତ୍ସ୍ୟଜୀବୀମାନେ ଅଭିଯୋଗ କରିଛନ୍ତି କି ଜିଲାର ଷ୍ଟେଟ ପ୍ଲାନ ସ୍କିମ୍ ପ୍ରୋଭାଇଡିଂ ବୋଟ ନେଟ ଇଞ୍ଜିନ ମୋଟ୍ରସେସନ୍ ଅଫ୍‌ର ଯାହା ସରକାରୀ ନୀତିନିୟମ ରହିଛି ସେ ନୀତି ନିୟମରେ ଅନିୟମିତତା ହୋଇଛି। ଜିଲା ସାମୁଦ୍ରିକ ମତ୍ସ୍ୟ ବିଭାଗ ଜରିଆରେ ସାମୁଦ୍ରିକ ବଡ଼ ଡଙ୍ଗାର ସବ୍‌ସିଡକୁ ଚିଲିକା ଛୋଟ ଡଙ୍ଗା(ଶାଳ ଡୁଙ୍ଗି) ଦେଖାଇ ବୋଟ୍ ନିର୍ମାଣକାରୀ ସଂସ୍ଥା ମାତ୍ରାଧିକ ସବ୍‌ସିଡ ଅର୍ଥକୁ ତୋଷାରପାତ କରିଥିବା ସାମୁଦ୍ରିକ ମତ୍ସ୍ୟଜୀବୀ ଦାବି କରିଛନ୍ତି। ତେବେ ଏନେଇ ସହକାରୀ ସାମୁଦ୍ରିକ ମତ୍ସ୍ୟ ଅଧିକାରୀଙ୍କ ନିକଟରେ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସେମାନେ ଏହାକୁ ଗୁରୁତ୍ୱ ନ ଦେଇ ମତ୍ସ୍ୟଜୀବୀମାନଙ୍କୁ ଲୁଟି ଚାଲିଛନ୍ତି। ତେଣୁ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷପ ନେବା ପାଇଁ ମତ୍ସ୍ୟଜୀବୀମାନେ ଦାବି କରିଛନ୍ତି।

## ପରଲୋକରେ ବିଶିଷ୍ଟ କ୍ରୀଡ଼ା ସଙ୍ଗଠକ ସାମ୍ବାଦିକ ବିମଳ ଦାସ

ପୁରୀ,୧୯।୧୨(ଅଜିତ୍ ମହାନ୍ତି):



ବିଶିଷ୍ଟ କ୍ରୀଡ଼ା ସଙ୍ଗଠକ ତଥା ବରିଷ୍ଠ ସାମ୍ବାଦିକ ବିମଳ ପ୍ରସାଦ ଦାସଙ୍କ ୬୭ବର୍ଷରେ ପରଲୋକ ହୋଇଛି। ଜଣେ ଦକ୍ଷ କ୍ରୀଡ଼ାବିତ୍, ଚିତ୍ରକର, ସାମ୍ବାଦିକ ଓ ସମାଜସେବୀ ଭାବେ ପରିଚିତ ଦାସ କିଛି ବର୍ଷ ଧରି ଅସୁସ୍ଥ ଥିଲେ। ସେ କୋଣାର୍କ ଟିଂଭିରୁ ନିଜ କର୍ମମୟ ଜୀବନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଶ୍ରୀକ୍ଷେତ୍ର ପୁସ୍ତକ ମେଳା, ଛାତ୍ର–ଶିକ୍ଷକ–ଅଭିଭାବକ ସଂଘ, ଶ୍ରୀକ୍ଷେତ୍ର କଳା ପ୍ରକାଶିକା, ଶ୍ରୀକ୍ଷେତ୍ର ଜାଗରଣ ପରିଷଦ, ଜିଲା କ୍ରୀଡ଼ା ସଂଘରେ ସଂଶ୍ଲିଷ୍ଟ ରହିବା ସହ ବିଭିନ୍ନ ସମ୍ବାଦପତ୍ରରେ ସାମ୍ବାଦିକତା କରିଥିଲେ। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ସ୍ତ୍ରୀ ସୁଷମା ମହାନ୍ତି, ଝିଅ ପ୍ରୀତିଶାଶ୍ୱତୀ ଓ ଜ୍ୱାଇଁ କ୍ଷିତୀଶ ଦାସ ଉପସ୍ଥିତ ଥିଲେ। ସ୍ୱର୍ଗଦ୍ୱାରଠାରେ ଜିଲା ପ୍ରଶାସନ ପକ୍ଷରୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର, ସମାଜସେବୀ ବଦ୍ରି ମିଶ୍ର, କ୍ରୀଡ଼ା ସଂଗଠକ ରବିଶଙ୍କର ପ୍ରତିହାରୀ, ବହୁ ସମ୍ବାଦିକ ଶବାଧାରରେ ମାଲ୍ୟାର୍ପଣ କରିଥିଲେ। ପୁତ୍ର ବିଶ୍ୱରଞ୍ଜନ ମୁଖାଗ୍ନି ଦେଇଥିଲେ। ତେବେ ଦାସଙ୍କ ବିୟୋଗରେ ଜିଲାପାଳ ସମର୍ଥ ବର୍ମା ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରି ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

# ଦିବା ପହୁଡ଼ ନୀତି ସମ୍ପନ୍ନ

ପୁରୀ,୧୯।୧୨(ଅଜିତ୍ ମହାନ୍ତି):

ମାର୍ଗଶିର ଶୁକ୍ଳପକ୍ଷ ସପ୍ତମୀ ତିଥି ମଙ୍ଗଳବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦିବା ପହୁଡ଼ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଧନୁ ସଂକ୍ରାନ୍ତିଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ପହିଲି ଭୋଗ ନୀତି। ଏହି ପହିଲି ଭୋଗ ନୀତି ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିବ। ଶ୍ରୀମନ୍ଦିରରେ ପହିଲି ଭୋଗ ନୀତିକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ଚୂଡାନ୍ତ କରାଯାଇଛି। ପରମ୍ପରା ଅନୁଯାୟୀ ଗୋପାଳ ବଲ୍ଲଭ ଅବସରରେ ମହାପ୍ରଭୁଙ୍କୁ ପହିଲି ଭୋଗ ଲାଗି କରାଯାଇଛି । ତେବେ ଏହି ମାସରେ ମହାପ୍ରଭୁଙ୍କ ଦିବା ପହୁଡ଼ ନୀତି ମଧ୍ୟ ଅନୁଷ୍ଠିତ ହୋଇଥାଏ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଦିବା ପହୁଡ଼ ନୀତି ଅନୁଷ୍ଠିତ ହୋଇଛି । ଭୋର ୩ ଟା ୨୫ ମିନିଟ୍‌ରେ ଶ୍ରୀମନ୍ଦିର ଦ୍ୱାର ଖୋଲାଯାଇ ନୀତି ଆରମ୍ଭ ହୋଇଥିଲା। ସକାଳ ୭ ଟା ୫୦ ମିନିଟ୍‌ରେ ପହିଲି ଭୋଗ ଶେଷ ହୋଇ ସକାଳ ୯ ଟା ୧୫ ମିନିଟ୍‌ରେ ଶେଷ ହୋଇଥିଲା। ସେହିପରି ମଧ୍ୟାହ୍ନ ଧୂପ ଓ ଦ୍ୱିତୀୟ ଭୋଗ ମଣ୍ଡପ ଶେଷ ହୋଇଥିଲା । ପରେ ମଇଲମ ଓ ବେଶ ଶେଷ ହୋଇ ଅପରାହ୍ନ ୩ ଟା ରେ ଦିବା ପହୁଡ ନୀତି ହୋଇଥିଲା। ସନ୍ଧ୍ୟା ୬ ଟାରେ ଦ୍ୱାର ଫିଟାଯାଇ ସନ୍ଧ୍ୟା ଆଳତି କରାଯାଇଥିଲା । ପରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା। ଦିବା ପହୁଡ ସମୟରେ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଦିବା ପହୁଡ଼ ନୀତି ସରିବା ପରେ ପୁନର୍ବାର ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା।

# ୨୭ରେ ୫–ଟି ଅଧ୍ୟକ୍ଷ ପାଣ୍ଡିଆନ୍‌ଙ୍କ ନିମାପଡ଼ା ଗସ୍ତ

ନିମାପଡ଼ା,୧୯।୧୨(ବିଚିତ୍ରାନନ୍ଦ ସାହୁ)

ନବୀନ ଓଡ଼ିଶା ଓ ୫–ଟି ସଚିବ କାର୍ତ୍ତିକ ପାଣ୍ଡିଆନ୍ ଆସନ୍ତା ୨୭ ତାରିଖରେ ନିମାପଡ଼ା ଓ ଗୋପ ଅଞ୍ଚଳ ଗସ୍ତ କରିବେ। ପାଣ୍ଡିଆନ୍ ନିମାପଡ଼ା ବ୍ଲକ ବିଷ୍ଣୁପୁର ଗ୍ରାମ ନିକଟ ପ୍ରସିଦ୍ଧ ଶୈବପୀଠ ପ୍ରଭୁ ସୋମନାଥ ଦେବଙ୍କ ମନ୍ଦିର ଗସ୍ତ ଓ ପରିଦର୍ଶନ କରି ମନ୍ଦିର ଓ ପୀଠର ବିକାଶମୂଳକ କାର୍ଯ୍ୟର ତଦାରଖ କରିବେ। ମନ୍ଦିରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅନୁଦାନର ବ୍ୟବସ୍ଥା କରିଛନ୍ତି। ପାଣ୍ଡିଆନ୍‌ଙ୍କ ଏହି ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବାକୁ ବିଜେଡି ପକ୍ଷରୁ ପ୍ରସ୍ତୁତି ଚାଲିଛି। ଏହି ଅବସରରେ ମଙ୍ଗଳବାର ନିମାପଡ଼ା ଶେଉଳ ସାହି ନିକଟସ୍ଥ ଏକ କଲ୍ୟାଣ ମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ, ନିମାପଡ଼ା ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ନିର୍ବାଚନମଣ୍ଡଳୀ ସମ୍ପାଦକ ରବୀନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାକୁ ବିଧାୟକ ନେତୃବୃନ୍ଦଙ୍କୁ ଆହ୍ୱାନ ଦେଇଥିଲେ। ଏହି ଗସ୍ତବେଳେ ନିମାପଡ଼ାର ପ୍ରବେଶ ପଥ ହରିପୁର ଛକ, ଖେଲାର, ଶ୍ରୀମୁଖ, ମହିଳା କଲେଜ ଛକ, ଦୋଳବେଦୀ ଛକ, ଗୋଲେଇ ଛକଠାରେ ହଜାର ହଜାର ଦଳୀୟ କର୍ମୀ, ଶହ ଶହ ମହିଳା ପାଣ୍ଡିଆନ୍‌ଙ୍କୁ ସ୍ୱାଗତ ଜଣାଇବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ନିମାପଡ଼ା ବ୍ଲକ ଓ ଏନ୍‌ଏସିର ବହୁ ନିର୍ବାଚିତ ପ୍ରତିନିଧି, ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ।



ବୈଠକରେ ମଞ୍ଚାସୀନ ଅତିଥି ଓ ଉପସ୍ଥିତ ନେତୃମଣ୍ଡଳୀ।

# ବରିଷ୍ଠ ନାଗରିକଙ୍କୁ ଆଶାବାଡ଼ି

ପୁରୀ,୧୯।୧୨(ଅଜିତ୍ ମହାନ୍ତି):

ବରିଷ୍ଠ ନାଗରିକମାନେ ପରିବାର, ରାଜ୍ୟ ଓ ଦେଶ ପାଇଁ ସମ୍ବଳ। ସେମାନଙ୍କୁ ଉପଯୁକ୍ତ ସମ୍ମାନ ସହ ସୁରକ୍ଷା ଓ ଯତ୍ନ ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା କହିଛନ୍ତି। ମାଟିଆପଡାସ୍ଥିତ ରଘୁନାଥ କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ନୀଳାଚଳ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ ବରିଷ୍ଠ ନାଗରିକଙ୍କୁ ଆଶାବାଡ଼ି ବଣ୍ଟନ କାର୍ଯ୍ୟକ୍ରମରେ ମହାରଣା ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ସେମାନଙ୍କୁ ପରିଚୟ ପତ୍ର ପ୍ରଦାନ, ବାର୍ଦ୍ଧକ୍ୟ ଭତ୍ତା, ବରିଷ୍ଠ ନାଗରିକଙ୍କୁ ଆଶା ବାଡ଼ି, ଟ୍ରାଇ ସାଇକେଲ ଇତ୍ୟାଦି ଆବଶ୍ୟକ ଉପକରଣ ପ୍ରଦାନ କରାଯାଉଛି ବୋଲି କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗ ଦେଇ ବିଭିନ୍ନ ଗଳ୍ପ ଓ ଉଦାହରଣ ଛଳରେ ବରିଷ୍ଠ ନାଗରିକମାନଙ୍କ ଅନୁଭବ, ଅଭିଜ୍ଞତା ଏବଂ ଜ୍ଞାନ ସର୍ବଦା ସମାଜର ମାର୍ଗଦର୍ଶନରେ ସହାୟକ ହୋଇଥାଏ ବୋଲି କହିଥିଲେ। ମଞ୍ଚର ସଭାପତି ବୀରେନ୍ଦ୍ର ଭୂଷଣ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ଦୁର୍ଗା ମାଧବ ମହାପାତ୍ର, ସମ୍ପାଦକ ପ୍ରସନ୍ନ କୁମାର ଶତପଥୀ, କୋଷାଧ୍ୟକ୍ଷ ଅଜୟ କୁମାର ଦୀକ୍ଷିତ, ପରାମର୍ଶ ଦାତା ରମେଶ ମହାନ୍ତି, ବ୍ରଜ କିଶୋର ପଟ୍ଟନାୟକ, ସଦସ୍ୟ ରବୀନ୍ଦ୍ର ଦୋରା, ମନମୋହନ ରାଉତ, ବିଦ୍ୟୁଲତା ଆଚାର୍ଯ୍ୟ,ଦେବେନ୍ଦ୍ର ମହାନ୍ତି, ହରିହର ପାଢ଼ୀ, ନିରୁପମା ମହାନ୍ତି, ସରସ୍ୱତୀ ହୋତା, ବୁଦ୍ଧିଆ ମୁଦୁଲି ଓ ପୂର୍ବତନ କାଉନସିଲର ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ରହି ବରିଷ୍ଠ ନାଗରିକଙ୍କୁ ଆଶା ବାଡ଼ି ବଣ୍ଟନ କରିଥିଲେ।

# ୨ଦିନିଆ ସାଇକେଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ପୁରୀ,୧୯।୧୨(ଅଜିତ୍ ମହାନ୍ତି):

ପୁରୀରେ ୨ ଦିନିଆ ୪୦ତମ ରୋଡ ସାଇକେଲ ଚାଳନା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୧୬୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ସାଇକେଲିଂ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଚାମ୍ପିୟନଶିପ୍‌କୁ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ଉଦ୍‌ଘାଟନ କରି ସାଇକେଲ ଚାଳନା ଦ୍ୱାରା ବ୍ୟାୟାମ ସହ ଶରୀର ସୁସ୍ଥ ରହିଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଓଡ଼ିଶା ସାଇକେଲ ସଂଘର ସଭାପତି ଅର୍ଜୁନ ପୁରସ୍କାର ବିଜୟିନୀ ମିନତୀ ମହାପାତ୍ର, ସମ୍ପାଦକ ପ୍ରସନ୍ନ କୁମାର ରାଉତ, ବରିଷ୍ଠ ସାଇକେଲ ଚାଳକ ତଥା ଆୟୋଜକ ସୁଶୀଲ କୁମାର ଦାସ, ପର୍ଯ୍ୟବେକ୍ଷକ ପ୍ରଣତିରାଣୀ ଦାସ ଓ ସଦସ୍ୟ ଅପୂର୍ବ ରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ସାଇକେଲ ଚାଳନାର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ପ୍ରତିଯୋଗୀମାନଙ୍କ ସାଇକେଲ ଚାଳନାକୁ ଅତିଥିମାନେ ଶୁଭାରମ୍ଭ କରିଥିଲେ।



ପୁରୀଠାରେ ଆୟୋଜିତ ୨ ଦିନିଆ ୪୦ ତମ ରୋଡ ସାଇକେଲ ଚାଳନା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ ।

# ମିଶନଶକ୍ତି ଗୋଷ୍ଠୀ ସହାୟିକା ସଂଘର ରାଜ୍ୟସ୍ତରୀୟ କନ୍‌ଭେନ୍‌ଶନ

ପୁରୀ,୧୯।୧୨(ଅଜିତ୍ ମହାନ୍ତି):




ରାଜ୍ୟସ୍ତରୀୟ କନ୍‌ଭେନ୍‌ଶନରେ ମଞ୍ଚାସୀନ ଅତିଥି ।

ସର୍ବ ଭାରତୀୟ ଶ୍ରମିକ ସଂଗଠନ ଏଆଇଟିୟୁସି ସହବନ୍ଧିତ ଓଡ଼ିଶା ଗୋଷ୍ଠୀ ସହାୟିକା (ସିଆର୍‌ପି–ସିଏମ୍) ସଂଘର ରାଜ୍ୟ ଓ ଜିଲାସ୍ତରୀୟ କର୍ମକର୍ତ୍ତାମାନଙ୍କ ରାଜ୍ୟସ୍ତରୀୟ କନ୍‌ଭେନ୍‌ଶନ ମଙ୍ଗଳବାର ସ୍ଥାନୀୟ ୟୁଥ ହଷ୍ଟେଲ ଠାରେ ଅନୁଷ୍ଠିତ ହୋଇଛି। ସଂଘର ସଭାପତି ବିଜୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସ ମହାପାତ୍ର, ଉପସଭାପତି ବ୍ରଜବନ୍ଧୁ ପ୍ରଧାନ, ପଦ୍ମଜା ଆଚାର୍ଯ୍ୟ, ସାଧାରଣ ସମ୍ପାଦିକା ସରସ୍ୱତୀ ବେହେରା ଏବଂ ଅନୁସୂୟା ପ୍ରଧାନ ପ୍ରମୁଖ ଯୋଗଦେଇ ଗୋଷ୍ଠୀ ସହାୟିକାମାନଙ୍କ ବିଭିନ୍ନ ସମସ୍ୟା ଓ ସରକାରୀ ପ୍ରତାରଣା ଉପରେ ଆଲୋଚନା କରିଥିଲେ। ସଂଘର ବାରମ୍ବାର ଆନ୍ଦୋଳନ ଫଳରେ ସରକାର ମାସର ୫ତାରିଖରେ ଦରମା ପ୍ରଦାନ, ଆଞ୍ଚଳିକ ମଞ୍ଚ ଗୃହ ନ ହେବା ପର୍ଯ୍ୟନ୍ତ ଭଡ଼ାଘରେ ସଭା କରିବାକୁ ସମ୍ମତି ପ୍ରଦାନ, ପରିଚୟପତ୍ର, ଦରମା ସହ ପ୍ରସୂତିକାଳୀନ ଛୁଟି, ୨୦୧୯ ଠାରୁ ବାକିଥିବା ଦରମା ପ୍ରଦାନ ପ୍ରଭୃତି ଦାବି ପୂରଣ କରିଥିଲେ ମଧ୍ୟ ମୁଖ୍ୟ ଦାବି ପ୍ରତି ଦୃଷ୍ଟିଗୋଚର କରିନାହାନ୍ତି ବୋଲି କହିଥିଲେ। ତେବେ ଅନୁଷ୍ଠିତ ବୈଠକରେ ସିଆରପିମାନଙ୍କୁ ସରକାରୀ ମାନ୍ୟତା, ସର୍ବନିମ୍ନ ମଜୁରୀ ଛବିଶି ହଜାର ଟଙ୍କା ପ୍ରଦାନ, ସିଆର୍‌ପିଙ୍କୁ ଲାପ୍‌ଟପ୍ ପ୍ରଦାନ, ଆଞ୍ଚଳିକ ବୈଠକ ଗୃହ ନିର୍ମାଣ, ମାସିକ ଦରମା ଓ ଅନ୍ୟାନ୍ୟ ପ୍ରାପ୍ୟ ଆକାଉଣ୍ଟରେ ସିଧାସଳଖ ପ୍ରଦାନ, ଭିଆର୍‌ଏଫ୍ ଫଣ୍ଡକୁ ଦଶଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇ ଏହାର ପରିଚାଳନା ପାଇଁ ଗୋଷ୍ଠୀ ସହାୟିକାଙ୍କୁ ଅତିରିକ୍ତ ପାରିଶ୍ରମିକ ପ୍ରଦାନ, ସିଆର୍‌ପିମାନଙ୍କ କାର୍ଯ୍ୟ ବ୍ୟତିତ ସରକାରଙ୍କ ବିଭିନ୍ନ ଯୋଜନାରେ କାର୍ଯ୍ୟ ପାଇଁ ଅତିରିକ୍ତ ପ୍ରାପ୍ୟ ପ୍ରଦାନ, କୃଷିମିତ୍ର ପ୍ରାଣୀମିତ୍ର କାର୍ଯ୍ୟ ତୁଲାଉଥିବା ସିଆର୍‌ପି ମାନଙ୍କୁ ଅତିରିକ୍ତ ପ୍ରାପ୍ୟପ୍ରଦାନ ଏବଂ ସିଆର୍‌ପିମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ସହ ୬୫ ବର୍ଷକୁ କାର୍ଯ୍ୟକାଳ ବୃଦ୍ଧି କରାଯିବା ପାଇଁ ଦାବି କରାଯାଇଛି।

# ନିଷିଦ୍ଧାଞ୍ଚଳରେ ହୋର୍ଡିଂ, ନୀରବଦ୍ରଷ୍ଟା ସିଏମ୍‌ସି

କଟକ, ୧୯।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ସହରରେ ଥିବା ଶିକ୍ଷାନୁଷ୍ଠାନ, ଡାକ୍ତରଖାନା, ସରକାରୀ କାର୍ଯ୍ୟାଳୟ, ପର୍ଯ୍ୟଟନ ସ୍ଥଳ ଭଳି ୧୧ଟି ସମ୍ବେଦନଶୀଳ ସ୍ଥାନରେ ହୋର୍ଡିଂ ଲାଗିପାରିବ ନାହିଁ। ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ଆଶଙ୍କାରେ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଉକ୍ତ ସ୍ଥାନକୁ 'ନୋ-ହୋର୍ଡିଂ ଜୋନ୍' ଭାବେ ଘୋଷଣା କରାଯାଇଥିଲା। ହେଲେ ଏବେ ଉକ୍ତ ସ୍ଥାନଗୁଡିକରେ ମାଳ ମାଳ ହୋର୍ଡିଂ ଲାଗିଥିବା ଦେଖିବାକୁ ମିଳିଛି। ଏ ସବୁ ଦେଖି ସିଏମ୍‌ସି ନିରବଦ୍ରଷ୍ଟା ସାଜିଛି।

୨୦୧୫ ମସିହାରେ ଉପରୋକ୍ତ ସ୍ଥାନରେ କୌଣସି ବିଲ୍‌ବୋର୍ଡ, ହୋର୍ଡିଂ ଆଦି ଲାଗି ପାରିବ ନାହିଁ ବୋଲି ସିଏମ୍‌ସି ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଥିଲା। ଓଡ଼ିଶା ହାଇକୋର୍ଟ ଏବଂ ଶିଶୁଭବନ ମଧ୍ୟରେ ଥିବା ରାସ୍ତା, ଚଣ୍ଡୀ ମନ୍ଦିର, ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲ, ସିଟି ହସ୍ପିଟାଲ ଏବଂ ସତୀଚୌରା, ସିଡିଏ ସେକ୍ଟର-୧୦ ମଧ୍ୟରେ ଥିବା ରାସ୍ତାପାର୍ଶ୍ୱକୁ ନୋ-ହୋର୍ଡିଂ ଜୋନ୍ ଭାବରେ ଘୋଷଣା କରାଯାଇଥିଲା। ସେହିପରି ବାରବାଟୀ ଦୁର୍ଗ, ଧାର୍ମିକ ଅନୁଷ୍ଠାନ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରତିମୂର୍ତ୍ତି ସମେତ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ଦ୍ୱାରା ତାଲିକାଭୁକ୍ତ ଐତିହାସିକ ସ୍ଥଳର ୧୦୦ ମିଟର ମଧ୍ୟରେ କୌଣସି ହୋର୍ଡିଂ ନ ଲଗାଯିବା ପାଇଁ କୁହାଯାଇଥିଲା। ଯଦି କେହି ହୋର୍ଡିଂ ଲଗାଏ ତେବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସ୍ଥିର କରାଯାଇଥିଲା। ହେଲେ



ଏହାକୁ କେହି ନ ମାନିବାରୁ ସହରରେ ଏବେ ଏହାର ବୀପରିତ ଚିତ୍ର ଦେଖିବାକୁ ମିଳୁଛି। ସବୁ ନିଷିଦ୍ଧାଞ୍ଚଳରେ ମାଳ ମାଳ ହୋର୍ଡ଼ିଂ ଲଗାଇ ବିଭିନ୍ନ ସଂସ୍ଥା ଲାଭବାନ ହେଉଛି। ହେଲେ ଏ ଦିଗରେ ସିଏମ୍‌ସି କର୍ତ୍ତୃପକ୍ଷ ପଦକ୍ଷେପ ନ ନେବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଅପରପକ୍ଷରେ ୫୪ଟି ବିଜ୍ଞାପନ ସଂସ୍ଥା ଉପରେ ବିଜ୍ଞାପନ ବାବଦକୁ ସିଏମ୍‌ସିର ୧ କୋଟି ୭ଲକ୍ଷ ୮୦ ହଜାର ୨୧୪ ଟଙ୍କା ବାକି ରହିଛି। ଏହି ବକେୟା ଅର୍ଥ ଆଦାୟ ପାଇଁ କମିଟି ଗଠନ ସହ ବିଭିନ୍ନ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ଏ ଦିଗରେ ପଦକ୍ଷେପ ନିଆ ନ ଯିବାରୁ ଏ ପର୍ଯ୍ୟନ୍ତ ହେଲାଣି ବହୁ ସଂସ୍ଥା ବକେୟା ଅର୍ଥ ପଇଠ କରିନାହିଁ। ବେଆଇନ ହୋର୍ଡିଂ ଲଗାଇଥିବା ବ୍ୟକ୍ତି କିମ୍ବା ସଂସ୍ଥା ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଲୋକମାନେ ଦାବି କରିଛନ୍ତି। ଏନେଇ ଏହି ଦାୟିତ୍ୱରେ ଥିବା ସିଏମ୍‌ସି ଡେପୁଟି କମିଶନର ସୁମନ୍ତ କୁମାର କର କହିଛନ୍ତି, ବେଆଇନ ହୋର୍ଡିଂ ଲଗାଇଥିବା ସଂସ୍ଥାକୁ ଚିହ୍ନଟ କରିବା ନିମନ୍ତେ ଯୋଜନା କରାଯାଇଛି। ଖୁବ୍‌ଶୀଘ୍ର ଚଢାଉ କରାଯାଇ ସମ୍ପୃକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ସ୍ତ୍ରୀଙ୍କ ପ୍ରେମିକ ହତ୍ୟା କରିଥିଲେ

### ନିଆଁରେ ପୋଡ଼ି ଯୁବକଙ୍କ ମୃତ୍ୟୁ ଘଟଣା, ୨ ଗିରଫ

ଚୌଦ୍ୱାର, ୧୯।୧୨(ଆଶୁତୋଷ ଦାସ)

ଚୌଦ୍ୱାର ଥାନା ଅଧୀନ ବଧି ପଡିଆ ଶ୍ମଶାନ ପାଖରେ ନିଆଁରେ ପୋଡି ଜଣେ ଯୁବକଙ୍କ ମୃତ୍ୟୁ ଘଟଣାର ରହସ୍ୟ ମଙ୍ଗଳବାର ଉନ୍ମୋଚନ ହୋଇଛି। ଏହି ଘଟଣାରେ ପୋଲିସ ମୃତକଙ୍କ ସ୍ତ୍ରୀ ସୁହାସିନୀ ମହାପାତ୍ର ଓ ତାଙ୍କ ପ୍ରେମିକ ଚୌଦ୍ୱାର ପୌରପାଳିକା ୧୮ ନଂ. ୱାର୍ଡ଼ ଅନ୍ତର୍ଗତ ବୃଢ଼ଙ୍ଗସାହିର ପୂର୍ଣ୍ଣଚନ୍ଦ୍ର ମହାରଣାଙ୍କୁ ଗିରଫ କରିଛି। ସ୍ତ୍ରୀଙ୍କ ପ୍ରେମିକ ସମ୍ପୃକ୍ତ ଯୁବକଙ୍କୁ ହତ୍ୟା କରିଥିବା ପୋଲିସ କହିଛି।

ଗତ ୨ ତାରିଖରେ ବଧି ପଡ଼ିଆ ଶ୍ମଶାନ ପାଖରେ ଗୋବିନ୍ଦପୁର ଥାନା ଅଧୀନ ନୋଦା ଡିମିରି ଗ୍ରାମର ନିଶ୍ଚଳ ରଞ୍ଜନ ମହାପାତ୍ର ଅର୍ଦ୍ଧଦଗ୍ଧ ଅବସ୍ଥାରେ ବସିଥିଲେ। ଖବରପାଇ ଚୌଦ୍ୱାର ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରି କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୁହାସିନୀ ଓ ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ସେମାନଙ୍କୁ ହସ୍ତାନ୍ତର କରିଥିଲା। ନିଶ୍ଚଳଙ୍କୁ କେହି ପୋଡି ମାରି ଦେଇଥିବା ନେଇ ସୁହାସିନୀ ଚୌଦ୍ୱାର ଥାନାରେ ଏତଲା ଦେବା ପରେ ପୋଲିସ ମାମଲା(ନଂ.୬୩୧/୨୩) ରୁଜୁ କରି ତଦନ୍ତ କରିଥିଲା। ଏସ୍‌ଆଇ ଏସ୍.ଏ. ପାଣି ତଦନ୍ତ କରି ଜାଣିବାକୁ ପାଇଥିଲେ ଯେ ସୁହାସିନୀ ଓ ପୂର୍ଣ୍ଣଚନ୍ଦ୍ରଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ନିଶ୍ଚଳ ଏ ସମ୍ପର୍କରେ ଜାଣିବା ପରେ ସୁହାସିନୀଙ୍କୁ ନିର୍ଯାତନା ଦେଉଥିଲେ। ନିଶ୍ଚଳଙ୍କୁ ମାରିଦେବା ପାଇଁ ସୁହାସିନୀ ଓ ପୂର୍ଣ୍ଣଚନ୍ଦ୍ର ଯୋଜନା ପ୍ରସ୍ତୁତ କରିଥିଲେ। ଗତ ୧ ତାରିଖରେ ପୂର୍ଣ୍ଣଚନ୍ଦ୍ର ନିଜ ସ୍କୁଟିରେ ନିଶ୍ଚଳଙ୍କୁ ଡିମିରି ଗ୍ରାମରୁ ଚୌଦ୍ୱାର ବଧି ଶ୍ମଶାନ ନିକଟକୁ ଆଣିଥିଲେ। ସେଠାରେ ତାଙ୍କୁ ମଦ ପିଆଇବା ପରେ ତାଙ୍କ ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇ ଫେରାର ହୋଇଯାଇଥିଲେ। ଘଟଣାର ତଦନ୍ତ ପରେ ଏସ୍‌ଆଇ ପାଣି ସଦଳବଳ ପୂର୍ଣ୍ଣଚନ୍ଦ୍ରଙ୍କ ଘରେ ଚଢ଼ାଉ କରି ତାଙ୍କୁ ଗିରଫ କରିଛନ୍ତି।



## ଜାନୁୟାରୀ ୫ରେ ଜିଲାସ୍ତରୀୟ ନୂଆ-ଓ ଉତ୍ସବ

କଟକ, ୧୯।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା ମାଧ୍ୟମରେ ଯୁବପିଢି ନିଜର ଦକ୍ଷତା ପ୍ରଦର୍ଶନ କରିବା ଲକ୍ଷ୍ୟରେ ଆସନ୍ତା ଜାନୁୟାରୀ ୫ରେ କଟକ ବାଲିଯାତ୍ରା ତଳ ପଡିଆରେ ଜିଲାସ୍ତରୀୟ ନୂଆ-ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ନରହରି ସେଠୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଜିଲାର ବିଭିନ୍ନ ମହାବିଦ୍ୟାଳୟର ୧୦ ହଜାରରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ତେବେ ଏହା ପୂର୍ବରୁ ଡିସେମ୍ବର ୨୦ରୁ ୨୪ ତାରିଖ ମଧ୍ୟରେ ଜୋନ୍ ସ୍ତରରେ ମହାବିଦ୍ୟାଳୟଗୁଡିକରେ ଏଥିପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ନିମନ୍ତେ ସ୍ଥିର କରାଯାଇଛି। ଏହି ପ୍ରତିଯୋଗୀତାର ଶ୍ରେଷ୍ଠ ବିବେଚିତ ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରୀୟ ଉତ୍ସବରେ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ଦିଆଯିବା ସହ ପୁରସ୍କୃତ କରାଯିବ। ବିଭିନ୍ନ ବିଭାଗୀୟ ଷ୍ଟଲ ସହ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, ମିଶନ ଶକ୍ତି ଓ ମମତା ଭଳି ଜନକଲ୍ୟାଣକାରୀ ଯୋଜନାଗୁଡିକର ରୂପରେଖ ପ୍ରଦର୍ଶନୀ ଷ୍ଟଲରେ ସ୍ଥାନୀତ ହେବା ପାଇଁ ବୈଠକରେ ସ୍ଥିର କରାଯାଇଛି। ଏତଦ୍‌ବ୍ୟତୀତ ଭିନ୍ନ ଛାତ୍ରୀଛାତ୍ରଙ୍କ ନିମନ୍ତେ ବିଭିନ୍ନ ଖେଳ, ମନୋରଞ୍ଜନ କାର୍ଯ୍ୟକ୍ରମ, ଫଟୋ କର୍ନର, ବନ୍ଧୁକ ଚାଳନା, ମୁଖ ଚିତ୍ରଣ, ଟାଟୁ, କୁଇଜ୍, ଚିତ୍ରକଳା, ହସ୍ତକଳା, ଫିଟ୍‌ନେସ୍ ଚ୍ୟାଲେଞ୍ଜ ଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲାପାଳ ଶିବ ଟପୋ, କମିଶନରେଟ ପୋଲିସର ଅତିରିକ୍ତ ଆୟୁକ୍ତ କୃଷ୍ଣ ପ୍ରସାଦ ଦାସ, ଅତିରିକ୍ତ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ଦେବଦତ୍ତ ବରାଳ, ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ ବେହେରା, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଜିଲା କ୍ରୀଡ଼ା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।





ବାଲିଯାତ୍ରା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଦାବିରେ କଂଗ୍ରେସ ପକ୍ଷରୁ ମଙ୍ଗଳବାର ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

## ବାଲିଯାତ୍ରା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ହେଉ

### ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ

କଟକ, ୧୯।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ବାଲିଯାତ୍ରାରେ ହୋଇଥିବା ମହାଦୁର୍ନୀତି ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତାର ସରକାର କୌଣସି ଉଚ୍ଚସ୍ତରୀୟ ତଦନ୍ତ ନ କରିବା ବିରୋଧରେ କଂଗ୍ରେସ ପକ୍ଷରୁ କଟକ ମହାନଗର ନିଗମ(ସିଏମ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମଙ୍କ ଆହ୍ୱାନକ୍ରମେ କର୍ପୋରେଟର ଦଳ ଓ କଂଗ୍ରେସ କର୍ମକର୍ତ୍ତାଙ୍କ ପକ୍ଷରୁ ଏହି ବିକ୍ଷୋଭ କରାଯାଇଥିଲା। ଏଥିରେ ବିଧାୟକ ମୋକିମ ଯୋଗଦେଇ କହିଛନ୍ତି, ଚଳିତବର୍ଷ ବାଲିଯାତ୍ରା ଆୟୋଜନରେ ଦୁର୍ନୀତି ସବୁ ସୀମା ଟପିଛି। ପାଖାପାଖି ୮ କୋଟି ଟଙ୍କା ହରିଲୁଟ୍ କରାଯାଇଛି। ତୁରନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରା ନ ଗଲେ ଆଗାମୀ ଦିନରେ ବିଭିନ୍ନ ୱାର୍ଡ ସ୍ତରରେ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି। ନଗର କଂଗ୍ରେସର ପୂର୍ବତନ ସଭାପତି ଗିରିବାଳା ବେହେରା ଯୋଗଦେଇ ମେୟର ଓ କମିଶନରଙ୍କ ମନମୁଖି କାର୍ଯ୍ୟକୁ ନିନ୍ଦା କରିଥିଲେ। ଏହି ବିକ୍ଷୋଭରେ କର୍ପୋରେଟର ସନ୍ତୋଷ କୁମାର ଭୋଳ, ଶୁବାଶିଷ ପଟ୍ଟନାୟକ, ଲିଜାରାଣୀ ରାଉତ, ଭାନୁ ସେନାପତି, ସ୍ୱର୍ଣ୍ଣପ୍ରଭା ପଶାୟତ, କେ. କାମେଶ୍ୱର ରାଓ, ବଟକୃଷ୍ଣ ସ୍ୱାଇଁ, ଜନାର୍ଦ୍ଦନ ପରିଡା, ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ପଶାୟତ, ବିଶ୍ୱଜିତ୍ ଦାସ, କେଦାର ପୃଷ୍ଟି, ଚାରୁଲତା ସାହୁ, ସେକ ସମ୍ମିମଉଲ୍ଲାଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

## ବିଜେଡି ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ

ମଙ୍ଗୁଳି-ଜଗତପୁର, ୧୯।୧୨(ମାନସ ସାମଲ)

ବିଜେଡି ପ୍ରତିଷ୍ଠା ଦିବସ ଉପଲକ୍ଷେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ୫ଟି ପଞ୍ଚାୟତର ବିଜେଡି ପକ୍ଷରୁ ମଙ୍ଗରାଜପୁରସ୍ଥିତ କଲ୍ୟାଣ ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କୃଷିମନ୍ତ୍ରୀଙ୍କ ପ୍ରତିନିଧି ଶେଖ୍ ସାହାଜାନ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ପରିଷଦ ସଦସ୍ୟ ବିଶ୍ୱଜିତ୍ ପ୍ରଧାନ, ମହିଷାଲଣ୍ଡା ପଞ୍ଚାୟତ ସମିତିସଭ୍ୟ ଦେବୀ ପ୍ରସାଦ ସ୍ୱାଇଁ, ପୂର୍ବତନ ଜିଲା ପରିଷଦ ସଦସ୍ୟା ମଧୁସ୍ମିତା ସେଠୀ, ପୂର୍ବତନ ସରପଞ୍ଚ ରଞ୍ଜିତ ରାଉତ, ମଙ୍ଗରାଜପୁର ସରପଞ୍ଚ ଦେବେନ୍ଦ୍ର ପାଣ୍ଡ, ବଡସାମନ୍ତରାୟ ସରପଞ୍ଚ ବିଶ୍ୱଜିତ୍ ମାଝି, ପବିତ୍ର ରାଉତ, ରବୀନ୍ଦ୍ର ସାହୁ, ପରମାନନ୍ଦ ରାଉତ, ସରୋଜ ଖଟୁଆ, ଅଶୋକ ପରିଡା, ଜଗନ୍ନାଥ ଦାସଙ୍କ ସମେତ ୫ ପଞ୍ଚାୟତର ବିଜେଡି ନେତୃମଣ୍ଡଳୀ, ଯୁବ, ଛାତ୍ର ଓ କୃଷକ ନେତା ଯୋଗଦେଇଥିଲେ। ୨୬ରେ ବିଜେଡି ପ୍ରତିଷ୍ଠା ଦିବସକୁ ଧୁମ୍‌ଧାମ୍‌ରେ ପାଳନ ସହ ଗଣଦୌଡ଼ କାର୍ଯ୍ୟକ୍ରମ କରାଯିବ। ଗଣଦୌଡ଼ରେ ପ୍ରଥମ ସ୍ଥାନ ଅଧିକାର କରିବାକୁ ଥିବା ପ୍ରତିଯୋଗୀଙ୍କୁ ୫ହଜାର, ଦ୍ୱିତୀୟ ସ୍ଥାନ ପାଇଁ ୩ ହଜାର ଓ ତୃତୀୟ ସ୍ଥାନ ଅଧିକାର କଲେ ୨ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସେକ୍ ସାହାଜାନ ସୂଚନା ଦେଇଛନ୍ତି।

## ବିଭିନ୍ନ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

କଟକ, ୧୯।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ବିଭିନ୍ନ ଦାବି ନେଇ ଏଆଇୟୁଟିୟୁସି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ୨୪ ଦଫା ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ନରହରି ସେଠୀଙ୍କୁ ପ୍ରଦାନ କରାଯାଇଥିଲା। ସମସ୍ତ ବେକାର ଯୁବତୀଯୁବକଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ବିଦ୍ୟୁତ୍ ସଂଶୋଧନ ବିଲ୍ ୨୦୨୨କୁ ପ୍ରତ୍ୟାହାର କରିବା, ପ୍ରିପେଡ୍ ସ୍ମାର୍ଟ ମିଟର ଲଗାଇବା ବନ୍ଦ କରିବା, ସର୍ବନିମ୍ନ ମାସିକ ମଜୁରି ୨୮ ହଜାର ଟଙ୍କା କରିବା, ଅତ୍ୟାବଶ୍ୟକ ସାମଗ୍ରୀ ଉପରୁ ଜିଏସ୍‌ଟି ପ୍ରତ୍ୟାହାର କରିବା, ପୁରୁଣା ପେନ୍‌ସନ୍ ସ୍କିମ୍ ପୁନଃ ପ୍ରଚଳନ କରିବା, ଶ୍ରମିକ-କର୍ମଚାରୀ ବିରୋଧୀ ୪ଟି ଶ୍ରମକୋଡ୍‌କୁ ବାତିଲ୍ କରିବା ଭଳି ବିଭିନ୍ନ ଦାବି ରହିଛି। ଏଆଇୟୁଟିୟୁସି ଜିଲା ସମ୍ପାଦକ ରାଜକିଶୋର ମଲ୍ଲିକଙ୍କ ନେତୃତ୍ୱରେ ଏସ୍‌ୟୁସିଆଇ(ସି) ଜିଲା ସମ୍ପାଦକ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଶ୍ୱାବସୁ ଦାସ, ଏଆଇୟୁଟିୟୁସି ନେତା ଖଗେଶ୍ୱର ସେଠୀ, ସୌଭାଗ୍ୟ ସାମଲ, ଟିକା ସାମଲ ପ୍ରମୁଖ ବିକ୍ଷୋଭ ସ୍ଥଳରେ ଉଦ୍‌ବୋଧନ ଦେଇଥିଲେ। ଶ୍ରମିକ ନେତା ପାଭେଲ ପ୍ରିୟଦର୍ଶନ, ପରମାନନ୍ଦ ସେଠୀ, ସ୍ୱାଧୀନୀ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

## କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ଖୋ ଖୋ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

କଟକ, ୧୯।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ନିମପୁରସ୍ଥିତ ଖେଳପଡିଆରେ ଖୋ ଖୋ କ୍ରୀଡା ପ୍ରତିଯୋଗିତା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ସିଏମ୍‌ସି ମେୟର ସୁବାସ ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଧାୟକ ସୌଭିକ୍ ବିଶ୍ୱାଳ, ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ଡେପୁଟି କମିଶନର ଶ୍ୱେତସ୍ମିଗ୍ଧା, କର୍ପୋରେଟର ନଳିନୀ ବେହେରା, ନୋଡାଲ ଅଫିସର ପୀତାମ୍ବର ମଲ୍ଲିକ, ଗୋଷ୍ଠୀ ସଙ୍ଗଠିକା ତପସ୍ୱିନୀ ନାଥ ପ୍ରମୁଖ ଯୋଗଦେଇଥିଲେ। ମହିଳା ଦଳରେ ଜଗତପୁର ଖୋ ଖୋ ଦଳ ଓ ଲକ୍ଷେଶ୍ୱର ହାଇସ୍କୁଲ ଟିମ୍ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ସେହିପରି ପୁରୁଷ ଦଳରେ ଜଗତପୁର ୱାରିୟର ଓ ଜଗତପୁର ଦଳ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ପ୍ରକାଶଥାଉ କି, 'ନୂଆ-ଓ' କାର୍ଯ୍ୟକ୍ରମ ଜରିଆରେ ୧୫ ଦିନ ବ୍ୟାପୀ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଚାଲିବ। କଟକ ସହରାଞ୍ଚଳର ୨୧୪ ଦଳ ଏଥିରେ ଅଂଶଗ୍ରହଣ କରିବେ।

## ପୋଷ୍ଟର ପ୍ରତିଯୋଗିତା: ତ୍ରିମ୍‌ସ ଛାତ୍ରୀଛାତ୍ରଙ୍କ ସଫଳତା

କଟକ, ୧୯।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ ପୋଷ୍ଟର ପ୍ରତିଯୋଗିତାରେ ତ୍ରିମ୍‌ସ ପଲିଟେକ୍‌ନିକ ଛାତ୍ରୀଛାତ୍ର ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେମାନେ ହେଲେ ଆକାଂକ୍ଷା ବେହେରା, ସୁଜିତ୍ କୁମାର ଦାଶ ଓ ଲିଶା ପ୍ରସାଦ। ଦି ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ ଓଡ଼ିଶା ଶାଖା ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ୪୬ଟି ପଲିଟେକ୍‌ନିକ୍‌ର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ସଫଳତା ପାଇଁ ତ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ଛାତ୍ରୀଛାତ୍ର ଆମର ବ୍ରାଣ୍ଡ ଆମ୍ବାସାଡର ଓ ସେମାନଙ୍କୁ ନେଇ ତ୍ରିମ୍‌ସ ସର୍ବଦା ଗର୍ବିତ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏକାଡେମିକ୍‌ନିର୍ଦ୍ଦେଶକ ଇଂ. ପ୍ରଦୀପ୍ତ ରଞ୍ଜନ ମହାନ୍ତି, ଅଧ୍ୟକ୍ଷା ଇଂ. ତପସ୍ୱିନୀ ସାହୁ, ଅଧ୍ୟାପକ ଲଡୁକିଶୋର ସାହୁ, ଅଧ୍ୟାପିକା ତମସା ତଟିନୀ ସୂତାର, ଦେବସ୍ମିତା ସାହୁ ଓ ଭାଗୀରଥି ଦାସ ଉପସ୍ଥିତ ଥିଲେ।



କୃତୀ ଛାତ୍ରୀଛାତ୍ରଙ୍କ ଗହଣରେ ତ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଓ ଅନ୍ୟମାନେ।

## ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବିଶ୍ୱେଶ୍ୱର ମିଶ୍ର

କଟକ, ୧୯।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ବିଶିଷ୍ଟ ଆଇନଜୀବୀ ବିଶ୍ୱେଶ୍ୱର ମିଶ୍ରଙ୍କର ଦ୍ୱାଦଶତମ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ପାଳିତ ହୋଇଯାଇଛି। ରାଜ୍ୟ ମାନବ ଅଧିକାର ଆୟୋଗର ସଦସ୍ୟ ଅସୀମ ଅମିତାଭ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ହାଇକୋର୍ଟର ଅନ୍ୟତମ ବିଚାରପତି ଆଦିତ୍ୟ କୁମାର ମହାପାତ୍ର, ସ୍ୱତନ୍ତ୍ର ଅତିଥି ଭାବେ ଆଡ୍‌ଭୋକେଟ ଜେନେରାଲ ଅଶୋକ କୁମାର ପରିଜା ଓ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଧରଣୀଧର ନାୟକ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଆଇନଜୀବୀ ସିଦ୍ଧି ସାଧନ ପତି ବେଦପାଠ, ସ୍ମୃତି କମିଟି ସମ୍ପାଦକ ନିତ୍ୟାନନ୍ଦ ବେହୁରା ସ୍ୱାଗତ ଭାଷଣ ଦେଇଥିଲେ। ବିଚାରପତି ଭି. ନରସିଂହ, ବିଚାରପତି ଏମ୍.ଏସ୍. ରମଣ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଶ୍ୱେଶ୍ୱର ସାମାଜିକ କାର୍ଯ୍ୟରେ ଲିପ୍ତ ରହିବା ସହ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ଏଥିସହ ସେ ଯୁବ ଆଇନଜୀବୀଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବରିଷ୍ଠ ଆଇନଜୀବୀ ଦର୍ପହରି ଧଳ, ନରସିଂହ ପାତ୍ର ଓ ସତ୍ୟସୁନ୍ଦର ଦାସଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ୫ ଜଣ ଯୁବ ଆଇନଜୀବୀଙ୍କୁ ଆଇନ ପୁସ୍ତକ ଦିଆଯାଇଥିଲା। ଏହି ସଭାରେ ଆଇନଜୀବୀ ଦେବକାନ୍ତ ମହାନ୍ତି, ବିଜୟ କୁମାର ରଗଡ଼, ମନୋରଞ୍ଜନ ମହାନ୍ତି, ଦେବାଶିଷ ପାଣିଗ୍ରାହୀ, କରୁଣାକର ଦାସ, କ୍ଷେତ୍ରମୋହନ ଧଳ, ଅରୁଣ ପାତ୍ର, ସତ୍ୟବ୍ରତ ମହାନ୍ତି, ବିଭୁ ପ୍ରସନ୍ନ ମହାପାତ୍ର, ସ୍ୱର୍ଗତ ମିଶ୍ରଙ୍କ ପୁତ୍ର ତଥା ଆଇନଜୀବୀ ରାଜେନ୍ଦ୍ର ମିଶ୍ର, ସିଦ୍ଧାର୍ଥ ମିଶ୍ରଙ୍କ ସମେତ ଅନ୍ୟ ବାର୍ ଆସୋସିଏଶନର ସଦସ୍ୟାସଦସ୍ୟ ଉପସ୍ଥିତ ରହିଥିଲେ। ହାଇକୋର୍ଟ ବାର୍ ଆସୋସିଏଶନର ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।





ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

## ଦାବି ପୂରଣ ହେଲାନି, ଆଜିଠୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ

### କଟକ ଜିଲା ମିଳିତ ଅମଲା ମଞ୍ଚର ବୈଠକ

କଟକ, ୧୯।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ନିଷ୍ପତ୍ତି ଅନୁଯାୟୀ କଟକ ଜିଲା ମିଳିତ ମଞ୍ଚର ସାଧାରଣ ବୈଠକ ମଙ୍ଗଳବାର ବାଦାମବାଡ଼ି ନ୍ୟୁ ଏଲ୍‌ଆଇସି କଲୋନୀସ୍ଥିତ କମ୍ୟୁନିଟି ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ବରାଳ ଅଧ୍ୟକ୍ଷତା କରି କହିଛନ୍ତି, କ୍ରମାଗତ ଭାବେ ଜିଲାସ୍ତରୀୟ ଅମଲାମାନଙ୍କ ପ୍ରତି ରାଜ୍ୟ ସରକାର ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ଏପରି କି ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଭିତ୍ତିରେ ଦରମା ପ୍ରଦାନ ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏଥିଯୋଗୁ ଜିଲାସ୍ତରୀୟ ଅମଲାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ବୋଲି ସେ କହିଛନ୍ତି। ଏହିକ୍ରମରେ ଓଡ଼ିଶା ଅମଲା ସଂଘ, ଓଡ଼ିଶା ରାଜସ୍ୱ ଅମଲା ସଂଘ, ଓଡ଼ିଶା ଟ୍ରେଜେରି ଅମଲା ସଂଘ ଓ ଓଡ଼ିଶା ନିବନ୍ଧକ ଅମଲା ସଂଘଙ୍କୁ ନେଇ ଗଠିତ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି। ବିଶେଷକରି ଜିଲାସ୍ତରୀୟ ଅମଲାଙ୍କ ମୂଳ ପଦବୀର ଦରମା ଲେଭଲ-୪ରୁ ଲେଭଲ-୯କୁ ବୃଦ୍ଧି, ଗ୍ରେଡ଼ ପେ' ୪୨୦୦ ଟଙ୍କା କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ହେଲେ ଏ ଦିଗରେ ସରକାରଙ୍କ ଉଦାସୀନତା ଯୋଗୁ ମିଳିତ ଅମଲା ମଞ୍ଚ ପକ୍ଷରୁ ଗତ ଜୁନ୍‌ରେ ୩୦ ଜିଲାରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିଲା। ୫-ଟି ଅଧ୍ୟକ୍ଷଙ୍କ ହସ୍ତକ୍ଷେପ ପରେ ଗତ ଜୁନ୍ ୧୬ରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। ରାଜ୍ୟ ସରକାର ଜିଲାସ୍ତରୀୟ ଅମଲା ମଞ୍ଚର ଦାବିକୁ ନ୍ୟାଯ୍ୟ ଦାବି ବୋଲି କହି ୬ ମାସ ମଧ୍ୟରେ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ୬ ମାସ ବିତିଯାଇଥିଲେ ମଧ୍ୟ ଏ ଦିଗରେ ପଦକ୍ଷେପ ନିଆଯାଇନାହିଁ। ପୁନର୍ବାର ଡିସେମ୍ବର ୨୦ ତାରିଖ ମଧ୍ୟରେ ଏ ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ମିଳିତ ଅମଲା ମଞ୍ଚ ପକ୍ଷରୁ ଗତ ୩ ତାରିଖରେ ରାଜ୍ୟ ସରକାରଙ୍କ ନିକଟକୁ ପତ୍ର ଲେଖାଯାଇଥିଲା। ଗତ ୧୪ ତାରିଖରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଅନୁଷ୍ଠିତ ହୋଇ ସଂଘର କର୍ମକର୍ତ୍ତାଙ୍କୁ ଆସନ୍ତା ଜାନୁୟାରୀ ୧୫ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବା ନେଇ ପରାମର୍ଶ ଦିଆଯାଇଥିଲା। ହେଲେ ୩୦ ଜିଲାର ସଦସ୍ୟ ଏହି ନିଷ୍ପତ୍ତିରେ ସହମତି ହୋଇ ନ ଥିଲେ। ଫଳରେ ଡିସେମ୍ବର ୨୦ ତାରିଖଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା କଟକ ଜିଲା ମିଳିତ ମଞ୍ଚ ଅଧ୍ୟକ୍ଷ ବିରଞ୍ଚି ବରାଳ ସୂଚନା ଦେଇଛନ୍ତି। ଏହି ବୈଠକରେ ହୃଦୟ ବିହାରୀ ମହାପାତ୍ର, ଲଳିତ କୁମାର ଶତପଥୀ, ଅଜୟ କୁମାର ଜେନା, ସୁବ୍ରତ ମିଶ୍ର, ବିକ୍ରମ କୁମାର ସିଂ ପ୍ରମୁଖ ଯୋଗଦେଇଥିଲେ।



ବୈଠକରେ ଅମଲା ମଞ୍ଚର ସଦସ୍ୟ ଓ ଅନ୍ୟମାନେ।

**ପୁଣି ଅଡୁଆରେ ଏସ୍‌ଡିଏ ପୂର୍ବତନ ପ୍ଲାନିଂ ଅଫିସର, କନିଷ୍ଠ କିରାଣି**

# ଗିରଫ ପରେ ଭିଜିଲାନ୍ସ ଚଢ଼ାଉ

- ଭୁବନେଶ୍ୱର ସମେତ ୯ ସ୍ଥାନରୁ ମିଳିଲାଣି ବହୁ କୋଟି ମୂଲ୍ୟର ସମ୍ପତ୍ତି
- ଜାଲିଆତି ମାମଲାରେ ଗିରଫ କରିଥିଲା ସମ୍ବଲପୁର ପୋଲିସ

ସମ୍ବଲପୁର,(ପ୍ରମୋଦ ବହିଦାର)/ ଭୁବନେଶ୍ୱର,୧୯।୧୨ (ସତ୍ୟଜିତ୍ ରାଉତ)

ବିଲ୍ଡିଂ ପ୍ଲାନ୍ ପାଇଁ ଫେକ୍ ଆପ୍ରୁଭାଲ୍ ଲେଟର ଅନୁମୋଦନ ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ (ଏସ୍‌ଡିଏ)ର ପୂର୍ବତନ ପ୍ଲାନିଂ ଅଫିସର ବନ୍ଦିତା ମହାପାତ୍ର ଓ ଅସ୍ଥାୟୀ କନିଷ୍ଠ କିରାଣି ଲକ୍ଷ୍ମୀନାରାୟଣ ସାମଲଙ୍କ ପାଇଁ ପୁଣି ଅଡୁଆ ବଢ଼ିଛି। ଦୁଇ ସପ୍ତାହ ତଳେ ଜାମିନରେ ମୁକୁଳିଥିବା ବନ୍ଦିତା ଓ ବିଚାର ବିଭାଗୀୟ ହାଜତରେ ଥିବା ଲକ୍ଷ୍ମୀନାରାୟଣ ଭିଜିଲାନ୍ସ ସ୍କାନର୍‌କୁ ଆସିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ସମ୍ବଲପୁର ଭିଜିଲାନ୍ସ ଡିଭିଜନ ପକ୍ଷରୁ ଏକକାଳୀନ ବନ୍ଦିତାଙ୍କ ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅନ୍ତର୍ଗତ ଖୁଣ୍ଟା ରାଣିବନ୍ଧ ଗ୍ରାମସ୍ଥିତ ପୈତୃକ ଘର ସମେତ ଭୁବନେଶ୍ୱର, ଅନୁଗୋଳ, ମୟୂରଭଞ୍ଜ ଓ ସମ୍ବଲପୁରର ୬ଟି ସ୍ଥାନ ଏବଂ ଲକ୍ଷ୍ମୀନାରାୟଣଙ୍କ ବୁର୍ଲାସ୍ଥିତ କ୍ୱାର୍ଟର୍ସ ସମେତ ସମ୍ବଲପୁରର ୩ଟି ସ୍ଥାନରେ ଚଢ଼ାଉ କରାଯାଇଛି। ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉରେ ଭିଜିଲାନ୍ସ ଟିମ୍ ବନ୍ଦିତା ଓ ଲକ୍ଷ୍ମୀନାରାୟଣଙ୍କ ବହୁ କୋଟିର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରିଥିବା ସୂଚନା ମିଳିଛି।

ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ, ବନ୍ଦିତାଙ୍କ ଭୁବନେଶ୍ୱର ସୌଭାଗ୍ୟନଗରସ୍ଥିତ ପ୍ଲଟ୍ ନଂ. ୧୫୫୯/୬୦୦୧ରେ ୫୪ଶହ ବର୍ଗଫୁଟ୍‌ରେ ଥିବା ପ୍ରାୟ ୧.୩୪ କୋଟି ଟଙ୍କାର ୩ ମହଲା କୋଠା, ଗାଡ଼କଣ ନେତାଜୀ ସୁଭାଷ ଏନ୍‌କ୍ଲେଭ୍‌ରେ ଏକ ଫ୍ଲାଟ୍ ନଂ. ପି/୬, ଭୁବନେଶ୍ୱରରେ ୩ ଓ ବାରିପଦା ଟାଉନ୍‌ରେ ୪ ପ୍ଲଟ୍ ସମେତ ମୋଟ ୭ଟି ପ୍ଲଟ୍ ଠାବ ହୋଇଛି। ସେହିପରି ୧ କୋଟି ୩ ଲକ୍ଷ ୨୮ ହଜାର ଟଙ୍କାର ମ୍ୟୁଚୁଆଲ୍ ଫଣ୍ଡ, ୭୦.୬୬ ଲକ୍ଷ ବ୍ୟାଙ୍କ ଓ ଜୀବନବୀମା ଜମା, ନଗଦ ୩.୯୩ ଲକ୍ଷ ଟଙ୍କା, ୩ଟି ଲକରରୁ ୧୭୧.୫୧ ଗ୍ରାମର ସୁନା ଅଳଙ୍କାର ଏବଂ ୧୬.୫୯ ଲକ୍ଷ ଟଙ୍କାର ଏକ ଚାରିଚକିଆ ଯାନ, ଗୋଟିଏ ଦୁଇଚକିଆ ଯାନ ଓ ଘରୋଇ ସାମଗ୍ରୀ ଠାବ ହୋଇଛି। ବନ୍ଦିତାଙ୍କ ଘରେ ଚଢ଼ାଉ ପାଇଁ ଭିଜିଲାନ୍ସର ୬ଜଣ ଡିଏସ୍‌ପି, ୬ ଇନ୍ସପେକ୍ଟର, ୪ ଏଏସ୍‌ଆଇ ଓ ଅନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସେହିପରି କିରାଣି ଲକ୍ଷ୍ମୀନାରାୟଣଙ୍କ ସମ୍ବଲପୁର ବୁର୍ଲାସ୍ଥିତ ୭ଶହ ବର୍ଗଫୁଟ୍‌ରେ ଥିବା ପ୍ରାୟ ୧.୪୭ କୋଟି ଟଙ୍କା ମୂଲ୍ୟର ନବନିର୍ମିତ ୩ ମହଲା କୋଠା, ବୁର୍ଲା ଟାଉନ୍‌ର ବିଭିନ୍ନ ଅଞ୍ଚଳରେ ୫ ପ୍ଲଟ୍ ଠାବ ହୋଇଛି। ଏଥିସହ ତାଙ୍କର ୨୨.୬୫ ଲକ୍ଷ ଟଙ୍କାର ବ୍ୟାଙ୍କ ଓ ଜୀବନବୀମା, ୯୦ ହଜାର ୨୯୦ ନଗଦ ଟଙ୍କା, ୩୦.୬୪ ଲକ୍ଷ ଟଙ୍କାର ଚାରିଚକିଆ ଯାନ ଓ ୩ ଦୁଇଚକିଆ ଯାନ ଏବଂ ୬.୩୫ ଲକ୍ଷ ଟଙ୍କାର ସୁନାଅଳଙ୍କାର ଓ ଘରୋଇ ସାମଗ୍ରୀ ଠାବ ହୋଇଛି। ଲକ୍ଷ୍ମୀନାରାୟଣଙ୍କ ଘରେ ଚଢ଼ାଉ ପାଇଁ ଭିଜିଲାନ୍ସର ୩ ଟିମ୍‌ରେ ୨ଜଣ ଡିଏସ୍‌ପି, ୩ ଇନ୍ସପେକ୍ଟର, ୨ ଏଏସ୍‌ଆଇଙ୍କ ସହ ଅନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି। ବନ୍ଦିତା ଓ ଲକ୍ଷ୍ମୀନାରାୟଣଙ୍କ ସମେତ ଅନ୍ୟମାନେ ଏସ୍‌ଡିଏରେ ବହୁ ଦୁର୍ନୀତି କରିଥିବା ଅଭିଯୋଗ ରହିଛି। ଦେବରାଜ ସାହୁ ନାମକ ଜଣେ ବ୍ୟକ୍ତିଙ୍କ ଘର ନିର୍ମାଣ ପାଇଁ ଫେକ୍ ଆପ୍ରୁଭାଲ୍ ଲେଟର୍ ଇସ୍ୟୁ କରି ୨.୬୦ ଲକ୍ଷ ଟଙ୍କା ନେବା ମାମଲାରେ ଅଗଷ୍ଟ ୨୨ରେ ଅଇଁଠାପାଲି ପୋଲିସ ଲକ୍ଷ୍ମୀନାରାୟଣ ଓ ଅନ୍ୟ ଜଣେ କର୍ମଚାରୀଙ୍କ ସମେତ ୫ ଜଣଙ୍କୁ ଗିରଫ କରିଥିଲା। ପରେ ସେପ୍ଟେମ୍ବର ୭ରେ ବନ୍ଦିତା ଓ ଅନ୍ୟ ଜଣେ ଅସ୍ଥାୟୀ କର୍ମଚାରୀ ଗିରଫ ହୋଇଥିଲେ। ଡିସେମ୍ବର ୬ରେ ବନ୍ଦିତା ଜାମିନରେ ମୁକୁଳିଥିଲେ।


ବନ୍ଦିତାଙ୍କ ଭୁବନେଶ୍ୱର ସୌଭାଗ୍ୟନଗରସ୍ଥିତ ଘର ।


ବନ୍ଦିତା ମହାପାତ୍ର


ଲକ୍ଷ୍ମୀନାରାୟଣ ସାମଲ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୯।୧୨।୨୦୨୩

| ୪,୪୫, ୫୨୨ ଟଙ୍କା | |
|---|---|
| ସୁନା | ୧.୧୫୦ ଗ୍ରାମ୍ |
| ରୁପା | ୫୬.୪୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ଏଜି ରିକ୍ରେଶନ କ୍ଲବ ପଡ଼ିଆ, ପୁରୁଣା ଏଜି କଲୋନୀ, ୟୁନିଟ୍-୪, ସକାଳ ୯ଟା।
- ବିଶ୍ୱ ଓଡ଼ିଶୀ ଉତ୍ସବ, ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଅଡିଟୋରିୟମ୍, ପୂର୍ବାହ୍ନ ୧୦ଟା।
- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଓ ଏନଭାଇରନମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସ୍‌ର ନ୍ୟାଶନାଲ ସେଫ୍‌ଟି କନକ୍ଲେଭ୍, ଦି ନ୍ୟୁ ମାରିୟନ୍, ଅପରାହ୍ନ ୫ଟା।
- ୧୭ତମ ଦେବଦାସୀ ରାଷ୍ଟ୍ରୀୟ ନୃତ୍ୟ ସମାରୋହ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟା।
- ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସର୍ବ ଭାଷା ସାହିତ୍ୟିକ ସମାରୋହ, ଶିକ୍ଷା ଓ ଅନୁସନ୍ଧାନ କ୍ୟାମ୍ପସ-୨, ପୂର୍ବାହ୍ନ ୧୦ଟା ୩୦।
- ପର୍ଯ୍ୟଟନ ପରିଚାଳନା କର୍ମଶାଳା, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଅପରାହ୍ନ ୨ଟା ୩୦।
- ତୋଷାଳି ମେଳା, ଜନତା ମଇଦାନ, ଅପରାହ୍ନ ୨ଟା ୩୦।
- ଶିବ ଶକ୍ତି କ୍ଲବ ପକ୍ଷରୁ ତମାଣ୍ଡୋ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ, ମିନିଷ୍ଟାଡିୟମ୍, ତମାଣ୍ଡୋ, ଅପରାହ୍ନ ୩ଟା।
- ପ୍ରଫେସର ଜାନକୀ ବଲ୍ଲଭ ମହାନ୍ତି ସର୍ଜନ ସନ୍ଧ୍ୟା, କେଦାରନାଥ ଗବେଷଣା ପ୍ରତିଷ୍ଠାନ, ଅପରାହ୍ନ ୫ଟା।

**କଟକ**

- କେମ୍ବ୍ରିଜ୍ ସ୍କୁଲର ବାର୍ଷିକୋତ୍ସବ, ସ୍କୁଲ ପରିସର, କ୍ୟାଣ୍ଟୋନମେଣ୍ଟ ରୋଡ, ଅପରାହ୍ନ ୫ଟା।
- ଚନ୍ଦ୍ରିକା କଳା ନିକେତନ ପକ୍ଷରୁ ସାଂସ୍କୃତି କାର୍ଯ୍ୟକ୍ରମ,କଳା ବିକାଶ କେନ୍ଦ୍ର, ସନ୍ଧ୍ୟା ୬ଟା ୩୦।

**ତିଗିରିଆ**

- ତିଗିରିଆ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ, ନୂଆପାଟଣା, ସକାଳ ୯ଟା।


ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା ଜାତୀୟ ତୋଷାଳି ହସ୍ତତନ୍ତ ମେଳାର ମଙ୍ଗଳବାର ସନ୍ଧ୍ୟାରେ ବଲିଉଡ୍ କଣ୍ଠଶିଳ୍ପୀ ସୁରେଶ ୱାଡ୍‌କର ସଙ୍ଗୀତ ପରିବେଷଣ କରୁଛନ୍ତି।

## ମୁଣ୍ଡରେ ଖେଣ୍ଟା ଗଳି ମହିଳା ମୃତ

ମାହାଙ୍ଗା,୧୯।୧୨(ଯଯାତି ସଂହ)

କଟକ ଜିଲା ମାହାଙ୍ଗା ଥାନା କୁମୁଡାଜୟପୁର ଫାଣ୍ଡି ଅଧୀନ କୁହୁଣ୍ଡା ପଞ୍ଚାୟତର ଧଉଲିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜାଳ ସଂଗ୍ରହ କରିବାକୁ ଯାଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କାର୍ତ୍ତିକ ଦାସଙ୍କ ସ୍ତ୍ରୀ ଲିଳିବାଳା ଦାସ (୪୮)। ସେ ଘର ନିକଟସ୍ଥ ବାରିରୁ କାଟିଣୀ ସାହାଯ୍ୟରେ ତାଳ ଗଛରୁ ବାହୁଙ୍ଗା କାଟୁଥିଲେ। ଏହି ସମୟରେ କାଟିଣୀଟି ଗଛରେ ଲାଗି ଯାଇଥିଲା । ଫଳରେ ଲିଳିବାଳା ଭାରସାମ୍ୟ ହରାଇ ପଛକୁ ଓଲଟି ପଡିବାରୁ ଏକ ଖେଣ୍ଟା ତାଙ୍କ ପଛପଟ ମୁଣ୍ଡରେ ଗଳିଯାଇଥିଲା। ସଂଜ୍ଞାହୀନ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଟାଙ୍ଗିସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା।

## ଓୟୁଏଟି କୃଷି ବୈଷୟିକ ସୂଚନା କେନ୍ଦ୍ରର ନବୀକରଣ

ଭୁବନେଶ୍ୱର, ୧୯।୧୨ (ଅସମାପିକା ସାହୁ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ପରିସରରେ ଥିବା କୃଷି ବୈଷୟିକ ସୂଚନା କେନ୍ଦ୍ରକୁ ନବୀକରଣ କରାଯାଇଛି। ଏହାକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଉଦ୍‌ଘାଟନ କରିଛନ୍ତି। ଏହି କେନ୍ଦ୍ରରେ ଓୟୁଏଟି ଦ୍ୱାରା ପ୍ରସ୍ତୁତ କୃଷି ସମ୍ବନ୍ଧୀୟ ବିଭିନ୍ନ ମଞ୍ଜି, ବିହନ, ପାଠ୍ୟ ପୁସ୍ତିକା, ମାର୍ଗଦର୍ଶିକା ଆଦି ବିକ୍ରୟ ହେବ। ଏହା ସହ ବିଭିନ୍ନ ଜିଲାରୁ ଉତ୍ପାଦିତ ଏବଂ ଓୟୁଏଟି ଦ୍ୱାରା ପ୍ରସ୍ତୁତ ଜୈବିକ ସାର, ଛତୁ ମଞ୍ଜି, ମହୁ, ହଳଦୀ ଆଦି ସବୁର ବିକ୍ରୟ ପାଇଁ ବ୍ୟବସ୍ଥା କରାଯାଇଛି । ଆଗାମୀ ଦିନରେ ଏହି କେନ୍ଦ୍ରରେ ଅଧିକରୁ ଅଧିକ କୃଷିଜାତ ଦ୍ରବ୍ୟ ସଂଗ୍ରହ କରି ବିକ୍ରୟ ପାଇଁ ବ୍ୟବସ୍ଥା କରାଯିବ। ଏହା ସହ ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟକୁ ଭଲ ଭାବେ ସଂଗ୍ରହ କରି ଏହାକୁ କିପରି ଲୋକପ୍ରିୟ କରାଯାଇପାରିବ ସେ ଦିଗରେ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ, ନିର୍ଦ୍ଦେଶକ, କର୍ମଚାରୀମାନେ ଉପସ୍ଥିତ ଥିଲେ।


ନବୀକୃତ କୃଷି ବୈଷୟିକ ସୂଚନା କେନ୍ଦ୍ରର ଉଦ୍‌ଘାଟନ ଅବସରରେ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଓ ଅନ୍ୟମାନେ।

## ଆଜି ମହାପ୍ରଭୁଙ୍କ ବନକ ଲାଗି

**୪ଘଣ୍ଟା ସର୍ବ ସାଧାରଣ ଦର୍ଶନ ବନ୍ଦ**

ପୁରୀ,୧୯।୧୨(ଅଜିତ୍ ମହାନ୍ତି)

ମାର୍ଗଶିର ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥି ବୁଧବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ଅନୁଷ୍ଠିତ ହେବ। ବୁଧବାର ଅପରାହ୍ନ ୪ଟା ଠାରୁ ରାତି ୮ଟା ପର୍ଯ୍ୟନ୍ତ ନୀତି ଅନୁଷ୍ଠିତ ହେବାକୁ ଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଦତ୍ତମହାପାତ୍ର ସେବକମାନେ ଏହି ଗୁପ୍ତ ବନକ ଲାଗି ନୀତିକୁ ସମ୍ପାଦନ କରିଥାନ୍ତି। ଶ୍ରୀମନ୍ଦିର ସତ୍ତ୍ୱଲିପି ଅନୁଯାୟୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ଏହି ନୀତି ଅନୁଷ୍ଠିତ ହୁଏ। ବନକ ଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ।

## 'ଡିପ୍ଲୋମା ଇଞ୍ଜିନିୟରଙ୍କ ପାଇଁ ଓଡ଼ିଶା ୧ନଂ ରାଜ୍ୟ'

ଭୁବନେଶ୍ୱର, ୧୯।୧୨ (ବନ୍ଦନା ସେଠୀ)

ରାଜ୍ୟର ଭିତ୍ତିଭୂମି ଗଠନରେ ଡିପ୍ଲୋମା ଇଞ୍ଜିନିୟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତୃଣମୂଳ ସ୍ତରରେ ସେମାନଙ୍କ ଉତ୍ସର୍ଗୀକୃତ କର୍ମପ୍ରବଣତା ଓଡ଼ିଶାକୁ ସମଗ୍ର ବିଶ୍ୱରେ ୧ନମ୍ବର ରାଜ୍ୟ ଭାବେ ପରିଚୟ ସୃଷ୍ଟି କରିଛି। ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବାସଂଘର ୭୮ତମ ବାର୍ଷିକ ସମ୍ମିଳନୀ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହା କହିଛନ୍ତି। ସଂଘ କାର୍ଯ୍ୟାଳୟ ପରିସରରେ ଦୁଇଦିନ ଧରି ଚାଲିଥିବା ଏହି ବାର୍ଷିକ ସମ୍ମିଳନୀରେ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍, ମଧ୍ୟ-ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସଂଘର ୮ଦଫା ଦାବି ସମେତ ଜଳ ସମ୍ପଦ ବିଭାଗରେ ବିଳମ୍ବ ହୋଇଥିବା ସହକାରୀ ଯନ୍ତ୍ରୀଙ୍କ ପଦୋନ୍ନତି, ପଞ୍ଚାୟତିରାଜ ବିଭାଗରେ ପଦୋନ୍ନତିରୁ ବଞ୍ଚିତ କନିଷ୍ଠ ଯନ୍ତ୍ରୀ ଓ ୨୦୧୩ ପୂର୍ବରୁ ନିଯୁକ୍ତ ଚୁକ୍ତିଭିତ୍ତିକ ଡିପ୍ଲୋମା ଇଞ୍ଜିନିୟରଙ୍କ ସମସ୍ୟା ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ଅବସରରେ ୨୦୨୪-୨୫ ଦ୍ୱିବାର୍ଷିକ ନିର୍ବାଚନ ଫଳାଫଳ ଘୋଷିତ ହୋଇଥିଲା। ଇଂ. ଶ୍ରୀକାନ୍ତ ମହାପାତ୍ର ସଭାପତି ଭାବେ ନିର୍ବାଚିତ ହୋଇଥିବାବେଳେ ଇଂ ସଚିତ୍ର ମୋହନ ରାଉଳ ଉପଦେଷ୍ଟା, ଇଂ. ସୁଦର୍ଶନ ବେହେରା ଉପସଭାପତି, ଇଂ. ଶ୍ରୀଧର ବାରିକ ସାଧାରଣ ସମ୍ପାଦକ, ଇଂ. ପ୍ରଭାତ କୁମାର ନାୟକ ଅତିରିକ୍ତ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ସୂଚନା ଦିଆଯାଇଛି।



ସମ୍ମିଳନୀରେ ମନ୍ତ୍ରୀ ବିକ୍ରମକେଶରୀ ଆରୁଖଙ୍କ ସହ ଅନ୍ୟ ଅତିଥିମାନେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ମିନତୀ


@ ପ୍ରିୟାଂଶୁ


@ ଅର୍ପିତା


@ ନେତ୍ର


@ କାର୍ତ୍ତିକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟ ପଦବୀ ପୂରଣ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୯।୧୨(ଅସମାପିକା ସାହୁ)

ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟରେ ଖାଲିଥିବା ପଦ ପୂରଣ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ନିର୍ଦ୍ଦେଶାଳୟରେ ପ୍ରାୟ ୭୦ପ୍ରତିଶତ ପଦ ଖାଲ ରହିଥିବାରୁ କାର୍ଯ୍ୟ ପ୍ରଭାବିତ ହେଉଛି। ତେଣୁ ସମସ୍ତ ଖାଲିଥିବା ପଦକୁ ଅବିଳମ୍ବେ ପୂରଣ କରିବା ପାଇଁ ବିଭାଗ ପକ୍ଷରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନ ମହାଲେଖାଗାର(ଏଜି)ଙ୍କ ରିପୋର୍ଟ ଅନୁଯାୟୀ, ନିର୍ଦ୍ଦେଶାଳୟରେ ୧୮ଟି ସେକ୍ସନ ଅଫିସର ମଧ୍ୟରୁ ୫ଟି ପଦବୀ ଖାଲି ପଡ଼ିଥିବାବେଳେ ୫୨ଟି ଆସିଷ୍ଟାଣ୍ଟ ସେକ୍ସନ ଅଫିସର ମଧ୍ୟରୁ ୩୨ ପଦ, ୪ଟି ବରିଷ୍ଠ ଷ୍ଟେନୋଗ୍ରାଫରଙ୍କ ମଧ୍ୟରୁ ୩ ପଦ, ୬ ଏଷ୍ଟାବ୍ଲିଶମେଣ୍ଟ ଅଫିସରଙ୍କ ମଧ୍ୟରୁ ୨ ଓ ୬ ବରିଷ୍ଠ ଟାଇପିଷ୍ଟ ମଧ୍ୟରୁ ୪ ପଦ ଖାଲି ରହିଛି। ୩ ଡ୍ରାଇଭର, ୨୪ ଜୁନିଅର ଆସିଷ୍ଟାଣ୍ଟ ଏବଂ ୭ ଜୁନିଅର ଟାଇପିଷ୍ଟ ପଦବୀରେ କୌଣସି ନିଯୁକ୍ତି ନ ଥିବାବେଳେ ୨୮ଟି ପିଅନ ପଦବୀରୁ ୨୪ଟି ଖାଲି ପଡ଼ିଛି।

## ୨୦୨୪ରେ ଡିଗ୍ରୀ କଲେଜ ପାଇଁ ୭୨ଦିନ ଛୁଟି ଦିବସ

ଭୁବନେଶ୍ୱର, ୧୯।୧୨(ଅସମାପିକା ସାହୁ)

୨୦୨୪ରେ ଉଚ୍ଚ ଶିକ୍ଷା ବିଭାଗ ଅଧୀନସ୍ଥ ଡିଗ୍ରୀ କଲେଜ ପାଇଁ ରାଜ୍ୟ ସରକାର ୭୨ଦିନ(୮ଟି ରବିବାରକୁ ଛାଡ଼ି) ଛୁଟିଦିବସ ଘୋଷଣା କରିଛନ୍ତି। ଏ ନେଇ ବିଭାଗ ପକ୍ଷରୁ ସମସ୍ତ ସରକାରୀ ଓ ବେସରକାରୀ ଡିଗ୍ରୀ କଲେଜ ଅଧ୍ୟକ୍ଷ ଏବଂ ବିଭାଗ ଅଧୀନରେ ଥିବା ଶିକ୍ଷକ ଶିକ୍ଷା ଅନୁଷ୍ଠାନ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଅଧ୍ୟକ୍ଷମାନେ ଚାହିଁଲେ ୨ଦିନ ଲୋକାଲ ହଲିଡେ' ବା ସ୍ଥାନୀୟ ଛୁଟିଦିବସ ଭାବେ ନେଇପାରିବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ସେହିଭଳି ସରକାରୀ ଓ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜଗୁଡ଼ିକ ପାଇଁ ୫ଦିନ ଅପ୍ସନାଲ ହଲିଡେ' ମଧ୍ୟ ରହିଛି। ଏସବୁର ତାଲିକା ଉକ୍ତ ଚିଠିରେ ପ୍ରଦାନ କରାଯାଇଛି।

# ବିଜେଡିକୁ ବିଦ୍ରୋହୀ କଣ୍ଟା, ବିରୋଧୀଙ୍କ ବିଜୟ ଆଶା

**ବରଗଡ଼,୧୯।୧୨(ପ୍ରେମାନନ୍ଦ ଖମାରୀ)**

ରାଜ୍ୟରେ ବିଜେଡି ପୁଣି ସରକାର ଗଠନ ପାଇଁ ଦୃଢ଼ୋକ୍ତି ପ୍ରକାଶ କରୁଥିବାବେଳେ ବିରୋଧୀ କଂଗ୍ରେସ ଏବଂ ଭାଜପା ମଧ୍ୟ କହିବାରେ ପଛରେ ନାହାନ୍ତି। ବରଗଡ଼ ଜିଲା ଅତାବିରା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ହାଟ୍ରିକ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରୁଥିବାବେଳେ କଂଗ୍ରେସ ଏହି ଆସନରେ ୨୦୦୯ର ବିଜୟକୁ ପୁଣି ଦୋହରାଇବ ବୋଲି ଆଶା ବାନ୍ଧିଛି। ସେହିପରି ଉକ୍ତ ବିଧାନସଭା କ୍ଷେତ୍ରକୁ କେବେ ହାତେଇ ନ ଥିବା ଭାଜପା ଆଗାମୀ ନିର୍ବାଚନରେ ଏହାକୁ ଦଖଲକୁ ନେବା ପାଇଁ କସରତ ଚଳାଇଛି।

ବିଧାନସଭା ପୁନର୍ଗଠନ ପରେ ୨୦୦୯ରେ ଅତାବିରାରେ ପ୍ରଥମ ନିର୍ବାଚନ ହୋଇଥିଲା। ରାଜ୍ୟରେ ବିଜେଡି ସରକାର ଚାଲୁଥିଲେ ସୁଦ୍ଧା କଂଗ୍ରେସ ଏହି ଆସନକୁ ଦଖଲ କରିଥିଲା। ସେତେବେଳେ କଂଗ୍ରେସ ସପକ୍ଷରେ ୩୯.୬୫ ପ୍ରତିଶତ ଭୋଟ୍ ଯାଇଥିବାବେଳେ ବିଜେଡିକୁ ମାତ୍ର ୨୮.୯୫ ପ୍ରତିଶତ ଭୋଟ୍ ମିଳିଥିଲା। ସେହିପରି ଭାଜପାର ଅସନ୍ତୁଷ୍ଟ ମିଳନ ସେଠ ସ୍ୱାଧୀନ ପ୍ରାର୍ଥୀଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇ ୧୩.୦୯ ପ୍ରତିଶତ ଭୋଟ୍ ଅକ୍ତିଆର କରି ତୃତୀୟ ସ୍ଥାନରେ ରହିଥିବାବେଳେ ଭାଜପା ପ୍ରାର୍ଥୀ ବିପିନ ଭୋସାଗରଙ୍କୁ ୮.୮୮ ପ୍ରତିଶତ ଭୋଟ୍ ମିଳିଥିଲା।

୨୦୧୪ ବିଧାନସଭା ନିର୍ବାଚନ ପରଠାରୁ ଏହି ଆସନର ଚିତ୍ର ସମ୍ପୂର୍ଣ୍ଣ ବଦଳିଯାଇଛି। କ୍ରମାଗତ ୨ଟି ବିଧାନସଭା ନିର୍ବାଚନରେ ବିଜେଡି ଏହି ଆସନକୁ ନିଜ ଅକ୍ତିଆରରେ ରଖିଛି। ୨୦୦୯ ନିର୍ବାଚନ ତୁଳନାରେ ୨୦୧୪ରେ ବିଜେଡିର ଭୋଟ୍ ହାର ୧୫.୯୭ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ୨୦୧୯ ନିର୍ବାଚନରେ ତାହା ପ୍ରତିଫଳିତ ହୋଇ ନ ଥିଲା। ୨୦୧୯ରେ ଭୋଟ ହାର ମାତ୍ର ୪.୦୬ ପ୍ରତିଶତ ବଢ଼ିଥିଲା। ଏଭଳି ସ୍ଥିତିରେ ପୂର୍ବ ନିର୍ବାଚନ ତୁଳନାରେ ଆଗାମୀ ନିର୍ବାଚନ ବିଜେଡି ପାଇଁ ସେତେ ସହଜ ନୁହେଁ ବୋଲି ଏବେଠାରୁ ଚର୍ଚ୍ଚା ଆରମ୍ଭ ହୋଇଛି। ପୁଣି ବିଜେଡିର ବିଦ୍ରୋହୀମାନେ ଏଥର ନିର୍ଣ୍ଣାୟକ ଭୂମିକା ନେବେ ବୋଲି ସାଧାରଣରେ ଆଲୋଚନା ହେଉଛି। ବିଜେଡି ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ଏକାନ୍ତ ଅନୁଗତ ଥିବା ଏକାଧିକ ସମର୍ଥକ ତାଙ୍କଠାରୁ ଦୂରେଇ ରହିବା ଦେଖାଯାଉଛି। ଗୋବିନ୍ଦ ନାଗଙ୍କ ଭଳି ଅନ୍ୟ ଆଶାୟୀ ପ୍ରାର୍ଥୀଙ୍କ ସହିତ ସେମାନେ ସଭାସମିତିରେ ଏକାଠି ବସିବା ପରିଲକ୍ଷିତ ହେଉଛି। ଫଳରେ ଆଗାମୀ ଦିନରେ ବିଜେଡି ପାଇଁ ବିଦ୍ରୋହୀମାନେ କଣ୍ଟା ସାଜିବେ ବୋଲି ଚର୍ଚ୍ଚା ଜୋର ଧରିଛି। ପୁଣି କଥା ଉଠିଲାଣି, ଦଳର ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଦଳ ଯେଭଳି ଏକଦା ଲୋକ ସଭା ପ୍ରାର୍ଥୀ କରିଥିଲା, ଅନୁରୂପଭାବେ ଆଗାମୀ ନିର୍ବାଚନରେ ରାଜ୍ୟ ମହିଳା ବିଜେଡିର ସଭାନେତ୍ରୀ ତଥା ପୂର୍ବରୁ ମନ୍ତ୍ରୀପଦରେ ରହି ସାରିଥିବା ଛୁରିଆଙ୍କ କ୍ଷେତ୍ରରେ ସେଭଳି ଘଟିପାରେ। ବିଜେଡି ଏହି ଆସନରେ ଦଳୀୟ ପ୍ରାର୍ଥୀ ଭାବେ ନୂଆ ଚେହେରା (ଅନ୍ୟ ଦଳର ଆମଦାନୀ ନେତା)ଙ୍କୁ ନିର୍ବାଚନ ମଇଦାନକୁ ଛାଡ଼ିବା ପାଇଁ ବିଚାର କରୁଥିବା ରାଜନୈତିକ ବିଶ୍ଲେଷକମାନେ କହିଲେଣି। କିନ୍ତୁ ଛୁରିଆ ଅତାବିରାରେ ଏନ୍ଏସି, ବ୍ଲକଠାରୁ ଆରମ୍ଭ କରି ବିଧାନସଭା ଆସନ ବିଜେଡି କବ୍ଜାରେ ଥିବା ଯୋଗୁ ଏହି ଆସନକୁ ନିଜ ପାଇଁ ସୁରକ୍ଷିତ ମନେ କରି ଲୋକ ସଭା ଆସନ ପାଇଁ ଅମଙ୍ଗ ଥିବା ଚର୍ଚ୍ଚା ଚାଲିଛି।

ଅତାବିରା ବିଧାନସଭା ନିର୍ବାଚନମଣ୍ଡଳୀ



କ୍ରମାଗତ ୨ ବିଧାନସଭା ନିର୍ବାଚନରେ କଂଗ୍ରେସକୁ ଏହି ଆସନରେ ପରାଜିତ ହେବାକୁ ପଡ଼ିଛି। ଭୋଟ୍ ହାର ମଧ୍ୟ ହ୍ରାସ ପାଇଛି। ଏହା ସତ୍ତ୍ୱେ ଆଗାମୀ ନିର୍ବାଚନରେ କଂଗ୍ରେସ ଉକ୍ତ ଆସନ ଦଖଲ କରିବାକୁ ଆଶା ରଖିଛି। ହେଲେ ରାଜନୀତିରେ ଆଗ୍ରହ ରଖୁଥିବା ବ୍ୟକ୍ତି କହୁଛନ୍ତି, କଂଗ୍ରେସ ଏହି ନିର୍ବାଚନମଣ୍ଡଳୀରେ ନିଜର ପତିଆରା ଜାହିର କରିବା କିମ୍ବା ବିରୋଧୀ ଭୂମିକା ନିଭାଇବା ଦୂରର କଥା, ଜନସମ୍ପର୍କ ରଖିବାରେ ସକ୍ଷମ ହେଉ ନ ଥିବା ଭଳି ଦେଖାଯାଉଛି। ବିଜେଡିରେ ଅସନ୍ତୁଷ୍ଟ ଏବଂ ବିଦ୍ରୋହୀଙ୍କ ସଂଖ୍ୟା ବଢ଼ିବାରେ ଲାଗୁଥିବା ବେଳେ କଂଗ୍ରେସ ଏଭଳି ସୁଯୋଗକୁ ହାତଛଡ଼ା କରୁଛି ବୋଲି ଦଳୀୟ କର୍ମୀମାନେ କହିବାରେ ଲାଗିଛନ୍ତି। ଏଠାରେ କଂଗ୍ରେସ ଜିଲା ସଭାପତି ତଥା ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ ଆଗାମୀ ସାଧାରଣ ନିର୍ବାଚନରେ ଦଳ ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି କୁହାଯାଉଛି। ମାତ୍ର ଉଭୟ ବିଜେଡି ଏବଂ ଭାଜପା ତାଙ୍କୁ ନିଜ ନିଜ ଦଳକୁ ଟାଣିବା ନେବା ସକାଶେ ଜୋରଦାର କସରତ କରୁଥିବା ନିର୍ବାଚନମଣ୍ଡଳୀରେ ଲୋକେ ଟୁପୁରୁଟାପୁର ହେଲେଣି।

ଭାଜପାରେ ଅନେକ ଆଶାୟୀ। ପୋଲିସ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିବା କୁଶ କୁମ୍ଭାରଙ୍କଠାରୁ ଆରମ୍ଭ କରି ଉର୍କୁଲୁ ତାଣ୍ଡି, ଭରତ ବେହେରା, ରଞ୍ଜନ ସେଠ, ମିଳନ ସେଠ ପ୍ରମୁଖ ଏଥିରେ ରହିଛନ୍ତି। ତେବେ ପୂର୍ବରୁ ମିଳନ ବାରମ୍ବାର ଫେଲ୍ ମାରିଥିବା ଯୋଗୁ ପୁଣିଥରେ ତାଙ୍କୁ ଏଠାରୁ ସୁଯୋଗ ମିଳିବ, ସେହି ଆଶା କ୍ଷୀଣ ଦେଖାଯାଉଥିଲେ ସୁଦ୍ଧା ସେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ଏକାନ୍ତ ଅନୁଗତ ଥିବା ଯୋଗୁ ଦଳ ତାଙ୍କୁ ପୁନଶ୍ଚ ନିର୍ବାଚନ ମଇଦାନକୁ ଛାଡ଼ିପାରେ ବୋଲି ଆଲୋଚନା ହେଉଛି। ଏଭଳି ସ୍ଥିତିରେ ଭାଜପା କାହାକୁ ପ୍ରାର୍ଥୀ କରିବ ସେହି ଚିନ୍ତାରେ ଥିବାବେଳେ ଅନ୍ୟ ଦଳର ଜଣେ ଆଗଧାଡ଼ିର ନେତାଙ୍କୁ ଟାଣି ଦଳୀୟ ପ୍ରାର୍ଥୀ କରି ଚମକ ସୃଷ୍ଟି କରିବ ବୋଲି ଚର୍ଚ୍ଚା ଚାଲିଛି।

## ଆଜି ଭାଜପା, କଂଗ୍ରେସ ନେତାଙ୍କ ଦିଲ୍ଲୀ ବୈଠକ

**ଭୁବନେଶ୍ୱର, ୧୯।୧୨(ସୁନିତ୍ ମିଶ୍ର)**

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଡକରା ପାଇବା ପରେ ଓଡ଼ିଶା ନେତାମାନେ ମଙ୍ଗଳବାର ନୂଆଦିଲ୍ଲୀ ଗସ୍ତ କରିଛନ୍ତି। କେତେଜଣ ବୁଧବାର ସକାଳୁ ବାହାରି ଦିଲ୍ଲୀ ଯିବାର କାର୍ଯ୍ୟକ୍ରମ ରଖିଛନ୍ତି। ବୁଧବାର ଅପରାହ୍ନରେ ଏଆଇସିସି କାର୍ଯ୍ୟାଳୟରେ ରାଜ୍ୟ ନେତାମାନଙ୍କୁ ନେଇ ବୈଠକ ବସିବ ବୋଲି ଜଣାପଡ଼ିଛି। ଏଥିରେ ଓଡ଼ିଶାରେ କିପରି ଦଳ ଆଭିମୁଖ୍ୟ ଗ୍ରହଣ କରିବ ଏବଂ କେଉଁସବୁ ପ୍ରସଙ୍ଗରେ ଆସନ୍ତା ନିର୍ବାଚନ ଲଢ଼ିବ ସେନେଇ ଆଲୋଚନା ହେବ ବୋଲି ଶୁଣାଯାଉଛି। ଏହି ବୈଠକରେ ଯୋଗଦେବା ଲାଗି ପିସିସି ସଭାପତି, ୩ ପୂର୍ବତନ ପିସିସି ସଭାପତି, ଯୁବ, ଛାତ୍ର, ମହିଳା ଓ ସେବା ଦଳ ମୁଖ୍ୟ, ଏହାସହ ସବୁ ବିଧାୟକ, ରାଜ୍ୟରୁ ନିଯୁକ୍ତ ହୋଇଥିବା ୩ ଏଆଇସିସି ସଦସ୍ୟ ଏବଂ ବିଭିନ୍ନ ବିଭାଗର ମୁଖ୍ୟମାନଙ୍କୁ ଏଥିରେ ସାମିଲ ହେବାକୁ ଡକାଯାଇଛି।

ସେହିପରି ଭାଜପା ବିଧାୟକମାନେ ମଙ୍ଗଳବାର ବିଳମ୍ବିତ ସନ୍ଧ୍ୟାରେ ବିମାନ ଯୋଗେ ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ଭାଜପା କେନ୍ଦ୍ରୀୟ ନେତାଙ୍କ ସହ ଓଡ଼ିଶାର ସବୁ ବିଧାୟକ ଏବଂ ଏମ୍ପିଙ୍କ ସହ ବୈଠକ ବସିବ ବୋଲି ଜଣାପଡ଼ିଛି। ବୁଧବାର, ଗୁରୁବାର ଓ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏବଂ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସହ କଥାବାର୍ତ୍ତା ହେବ ବୋଲି ସୂଚନା ମିଳିଛି। ତେଣୁ ଏହି ୩ ଦିନ ଭିତରେ ହେବାକୁ ଥିବା ବୈଠକରେ ଦଳର ରାଜ୍ୟ ନେତୃବୃନ୍ଦ କିଭଳି ଆଭିମୁଖ୍ୟ ଗ୍ରହଣ କରିବେ ତା'ଉପରେ ମୁଖ୍ୟତଃ ଆଲୋଚନା ହେବ ବୋଲି ଜଣାପଡ଼ିଛି।

## 'ଦେଶ ପାଇଁ ଦାନ' କାର୍ଯ୍ୟକ୍ରମର ସମୀକ୍ଷାକଲେ ଶରତ

**ଭୁବନେଶ୍ୱର, ୧୯।୧୨(ସୁନିତ୍ ମିଶ୍ର)**

ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ମଙ୍ଗଳବାର କଂଗ୍ରେସ ଭବନରେ 'ଦେଶ ପାଇଁ ଦାନ' ପାଣ୍ଠି ସଂଗ୍ରହ ପାଇଁ ଏକ ପ୍ରସ୍ତୁତି ବୈଠକ ହୋଇଛି। ପ୍ରଦେଶ କଂଗ୍ରେସର ବହୁ ବରିଷ୍ଠ ନେତୃବର୍ଗ ଏଥିରେ ସାମିଲ ହୋଇ କିଭଳି ଆସନ୍ତା ୨୮ ମଧ୍ୟରେ ଅନ୍ଲାଇନ ଜରିଆରେ ପାଣ୍ଠି ସଂଗ୍ରହ କାର୍ଯ୍ୟକ୍ରମକୁ ବୁଥରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ ସୁଚାରୁରୂପେ କାର୍ଯ୍ୟକାରୀ କରିବେ ସେନେଇ ବରିଷ୍ଠ ନେତୃବର୍ଗଙ୍କ ସହ ଶରତ ବିଚାରବିମର୍ଷ କରିଛନ୍ତି। ନିଷ୍ପତ୍ତି ଅନୁସାରେ ଜିଲା ସ୍ତରରେ ଜିଲା ସଭାପତି, ବିଧାୟକ, ଏମ୍ପି, ବରିଷ୍ଠ ନେତୃବୃନ୍ଦ, ପୂର୍ବତନ ଏମ୍ପି, ବିଧାୟକ, ମନ୍ତ୍ରୀ, ଏଆଇସିସି ସଭ୍ୟ, ପିସିସି ସଭ୍ୟ, ବିଧାୟକ ଓ ସାଂସଦ ପ୍ରାର୍ଥୀ, ଜିଲାର ସମସ୍ତ ଛାମୁଆ ସଙ୍ଗଠନ, ପ୍ରକୋଷ୍ଠ ଓ ବିଭାଗର ମୁଖ୍ୟ, ତଥା ଜିଲା କଂଗ୍ରେସର ସମସ୍ତ ପଦାଧିକାରୀ, ଜିଲା ପରିଷଦ ସଭ୍ୟ, ପଞ୍ଚାୟତ ସମିତି ସଦସ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଜନସାଧାରଣଙ୍କ ନିକଟରୁ ଦାନ ପାଣ୍ଠି ସଂଗ୍ରହ କରିବାକୁ କହିଛନ୍ତି।

# ଧର୍ମଶାଳା ଭାଜପାରେ ବଢ଼ୁଛି ଗୋଷ୍ଠୀ କନ୍ଦଳ

**ନିକଟରେ ଶେଷ ହୋଇଥିବା ୫ ରାଜ୍ୟ ବିଧାନସଭା ନିର୍ବାଚନ ମଧ୍ୟରୁ ୩ଟିରେ ଭାଜପାକୁ ସଫଳତା ମିଳିବା ପରେ ଓଡ଼ିଶାରେ ନେତା ଓ କର୍ମୀଙ୍କ ମନୋବଳ ବୃଦ୍ଧି ପାଇଛି। ୨୦୨୪ରେ ଭାଜପା ଏଠାରେ ବିଜୟଲାଭ କରି ଡବଲଇଞ୍ଜିନ ସରକାର ଗଢ଼ିବାକୁ ଲକ୍ଷ୍ୟ ରଖିଛି। ସେଥିପାଇଁ ଶାସକ ଦଳର ଦୋଷ ଦୁର୍ବଳତାକୁ ସାଧାରଣରେ ଦର୍ଶାଇବା ପାଇଁ ଭାଜପା ପକ୍ଷରୁ ବିକ୍ଷୋଭ, ପଦଯାତ୍ରା ଆଦି କାର୍ଯ୍ୟକ୍ରମ କରାଯାଉଛି। ହେଲେ ଦଳ ଭିତରେ ଗୋଷ୍ଠୀକନ୍ଦଳ ବାଧକ ସାଜିବାର ସଦ୍ୟ ଦୃଷ୍ଟାନ୍ତ ରସୁଲପୁରରେ ଦେଖିବାକୁ ମିଳିଛି।**

**ରସୁଲପୁର,୧୯।୧୨(ରଞ୍ଜିତ ରାଉତ)**

ରସୁଲପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ନିକଟରେ ଭାଜପା ପକ୍ଷରୁ ଶାସକ ବିଜେଡିର ଦୁର୍ନୀତି ବିରୋଧରେ ପଥପ୍ରାନ୍ତ ସଭା ଆଳରେ ଶକ୍ତି ପ୍ରଦର୍ଶନ କରାଯାଇଥିବା ଦେଖିବାକୁ ମିଳିଥିଲା। ଏଥିରେ ପ୍ରାୟ ଅନେକ କର୍ମୀ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ହେଲେ ସଭା କାର୍ଯ୍ୟ ଆରମ୍ଭରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ଭାଜପାରେ ରହିଆସୁଥିବା ଗୋଷ୍ଠୀ କନ୍ଦଳ ମଞ୍ଚରେ ପରିଲକ୍ଷିତ ହୋଇଥିଲା। ଘେରାଉ ପାଇଁ ରସୁଲପୁର ବ୍ଲକ ସମ୍ମୁଖ ମଞ୍ଚରେ ଲାଗିଥିବା ନେତ୍ରୀ ସ୍ମୃତିରେଖା ପହିଙ୍କ ବ୍ୟାନରକୁ ସଦ୍ୟ ଦଳରେ ସାମିଲ ହୋଇଥିବା ଯୁବନେତା ହିମାଂଶୁ ଶେଖର ସାହୁ(ଲିକୁ)ଙ୍କ ସମର୍ଥକମାନେ ଚିରି ଦେଇଥିଲେ। ଏହାକୁ ନେଇ ସେଠାରେ ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଥିଲା। ଯଦିଓ ଘଟଣାସ୍ଥଳରେ ଉପସ୍ଥିତ ନେତା ଓ କର୍ମୀ ଏହାକୁ ପ୍ରଶମିତ କରିବାରେ ସଫଳ ହୋଇଥିଲେ, ହେଲେ ଉପୁଜିଥିବା ଘଟଣା ଦଳର ସଂଗଠନ ଓ ମିଳିମିଶି ଲଢ଼ିବାର ବାର୍ତ୍ତାକୁ ପ୍ରଭାବିତ କରିଛି ବୋଲି ଆଲୋଚନା ହେଉଛି।



ହିମାଂଶୁଙ୍କ ସମର୍ଥକମାନେ ସ୍ମୃତିରେଖାଙ୍କ ବ୍ୟାନରକୁ ଚିରୁଛନ୍ତି।

ଚଳିତମାସ ୧୪ରେ ଯୁବନେତା ହିମାଂଶୁ ବିଜେଡି ଛାଡ଼ି ଭାଜପାରେ ମିଶିଛନ୍ତି। ଏହାର ପରଦିନ ଖବରଦାତା ସମ୍ମିଳନୀ ଜରିଆରେ ଧର୍ମଶାଳା ଭାଜପାରେ ମତଭେଦ ନାହିଁ ଓ ସବୁ ଦଳୀୟ ନେତା ଏକ ବୋଲି ବାର୍ତ୍ତା ଦେଇଥିଲେ। ତାଙ୍କ ବାର୍ତ୍ତାରୁ ଏହା ସ୍ପଷ୍ଟ ହୋଇଥିଲା କି ଆଗରୁ ଦଳରେ ଦ୍ୱିମତ ରହିଥିଲା। ଏମିତି କି ସ୍ମୃତିରେଖା ଚାହୁଁ ନ ଥିଲେ ହିମାଂଶୁ ଦଳରେ ସାମିଲ ହୁଅନ୍ତୁ। ସମ୍ଭବତଃ ସେଥିପାଇଁ ହିମାଂଶୁଙ୍କ ଦଳରେ ସାମିଲ ହେବାରେ ବିଳମ୍ବ ଘଟିଥିଲା। ଏମିତିକି ଯୁବନେତା ଦଳରେ ସାମିଲ ହେବା ଦିନ ଧର୍ମଶାଳା ନେତ୍ରୀ ସ୍ମୃତିରେଖା ଓ ଯୁବନେତା ତଥା ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଭୁବନେଶ୍ୱର ନ ଯାଇ ଧର୍ମଶାଳା ବ୍ଲକରେ ଏକ କାର୍ଯ୍ୟକ୍ରମ ଆଳରେ ବ୍ୟସ୍ତ ଥିଲେ, ଯାହାକୁ ନେଇ ଦଳରେ ଅନ୍ତର୍ଦ୍ୱନ୍ଦ୍ୱ ରହିଛି ବୋଲି କୁହାଯାଉଥିଲା। ଉଲ୍ଲେଖଯୋଗ୍ୟ, ସ୍ମୃତିରେଖା ୨୦୧୯ରେ ଧର୍ମଶାଳାରୁ କଂଗ୍ରେସ ପ୍ରାର୍ଥୀ ଭାବେ ବିଧାନସଭା ନିର୍ବାଚନ ଲଢ଼ିଥିଲେ। ପରବର୍ତ୍ତୀ ସମୟରେ ସେ ଭାଜପାରେ ଯୋଗ ଦେଇଥିଲେ।

ଏହି ଘଟଣା ସମ୍ପର୍କରେ ସ୍ମୃତିରେଖା ପହିଙ୍କୁ ପଚାରିବାରୁ ହିମାଂଶୁଙ୍କ ସମର୍ଥକମାନେ ତାଙ୍କୁ ବିରୋଧ କରିବା ସହ ମଞ୍ଚରେ ଲାଗିଥିବା ବ୍ୟାନରକୁ ଚିରି ଦେଇଥିଲେ ବୋଲି କହିଛନ୍ତି। ସେ ଏ ସମ୍ପର୍କରେ ଦଳର ପର୍ଯ୍ୟବେକ୍ଷକ ତଥା ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି ଓ ଜିଲାସଭାପତି ଗୌତମ ରାୟଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ଯୁବନେତା ହିମାଂଶୁ ସାହୁଙ୍କୁ ପଚାରିବାରୁ କାର୍ଯ୍ୟକ୍ରମର ପୂର୍ବର ରାତିରେ ବ୍ୟାନରରେ ଧର୍ମଶାଳାର କୌଣସି ନେତାଙ୍କ ଫଟୋ ଲାଗିବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ସେଥିରେ ବ୍ୟତିକ୍ରମ ଘଟିଥିବା ଦେଖି ତାଙ୍କର ସମର୍ଥକମାନେ ଉତକ୍ଷିପ୍ତ ହୋଇ ଏଭଳି କାଣ୍ଡ ଘଟାଇଥିବା କହିଛନ୍ତି। ମାତ୍ର ସେ ତାଙ୍କର ସମର୍ଥକମାନଙ୍କୁ ବୁଝାଇବାରୁ ସେମାନେ ଭୁଲ ସ୍ୱୀକାର କରିବା ସହ ସଭାକାର୍ଯ୍ୟ ଆଗକୁ ବଢ଼ିଥିଲା ବୋଲି କହିଛନ୍ତି।

ଏ ସଂକ୍ରାନ୍ତରେ ପର୍ଯ୍ୟବେକ୍ଷକ ଯତୀନ ମହାନ୍ତିଙ୍କୁ ପଚାରିବାରୁ ମଞ୍ଚରେ ଘଟିଥିବା ଘଟଣାକୁ ନାପସନ୍ଦ କରିଛନ୍ତି। ହେଲେ ଦଳରେ ମତଭେଦ ରହିବା ଏକ ସ୍ୱାଭାବିକ କଥା। ତା'କୁ ପର୍ଯ୍ୟାୟକ୍ରମେ ସମାଧାନ କରାଯିବ। ରସୁଲପୁର ବ୍ଲକରେ ୩ ନିର୍ବାଚନମଣ୍ଡଳୀ ସାମିଲ ହୋଇଛି। ଧର୍ମଶାଳାରେ ହିମାଂଶୁ ସାହୁ ନୂଆ ଭାବରେ ଦଳରେ ସାମିଲ ହୋଇଛନ୍ତି। ପୂର୍ବରୁ ଯେଉଁମାନେ ଦଳର ନେତୃତ୍ୱ ନେଉଛନ୍ତି ସେମାନଙ୍କ ଫଟୋ ବ୍ୟାନରରେ ଲାଗିଥିଲା। ତାକୁ କେତେକ କର୍ମୀ ବିରୋଧ କରି ବ୍ୟାନର ଚିରି ଦେଇଥିଲେ। ଏହି ଘଟଣାର କିଭଳି ପୁନରାବୃତ୍ତି ନ ଘଟିବ ସେ ନେଇ ଖୁବ୍ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ ମତ ରଖିଛନ୍ତି।

## ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେଲେ ୧୨ ଦଳ



ପାର୍ଲାମେଣ୍ଟରେ ୧୪୧ ଏମ୍ପିଙ୍କୁ ନିଲମ୍ବନ କରାଯାଇଥିବା ଘଟଣାରେ ୧୨ ରାଜନୈତିକ ଦଳର ନେତାମାନେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେଉଛନ୍ତି।

**ଭୁବନେଶ୍ୱର, ୧୯।୧୨(ସୁନିତ୍ ମିଶ୍ର)**

**୧୪୧ ଏମ୍ପିଙ୍କ ନିଲମ୍ବନ ପ୍ରସଙ୍ଗ**

କେନ୍ଦ୍ର ସରକାରଙ୍କ ବିରୋଧରେ ଓଡ଼ିଶାର ୧୨ ରାଜନୈତିକ ଦଳ ଏକାଠି ହୋଇ ରାଜ୍ୟପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପାର୍ଲାମେଣ୍ଟରେ ୧୪୧ ଏମ୍ପିଙ୍କୁ ନିଲମ୍ବନ କରାଯିବା ଘଟଣାରେ ଏହିସବୁ ରାଜନୈତିକ ଦଳ କେନ୍ଦ୍ର ଉପରେ ପ୍ରବଳ ବର୍ଷିଛନ୍ତି। ଏହି ଘଟଣାକୁ ନେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ସମେତ ସିପିଆଇଏମ୍, ସିପିଆଇ, ଅଲଇଣ୍ଡିଆ ଫରୱାର୍ଡ ବ୍ଲକ, ସମତାକ୍ରାନ୍ତି, ସମାଜବାଦୀ ପାର୍ଟି, ସିପିଆଇଏମ୍ଏଲ୍ (ଲିବରେଶନ), ଆର୍ଜେଡି, ଏନ୍ସିପି, ଆମ୍ ଆଦ୍ମୀ, ଜେଡିୟୁ ଏବଂ ଜେଏମ୍ଏମ୍ ପାର୍ଟିର ନେତୃବୃନ୍ଦ କେନ୍ଦ୍ର ସରକାରଙ୍କ ଅଗଣତାନ୍ତ୍ରିକ ନୀତି ଓ ସାଂସଦମାନଙ୍କ ନିଲମ୍ବନକୁ ବିରୋଧ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସେମାନେ ଅଭିଯୋଗ କରିଛନ୍ତି, ସଂଖ୍ୟାବଳର ଅହଂକାରରେ ବିଭୋର ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଗଣତନ୍ତ୍ରର ମନ୍ଦିରରେ ବୁଲ୍ଡୋଜର ଚଳାଉଛି। ଗଣତନ୍ତ୍ର ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରତି ଭାଜପାର ସାମାନ୍ୟତମ ବିଶ୍ୱାସ ନ ଥିବା ପ୍ରମାଣିତ ହୋଇଛି। ଶୀତ ଅଧିବେଶନରେ ଯେଉଁଭଳି ୨ ଅଜଣା ବ୍ୟକ୍ତି ପାର୍ଲାମେଣ୍ଟ ଭିତରକୁ ପଶି ନାରାବାଜି କଲେ ଏବଂ କେନ୍ଷ୍ଟାର ବ୍ୟବହାର କଲେ ତାକୁ ନେଇ କଂଗ୍ରେସ ସମେତ ଅନ୍ୟ ସବୁ ବିରୋଧୀ ଦଳ ସରକାରଙ୍କୁ ପ୍ରଶ୍ନକଲେ। ପାର୍ଲାମେଣ୍ଟ ସୁରକ୍ଷା ଭଙ୍ଗକରି ଏମାନେ କିପରି ପଶିପାରିଲେ ଏବଂ ଏଥିପାଇଁ କେଉଁମାନେ ଦାୟୀ ଏସବୁ ପ୍ରଶ୍ନକୁ ନେଇ ବିରୋଧୀ ସଦସ୍ୟମାନେ ଉଭୟ ଗୃହରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବକ୍ତବ୍ୟ ଦାବିକଲେ, ଯାହା ଏବେ କେନ୍ଦ୍ର ସରକାରଙ୍କୁ ମହଙ୍ଗା ପଡ଼ିଛି। ଗଣତନ୍ତ୍ରରେ ବିରୋଧୀଙ୍କ ପ୍ରଶ୍ନ କରିବାର ଅଧିକାର ଅଛି। ସରକାରଙ୍କୁ ଏନେଇ ବିରୋଧୀ ଦଳ ପକ୍ଷରୁ ବିରୋଧ କରାଯିବା ଆମ ଗଣତାନ୍ତ୍ରିକ ବ୍ୟବସ୍ଥାର ପ୍ରଚଳିତ ନୀତି। ସବୁଠାରୁ ଆଶ୍ଚର୍ଯ୍ୟର କଥା କେନ୍ଦ୍ର ସରକାର ଏତେବଡ଼ ସାଙ୍ଘାତିକ ଘଟଣାକୁ ହାଲୁକା ଭାବେ ନେଉଛନ୍ତି। ବିରୋଧୀଙ୍କ ପ୍ରଶ୍ନର ଉତ୍ତର ଦେବା ପରିବର୍ତ୍ତେ ଯେଉଁ ସାଂସଦମାନେ ଏ କଥାକୁ ନେଇ ପ୍ରଶ୍ନ ପଚାରୁଛନ୍ତି ସେମାନଙ୍କୁ ନିଲମ୍ବିତ କରାଯାଉଛି ବୋଲି କହିଛନ୍ତି।





କଲେଜରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରି 'ନୂଆ-ଓ' ନାଁରେ ବିଜେଡି କ୍ୟାମ୍ପସରେ ବ୍ୟାନର ଲଗାଇବାକୁ ବିରୋଧ କରି ଛାତ୍ରୀଛାତ୍ରମାନେ ମଙ୍ଗଳବାର ରାଜଧାନୀ କଲେଜ ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଭିଭିପିଏଟି ସ୍ଲିପ୍ ୧୦୦% ଗଣତି ହେଉ: ଇଣ୍ଡିଆ

**ନୂଆଦିଲ୍ଲୀ,୧୯।୧୨:** ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ରେ ସଂଲଗ୍ନ ଭୋଟର ଭେରିଫିଏବୁଲ୍ ପେପର ଅଡିଟ୍ ଟ୍ରାଏଲ୍ (ଭିଭିପିଏଟି)ର ସ୍ଲିପ୍‌ଗୁଡ଼ିକୁ ୧୦୦ ପ୍ରତିଶତ ଗଣତି କରାଯାଉ ବୋଲି ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍ ପକ୍ଷରୁ ଦାବି କରାଯାଇଛି। ନୂଆଦିଲ୍ଲୀର ହୋଟେଲ ଅଶୋକାରେ ମଙ୍ଗଳବାର ଅନୁଷ୍ଠିତ 'ଇଣ୍ଡିଆ' ବୈଠକରେ ଇଭିଏମ୍‌ର ସ୍ୱଚ୍ଛତାକୁ ନେଇ ବିରୋଧୀ ଦଳଗୁଡ଼ିକ ସନ୍ଦେହ ବ୍ୟକ୍ତ କରିଛନ୍ତି। ଉକ୍ତ ବୈଠକରେ ଏନେଇ ଏକ ସଂକଳ୍ପନାମା ଗୃହୀତ ହୋଇଛି।

**ଢେଙ୍କାନାଳ ବିଧାନସଭା ଆସନ**

# ମୁକାବିଲା ପାଇଁ ପାଗ ଭିଡ଼ୁଛି କଂଗ୍ରେସ

**ଢେଙ୍କାନାଳ,୧୯।୧୨(ରତନ ନାୟାର)**

ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଢେଙ୍କାନାଳର ଗଳିକନ୍ଦିରେ ରାଜନୈତିକ ଚର୍ଚ୍ଚା ଜମୁଛି। ଗତ ବିଧାନସଭା ନିର୍ବାଚନଗୁଡ଼ିକରେ କଂଗ୍ରେସ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଦଳର କର୍ମୀ ଓ ନେତାଙ୍କୁ ନିରାଶ କରିଥିଲା। ତେଣୁ ଆସନ୍ତା ନିର୍ବାଚନରେ କଂଗ୍ରେସ ଯୋଜନାବଦ୍ଧ ଭାବେ ଉଭୟ ବିଜେଡି ଓ ଭାଜପାର କିଭଳି ମୁକାବିଲା କରିବ, ସେଥିଲାଗି ରଣନୀତି ପ୍ରସ୍ତୁତି କରୁଥିବା କେତେକ ଦଳୀୟ ନେତା କହୁଛନ୍ତି।

ଢେଙ୍କାନାଳ କଂଗ୍ରେସର ଅତୀତକୁ ଦେଖାଯାଉ। ବରିଷ୍ଠ କଂଗ୍ରେସ ନେତା ରାଜା ବ୍ରିଗେଡିୟର କାମାକ୍ଷା ପ୍ରସାଦ ସିଂହଦେଓ ଢେଙ୍କାନାଳ ଲୋକ ସଭା ଆସନରେ ଥରେ ସ୍ୱତନ୍ତ୍ର ପାର୍ଟି ଓ ୫ଥର କଂଗ୍ରେସରୁ ବିଜୟୀ ହୋଇ କେନ୍ଦ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ଦାୟିତ୍ୱରେ ଥିଲେ। କିନ୍ତୁ ୨୦୧୯ ଲୋକ ସଭା ନିର୍ବାଚନରେ ତାଙ୍କର ପ୍ରଦର୍ଶନ ଅତ୍ୟନ୍ତ ଶୋଚନୀୟ ହୋଇଥିଲା। ୮୨ ବର୍ଷୀୟ କାମାକ୍ଷାପ୍ରସାଦ ପରିଣତ ବୟସରେ ପହଞ୍ଚିଥିଲେ ମଧ୍ୟ ନିର୍ବାଚନ ସମୟରେ ଦଳୀୟ କାର୍ଯ୍ୟରେ ସକ୍ରିୟ ରହିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଏପରି କି ଆସନ୍ତା ନିର୍ବାଚନ ତାଙ୍କ ମାର୍ଗଦର୍ଶନରେ କଂଗ୍ରେସ ଲଢ଼ିବ ବୋଲି ଜିଲା ସଭାପତି ସରୋଜ ପଟ୍ଟନାୟକ କହିଛନ୍ତି। ପୁଣି ଢେଙ୍କାନାଳ ବିଧାନସଭା ଆସନର ଇତିହାସ ଉପରେ ନଜର ପକାଇଲେ ଜଣାପଡେ, ୧୯୭୪ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଏହି ଆସନରୁ କଂଗ୍ରେସ ଦଳରୁ ବିଜୟୀ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ଅନ୍ୟ ଦଳରୁ ପ୍ରାର୍ଥୀ ହୋଇ ଏହି ନିର୍ବାଚନମଣ୍ଡଳୀରୁ ଜିତିଥିଲେ। ସେହିପରି ୧୯୯୫ରେ ଦଳର ବରିଷ୍ଠ ନେତା ନବୀନଚନ୍ଦ୍ର ନାରାୟଣ ଦାସ ବିଜୟୀ ହୋଇ ରାଜ୍ୟରେ ସେହି ସମୟର କଂଗ୍ରେସ ସରକାରରେ ବିଭିନ୍ନ ବିଭାଗରେ ମନ୍ତ୍ରୀ ହୋଇଥିଲେ। ଏହାପରେ ୨୦୦୪ରେ ସୁଧୀର କୁମାର ସାମଲ କଂଗ୍ରେସ ଦଳରୁ ବିଜୟୀ ହୋଇଥିଲେ। ଏହାପରଠାରୁ ବର୍ତ୍ତମାନ ସୁଦ୍ଧା କଂଗ୍ରେସ ଦଳ ସମସ୍ତ ନିର୍ବାଚନରେ ତୃତୀୟ ସ୍ଥାନରେ ରହୁଥିବା ଦେଖାଯାଇଛି। ବିଶେଷକରି ଭାଜପା ଓ ବିଜେଡି ପକ୍ଷରୁ ନିର୍ବାଚନକୁ ଯେଉଁଭଳି ବ୍ୟୟବହୁଳ କରାଯାଉଛି, ଏହାକୁ ନଜରରେ ରଖିଲେ କଂଗ୍ରେସର ଅଧିକାଂଶ ନେତୃବୃନ୍ଦ ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି ବୋଲି ଦଳୀୟ ନେତାମାନେ କହୁଛନ୍ତି।





ଢେଙ୍କାନାଳ କଂଗ୍ରେସ କାର୍ଯ୍ୟାଳୟ

ଆସନ୍ତା ସାଧାରଣ ନିର୍ବାଚନ ଲାଗି ଢେଙ୍କାନାଳ ବିଧାନସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀ ନିମନ୍ତେ ଜିଲା ସଭାପତି ସରୋଜ ପଟ୍ଟନାୟକ, ପୂର୍ବତନ କାଉନସିଲର ଗୋପାଳ ସାହୁ, ପୂର୍ବତନ ଜିଲା ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ଯୁବ କଂଗ୍ରେସ ସଭାପତି ସୁନୀଲ ଦାଶ, ଏଆଇସିସି ସଭ୍ୟା ସୁବାସିନୀ ମହାକୁଡ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସ୍ମିତାରାଣୀ ସାମଲଙ୍କ ନାମ ଆଶାୟୀ ପ୍ରାର୍ଥୀ ଭାବେ ପିସିସିକୁ ପ୍ରଦାନ କରାଯାଇଥିବା ଦଳୀୟ ସୂତ୍ରରୁ ଜଣାପଡିଛି। ଅନ୍ୟପଟରେ ରାଜ ପରିବାରର ଜଣେ ସଦସ୍ୟା ଢେଙ୍କାନାଳ ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଅଛନ୍ତି ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ହେଲେ ଜିଲା ସଭାପତି ଏ ସମ୍ପର୍କରେ ଖବର ନ ଥିବା କହିଛନ୍ତି। ଅନ୍ୟପଟରେ ଦୀର୍ଘଦିନ ହେବ ଢେଙ୍କାନାଳରେ କଂଗ୍ରେସ ପକ୍ଷରୁ କୌଣସି ଆଖିଦୃଶିଆ କାର୍ଯ୍ୟକ୍ରମ ହୋଇ ନ ଥିବା ଦଳୀୟ ନେତୃବୃନ୍ଦ ଓ କର୍ମୀ ମହଲରେ ଚର୍ଚ୍ଚା ହେଉଛି। କିଛିଦିନ ତଳେ ପିସିସି ସଭାପତି ଶରତ ପଟ୍ଟନାୟକ କାମାକ୍ଷାନଗର ଉପଖଣ୍ଡର ବିଭିନ୍ନ ଅଞ୍ଚଳ ବୁଲି କାର୍ଯ୍ୟକ୍ରମରେ ଯୋଗଦେଇ ଫେରିଥିଲେ। କଂଗ୍ରେସର ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ କହିଛନ୍ତି, ନିର୍ବାଚନରେ ପ୍ରାର୍ଥୀହେବା ପାଇଁ ନିଷ୍ପତ୍ତି ନେଇନାହିଁ। ସେ ସମୟ ଆସୁ। ଦଳ କ'ଣ ନିଷ୍ପତ୍ତି ନେଉଛି ତାହା ଜାଣିବା ପରେ ଯାହାକିଛି କହିବେ ବୋଲି ସେ କହିଛନ୍ତି। ୨୦୧୯ ନିର୍ବାଚନରେ କଂଗ୍ରେସ ଦଳରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ପୂର୍ବତନ ବିଧାୟକ ନବୀନ ନନ୍ଦ କହିଛନ୍ତି, ବର୍ତ୍ତମାନ ସେ କୌଣସି ଦଳରେ ନାହାନ୍ତି। ତଥାପି ପରିସ୍ଥିତି ଉପରେ ନଜର ରଖିଛନ୍ତି।

## ସଂକ୍ଷେପରେ

### ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

ବାଙ୍କୀ,୧୯।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ରଗଡ଼ି ଗ୍ରାମରେ ବାଙ୍କୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ଅଧୀନରେ ନିଶାନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପିକା ସରସ୍ୱତୀ ଦେଉରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକସ୍ଥିତ ପ୍ରେଜେଟ୍ ସ୍ୱରାଜ ନିଶାମୁକ୍ତି କେନ୍ଦ୍ରର ପରିଚାଳକ ଯୋଗଦେଇ ଥିଲେ। ମୁଖ୍ୟଅତିଥିଭାବେ ଶର୍ମିଷ୍ଠା ନାଥ , ସମ୍ମାନିତ ଅତିଥି ଭାବେ ରଗଡି ଗ୍ରାମପଞ୍ଚାୟତ ସରପଞ୍ଚ ବିଜୟଲକ୍ଷ୍ମୀ ମହାନ୍ତି, ମମତା ମହାପାତ୍ର, ବାଙ୍କୀ କଲେଜ ପ୍ରଶାସନିକ ଅଧିକାରୀ ଡ.ଶୈଳେନ୍ଦ୍ର ଚନ୍ଦ୍ର ଦେଓ ପ୍ରମୁଖ ଯୋଗଦେଇ ନିଶା ସେବନ ଦ୍ୱାରା ମାନବ ସମାଜ କିପରି ପଥଭ୍ରଷ୍ଟ ହେଉଛନ୍ତି ସେ ସମ୍ପର୍କରେ କହିଥିଲେ। ବାଙ୍କୀ କଲେଜଠାରୁ ଏକ ରାଲି ବାହାରି ରଗଡି ଗ୍ରାମରେ ପହଞ୍ଚି ଜନସାଧାରଣଙ୍କୁ ସଚେତନତା କରାଇଥିଲା। ଅଧ୍ୟାପକ ପ୍ରକାଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଗଡ଼ଜାତର ସୃଜନଶୀଳତା ଓଡ଼ିଆ ଭାଷା ସାହିତ୍ୟକୁ ରୁଦ୍ଧିମନ୍ତ କରିଛି

## ଆଠଗଡ଼ ମହୋତ୍ସବର ୪ର୍ଥ ସନ୍ଧ୍ୟା

ଆଠଗଡ,୧୯।୧୨(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ପ୍ରଶାସନ ପକ୍ଷରୁ ୫ଦିନ ବ୍ୟାପି ଚାଲିଥିବା ଆଠଗଡ ମହୋତ୍ସବ-୨୦୨୩ର ୪ର୍ଥ ସନ୍ଧ୍ୟାକୁ ଦର୍ଶକମାନେ ଭରପୂର ଉପଭୋଗ କରିଛନ୍ତି। ବିଧାୟକ ତଥା କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଯୋଗଦେଇ କହିଥିଲେ, ଆଠଗଡ଼ , ତିଗିରିଆ ଗଡ଼ଜାତର ସୃଜନଶୀଳତା ଓଡିଆ ଭାଷା ସାହିତ୍ୟକୁ ରୁଦ୍ଧିମନ୍ତ କରିଛି। ତିଗିରିଆର କବି ଜୟକୃଷ୍ଣ ମିଶ୍ର, ଆଠଗଡ଼ର କବିଚନ୍ଦ୍ର ଭୁବନେଶ୍ୱର ରଥ, ଏବଂ ଗଣେଶ୍ୱର ମିଶ୍ରଙ୍କର ଅନବଦ୍ୟ କୃତି ଦେଶ ବିଦେଶରେ ଆଦୃତି ଲାଭ କରିଛି।


ମହୋତ୍ସବରେ କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।

କଟକ- ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ଏଥିରେ ମୁଖ୍ୟବକ୍ତା ଭାବେ ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟି ସମ୍ପାଦିକା ତଥା ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରରିପ୍ରେକ୍ଷୀରେ ଅନୁଷ୍ଠିତ ସାଂସ୍କୃତିକ, କ୍ରୀଡ଼ା ପ୍ରତିଯୋଗିତା କୃତୀ ପ୍ରତିଯୋଗୀ ଓ ଅନୁଷ୍ଠାନମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ୧୫ଟି ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରାଜ୍ୟ ସଂସ୍କୃତି ବିଭାଗ ପ୍ରାୟୋଜିତ ବିଶ୍ୱ ଜନନୀ କଳା ପରିଷଦ, ଭଞ୍ଜନଗର, ପ୍ରସନ୍ନାକ୍ଷୀ ନୃତ୍ୟ ପରିଷଦ ଗଞ୍ଜାମର ପାରମ୍ପରିକ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଓ ସ୍ଥାନୀୟ ଓଂକାର ଡ୍ୟାନ୍ସ ଗ୍ରୁପ୍‌ର ଶିଶୁ ନୃତ୍ୟାଙ୍ଗନା ଓଡ଼ିଶୀ ନୃତ୍ୟର କଳାକାରମାନେ ଦର୍ଶକମାନଙ୍କୁ ମଜାଇ ରଖିଥିଲେ। ପରେ ଓଡ଼ିଶାର ପ୍ରସିଦ୍ଧ କଣ୍ଠଶିଳ୍ପୀ ଅଭିଜିତ ମଜୁମଦାର, ବିଦ୍ୟୁସ୍ମିତାଙ୍କ ସାଥୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ତରେଇ ଅଧ୍ୟକ୍ଷତାରେ ତଥା ପାର୍ଥସାରଥି ପଟ୍ଟନାୟକ ସଂଯୋଜନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏସିଆ-ପ୍ରଶାନ୍ତ ସାଗରୀୟ ୩୪ଟି ଦେଶ ମଧ୍ୟରେ ଶ୍ରେଷ୍ଠ ପ୍ରତିପାଦନ କରିଥିବା ଯୁବ ଗ୍ରାଫିକ୍ସ ଡିଜାଇନର ବୈଭବ ମହାରଣା, ଜାତୀୟସ୍ତରରେ କିକ୍ ବକ୍ସିଂ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ବିଜେତା କଟକ ଜିଲା କାନ କିଡୋ ସଂଘର ଅମର ଧଳ, ସଂକୀର୍ତ୍ତନ ଗୁରୁ ଅଜୟ କୁମାର ଦାସ,ଯୁବ ନାଟ୍ୟକାର ପ୍ରଶାନ୍ତ କୁମାର ପୁହାଣ, ବର୍ଷିଆନ ରାମଲୀଳା ଗୁରୁ କାଶୀନାଥ ବେଉରା ପ୍ରମୁଖଙ୍କୁ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏନଏସି ଉପାଧ୍ୟକ୍ଷ ବି.ଶୁଭ୍ରଶଙ୍କର ଜ୍ୟୋତି ଧନ୍ୟବାଦ ଅର୍ପଣ କରିଥିଲେ।

# ନବୀନ ନିବାସ ଆଗରେ ଧାରଣା ଦେବେ ସ୍ୱତନ୍ତ୍ର ବିଦ୍ୟାଳୟ ଶିକ୍ଷକ

ଭୁବନେଶ୍ୱର, ୧୯।୧୨(ଅସମାପିକା ସାହୁ)

ରାଜ୍ୟର ୫୧ଟି ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀଙ୍କୁ ପେନ୍‌ସନ ପ୍ରଦାନରେ ବିଭାଗ ଟାଳଟୁଳ ନୀତି ଅବଲମ୍ବନ କରୁଛି। ଏହାର ପ୍ରତିବାଦ କରି ଆସନ୍ତା ୩୦ ତାରିଖ ଦିନ ନବୀନ ନିବାସ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଓଡ଼ିଶା ସ୍ୱତନ୍ତ୍ର ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ପ୍ରଫେସର୍ ଯୁଧିଷ୍ଠିର ଖଟୁଆ କହିଛନ୍ତି। ସୋମବାର ସଂଘ ପକ୍ଷରୁ ବୁଦ୍ଧ ମନ୍ଦିରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି, ଗତ ୨୦୧୬ ଡିସେମ୍ବର ୨୨ରେ ତତ୍କାଳୀନ ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସମ୍ପୃକ୍ତ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ଅର୍ଥ ବିଭାଗର ମିଳିତ ଉଚ୍ଚସ୍ତରୀୟ ବୈଠକ ଅନୁଯାୟୀ ଉକ୍ତ କର୍ମଚାରୀମାନଙ୍କୁ ପେନସନ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ହେଲେ ବିଭିନ୍ନ ଆଳ ଦେଖାଇ ଦୀର୍ଘ ସାତବର୍ଷ ଧରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଉକ୍ତ ନିଷ୍ପତ୍ତିକୁ ଅଣଦେଖା କରିଚାଲିଛନ୍ତି। ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବାର ପ୍ରଯତ୍ନ କରୁଥିବା ମୋଟ୍ ୫୨୫ କର୍ମଚାରୀଙ୍କ ମଧ୍ୟରୁ ଅଦ୍ୟାବଧି ୩୫ ଜଣ କର୍ମଚାରୀ ମୃତ୍ୟୁ ଘଟିସାରିଥିବା ବେଳେ ୧୭୩ ଜଣ ଅବସର ନେଇସାରିଛନ୍ତି ଏବଂ ସେମାନଙ୍କ ପରିବାରବର୍ଗ ସରକାରଙ୍କ ବିଳମ୍ବ ନିଷ୍ପତ୍ତି ପାଇଁ ଘୋର ଦୁର୍ଦ୍ଦଶାରେ ଜୀବନ ଅତିବାହିତ କରୁଛନ୍ତି। ଏପରିକି ସେମାନଙ୍କ ପିଲାମାନେ ଆର୍ଥିକ ଅଭାବ ଯୋଗୁ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ସରକାର ମମତା ଯୋଜନାରୁ ହରିଶ୍ଚନ୍ଦ୍ର ଯୋଜନା ପର୍ଯ୍ୟନ୍ତ ଅନେକ ଯୋଜନା କାର୍ଯ୍ୟକାରୀ କରୁଥିବାରୁ ଗତ ୧ ଏବଂ ୧୧ତାରିଖ ଦିନ ସଂଘର କର୍ମକର୍ତ୍ତାମାନେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷଙ୍କୁ ଭେଟି ଥିଲେ। ପରେ ଏହି ସମ୍ବେଦନଶୀଳ ସମସ୍ୟା ସମ୍ପୃକ୍ତ ବିଭାଗର ନଜରକୁ ଆସିଥିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ଅର୍ଥ ବିଭାଗ ଓ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ବୈଠକ ପାଇଁ ବିଳମ୍ବ କରୁଥିବା ଯୋଗୁ କର୍ମଚାରୀମାନେ ସମାନ ଅଧିକାର ପାଇଁ ଆସନ୍ତା ୩୦ତାରିଖ ଦିନ ଧାରଣା ଦେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଦେବାନନ୍ଦ ସାହୁ, କୋଷାଧ୍ୟକ୍ଷ ଦାମୋଦର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ବାଙ୍କୀ,୧୯।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ରାଣୀଶୁକଦେଇ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ନୂଆ-ଓ ଯୁବଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବାଙ୍କୀ ଏନ୍‌ଏସି ନଗରପାଳ ମାଣିକ ସାହୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତାଭାବେ ଡମପଡା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ୍, ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ଜୋନ୍ ଜିଲାପରିଷଦ ସଦସ୍ୟା ତଥା କଟକ ଜିଲା ଯୋଜନା ବୋର୍ଡ ସଦସ୍ୟା ମିନତୀ ମହାପାତ୍ର, ଉପନଗରପାଳ ସନ୍ତୋଷ କୁମାର ରଣା, କାଉନ୍‌ସିଲର ସନାତନ ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା କବିତା ମହାପାତ୍ର ସଭାପତିତ୍ୱ କରିଥିଲେ। ଅଧ୍ୟାପିକା ଅଜନ୍ତା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ନୋଡାଲ୍ ଅଧିକାରୀ ନୂଆ-ଓ ର ଅଧ୍ୟାପିକା ଜୀବନଜ୍ୟୋତି ଛାଟୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରୀଡ଼ା ହେଉଛି ଶିକ୍ଷାର ଏକ ଅଙ୍ଗ

ମାହାଙ୍ଗା,୧୯।୧୨(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତସ୍ଥିତ ହଂସଦିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର କର ଯୋଗଦେଇ କ୍ରୀଡ଼ା ହେଉଛି ଶିକ୍ଷାର ଏକ ଅଙ୍ଗ, ତେଣୁ ପ୍ରତ୍ୟେକ ଛାତ୍ରୀଛାତ୍ର ଖେଳରେ ଭାଗ ନେବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଆନନ୍ଦ କୁମାର ପଣ୍ଡା, ପରିଚାଳନା କମିଟି ସଭାପତି ଅଜୟ ମହାପାତ୍ର, ସାମଜିକ କର୍ମୀ ସୋମନାଥ ସାମଲ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସସ୍ମିତା ଶତପଥି ପ୍ରମୁଖ ଯୋଗଦେଇ ଖେଳର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଶିକ୍ଷକ ଜୟନ୍ତ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ବସନ୍ତ କୁମାର ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ଜଚିନ୍ଦ୍ରନାଥ ଦାଶ ଓ ରଞ୍ଜନ କୁମାର ସେଠୀ ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କ୍ରୀଡ଼ାର ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

**PARADIP PORT AUTHORITY**
**e-TENDER CALL NOTICE**
No.-EM/WS/TECH-08/2023/1736 Date: 12.12.2023
e-TCN No. EM/WS- 44/2023
Name of the work "Hiring of 02 nos. of Truck Mounted Mist Cannons for a period of 05 years" Estimated cost Rs.3,91,36,500/- excluding GST and fuel cost. Last date & time of submission of bid: dt. 03.01.2024 up to 18:00 Hrs. Refer our website for details https://eprocure.gov.in/eprocure/app.
Sd/- Executive Engineer (M)
Workshop Division-I
Paradip Port Authority
PPA/PR/69/2023-2024 dtd.19.12.2023

ଦରମା ଭିତ୍ତିରେ ପୁରୁଷ ସେବକ ଆବଶ୍ୟକ। ଶିକ୍ଷା: ୧୦ମରୁ କମ୍। ପୂର୍ବାହ୍ନ ୧୧ରୁ ଅପରାହ୍ନ ୫ ଘଟିକା ମଧ୍ୟରେ ବ୍ୟକ୍ତିଗତ ସାକ୍ଷାତକାର ପରେ ଦରମା ସ୍ଥିର ହେବ।
ମୋ.: 9438128790

See Career Appointment on every Wednesday & Saturday

# ଶିଶୁ ହସିଲେ ଦୁନିଆ ହସିବ


ଉତ୍ସବରେ ଜଣେ ଛାତ୍ରୀ ନୃତ୍ୟ ପରିବେଷଣ କରୁଛନ୍ତି।

ବଡ଼ମ୍ବା,୧୯।୧୨(ମାୟାଧର ମଲ୍ଲିକ)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ବଡ଼ମ୍ବା ଶାଖା ଆନୁକୂଲ୍ୟରେ ୨୯ତମ ଶିଶୁ ଉତ୍ସବ ସ୍ଥାନୀୟ ବଡ଼ବାରସିଂହ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ବ୍ଲକ ସଭାପତି ଶ୍ୟାମବନ୍ଧୁ ବେହୁରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥିଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା, ମୁଖ୍ୟ ବକ୍ତାଭାବେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବଡ଼ବାରସିଂହ ସରପଞ୍ଚ ସୁଧାକର ସାହୁ, ସମିତି ସଭ୍ୟ ସୁବାସ ଚନ୍ଦ୍ର ନାୟକ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଗୁଲି ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ବିଭାଗର ପ୍ରତିଯୋଗୀମାନଙ୍କୁ ନିଜର ଶ୍ରେଷ୍ଠତା ପ୍ରଦର୍ଶନ କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ତର୍କ, କଣ୍ଠ ସଙ୍ଗୀତ, ଆବୃତ୍ତି, କବିତା ରଚନା, ଗପଲିଖନ, ଚିତ୍ରାଙ୍କନ, ଏକକ ନୃତ୍ୟ, ଏକକ ଅଭିନୟ, ସାଧାରଣ ଜ୍ଞାନ ଭଳି ଦଶଗୋଟି ବିଭାଗରେ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ ୩୦ ଉଚ୍ଚ ବିଦ୍ୟାଳୟରୁ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଚାରକମାନଙ୍କ ଦ୍ୱାରା ପ୍ରତି ବିଭାଗରୁ ଶ୍ରେଷ୍ଠ ୩ ଜଣ ଲେଖାଏ କୃତି ଛାତ୍ରୀଛାତ୍ରମାନଙ୍କୁ ଚୟନ କରାଯାଇଛି। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମଉଗଜସିଂହ ଯୋଗଦେଇ ଶିଶୁ ଉତ୍ସବର ମହତ୍ତ୍ୱ ପ୍ରତିପାଦନ କରିବା ସହ ଶିଶୁ ହସିଲେ ଦୁନିଆ ହସିବ ବୋଲି କହିଥିଲେ। ଓଷ୍ଟାର ବ୍ଲକ ସମ୍ପାଦକ ଅଶୋକ କୁମାର ଧଳଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିଭାବେ ଓଷ୍ଟାର ରାଜ୍ୟ କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ମୁଖ୍ୟବକ୍ତା ଭାବେ ନରସିଂହପୁର ବ୍ଲକ ଶିକ୍ଷାଧିକାରୀ ଶ୍ରୀନିବାସ ପ୍ରଧାନ, ସମ୍ମାନିତ ଅତିଥିଭାବେ ଓଷ୍ଟାର ରାଜ୍ୟ ସମ୍ପାଦକ ବିଜୟ କୁମାର ଛତ୍ର, କଟକ ଜିଲା ଉପସଭାପତି କାମରାଜ ସାହୁ, ଏବିଇଓ ନରେନ୍ଦ୍ର କୁମାର ରଥ, କାର୍ଯ୍ୟକାରୀ ସଭାପତି ସନାତନ ବେହେରା, ଶିକ୍ଷାବିତ୍ ବିଷ୍ଣୁ ଚରଣ ସ୍ୱାଇଁ,ବ୍ଲକ ସହ ସମ୍ପାଦକ ମହେଶ୍ୱର ସାହୁ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସମ୍ବଳ ପରିଚାଳନା ବିଭାଗ
ଭୁବନେଶ୍ୱର

**ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱରର ଅବସରପ୍ରାପ୍ତ ହିତାଧିକାରୀମାନଙ୍କୁ ଡୋର୍ ଷ୍ଟେପ୍ ମେଡ଼ିସିନ୍ ଡେଲିଭରି ନିମନ୍ତେ କେମିଷ୍ଟ୍/ ଷ୍ଟକିଷ୍ଟ/ଔଷଧ ବିକ୍ରେତାଙ୍କର ଚୟନ ପାଇଁ ଇ-ଟେଣ୍ଡର୍**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଏହାପରେ "ବ୍ୟାଙ୍କ" ରୂପେ ଉଲ୍ଲେଖିତ), ଭୁବନେଶ୍ୱର ସମସ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଖ୍ୟାତିସମ୍ପନ୍ନ ତଥା ଅଭିଜ୍ଞ କେମିଷ୍ଟ (Chemist)/ ଷ୍ଟକିଷ୍ଟ (Stockist)/ ଔଷଧ ବିକ୍ରେତା ମାନଙ୍କ ଠାରୁ ବ୍ୟାଙ୍କର ଅବସରପ୍ରାପ୍ତ ହିତାଧିକାରୀ ମାନଙ୍କୁ ଡୋର୍ ଷ୍ଟେପ୍ ଔଷଧ ଡେଲିଭରି ନିମନ୍ତେ ଇ-ଟେଣ୍ଡର୍ ପାଇଁ ଆବେଦନକୁ ଦୁଇ ଭାଗରେ (ଟେକ୍ନିକାଲ୍ ଏବଂ ଆର୍ଥିକ ବିଡ୍) ଆମନ୍ତ୍ରଣ କରୁଅଛି। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଆର.ବି.ଆଇ. (RBI) ୱେବସାଇଟ୍ (https://www.rbi.org.in)ର "ଟେଣ୍ଡର୍" ବିଭାଗ ପରିଦର୍ଶନ କରନ୍ତୁ ଏବଂ ଟେଣ୍ଡର୍ ଅପଲୋଡ୍ କରିବା ପାଇଁ ଦୟାକରି MSTC ଇ-ପୋର୍ଟାଲ୍ (https://www.mstcecommerce.com/eprocn)ରେ ପଞ୍ଜୀକରଣ କରନ୍ତୁ। ଆର୍ଥିକ ବର୍ଷ 2024-25 ପାଇଁ କାର୍ଯ୍ୟର ଆନୁମାନିକ ମୂଲ୍ୟ ₹2 କୋଟି (ମାତ୍ର ଦୁଇ କୋଟି ଟଙ୍କା) ଅଟେ, ତଥାପି ପ୍ରକୃତ ପରିମାଣ ଭିନ୍ନ ହୋଇପାରେ।
ଦୟାକରି ଧ୍ୟାନ ଦିଅନ୍ତୁ ଯେ ପରବର୍ତ୍ତୀ ପରିଶିଷ୍ଟ/ଶୁଦ୍ଧିପତ୍ର କେବଳ ଆର.ବି.ଆଇ (RBI) ୱେବସାଇଟ୍/MSTC ଇ-ପୋର୍ଟାଲରେ ପ୍ରକାଶିତ ହେବ।
କ୍ଷେତ୍ରୀୟ ନିର୍ଦ୍ଦେଶକ
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର

**ଦ.ପୂ. ରେଳପଥ - ଟେଣ୍ଡର**
ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ଓଟି-ଆଇପିଆଇଏସ୍-୧୧ଏସ୍‌ଟିଏନ୍_୨୩-୨୪, ତାରିଖ: ୧୫।୧୨।୨୦୨୩। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍‌ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର (ସିଓ)/ଖଡ଼ଗପୁର-୭୨୧୩୦୧, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୨.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଏବଂ ସେହି ଇ-ଟେଣ୍ଡରଗୁଡ଼ିକୁ ୧୨.୩୦ ଘଟିକାରେ ଖୋଲାଯିବ। **କାର୍ଯ୍ୟର ବର୍ଣ୍ଣନା:** (i) ଖଡ଼ଗପୁର ଡିଭିଜନରେ ବିଭିନ୍ନ ଷ୍ଟେଶନ (ଜଳେଶ୍ୱର, ବସ୍ତା, ହଳଦୀପଡ଼ା, ବାଲେଶ୍ୱର, ସୋର, ବାରିପଦା, ବାଙ୍ଗିରିପୋଷୀ ଏବଂ ତାମଲୁକ, ଘାଟଶିଳା, ଝାରଗ୍ରାମ ଏବଂ ରାଖା ମାଇନ୍ସ)ଠାରେ ବିଭିନ୍ନ ଯାତ୍ରୀ ସୁବିଧା ସାମଗ୍ରୀ ଯଥା ଜିପିଏସ୍ ଘଣ୍ଟା, ପିଏ ସିଷ୍ଟମ୍, ମଲ୍ଟିଲାଇନ୍/ସିଙ୍ଗଲ୍ ଲାଇନ୍ ଟ୍ରେନ୍ ଇନ୍‌ଫର୍ମେଶନ୍ ଡିସ୍‌ପ୍ଲେ ବୋର୍ଡ, ପ୍ଲାଟ୍‌ଫର୍ମ ଡିସ୍‌ପ୍ଲେ ବୋର୍ଡ, କୋଚ୍ ଗାଇଡାନ୍ସ ଡିସ୍‌ପ୍ଲେ ବୋର୍ଡ ଆଦିର ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ। (ii) ଖଡ଼ଗପୁର ଡିଭିଜନରେ ବିଭିନ୍ନ ଷ୍ଟେଶନ (ଜଳେଶ୍ୱର, ବସ୍ତା, ହଳଦୀପଡ଼ା, ବାଲେଶ୍ୱର, ସୋର, ବାରିପଦା, ବାଙ୍ଗିରିପୋଷୀ ଏବଂ ତାମଲୁକ, ଘାଟଶିଳା, ଝାରଗ୍ରାମ ଏବଂ ରାଖା ମାଇନ୍ସ)ଠାରେ ମଲ୍ଟିଲାଇନ୍/ସିଙ୍ଗଲ୍ ଲାଇନ୍ ଟ୍ରେନ୍ ଇନ୍‌ଫର୍ମେଶନ୍ ଡିସ୍‌ପ୍ଲେ ବୋର୍ଡ (ଏଲ୍‌ଇଡି ଟାଇପ୍), ପ୍ଲାଟ୍‌ଫର୍ମ ଡିସ୍‌ପ୍ଲେ ବୋର୍ଡ, କୋଚ୍ ଗାଇଡାନ୍ସ ଡିସ୍‌ପ୍ଲେ ବୋର୍ଡ, ସେଣ୍ଟ୍ରାଲ ଡାଟା କଣ୍ଟ୍ରୋଲର (ସିଡିସି), ପ୍ଲାଟଫର୍ମ ଡାଟା କଣ୍ଟ୍ରୋଲର (ପିଡିସି)ର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଠିକା (ସିଏଏମ୍‌ସି)। **ଟେଣ୍ଡର ମୂଲ୍ୟ:** ₹୧,୮୫,୭୬,୦୦୮.୦୮। **ଇଏମ୍‌ଡି:** ₹୨,୪୨,୯୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ଶୂନ୍ୟ। **ସମାପ୍ତି ଅବଧି:** ୧୦୮ ମାସ। **ଦାଖଲର ତାରିଖ:** ତା୧୫।୦୧।୨୦୨୪ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ। **ଖୋଲାଯିବା ତାରିଖ:** ତା୧୫।୦୧।୨୦୨୪ରିଖ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି।
(PR-938)

# ଫାଇନାଲରେ ଯୁବଜ୍ୟୋତି, ପାଞ୍ଚଗାଁ ଆସୋସିଏଶନ

## ବ୍ଲକସ୍ତରୀୟ ଯୁବ କ୍ରୀଡ଼ା ପ୍ରତିଯୋଗିତାରେ ଫୁଟବଲ୍ ମ୍ୟାଚ

ତିଗିରିଆ,୧୯।୧୨(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମରେ ବ୍ଲକ ପ୍ରଶାସନ ତରଫରୁ ଆୟୋଜିତ ଯୁବ କ୍ରୀଡା ପ୍ରତିଯୋଗିତାରେ ମଙ୍ଗଳବାର ଫୁଟବଲ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଯୁବଜ୍ୟୋତି କ୍ଲବ ପଙ୍କାଳ ଓ ପାଞ୍ଚଗାଁ ଆଞ୍ଚଳିକ ଆସୋସିଏଶନ ଫାଇନାଲ ରାଉଣ୍ଡକୁ ପ୍ରବେଶ କରିଛି। ପ୍ରଥମ ମ୍ୟାଚରେ ପୁରୁଣା ତିଗିରିଆ ସନ୍‌ରାଇଜ କ୍ଲବ ୨-୦ଗୋଲରେ ପୂର୍ଣ୍ଣଚନ୍ଦ୍ର କ୍ଲବ ସୋମପଡ଼ାକୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଯାଇଥିଲା। ଦ୍ୱିତୀୟ ମ୍ୟାଚରେ ମା' ଥାନପତି କ୍ଲବ ବାଲିପୁଟକୁ ୬-୦ ଗୋଲରେ ପରାସ୍ତ କରି ଯୁବଜ୍ୟୋତି କ୍ଲବ ପଙ୍କାଳ ଫାଇନାଲରେ ପ୍ରବେଶ କରିଥିଲା। ତୃତୀୟ ମ୍ୟାଚରେ ପୁରୁଣା ତିଗିରିଆ ସନ୍‌ରାଇଜ କ୍ଲବକୁ ୨-୦ ଗୋଲରେ ପରାସ୍ତ କରି ପାଞ୍ଚଗାଁ ଆଞ୍ଚଳିକ ଆସୋସିଏଶନ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ ମୁଖ୍ୟ ଅତିଥିଭାବେ ରାଜ୍ୟ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଗୁରୁବାର ଫାଇନାଲ ମ୍ୟାଚ ହେବ ବୋଲି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ଞାନରଞ୍ଜନ ବଡ଼ଜେନା କହିଛନ୍ତି।

# ୪୦୪ ବୁଣାକାରଙ୍କୁ ମିଳିଲା ତନ୍ତ ସରଞ୍ଜାମ

ତିଗିରିଆ,୧୯।୧୨(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ଗାନ୍ଧୀ ପଡ଼ିଆଠାରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନାରେ ୪୦୪ଜଣ ବୁଣାକାରଙ୍କୁ ବୁଣାକାର୍ଯ୍ୟରେ ସହାୟତା ପାଇଁ ୭୨ ଲକ୍ଷ ୭୨ ହଜାର ଟଙ୍କାର ତନ୍ତ ସରଞ୍ଜାମ, ଇନଭର୍ଟର ପ୍ରଦାନ କରାଯାଇଛି। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ବୁଣାକାରଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ହାତଖୋଲି ଅର୍ଥ ପ୍ରଦାନ କରୁଥିବା କହିଥିଲେ। କାର୍ଯ୍ୟକ୍ରମରେ ବୟନ ତତ୍ତ୍ୱାବଧାରକ ଦାମୋଦର ବେହେରା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ସହକାରୀ ବୟନ ଅଧିକାରୀ ଶ୍ରୀକାନ୍ତ ନାଏକ, ଧ୍ରୁବଚରଣ ଦାସ, ମହେନ୍ଦ୍ର କୁଣ୍ଡୁ, ସେରିଫେଡ୍ ରାଜ୍ୟ ସଭାପତି ଭାଗିରଥି ନନ୍ଦ, ସଞ୍ଜୟ ମଲ୍ଲିକ, ସସ୍ମିତା ରାଉତ, ମାନସ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ତିଗିରିଆ ବ୍ଲକର ବିଭିନ୍ନ ଅଞ୍ଚଳର ୬୧ ଜଣଙ୍କୁ ତନ୍ତ, ୫୩ ଜଣଙ୍କୁ ସରଞ୍ଜାମ, ୪୫ ଜଣଙ୍କୁ ବବିନ,୬ ଜଣଙ୍କୁ ଡବବି ଓ ୨୩୯ ଜଣଙ୍କୁ ଇନ୍‌ଭର୍ଟର ପ୍ରଦାନ କରାଯାଇଥିଲା।


ତନ୍ତ ସରଞ୍ଜାମ ପ୍ରଦାନ ଅବସରରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଅନ୍ୟମାନେ।

**Office of the Executive Engineer**
**Drinking Water & Sanitation Division Pakur.**
**e-Procurement Notice**
**Very Short Term Tender**
**Tender Reference No.- DWSD/PAKUR/19/2023-24(e-Tender) 3rd Call Date- 18.12.2023**

| | | |
|---|---|---|
| 1 | Department Name : | Drinking Water & Sanitation Department, Jharkhand, Ranchi. |
| 2 | Name & Address of the Office Inviting Tender | Executive Engineer, D.W.&S. Division, Pakur |
| 3 | Date of Publication of Tender/Time on Website : | 20.12.2023/11 : 00 AM |
| 4 | Last date /Time for receipt of Online Bid | 29.12.2023/05 : 00 PM |
| 5 | Last date/time of Online submission of Earnest Money and Cost of BOQ (As per Letter No. -120, dated -03.10.2023 of Se cretary to Govt. , Information Technology & e -Governance Department, Govt. of Jharkhand) | 29.12.2023/05 : 00 PM |
| 6 | Date of Opening of Tender /Time: | 30.12.2023/11 : 00 AM |
| 7 | Name &Address of Tender Opening Officer : | Executive Engineer, D.W.&S. Division, Pakur |
| 8 | Contact no. of Procurement Office : | 9110073326 |
| 9 | Help line No. of e-procurement cell : | 0651-2480345 |

**Name of work** :-Construction of Gravel Packed Tube well of 300 x 125mm. Dia x 60 Mtr( Avg.) Depth Complete (By Mechanical Rotary Rig Machine with Mud Pump Mounted on Truck and D.T.H. Rig Machine with Installation of India Mark II(IS 15500 Part –2/2004) Hand Pump with 3 2 mm. Dia.GI Medium class Riser Pipe with 125mm. dia Blue casing UPVC Pipe with Drain,Platform etc. complete work under D.W.&S. Division, Pakur for the Year 2023-24 on Turn key basis.

| Sl. No. | Group No. | No. of DT | Estimated Cost (in Rs.) | Earnest Money (in Rs.) | Cost of BOQ (in Rs.) | Time of Completion (in Days) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | PKR/GPT/60mtr/01 | 55 | 8100409.00 | 163000.00 | 10000.00 | 100 Days |
| 2 | PKR/GPT/60mtr/02 | 55 | 8100409.00 | 163000.00 | 10000.00 | 100 Days |
| 3 | PKR/GPT/60mtr/03 | 55 | 8100409.00 | 163000.00 | 10000.00 | 100 Days |
| 4 | PKR/GPT/60mtr/04 | 54 | 7953129.00 | 160000.00 | 10000.00 | 100 Days |

Note:-
- No claim shall be entertained because of disputation of internet service being used by the bidders. Bidders are advice to upload their bids well in advance to avoid last minute technical snags.
- Further details can be seen on website http://jharkhandtenders.gov.in
- Estimated Cost may be increase or decrease.

Executive Engineer
D.W. & S. Division, Pakur.
PR 313794 Drinking Water and Sanitation(23-24)D

**OFFICE OF THE COLLECTOR & DISTRICT MAGISTRATE, ANGUL**
**(ST & SC Development Section)**
(Ph/Fax No.-06764-231173, E-mail:angdwo@gmail.com)
No.3034, Date:19.12.23
**ADVERTISEMENT**
Applications are invited in prescribed format from the interested eligible Female Candidates belonging to Angul District for engagement of one Lady Matron/ Junior Matron on the contractual basis initially for a period of one year in the Badibahal Sevashram under Kishorenagar Block on Angul district managed by ST & SC Development Deptt. Govt. of Odisha.
Copy of the application form alongwith details of eligible criteria and selection procedure may be obtained from the district website www.angul.nic.in and from the notice board of DWO, Angul and all Block offices of Angul district.
The last date of receipt of applications in the office of the District Welfare Officer, Angul is 01.01.2024 by Regd.Post/ Speed Post only. Applications received beyond the date line shall not be entertained.
By order of Collector, Angul
Sd./- District Welfare Officer, Angul

GOVERNMENT OF ODISHA No. A-1016
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
Rushikulya Bahuda Basin, Berhampur - 760004
e-mail id: se_sicbam@yahoo.com
**e-Procurement Notice No. ACE, RBB - 14/2023-24**
1. Type of Work : Flood Protection Work
2. Total No. of Works : 01 (One) No.
3. Amount put to Tender : Rs.746.75 lakh
4. Period of Completion : 12 (Twelve) Calendar Months

| Procurement Officer | Bid Identification No. | Bid Amount (Rs. in Lakh) | Availability & Submission of Bid Online |
|---|---|---|---|
| Additional Chief Engineer, Rushikulya Bahuda Basin, Berhampur | ACE, RBB (BNID) - 26/ 2023-24 | 746.75 | From 30.12.2023, 10.00 A.M. to 16.01.2024, 5.00 P.M. |

Date of Opening of the Technical Bid : 17.01.2024 at 11.30 A.M.
Further details can be seen from the Govt. website www.tendersodisha.gov.in.
Sd./- Additional Chief Engineer
Rushikulya Bahuda Basin, Berhampur
OIPR-32411/11/0020/2324

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.58/ET/SBP/ENGG/ 2023-24, ତା.13.12.2023ରିଖ
(1) ଇ-ଟେଣ୍ଡର ସଂ. 24-eT-SDENC-SBP-23
**କାର୍ଯ୍ୟର ନାମ :** 03 ବର୍ଷ ସମୟ ଅବଧି ନିମନ୍ତେ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସମନ୍ୱୟ)/ ସମ୍ବଲପୁରଙ୍କ କାର୍ଯ୍ୟାଳୟ ସମ୍ବନ୍ଧୀୟ ବ୍ୟବହାର ନିମନ୍ତେ ଗୋଟିଏ ନନ୍-ଏସି ଗାଡ଼ି (ମହିନ୍ଦ୍ରା ସ୍କୋର୍ପିଓ, ମହିନ୍ଦ୍ରା XUV500, ମାରୁତି ସୁଜୁକି XL6 କିମ୍ବା ଅନୁରୂପ) ଭଡ଼ା ସୂତ୍ରରେ ନେବା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 21,38,587.22, ବିଡ୍ ସିକ୍ୟୁରିଟି (₹): 42,800/-, ଟେଣ୍ଡର ଫର୍ମର ମୂଲ୍ୟ (₹): 3,540/-।
(2) ଇ-ଟେଣ୍ଡର ସଂ. 41-eT-DENE-SBP-23
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ 12 ମାସ ସମୟ ଅବଧି ନିମନ୍ତେ USFD ପରୀକ୍ଷଣ ପାଇଁ ସହାୟକ କର୍ମଚାରୀଙ୍କ ନିୟୋଜନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 61,93,767.00, ବିଡ୍ ସିକ୍ୟୁରିଟି (₹): 1,23,900/-, ଟେଣ୍ଡର ଫର୍ମର ମୂଲ୍ୟ (₹): 5,900/-।
(3) ଇ-ଟେଣ୍ଡର ସଂ. 46-eT-SDENC-SBP-23
**କାର୍ଯ୍ୟର ନାମ :** (1) ସମ୍ବଲପୁର ମଣ୍ଡଳରେ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (କେନ୍ଦ୍ରୀୟ) ଅଧୀନସ୍ଥ ଝାରସୁଗୁଡ଼ା ରୋଡ଼ (JSGR) -ଟିଟିଲାଗଡ଼ (TIG) ସେକ୍ସନ ମଧ୍ୟରେ TTR (FS+TWS+WSMSC)- 21 ସେଟ୍, TTR(TWS)- 4 ସେଟ୍, TTR(WCMSC)- 4 ସେଟ୍, SEJs- 55 ସେଟ୍ ଏବଂ ଗ୍ଲୁଡ୍ ଜଏଣ୍ଟ- 67 ଗୋଟି, (2) ସମ୍ବଲପୁର (SBP)-ଦେଓଗାଁ ରୋଡ଼ (DFR)-TTR (WCMSC)- 5 ସେଟ୍, (3) ଶାରଳା ରୋଡ଼ (SLRA)-ଦେଓଗାଁ ରୋଡ଼ (DFR) ସେକ୍ସନ ମଧ୍ୟରେ 9.7 TKM TBR ସମ୍ବନ୍ଧୀୟ P.Way କାର୍ଯ୍ୟଗୁଡ଼ିକର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹):** 1,23,30,878.25, ବିଡ୍ ସିକ୍ୟୁରିଟି (₹): 2,11,700/-।
କାର୍ଯ୍ୟ ଶେଷ ହେବା ଅବଧି : 36(ଛତିଶି) ମାସ (କ୍ରମ ସଂ.1 ପାଇଁ), 12 (ବାର)ମାସ (କ୍ରମ ସଂ.2 ପାଇଁ) ଏବଂ 06 (ଛଅ)ମାସ (କ୍ରମ ସଂ.3 ପାଇଁ)।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.01.2024ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତା ମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର
PR-898/O/23-24

## ସଂକ୍ଷେପରେ

### ଅପହୃତ ଜାହାଜରୁ ନାବିକଙ୍କୁ ଉଦ୍ଧାର କଲା ନୌସେନା

**ନୂଆଦିଲ୍ଲୀ,୧୯।୧୨:** ଜଳଦସ୍ୟୁଙ୍କ ଦ୍ୱାରା ଅପହୃତ ହୋଇଥିବା ମାଲ୍ଟାର ମାଲ୍‌ବାହୀ ଜାହାଜରୁ ଜଣେ ଆହତ ନାବିକଙ୍କୁ ଭାରତୀୟ ନୌସେନା ସହାୟତାରେ ଉଦ୍ଧାର କରାଯାଇଛି। ଅପହରଣକାରୀମାନେ ନାବିକଙ୍କୁ ମୁକ୍ତ କରିଦେବା ପରେ ତାଙ୍କୁ ଚିକିତ୍ସା ପାଇଁ ବିମାନ ଯୋଗେ ଓମାନ୍ ନିଆଯାଇଛି। ଭାରତୀୟ ନୌସେନାର ଯୁଦ୍ଧଜାହାଜ ଶନିବାରଠାରୁ ମାଲ୍ଟା ଜାହାଜ ଏମ୍‌ଭି ରୁଏନ୍‌କୁ ଟ୍ରାକ୍ କରୁଥିଲା। ଉକ୍ତ ଜାହାଜକୁ ୬ ଜଣ ଜଳଦସ୍ୟୁ ଅପହରଣ କରି ନେଉଥିବା ଖବର ପାଇଁ ଆଡେନ୍ ଉପସାଗରରେ ପାଟ୍ରୋଲିଂରେ ଥିବା ନୌସେନା ଯୁଦ୍ଧଜାହାଜ ତୁରନ୍ତ ସହାୟତା ପାଇଁ ଆଗେଇ ଆସିଥିଲା। ନୌସେନାର ଏକ ବିମାନ ମଧ୍ୟ ଆକାଶରେ ଥାଇ ଅପହୃତ ଜାହାଜ ଉପରେ ନଜର ରଖିଥିଲା।

### ୯ ବର୍ଷୀୟାଙ୍କୁ ଅପହରଣ, ବଳାତ୍କାର ପରେ ହତ୍ୟା

**ନୂଆଦିଲ୍ଲୀ,୧୯।୧୨(ପି.ଟି.):** ଉତ୍ତର ଦିଲ୍ଲୀର ସ୍ୱରୂପନଗର ଅଞ୍ଚଳରେ ଜଣେ ୯ ବର୍ଷର ବାଳିକାଙ୍କୁ ଅପହରଣ କରିନେଇ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଗତ ୧୨ ତାରିଖ ରାତି ୮ଟା ୩୦ରେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ପୋଲିସରେ ଅଭିଯୋଗ ହୋଇଥିଲା। ପୋଲିସ ଅପହରଣ ମାମଲା ରୁଜୁକରି ୫୨ ବର୍ଷୀୟ ଅଭିଯୁକ୍ତଙ୍କ ଧରିବାକୁ ତନାଘନା ଚଳାଇଥିଲା। ୧୨ ତାରିଖ ଅପରାହ୍ନରେ ନାବାଳିକା ଅଭିଯୁକ୍ତଙ୍କ ଗାଡ଼ିରେ ବସିଥିବା ତଦନ୍ତରୁ ଜଣାପଡ଼ିଥିଲା। ଖୋଜାଖୋଜି ଚାଲିଥିବାବେଳେ ୧୫ ତାରିଖରେ ଅଭିଯୁକ୍ତ ଦୁର୍ଘଟଣାର ସମ୍ମୁଖୀନ ହୋଇ ରୋହିଣୀସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରି ପରେ ହତ୍ୟା କରିଥିବା ୧୭ ତାରିଖରେ ସ୍ୱୀକାର କରିଥିଲେ। ପୀଡ଼ିତାଙ୍କ ମୃତଦେହ ଖୋଜିବାକୁ ଅଭିଯୁକ୍ତଙ୍କୁ ମଙ୍ଗଳବାର ଘଟଣାସ୍ଥଳକୁ ନିଆଯାଇଥିଲେ ମଧ୍ୟ ତାହା ମିଳିନାହିଁ।

### ଦୁର୍ଘଟଣାରୁ ବର୍ତ୍ତିଲେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ



**ଜୟପୁର,୧୯।୧୨:** ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ୍ ଶର୍ମା ମଙ୍ଗଳବାର ସଡ଼କ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତାଙ୍କ କାର୍ ହଠାତ୍ ରାସ୍ତାର ଗୋଟିଏ ପାର୍ଶ୍ୱକୁ ମାଡ଼ିଯାଇ ଏକ ନାଳୀ ନିକଟରେ ଅଟକିଯାଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀଙ୍କର କୌଣସି କ୍ଷତି ହୋଇନାହିଁ। ଭଜନଲାଲ୍ ଏକ ତୀର୍ଥ ଯାତ୍ରାରେ ଗୋବର୍ଦ୍ଧନ ଗିରିରାଜକୁ ଯାଉଥିବାବେଳେ ଉତ୍ତରପ୍ରଦେଶ ସୀମାବର୍ତ୍ତୀ ପୁଞ୍ଛରି କା ଲୌଥା ନିକଟରେ ତାଙ୍କ କାର୍ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲା। ସେ ଅନ୍ୟ ଏକ ଗାଡ଼ିରେ ଗନ୍ତବ୍ୟ ସ୍ଥଳକୁ ଯାଇଥିଲେ।

# ୨୦୨୪: ବିଶ୍ୱନେତାଙ୍କ ନିର୍ବାଚନୀ ବର୍ଷ

୨୦୨୪ରେ ୫ ଦେଶର ଭୋଟର ସେମାନଙ୍କ ନୂଆ ରାଷ୍ଟ୍ରମୁଖ୍ୟ ବାଛିବା ପାଇଁ ସୁଯୋଗ ପାଇବେ। ଏହି ୫ ରାଷ୍ଟ୍ରରେ ବିଶ୍ୱ ଜନସଂଖ୍ୟାର ପ୍ରାୟ ୪୧% ଲୋକ ବସବାସ କରନ୍ତି। ବିଶ୍ୱର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ଏହି ଦେଶଗୁଡ଼ିକର ଅବଦାନ ହେଉଛି ୪୪.୨ ଟ୍ରିଲିୟନ୍ ଆମେରିକୀୟ ଡଲାର (୪୨%)। ତେଣୁ ନୂଆବର୍ଷରେ ଏହି ନିର୍ବାଚନଗୁଡ଼ିକ ଉପରେ ବିଶ୍ୱର ନଜର ରହିବ।

**ନୂଆଦିଲ୍ଲୀ/ୱାଶିଂଟନ୍,୧୯।୧୨**

ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଫେରିବେ କି। ରୁଷିଆରେ ଭ୍ଲାଡିମିର ପୁଟିନ୍‌ଙ୍କୁ କେହି ଚ୍ୟାଲେଞ୍ଜ କରିପାରିବେ କି। ଭାରତରେ ଏଥର 'ତିସ୍‌ରି ବାର୍ ମୋଦି ସରକାର' ଆସିବ କି। ଏହି ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ପ୍ରଶ୍ନଗୁଡ଼ିକର ଉତ୍ତର କେବଳ ସମୟ ଦେଇପାରିବ।

୨୦୨୪ରେ ୪୦ରୁ ଊର୍ଦ୍ଧ୍ୱ ଦେଶର ୩ ବିଲିୟନ୍‌ରୁ ଅଧିକ ଭୋଟର ସେମାନଙ୍କ ରାଷ୍ଟ୍ରମୁଖ୍ୟଙ୍କୁ ବାଛିବେ। ଜାନୁୟାରୀରେ ତାଇୱାନ ନିର୍ବାଚନ ହେବାକୁ ଥିବାବେଳେ ନଭେମ୍ବରରେ ଆମେରିକା ରାଷ୍ଟ୍ରପତି ଭୋଟ। ସେହିପରି ଭାରତ, ଇଣ୍ଡୋନେସିଆ, ଇରାନ, ପାକିସ୍ତାନ, ରୁଷିଆ ଓ ଦକ୍ଷିଣ ଆଫ୍ରିକାରେ ମଧ୍ୟ ନିର୍ବାଚନ ହେବାକୁ ଯାଉଛି।

ଗାଜା ଓ ୟୁକ୍ରେନ୍ ସଂଘର୍ଷ ଯୋଗୁ ବିଶ୍ୱ ଅର୍ଥନୀତି ଅଭୂତପୂର୍ବ ଆହ୍ୱାନର ସମ୍ମୁଖୀନ ହୋଇଛି। କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ସୁଧହାର ବଢ଼ାଇ ଚାଲିଥିବାବେଳେ ମହାମାରୀ ପରବର୍ତ୍ତୀ ସମୟରେ ଆର୍ଥିକ ସ୍ୱାଭାବିକତାରେ ବ୍ରେକ୍ ଲାଗିଥିଲା। ଏଭଳି ସମୟରେ ୨୦୨୪ ନିର୍ବାଚନ ଚକ୍ର ଏହି ସଙ୍କଟକୁ ଆହୁରି ଘନୀଭୂତ କରାଇପାରେ ବୋଲି ଆଶଙ୍କା କରାଯାଉଛି।

### ମେକ୍ସିକୋରେ ମହିଳା ରାଷ୍ଟ୍ରପତି



କ୍ଲାଉଡିଆ ଶେଇବଉମ୍



ଜୋଚିଲ୍ଟ ଗାଲ୍‌ଭେଜ୍

ମେକ୍ସିକୋ ସିଟିର ଜଣେ ପୂର୍ବତନ ମେୟର ଓ ଜଣେ ବିଜ୍‌ନେସ ଓମେନ୍ ଆସନ୍ତା ଜୁନ୍‌ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ନିଜ ଭାଗ୍ୟ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି। ପୂର୍ବତନ ମେୟର କ୍ଲାଉଡିଆ ଶେଇବଉମ୍ ବିଦାୟୀ ରାଷ୍ଟ୍ରପତି ଆଣ୍ଡ୍ରେସ୍ ମାନୁଏଲ୍ ଲୋପେଜ୍ ଓବ୍ରାଡୋରଙ୍କ ମୋରେନା ପାର୍ଟିରୁ ଲଢୁଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଜୋଚିଲ୍ଟ ଗାଲ୍‌ଭେଜ୍ ବିରୋଧୀ ମେଣ୍ଟ ବ୍ରୋଡ୍ ଫ୍ରଣ୍ଟ ଫର୍ ମେକ୍ସିକୋରୁ ପ୍ରତିନିଧିତ୍ୱ କରୁଛନ୍ତି। ଦୁହିଁଙ୍କ ମଧ୍ୟରୁ ଯିଏ ଜିତିଲେ ମେକ୍ସିକୋ ପ୍ରଥମ ଥର ପାଇଁ ଜଣେ ମହିଳା ରାଷ୍ଟ୍ରପତିଙ୍କୁ ପାଇବ।

### ମଇଦାନରେ ପୁଣି ଟ୍ରମ୍ପ-ବାଇଡେନ୍



ଡୋନାଲ୍ଡ ଟ୍ରମ୍ପ



ଜୋ ବାଇଡେନ୍

ନଭେମ୍ବର ୫ରେ ଅନେକ କୋଟି ଆମେରିକୀୟ ସେମାନଙ୍କ ରାଷ୍ଟ୍ରପତିଙ୍କୁ ବାଛିବେ। ଏହି ନିର୍ବାଚନରେ ୮୬ ବର୍ଷୀୟ ଜୋ ବାଇଡେନ୍ ନିଜ କ୍ଷମତା ବଜାୟ ରଖିବା ପାଇଁ ସବୁ ପ୍ରକାର ଉଦ୍ୟମ କରିବେ। ତେବେ ଡେମୋକ୍ରାଟ୍ ବାଇଡେନ୍‌ଙ୍କୁ ୭୭ ବର୍ଷୀୟ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ ପୁନର୍ବାର ଟକ୍କର ଦେବାକୁ ଆସୁଥିବାରୁ ପରିଣାମ କିଛି ବି ହୋଇପାରେ। ବାରାକ୍ ଓବାମା ରାଷ୍ଟ୍ରପତି ଥିବାବେଳେ ବାଇଡେନ୍ ଉପରାଷ୍ଟ୍ରପତି ଥିଲେ। ସେତେବେଳେ ବାଇଡେନ୍‌ଙ୍କ ପୁଅ ହଣ୍ଟର ବାପାଙ୍କ କ୍ଷମତାର ଦୁରୁପଯୋଗ କରି ବିଦେଶରୁ ବ୍ୟବସାୟିକ ଡିଲ୍ ଆଣିଥିବା ଅଭିଯୋଗ ହୋଇଛି। ଏହା ଉପରେ ମହାଭିଯୋଗ ତଦନ୍ତକୁ ନିକଟରେ ରିପବ୍ଲିକାନ୍ ଦଖଲରେ ଥିବା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ମଞ୍ଜୁରୀ ଦେବା ପରେ ବାଇଡେନ୍‌ଙ୍କୁ ଝଟ୍‌କା ଲାଗିଛି। ନିର୍ବାଚନ ପ୍ରଚାର ବେଳେ ଅପପ୍ରଚାର ଏକ ବୈଶିଷ୍ଟ୍ୟ ହୋଇପାରେ। ଗତଥର ବାଇଡେନ୍‌ଙ୍କ ବିଜୟ ପରେ ଟ୍ରମ୍ପ ସମର୍ଥକମାନେ କ୍ୟାପିଟୋଲ ହିଲ୍‌କୁ ଧସେଇ ପଶି ଦଙ୍ଗା କରିଥିଲେ। ଆମେରିକାର ପ୍ରଥମ ରିପବ୍ଲିକାନ୍ ପ୍ରାଇମେରିକୁ କିଛି ସପ୍ତାହ ବାକି ଥିବାବେଳେ ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପଙ୍କ ମୁଣ୍ଡରେ ଅନେକ ଅପରାଧିକ ମାମଲାର ଖଣ୍ଡା ଝୁଲୁଛି। ତେଣୁ ନିଜ ବିଜୟ ସୁନିଶ୍ଚିତ କରିବା ପାଇଁ ସେ କେଉଁ ଉପାୟ ବାହାର କରିବେ ତା' ଉପରେ ଅନେକଙ୍କ ନଜର ରହିଛି।

### ୟୁରୋପୀୟ ସଂସଦ ନିର୍ବାଚନ

ଜୁନ୍ ଆଡ଼କୁ ୟୁରୋପୀୟ ପାର୍ଲାମେଣ୍ଟ ନିର୍ବାଚନ ଅନୁଷ୍ଠିତ ହେବ। ଏଥିରେ ୪୦୦ ନିୟୁତରୁ ଅଧିକ ଯୋଗ୍ୟ ଭୋଟର ନିଜ ରାଜନୈତିକ ମତାଧିକାର ସାବ୍ୟସ୍ତ କରିବେ। ସେମାନେ ୨୭ ସଦସ୍ୟ ରାଷ୍ଟ୍ରର ୭୨୦ ମେମ୍ବରଙ୍କୁ ବାଛିବେ।

### ପୁଟିନ୍‌ଙ୍କୁ ଆଉ ୬ ବର୍ଷ ଦରକାର

ରୁଷୀୟ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସୈନ୍ୟ ଗତ ୨ ବର୍ଷ ଭିତରେ ଯୁଦ୍ଧ ଲଢ଼ି ୟୁକ୍ରେନୀୟ ଅଞ୍ଚଳକୁ ଦଖଲ କରି ରଖିଥିବାରୁ ତାଙ୍କ ଆତ୍ମବିଶ୍ୱାସ ବଢ଼ିଯାଇଛି। କେତେବେଳେ ପ୍ରଧାନମନ୍ତ୍ରୀ ତ ପୁଣି କେବେ ରାଷ୍ଟ୍ରପତି ହୋଇ ସେ ଦୀର୍ଘ ୨୪ ବର୍ଷ ଧରି ଦେଶକୁ ଶାସନ କରିଆସିଛନ୍ତି। ଆସନ୍ତା ମାର୍ଚ୍ଚରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହୋଇ ଆହୁରି ୬ ବର୍ଷ ଏହି ପଦରେ ରହିବାକୁ ପୁଟିନ୍‌ଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ି ନ ପାରେ। ଏଥିପାଇଁ ସେ ଡିସେମ୍ବର ୮ରେ ପଞ୍ଚମ ଥର ଲାଗି ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଘୋଷଣା କରିଥିଲେ। ୨୦୨୦ରେ ପୁଟିନ୍ କରାଇଥିବା ସମ୍ବିଧାନ ସଂଶୋଧନ ଅନୁସାରେ ସେ କ୍ଷମତାରେ ୨୦୩୬ ପର୍ଯ୍ୟନ୍ତ ରହିପାରିବେ। ଏପି ହେଲେ ପୁଟିନ୍ ସର୍ବାଧିକ ସମୟ ରୁଷିଆକୁ ଶାସନ କରିଥିବା ଜୋସେଫ୍ ଷ୍ଟାଲିନ୍‌ଙ୍କୁ ଅତିକ୍ରମ କରିବେ। ୨୦୨୧ ଜାନୁୟାରୀରୁ ଜେଲରେ ଥିବା ପୁଟିନ୍‌ଙ୍କ ବଡ଼ ଶତ୍ରୁ ଆଲେକ୍ସ ନଭାଲ୍‌ନି ୧୯ ବର୍ଷ ପାଇଁ ଦଣ୍ଡ ଭୋଗୁଛନ୍ତି। ଷ୍ଟ୍ରଙ୍ଗ୍‌ମ୍ୟାନ୍ ପୁଟିନ୍‌ଙ୍କ ବିରୋଧରେ ଆଉ କେହି ପ୍ରତିଦ୍ୱନ୍ଦ୍ୱୀ ବାହାରି ନ ପାରନ୍ତି।



ଭ୍ଲାଡିମିର ପୁଟିନ୍

### ମୋଦିଙ୍କ ପାୱାର ପ୍ଲେ

ଆସନ୍ତା ଏପ୍ରିଲ-ମେ' ଆଡ଼କୁ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ରର ପ୍ରାୟ ୧ ବିଲିୟନ୍ ଭାରତୀୟ ଭୋଟ ଦେବେ। ଲଗାତର ତୃତୀୟ ଥର ପାଇଁ କ୍ଷମତା ଦଖଲ କରିବାକୁ ଚାହୁଁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ଆଗାମୀ ନିର୍ବାଚନ ସମ୍ମାନର ବିଷୟ ହେବ। ଇତିମଧ୍ୟରେ ବିରୋଧୀଙ୍କ ଇଣ୍ଡିଆ ବ୍ଲକ୍‌ରେ ମୋଦିଙ୍କୁ ଟକ୍କର ଦେବା ଭଳି ଚେହେରା ବାହାରି ପାରୁ ନ ଥିବାରୁ ଓ ଭାରତୀୟ ଜନତା ପାର୍ଟି (ଭାଜପା)କୁ ନିର୍ବାଚନ ଜିତିବା ପାଇଁ ଅଧିକ ପରିଶ୍ରମ କରିବାକୁ ପଡ଼ି ନ ପାରେ ବୋଲି କୁହାଯାଉଛି।

### ଜାନୁୟାରୀରୁ ହୋଇପାରେ କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ୨.୦

**ନୂଆଦିଲ୍ଲୀ,୧୯।୧୨**

ଲୋକ ସଭା ନିର୍ବାଚନ ପୂର୍ବରୁ ଲୋକଙ୍କ ନିକଟତର ହେବା ଲାଗି ଆସନ୍ତା ଜାନୁୟାରୀ ପ୍ରଥମ ସପ୍ତାହ ପରେ କଂଗ୍ରେସ ଦ୍ୱିତୀୟ ପର୍ଯ୍ୟାୟ ଭାରତ ଯୋଡ଼ୋ ଯାତ୍ରା ଆରମ୍ଭ କରିପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଯୋଡ଼ୋ ଯାତ୍ରା ୨.୦ ଏଥର ହାଇବ୍ରିଡ୍ ମୋଡ୍‌ରେ ହେବ। ଯାତ୍ରାରେ ଭାଗ ନେବାକୁ ଥିବା ଦଳୀୟ କର୍ମୀ ଏବଂ ସମର୍ଥକମାନେ ପାଦରେ ଚାଲିବା ସହ ଗାଡ଼ି ମଧ୍ୟ ବ୍ୟବହାର କରିବେ। ଉତ୍ତରପୂର୍ବାଞ୍ଚଳର କୌଣସି ରାଜ୍ୟରୁ ଯାତ୍ରା ଆରମ୍ଭ ହେବାକୁ ଥିବାବେଳେ ମୁଖ୍ୟତଃ ଉତ୍ତରପ୍ରଦେଶ, ବିହାର, ମହାରାଷ୍ଟ୍ର ଉପରେ ଫୋକସ୍ ରହିବ ବୋଲି ଜଣେ ବରିଷ୍ଠ ନେତା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ତଦନ୍ତ କରିବ ଏନ୍‌ଆଇଏ

**କର୍ଣ୍ଣି ସେନା ମୁଖ୍ୟ ହତ୍ୟା ମାମଲା**

**ନୂଆଦିଲ୍ଲୀ,୧୯।୧୨:** ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଙ୍ଗଳବାର କର୍ଣ୍ଣି ସେନା ଅଧ୍ୟକ୍ଷ ସୁଖଦେବ ଗୋଗମେଦି ହତ୍ୟା ମାମଲାର ତଦନ୍ତ ଦାୟିତ୍ୱ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ହସ୍ତାନ୍ତର କରିଛି। ଏହି ହତ୍ୟାକାଣ୍ଡରେ ହାଇପ୍ରୋଫାଇଲ୍ ଗ୍ୟାଙ୍ଗଷ୍ଟର ସମ୍ପୃକ୍ତ ଥିବା ନେଇ ଏନ୍‌ଆଇଏ ତଦନ୍ତ କରିବ। ଏନେଇ ଏନ୍‌ଆଇଏ ଏକ ମାମଲା ରୁଜୁ କରିଛି। ସୁଖଦେବଙ୍କୁ ଗତ ୫ ତାରିଖରେ ରାଜସ୍ଥାନର ଜୟପୁରସ୍ଥିତ ବାସଭବନରେ ୩ ଜଣ ଶୁଟର ଗୁଳିକରି ହତ୍ୟା କରିଥିଲେ। ହତ୍ୟାକାଣ୍ଡ ପାଇଁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ସହଯୋଗୀ ଗ୍ୟାଙ୍ଗଷ୍ଟର ରୋହିତ ଗୋଦରା ନିଜକୁ ଦାୟୀ କରିଥିଲେ। ଗତ ୯ ତାରିଖରେ ଚଣ୍ଡିଗଡ଼ରୁ ଦୁଇ ଶୁଟର ରୋହିତ ରାଠୋର ଏବଂ ନୀତିନ ଫୌଜିଙ୍କୁ ଗିରଫ କରାଯାଇଥିଲା। ହତ୍ୟା ପାଇଁ ଗୋଦରା ସେମାନଙ୍କୁ ନିର୍ଦ୍ଦେଶ ଦେଇଥିବା ସେମାନେ ଜେରାବେଳେ କହିଥିଲେ।

## ଗୌତମ ନଭଲଖାଙ୍କୁ ଜାମିନ

**ମୁମ୍ବାଇ,୧୯।୧୨**

**ଏଲ୍‌ଗାର ପରିଷଦ ମାମଲା**

୨୦୧୮ର ଏଲ୍‌ଗାର ପରିଷଦ-ମାଓବାଦୀ ଲିଙ୍କ୍ ମାମଲାରେ ଆକ୍ଟିଭିଷ୍ଟ ଗୌତମ ନଭଲଖାଙ୍କୁ ବମ୍ବେ ହାଇକୋର୍ଟ ମଙ୍ଗଳବାର ଜାମିନ ମଞ୍ଜୁର କରିଛନ୍ତି। ସେ ୨୦୧୮ରୁ ଗିରଫ ହୋଇଥିବାବେଳେ ଏବେ ଗୃହବନ୍ଦୀ ଥିଲେ। ସହଅଭିଯୁକ୍ତ ପ୍ରଫେସର ଆନନ୍ଦ ତେଲତୁମ୍ବଡେ ଏବଂ ମହେଶ ରାଉତଙ୍କ ଭଳି ନଭଲଖାଙ୍କ ପାଇଁ ସମାନ ଜାମିନ ସର୍ତ୍ତାବଳୀ ରଖାଯାଇଛି। ୨୦୧୭ ଡିସେମ୍ବରରେ ପୁଣେରେ ଏଲ୍‌ଗାର ପରିଷଦ ସମ୍ମିଳନୀ ଚାଲିଥିବାବେଳେ ଏହା ପରଦିନ ଭୀମ କୋରେଗାଁଓ ଯୁଦ୍ଧସ୍ମାରକୀଠାରେ ହିଂସାକାଣ୍ଡ ଘଟିଥିଲା। ଏଲ୍‌ଗାର ପରିଷଦ ସମ୍ମିଳନୀ ସହ ସମ୍ପୃକ୍ତ ଥିବା ଅଭିଯୋଗରେ ନଭଲଖାଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଥିଲା। ତେବେ ଉକ୍ତ ରାୟ ବିରୋଧରେ ସୁପ୍ରିମକୋର୍ଟରେ ଅପିଲ୍ ପାଇଁ ଏନ୍‌ଆଇଏକୁ ସୁଯୋଗ ଦେବା ନିମନ୍ତେ ହାଇକୋର୍ଟ ତାଙ୍କ ରାୟ ଉପରେ ୩ ସପ୍ତାହ ସ୍ଥଗିତାଦେଶ ଜାରି କରିଛନ୍ତି। ଗତ ଏପ୍ରିଲରେ ଏକ ସ୍ୱତନ୍ତ୍ର ଅଦାଲତ ନଭଲଖା ବେଆଇନ ଘୋଷିତ ମାଓବାଦୀ ସଂଗଠନର ସକ୍ରିୟ ସଦସ୍ୟ ଥିବା ପ୍ରମାଣ ଦର୍ଶାଇ ତାଙ୍କୁ ଜାମିନ ପ୍ରଦାନ କରିବାକୁ ମନା କରିଦେଇଥିଲେ।



## ଷ୍ଟେଶନରେ ଫସିଥିବା ସବୁ ଯାତ୍ରୀ ଉଦ୍ଧାର

**ମଦୁରାଇ,୧୯।୧୨**

**ତାମିଲନାଡୁ ବର୍ଷା ବିପ୍ରାତ**

ତାମିଲନାଡୁର ଥୁଥୁକୁଡ଼ି ଜିଲାରେ ପ୍ରବଳ ବର୍ଷା ଯୋଗୁ ପାଣିଘେରରେ ଥିବା ଶ୍ରୀବୈକୁଣ୍ଠମ୍ ରେଳଷ୍ଟେଶନରେ ଫସିରହିଥିବା ସମସ୍ତ ୮୦୯ ଯାତ୍ରୀଙ୍କୁ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଉଦ୍ଧାର କରାଯାଇଛି। ପୂର୍ବରୁ ୩୦୦ ଯାତ୍ରୀଙ୍କୁ ନିକଟସ୍ଥ ସ୍କୁଲ୍‌ରେ ରଖାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୭୦ ଜଣ ନିଜସ୍ୱ ବ୍ୟବସ୍ଥାରେ ଅନ୍ୟତ୍ର ପଳାଇଥିଲେ। ଅବଶିଷ୍ଟ ୩୦ ଜଣଙ୍କୁ ଆର୍‌ପିଏଫ୍ ସହାୟତାରେ ଉଦ୍ଧାର କରାଯାଇଥିଲା। ସେମାନେ ସଡ଼କ ପଥରେ ମନିୟାଛି ଷ୍ଟେଶନରେ ପହଞ୍ଚିଛନ୍ତି। ମଙ୍ଗଳବାର ୫୦୯ ଯାତ୍ରୀଙ୍କୁ ଶ୍ରୀବୈକୁଣ୍ଠମ୍ ଷ୍ଟେଶନରୁ ବସ୍ ଯୋଗେ ଭାଞ୍ଚି ମନିୟାଛି ଷ୍ଟେଶନକୁ ନିଆଯାଇଛି। ସେଠାରୁ ସେମାନଙ୍କୁ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଗନ୍ତବ୍ୟସ୍ଥଳ ଚେନ୍ନାଇ ପଠାଯିବ ବୋଲି ରେଲୱେ ଅଧିକାରୀ କହିଛନ୍ତି। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ ଟିମ୍ ଏବଂ ଆର୍‌ପିଏଫ୍ ଯବାନ ନିୟୋଜିତ ହୋଇଥିଲେ। ବର୍ଷା ଛାଡ଼ିଥିଲେ ମଧ୍ୟ ଏବେ ବି ଷ୍ଟେଶନରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି। କ୍ରମାଗତ ଦୁଇଦିନ ପ୍ରବଳ ବର୍ଷା ଲାଗିରହିବାରୁ ଦକ୍ଷିଣ ତାମିଲନାଡୁର ୪ଟି ଜିଲାର ଅନେକ ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଇଥିଲା। ରବିବାର ରାତିରେ ଚେନ୍ନାଇ ଯିବାକୁ ଥିବା ଥିରୁଚେନ୍ଦୁର ଏକ୍ସପ୍ରେସ୍‌ର ମୋଟ ୮୦୯ ଯାତ୍ରୀ ଶ୍ରୀବୈକୁଣ୍ଠମ୍ ଷ୍ଟେଶନରେ ଅଟକି ରହିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଗର୍ଭବତୀ ମହିଳାଙ୍କୁ ସୋମବାର ହେଲିକପ୍ଟର ଯୋଗେ ଉଦ୍ଧାର କରାଯାଇଥିଲା। ସୋମବାର ରାତି ୧ଟା ୩୦ରେ ୩୦୦ ଯାତ୍ରୀଙ୍କୁ ନିକଟସ୍ଥ ଏକ ସ୍କୁଲ୍‌ରେ ହୋଇଥିବା ରିଲିଫ୍ କେନ୍ଦ୍ରକୁ ନିଆଯାଇଥିଲା। ଅବଶିଷ୍ଟ ୫୦୯ ଯାତ୍ରୀ ଟ୍ରେନ୍ ଭିତରେ ବିନା ଖାଦ୍ୟରେ ଫସିରହିଥିଲେ। ବାୟୁସେନା ହେଲିକପ୍ଟରରୁ ସେମାନଙ୍କ ପାଇଁ ଆକାଶମାର୍ଗରୁ ଖାଦ୍ୟ ପୁଡ଼ିଆ ପକାଯାଇଥିଲା।



ଟୁଟିକୋରିନ୍‌ରେ ଉଦ୍ଧାର କାର୍ଯ୍ୟରେ ସାମିଲ ତଟ ସୁରକ୍ଷା ବାହିନୀର ଯବାନ।

### ଆଡ଼ଭାନୀ, ଜୋଷୀଙ୍କୁ ନିମନ୍ତ୍ରଣ କଲା ଭିଏଚ୍‌ପି

**ନୂଆଦିଲ୍ଲୀ,୧୯।୧୨**

ଜାନୁୟାରୀ ୨୨ରେ ଅଯୋଧ୍ୟାରେ ଭବ୍ୟ ରାମମନ୍ଦିରର ପ୍ରାଣପ୍ରତିଷ୍ଠା ସମାରୋହ ଅନୁଷ୍ଠିତ ହେବାକୁ ଥିବାବେଳେ ବୟସାଧିକ୍ୟ ଓ ଅସୁସ୍ଥତା କାରଣରୁ ବର୍ଷୀୟାନ ଭାଜପା ନେତା ତଥା ରାମମନ୍ଦିର ଆନ୍ଦୋଳନର ପୁରୋଧା ଲାଲ୍‌କୃଷ୍ଣ ଆଡ଼ଭାନୀ ଏବଂ ମୁରଲୀ ମନୋହର ଜୋଷୀ ଯୋଗ ନ ଦେବା ପାଇଁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ନିବେଦନ କରାଯାଇଥିଲା। ମଙ୍ଗଳବାର ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ଆଡ଼ଭାନୀ ଓ ଜୋଷୀଙ୍କୁ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଛି। ଉଭୟ ନେତା ଆସିବା ପାଇଁ ଉଦ୍ୟମ କରିବେ ବୋଲି କହିଥିବା ଭିଏଚ୍‌ପି ସଦସ୍ୟ ଆଲୋକ କୁମାର କହିଛନ୍ତି। ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ ୧୬ରୁ ଆରମ୍ଭ ହେବାକୁ ଥିବାବେଳେ ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ରହିବେ। ପ୍ରାଣ ପ୍ରତିଷ୍ଠା ଦିନ ପ୍ରବଳ ଜନସମାଗମ ହେବାକୁ ଥିବାରୁ ୯୬ ବର୍ଷୀୟ ଆଡଭାନୀ ଏବଂ ୮୯ ବର୍ଷୀୟ ଜୋଷୀଙ୍କୁ ସେଠାକୁ ନ ଆସିବା ପାଇଁ ଅନୁରୋଧ କରାଯାଇଥିଲା।

## ଫୁର୍‌ସତ

# ସମୃଦ୍ଧ ପୃଥିବୀ ଲକ୍ଷ୍ୟ ଅପରିହାର୍ଯ୍ୟ

**ଅନ୍ତର୍ଜାତୀୟ ମାନବ ଏକତା ଦିବସ**



**ବି**ଶ୍ୱର ସମସ୍ତ ରାଷ୍ଟ୍ରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିଲେ ସମୃଦ୍ଧ ପୃଥିବୀ ଲକ୍ଷ୍ୟ ସମ୍ଭବ ହୋଇପାରିବ। ଏହାଦ୍ୱାରା ଲୋକଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବୃଦ୍ଧି ହୋଇପାରିବ। ଗରିବମାନଙ୍କର ବିଶ୍ୱସ୍ତରୀୟ ମୂଲ୍ୟବୋଧକୁ ଚିହ୍ନିବା ଏବଂ ବିଭିନ୍ନ ଦେଶରେ ଦାରିଦ୍ର୍ୟ ହ୍ରାସ କରିବା ବିଷୟରେ ବିକଶିତ ଦେଶଙ୍କୁ ଅବଗତ କରାଇବା ତଥା ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଡିସେମ୍ବର ୨୦ରେ ଅନ୍ତର୍ଜାତୀୟ ମାନବ ଅଖଣ୍ଡତା ଦିବସ ପାଳନ କରାଯାଇଥାଏ।

ଅଖଣ୍ଡତାର ସାର୍ବଭୌମତ୍ୱ ମୂଲ୍ୟର ପରିଚୟ ପାଇଁ ଦାରିଦ୍ର୍ୟ ହ୍ରାସ ନିମନ୍ତେ ବିଶ୍ୱସ୍ତରୀୟ ଉଦ୍ଦେଶ୍ୟ ଓ ପ୍ରୟାସଗୁଡ଼ିକ ଉପରେ ସଦସ୍ୟ ରାଷ୍ଟ୍ରମାନଙ୍କୁ ସଚେତନ କରିବା ହେଉଛି ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ବିଶ୍ୱର ସ୍ୱାଧୀନ ରାଷ୍ଟ୍ରମାନଙ୍କର ଦାରିଦ୍ର୍ୟ ହ୍ରାସ ନୀତିଗୁଡ଼ିକ ଉପରେ ଗୁରୁତ୍ୱ ପ୍ରଦାନ କରିବା ମଧ୍ୟ ଏହି ଦିବସର ଉଦ୍ଦେଶ୍ୟ। ବିକାଶ ପାଇଁ ସମୃଦ୍ଧ ପୃଥିବୀ ଲକ୍ଷ୍ୟ ଅପରିହାର୍ଯ୍ୟ, ଏହା ଏହି ଦିବସ ସୂଚିତ କରିଥାଏ।

ବିଶ୍ୱସ୍ତରରେ ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ ସ୍ଥିର ହୋଇଥିବା ଲକ୍ଷ୍ୟ ହାସଲ ଲାଗି ବିଶ୍ୱ ଅଖଣ୍ଡତା ପାଣ୍ଠି ଓ ଜାତିସଂଘ ବିକାଶ କାର୍ଯ୍ୟକ୍ରମ ଏହି ସ୍ୱତନ୍ତ୍ର ଦିବସକୁ ପ୍ରୋତ୍ସାହିତ କରେ। ମୌଳିକ ଓ ସାର୍ବଭୌମତ୍ୱ ମୂଲ୍ୟବୋଧ ରୂପେ ଅଖଣ୍ଡତାର ପରିଚୟ ପ୍ରଦାନ ସ୍ୱରୂପ ୨୦୦୫ମସିହା, ଡିସେମ୍ବର ୨୨ରେ ଜାତିସଂଘ ସାଧାରଣ ସଭାରେ ଏହି ଦିବସକୁ ପରିଚୟ ମିଳିଥିଲା। ପ୍ରତି ବର୍ଷ ଡିସେମ୍ବର ୨୦ରେ ଏହାକୁ ଅନ୍ତର୍ଜାତୀୟ ମାନବ ଅଖଣ୍ଡତା ଦିବସ ରୂପେ ପାଳନ କରିବାକୁ ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଥିଲା।

ଏକତା ପାଣ୍ଠି ଗଠନ ଏବଂ ଏହାଦ୍ୱାରା ପୃଥିବୀର ବିଭିନ୍ନ ଦେଶରୁ ଦାରିଦ୍ର୍ୟ ଦୂରୀକରଣ ଲକ୍ଷ୍ୟ ମିଳିତ ଜାତିସଂଘର ବିକାଶ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା। ସମସ୍ତଙ୍କ ପାଇଁ ଉତ୍ତମ ଭବିଷ୍ୟତକୁ ସୁଗମ କରିବା ଲାଗି ପରିକଳ୍ପିତ ସ୍ଥାୟୀ ବିକାଶ ଲକ୍ଷ୍ୟ ମାଧ୍ୟମରେ ଦାରିଦ୍ର୍ୟ ତଥା ଅନ୍ୟାନ୍ୟ ପ୍ରତିବନ୍ଧକ ହଟାଇବାର ଉଦ୍ୟମ ସମ୍ପର୍କରେ ଏହି ଦିବସରେ ସଚେତନତା ସୃଷ୍ଟି କରାଯାଇଥାଏ। ବିବିଧତାମୟ ପୃଥିବୀରେ ଏକତାକୁ ପାଳନ କରିବା ଲାଗି ଜାତିସଂଘ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଏହି ଅବସରରେ ଆୟୋଜନ କରାଯାଇଥାଏ।

### ଘରୁ ପଳାଇ ପୋଲିସ ହାତରେ ଧରାପଡ଼ିଥିଲେ

**ମୁମ୍ବାଇ:** ଫେମିନା ମିସ୍ ଇଣ୍ଡିଆ-୨୦୨୦ର ପ୍ରଥମ ରନର୍ସ ଅପ୍ ଉତ୍ତର ପ୍ରଦେଶର ମାନ୍ୟା ସିଂ ଏବେ ବିଗ୍‌ବସ୍ ସିଜନ-୧୬ରେ ନଜରକୁ ଆସିଛନ୍ତି। ତେବେ ତାଙ୍କୁ ଏହି ସଫଳତାରେ ପହଞ୍ଚିବାକୁ ଅନେକ କଷ୍ଟ ସହିବାକୁ ପଡ଼ିଛି। ଅନେକ ସଂଘର୍ଷ କରିବାକୁ ପଡ଼ିଛି। ମାନ୍ୟା ନିକଟରେ ଏକ ସାକ୍ଷାତ୍‌କାରରେ ତାଙ୍କ ସଂଘର୍ଷମୟ ଜୀବନ ବାବଦରେ କହିଛନ୍ତି। ସେ ଉତ୍ତରପ୍ରଦେଶର କୁଶୀନଗର ଭଳି ଛୋଟ ସହରରେ ଜନ୍ମ ହୋଇଛନ୍ତି। ସେ ତାଙ୍କ ମଡେଲିଂ କ୍ୟାରିୟର ପାଇଁ ତିନି ଥର ଘରୁ ୫୦ ଟଙ୍କା ଧରି ପଳାଇବାକୁ ଉଦ୍ୟମ କରିଥିଲେ। ହେଲେ ସେ ସମୟରେ ପୋଲିସ ତାଙ୍କୁ ଧରି ଘରେ ଛାଡ଼ିଥିଲା। ଘରେ ଏନେଇ ତାଙ୍କ ବିବାହ ପାଇଁ ପ୍ରସ୍ତୁତି କରିଥିଲେ। କିନ୍ତୁ ସେ ବିବାହ କରିବାକୁ ଚାହୁଁ ନ ଥିଲେ। ସେଥିପାଇଁ ସେ ପୁଣି ଘରୁ ପଳାଇଲେ। ସେ ମୁମ୍ବାଇରେ ପହଞ୍ଚିବା ପରେ ପୋଲିସ ତାଙ୍କୁ ଧରି ଥାନାରେ ରଖି ଘର ଲୋକଙ୍କୁ ଡାକିଥିଲା। ମାନ୍ୟାଙ୍କ ଏପରି ଦୟନୀୟ ଅବସ୍ଥା ଦେଖି ପରିବାର ତାଙ୍କ ଇଚ୍ଛା ମୁତାବକ ମୁମ୍ବାଇରେ ରହିବାକୁ ସ୍ଥିର କଲେ। ଏହାପରେ ସେ ତାଙ୍କ ଲକ୍ଷ୍ୟପଥରେ ଆଗେଇ ଚାଲିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବା ପରେ ଶେଷରେ ଫେମିନା ମିସ୍ ଇଣ୍ଡିଆ-୨୦୨୦ର ପ୍ରଥମ ରନର୍ସ ଅପ୍ ମୁକୁଟ ପିନ୍ଧିଥିଲେ। ପରେ ସେ ଗୋଟିଏ ପରେ ଗୋଟିଏ ପାହାଚ ଚଢିଥିବା କହିଛନ୍ତି।



ମାନ୍ୟା ସିଂ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................

ବିବାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## CLASSIFIED DISPLAY

MORE SPACE • SAME PRICE (TARIFF, GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SC/ST ଛାତ୍ରୀ ମାନଙ୍କ ପାଇଁ Course Fee ସଂପୂର୍ଣ୍ଣ ମାଗଣା
ନାମଲେଖା ଚାଲୁଅଛି !
ଶିକ୍ଷାବର୍ଷ: ୨୦୨୩-୨୪
SAI STITI INSTITUTE OF MEDICAL SCIENCE
Recognised by Govt. of Odisha, H & FW Dept. and Odisha Nursing Council, India Nursing Council, New Delhi
ANM
Duration 2 yrs, Qualification +2 (Any Stream)
Practical at DHH KHORDHA and CAPITAL HOSPITAL
Hanspal Bhubaneswar
Mob.: 8249091700, 8455975825, 9692613134

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 7382841797

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଲୋନ୍! ଲୋନ୍! ଲୋନ୍!
ଭାରତର No.1 କମ୍ପାନୀ
Global Finance (Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ମାର୍କଶିଟ୍, ପ୍ରପର୍ଟି, ସବୁ ଲୋନ୍
2% ସୁଧ 40% ଛାଡ଼
ସରକାରୀ କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ଛାଡ଼
(ଏଜେଣ୍ଟ ଆମନ୍ତ୍ରିତ)
8765514686

# ବ୍ୟାଙ୍କରେ ବଢୁଛି ଦାବିବିହୀନ ଜମାରାଶି

## ଚଳିତ ବର୍ଷ ୨୮% ବୃଦ୍ଧି ଘଟି ୪୨,୨୭୨ କୋଟିରେ ପହଞ୍ଚିଛି

ଭୁବନେଶ୍ୱର,୧୯।୧୨(ଅଭୟ ଦାଶ)

ଗତ କିଛି ବର୍ଷ ହେଲା କ୍ରମାଗତ ଭାବେ ଦେଶର ଉଭୟ ଘରୋଇ ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ଦାବିବିହୀନ ଜମାରାଶିର ପରିମାଣ ବୃଦ୍ଧି ପାଉଛି। ଏପରିକି ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଉଭୟ ଘରୋଇ ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ମୋଟ ୪୨,୨୭୨ କୋଟି ଟଙ୍କାର ଜମାରାଶି ରହିଥିବା ଜଣାପଡ଼ିଛି। ମଙ୍ଗଳବାର ରାଜ୍ୟ ସଭାର ଏକ ଅଣ ତାରକା ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଭଗଓ୍ୱତ କେ କରାଡ କହିଛନ୍ତି, କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଦାବିବିହୀନ ଜମା ରାଶିର ସମାଧାନ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ଏପରିକି ଉକ୍ତ ଜମା ରାଶିର ପରିବାରଜନଙ୍କୁ ଖୋଜି ବାହାରକରିବା ସହ ହିତାଧିକାରୀଙ୍କ ପ୍ରକୃତ ଉତ୍ତରାଧିକାରୀଙ୍କୁ ବ୍ୟାଙ୍କରେ ଜମାହୋଇ ରହିଥିବା ଟଙ୍କା ଫେରାଇଦେବା ଆର୍‌ବିଆଇ ପକ୍ଷରୁ ବିଭିନ୍ନ ପ୍ରକାର ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସେହିଭଳି ଉଭୟ ଘରୋଇ ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ମଧ୍ୟ ଉକ୍ତ ଘଟଣାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଆର୍‌ବିଆଇ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସଭାରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ କରାଡଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ଅନୁସାରେ ୨୦୨୩ ମାର୍ଚ୍ଚ ଶେଷ ସୁଦ୍ଧା ଦେଶର ବିଭିନ୍ନ ପ୍ରାନ୍ତର ଉଭୟ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କଗୁଡିକରେ ମୋଟ ୪୨,୨୭୨ କୋଟି ଟଙ୍କା ଜମା ହୋଇରହିଛି। ଏପରିକି ୨୦୨୨ ସମାନ ଅବଧିରେ ମଧ୍ୟ ମୋଟ ୩୨,୯୩୪ କୋଟି ଟଙ୍କା ଉଭୟ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କଗୁଡିକରେ ଜମା ହୋଇରହିଥିଲା। ସେହିଭଳି ୨୦୨୨ ମାର୍ଚ୍ଚ ତୁଳନାରେ ୨୦୨୩ ମାର୍ଚ୍ଚରେ ମୋଟ ଜମାର ଅଭିବୃଦ୍ଧି ପ୍ରାୟ ୨୮% ହୋଇଛି ବୋଲି ମନ୍ତ୍ରୀ ବିସ୍ତୃତ ଭାବେ ଉଲ୍ଲେଖ କରିଛନ୍ତି। ସେହିପରି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ମୋଟ ୩୬୧୮୫ କୋଟି ଟଙ୍କା ଜମା ହୋଇଥିଲାବେଳେ ଘରୋଇ ବ୍ୟାଙ୍କରେ ମୋଟ ୬୦୮୭ କୋଟି ଟଙ୍କା ଜମା ହୋଇରହିଛି। ସୂଚନାଯୋଗ୍ୟ, ପ୍ରତି ବର୍ଷ କିମ୍ବା ୧୦ବର୍ଷରୁ ଅଧିକ ସମୟ ଧରି କାରବାର ହୋଇ ନ ଥିବା ବ୍ୟାଙ୍କ ଖାତା (ଜମାରାଶି)ର ହିତାଧିକାରୀଙ୍କ ନାମରେ ଏକ ସ୍ୱତନ୍ତ୍ର ପତ୍ର ସମ୍ପୃକ୍ତ ବ୍ୟାଙ୍କ ପକ୍ଷରୁ ଆର୍‌ବିଆଇ ଓ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟଙ୍କୁ ପଠାଯାଇଥାଏ। ପରବର୍ତ୍ତୀ ସମୟରେ ଉକ୍ତ ଖାତା ଦାବିବିହୀନ ଜମାରାଶି ଗ୍ରୁପ୍‌ରେ ସାମିଲ ହୋଇଯାଇଥାଏ।



# ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୧୯।୧୨

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୨୨ (୧୨୨.୧୦) ପଏଣ୍ଟ ବଢ଼ି ୭୧,୪୩୭ (୭୧,୪୩୭.୧୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୪(୩୪.୪୫) ପଏଣ୍ଟ ବୃଦ୍ଧି ଘଟି ୨୧,୪୫୩ (୨୧,୪୫୩.୧୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ୍, ସ୍ମଲ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି।

# ଜୟଆଲୁକ୍କାସ୍‌ର ନୂତନ ଅଭିଯାନ

Joyalukkas World's favourite jeweller

ଭୁବନେଶ୍ୱର,୧୯।୧୨

ଜୟଆଲୁକ୍କାସର ନୂତନ ଅଭିଯାନ 'ସିଜନ୍ ଅଫ୍ ଗିଭିଙ୍ଗ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଚଳିତ ବର୍ଷ ଛୁଟିଦିନଗୁଡ଼ିକରେ ଉକ୍ତ ଅଭିଯାନ ପୃଷ୍ଠପୋଷକମାନଙ୍କ ପାଇଁ ଅତିରିକ୍ତ ଉତ୍ସବମୟ ଉଲ୍ଲାସ ପ୍ରଦାନ କରିବ। ଏପରିକି ଜୟଆଲୁକ୍କାସ୍‌ର ଏହି ବିଶେଷ ସଂସ୍କରଣରେ ଉଭୟ ସୁନା ଏବଂ ହୀରା ଅଳଙ୍କାରଗୁଡିକ ଉପରେ ମେକିଂ ଚାର୍ଜ (ଏମ୍‌ସି) ଉପରେ ଫ୍ଲାଟ୍ ୨୫% ରିହାତି ପ୍ରଦାନ କରିଥାଏ।

ଏ ସମ୍ପର୍କରେ ଜୟଆଲୁକ୍କାସ୍ ଗ୍ରୁପ୍‌ର ଚେୟାରମ୍ୟାନ୍ ଜୟ ଆଲୁକ୍କାସ କହିଛନ୍ତି, ଚଳିତ ବର୍ଷର ଖ୍ରୀଷ୍ଟମାସ୍ ଓ ନୂଆବର୍ଷ ହେଉଛି ପ୍ରଦାନ କରିବାର ଋତୁ। ଏହା ହେଉଛି ଯାହା ଆପଣ ଗ୍ରହଣ କରିଛନ୍ତି, ସେଥିପାଇଁ କୃତଜ୍ଞତା ଜଣାଇବା ଏବଂ ଆନନ୍ଦ ବିସ୍ତାର କରିବାର ସମୟ। ଏପରିକି ସମସ୍ତ ସୁନା ଏବଂ ହୀରା ଅଳଙ୍କାରର ମେକିଂ ଚାର୍ଜ ଉପରେ ଆମର ଫ୍ଲାଟ୍ ୨୫% ରିହାତି ସହ ଏହି ଅଭିଯାନ ଅତିରିକ୍ତ ସ୍ୱତନ୍ତ୍ର ହେବ। ଅପରପକ୍ଷରେ ଭାରତର ସମସ୍ତ ଜୟଆଲୁକ୍କାସ୍ ଶୋ'ରୁମ୍‌ରେ 'ସିଜନ୍ ଅଫ୍ ଗିଭିଙ୍ଗ୍' ଅଫର ୨୦୨୪ ଜାନୁୟାରୀ ୧୫ ପର୍ଯ୍ୟନ୍ତ ଉପଲବ୍ଧ ରହିବ।

# ପଲ୍‌ସରମାନିଆର ମାଷ୍ଟର୍ସ ଏଡିଶନ ଉଦ୍‌ଯାପିତ

ଭୁବନେଶ୍ୱର,୧୯।୧୨

ବଜାଜ ଅଟୋର ଅଗ୍ରଣୀ ମଡେଲ ପଲ୍‌ସରମାନିଆର ମାଷ୍ଟର୍ସ ଏଡିଶନ (ନ୍ୟାଶନାଲ ଫିନାଲେ) ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଏପରିକି ମୁମ୍ବାଇଠାରେ ଶେଷ ହୋଇଥିବା 'ପଲ୍‌ସରମାନିଆର ମାଷ୍ଟର୍ସ ଏଡିଶନରେ ଉପସ୍ଥିତ ଲୋକଙ୍କ ପାଇଁ ଏହା ଏକ ଆଡ୍ରେନାଲିନ୍-ଫୁଏଲଡ ଏକ୍ସପିରିଏନ୍ସ ପ୍ରଦାନ କରିଥିଲା। ବିଶେଷକରି ପଲସରମାନିଆ ମାଷ୍ଟର ସଂସ୍କରଣ ଦେଶର ପ୍ରମୁଖ ୧୦୦ ସହରରେ ଆୟୋଜନ କରାଯାଇଥିଲା। ଉକ୍ତ ସଂସ୍କରଣରେ ୨୫ ହଜାରରୁ ଅଧିକ ଅଂଶଗ୍ରହଣକାରୀଙ୍କ ସହ ୧ଲକ୍ଷରୁ ଅଧିକ ଦର୍ଶକ ମଧ୍ୟ ଯୋଗଦାନ କରିଥିଲେ।

ଏ ସମ୍ପର୍କରେ ବଜାଜ ଅଟୋ ଲିମିଟେଡ୍‌ର ପ୍ରେସିଡେଣ୍ଟ (ମୋଟରସାଇକେଲ ବ୍ୟବସାୟ) ସାରଙ୍ଗ କାନାଡେ କହିଛନ୍ତି, ୨୧ବର୍ଷରୁ ଅଧିକ ସମୟ ଧରି ଆମେ ଭାରତ ବଜାରରେ 'ପଲ୍‌ସାରମାନିଆକ୍ସ'ର ଏକ ଦୃଢ଼ ଅନୁସରଣ କରିଛୁ। ପଲ୍‌ସରମାନିଆ ମାଷ୍ଟର୍ସ ସଂସ୍କରଣ କେବଳ ପ୍ରତିଯୋଗିତା ନୁହେଁ, ଏହା ପଲ୍‌ସର ଆତ୍ମାର ଏକ ସମଗ୍ର ଉତ୍ସବ ହୋଇଯାଇଛି। ଏପରିକି ପଲ୍‌ସରମାନିଆ ମାଷ୍ଟର୍ସ ସଂସ୍କରଣ ହେଉଛି ୧୦୦ ରୁ ଅଧିକ ସହରରେ ପ୍ରତିଦ୍ୱନ୍ଦ୍ୱିତାକରି ଏକ ଯାତ୍ରା ଆରମ୍ଭ କରୁଥିବା ସ୍କିରିଟେଡ୍ ଆରୋହୀଙ୍କ ସର୍ବୋଚ୍ଚ ସ୍ଥାନ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଏହି ସଂସ୍କରଣ ମୋଟରସାଇକେଲ ଚଳାଇବା ଏବଂ ଜୀବନଶୈଳୀ ସମ୍ପ୍ରଦାୟର ଏକ ନିଆରା ମିଶ୍ରଣ ଆଣିଥିଲା। ପଲ୍‌ସରମାନିଆର ମାଷ୍ଟର୍ସ ସଂସ୍କରଣ କେବଳ ପ୍ରତିଯୋଗିତା ବିଷୟରେ ନୁହେଁ, ଏହା ଏକ ନିଆରା ଅନୁଭୂତି ଥିଲା, ଯାହା ପଲ୍‌ସର ବ୍ରାଣ୍ଡର ଆଭିମୁଖ୍ୟକୁ ପ୍ରଦର୍ଶନ କରିଥିଲା।



Classified Everyday 0674-2580101, 2549949

MATRIMONIAL
GROOM WANTED

60ବୟସ୍କା Govt. ଚାକିରିଆ Retd. ବିଧବା ମହିଳାଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। (Urgent required). 9040735426. D-2035

Searching Kaibarta Groom for Very Fair Kaibarta Bride. Contact Brother (IAS Faculty in Delhi), Mob-9990161440. D-2034

Wanted qualified groom 35-38yrs. Service/Business for a beautiful bride 34yrs. Ph.D. Continue Bhubaneswar. Caste no bar. 8917585202. D-74314

REAL ESTATE
SALE

Duplex sale 57,00,000/- and plot sale near AIIMS Hospital, Bhubaneswar. 9777433701. D-75281

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର-500/-, ନଖରା- SC/ General- sqft.- 300/-, 9348232008. D-75279

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

ସାଲେପୁର-ମାହାଙ୍ଗା ରୋଡ୍ ଓସ୍ତମୂଳ ଉମେଶ କଲେଜ ପାଖରେ 1742 sqft. 3,00,000/- ଘରବାରି - 9348232008. D-75283

FOR RENT

Require accommodation for Rest House for RMS staff at Khurda Road, area required 45.8 sq.m. near to Railway station, Jatani, Khurda Road. D-2057

Healthcare

Ashirvaad Salon and SPA get good massage for your health tha best therapy. 7077181074. D-75080

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75081

AFFIDAVIT

I, Shilpi Agarwal, W/o Anupam Kedia, resident of Marwadipada, Dhobagali, P.O. Sambalpur, P.S.- Town, Dist.- Sambalpur, Pin-768001, Odisha declare by this affidavit No. 38794 dtd.- 16.12.2023 that now onwards I shall be known as SHILPI KEDIA for all future purposes. D-2060

By virtue of an affidavit sworn before the Executive Magistrate, Cuttack, dated 11.12.2023, I, Kiranbala Sahoo, W/o- Rabindra Behera, At- Kaitha Baula, P.O.- Kaitha, P.S.- Mahanga, Dist.- Cuttack, Odisha, declare that, I have changed my daughter's Surname from Anjali Sahoo to Anjali Behera. Henceforth, She will be known as Anjali Behera for all purpose. Kiranbala Behera D-2053

By virtue of an affidavit sworn before the Executive Magistrate, Cuttack, dated 11.12.2023, I, Kiranbala Sahoo, W/o Rabindra Behera, At- Kaitha Baula, P.O.- Kaitha, P.S.- Mahanga, Dist.- Cuttack, Odisha, declare that, I have changed my surname from Kiranbala Sahoo to Kiranbala Behera. Henceforth, I shall be known as Kiranbala Behera for all purpose. Kiranbala Behera D-2054

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Cuttack, dated 11.12.2023, I, Kiranbala Sahoo, W/o Rabindra Behera, At- Kaitha Baula, P.O.-Kaitha, P.S.-Mahanga, Dist.- Cuttack, Odisha, declare that, I have changed my son's surname from Subham Sahoo to Subham Behera. Henceforth, He will be known as Subham Behera for all purpose. Kiranbala Behera D-2055

ଜନ୍ମଦିନ ଶୁଭେଚ୍ଛା
ବିବାନ ଶର୍ମା
ବରଗଡ଼
ଆଜି ଷଷ୍ଠ ଜନ୍ମବାର୍ଷିକୀ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛୁ।
ଶ୍ୟାମ-(ଅଜା), ମିନା(ଆଈ), ବିକାଶ (ବାପା), ଅଞ୍ଜୁ(ମା), ଅଜୟ(କାକା), ପ୍ରୀତି (କାକି), ଅନେିଷା (ଭଉଣୀ)।
ଧ-୨୦୫୯

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଟାଟା ଷ୍ଟିଲ୍ ପକ୍ଷରୁ ଖଣି ସୁରକ୍ଷା ସପ୍ତାହ

ଭୁବନେଶ୍ୱର,୧୯।୧୨

ଟାଟା ଷ୍ଟିଲ୍ ଦ୍ୱାରା ପରିଚାଳିତ ଖଣ୍ଡବନ୍ଧ ଲୌହ ଓ ମାଙ୍ଗାନିଜ ଖଣି ପକ୍ଷରୁ ୪୧ତମ 'ଖଣି ସୁରକ୍ଷା ସପ୍ତାହ' ନିକଟରେ ପାଳିତ ହୋଇଯାଇଛି। ଏପରିକି ଡାଇରେକ୍ଟର ଜେନେରାଲ ଅଫ୍ ମାଇନ୍ସ ଅଫ୍ ସେଫ୍ଟିର ଭୁବନେଶ୍ୱର ଆଞ୍ଚଳିକ ଶାଖା ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଖଣି ସୁରକ୍ଷା ସମ୍ବନ୍ଧୀୟ ପ୍ରଚାର ଓ ପ୍ରସାର ମଧ୍ୟ କରାଯାଇଥିଲା। ଏହି ଅବସରରେ ରାମଶଙ୍କର ଶର୍ମା, ଏଭିପି, ମାଇନିଂ ଅପରେଶନ, ନାରାୟଣ ପୋଷି ଖଣି (ଜେଏସ୍‌ଡବ୍ଲ୍ୟୁ), ସତ୍ୟକାମ ଦାସ, ଡିଜିଏମ୍, ଠାକୁରାଣୀ ଖଣି (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ), ସୁଭାଷ ଦାସ, ଡିଜିଏମ୍, କାଶିଆ ଖଣି, ବିଜୟ ସେଠୀ, ମ୍ୟାନେଜର,କୁର୍ମିତାର ଖଣି, ଅତୁଲ କୁମାର ଭଟନାଗର,ଜେନେରାଲ ମ୍ୟାନେଜର (ଓଏମ୍‌କ୍ୟୁ), ଟାଟା ଷ୍ଟିଲ୍, ଜି.ଭି. ସତ୍ୟନାରାୟଣ, ଚିଫ୍, ଖଣ୍ଡବନ୍ଧ ଖଣି, ଟାଟା ଷ୍ଟିଲ୍ ଓ କମ୍ପାନୀର ଅନ୍ୟ କର୍ମଚାରୀମାନଙ୍କ ସହ ଯାନ୍ତ୍ରିକ ସେବା ପ୍ରଦାନକାରୀ ସଂସ୍ଥାର ପ୍ରତିନିଧି ଓ ଆଖପାଖ ସ୍କୁଲର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ରାମଶଙ୍କର ଶର୍ମା ସଭାର ଆବାହକ ଭାବେ କହିଥିଲେ, ଖଣିରୁ ଉତ୍ତୋଳନଠାରୁ ଆରମ୍ଭକରି କଞ୍ଚାମାଲରୁ ଦୈନନ୍ଦିନ ବ୍ୟବହାର ଉପଯୋଗୀ ବସ୍ତୁର ଉତ୍ପାଦନ ପର୍ଯ୍ୟନ୍ତ ପରିବେଶୀୟ ସନ୍ତୁଳନ ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଅପରପକ୍ଷରେ ପୂର୍ବରୁ ନିରୀକ୍ଷଣକାରୀ ଦଳ ଖଣ୍ଡବନ୍ଧ ଖଣିର ପ୍ରମୁଖ ସ୍ଥାନ ପରିଦର୍ଶନକରି ଟାଟା ଷ୍ଟିଲ୍ ଦ୍ୱାରା ପରିବେଶ ଓ ଖଣି ସୁରକ୍ଷା ଉପରେ ନିଆଯାଇଥିବା ପଦକ୍ଷେପଗୁଡିକୁ ବୁଲି ଦେଖିଥିଲେ ଏବଂ ପରିବେଶ ସୁରକ୍ଷା ପ୍ରତି ଥିବା ପ୍ରତିବଦ୍ଧତାକୁ ଉଚ୍ଚ ପ୍ରଶଂସା କରିଥିଲେ। ସଭାର ପରବର୍ତ୍ତୀ ପର୍ଯ୍ୟାୟରେ ନିରୀକ୍ଷଣକାରୀ ଦଳ ପ୍ରଚାର ଓ ପ୍ରସାରଭିତ୍ତିକ ପ୍ରଦର୍ଶନୀରେ ସାମିଲହୋଇ ଯାନ୍ତ୍ରିକ ସେବା ପ୍ରଦାନକାରୀ ସଂସ୍ଥା ଏବଂ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ପରିବେଶ ଓ ଖଣି ସୁରକ୍ଷା ସମ୍ପର୍କିତ ମଡେଲଗୁଡ଼ିକୁ ପରିଦର୍ଶନକରି ଖଣିରେ ବ୍ୟବହୃତ ବିଭିନ୍ନ ପ୍ରକାର ଉନ୍ନତ ଓ ଆଧୁନିକ ଯନ୍ତ୍ରପାତି ସବୁକୁ ଦେଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଖଣି ଓ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ସ୍ଲୋଗାନ ଓ ପୋଷ୍ଟର ପ୍ରଦର୍ଶିତ ହୋଇଥିଲା। ପରିଶେଷରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଫ୍ରିଡମ୍ ଅଏଲ୍‌ର ଓଡ଼ିଶା ମୁଖ୍ୟ ସମ୍ବର୍ଦ୍ଧିତ



ଗ୍ରାମୀଣ ମେଳା ଉମଙ୍ଗ୍-୨୦୨୩ର ଉଦ୍‌ଯାପନୀ ସନ୍ଧ୍ୟାରେ ଫ୍ରିଡମ୍ ଅଏଲ୍‌ର ଓଡ଼ିଶା ହେଡ୍ ଅମିୟ କୁମାର ଧଳଙ୍କୁ ଉଭୟ ଆଇଏମ୍‌ଆଇ୍‌ଏସ୍ ଏବଂ ଉମଙ୍ଗ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

ଭୁବନେଶ୍ୱର,୧୯।୧୨

ଦେଶର ପ୍ରମୁଖ ଖାଇବା ତେଲ ଫ୍ରିଡମ ଅଏଲ୍‌ର ଓଡ଼ିଶା ମୁଖ୍ୟ ଅମିୟ କୁମାର ଧଳଙ୍କୁ ଉଭୟ ଆଇଏମ୍‌ଆଇ୍‌ଏସ୍ ଏବଂ ଉମଙ୍ଗ୍ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଆଇଏମ୍‌ଆଇଏସ୍ ପକ୍ଷରୁ ଆୟୋଜିତ ଗ୍ରାମୀଣ ମେଳା ଉମଙ୍ଗ-୨୦୨୩ ଭୁବନେଶ୍ୱରସ୍ଥିତ ବକ୍ରେଶ୍ୱର ଖେଳ ପଡ଼ିଆଠାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ଅତିଥି ଭାବେ ଉମଙ୍ଗ ଗ୍ରାମୀଣ ମେଳାର ସଂଯୋଜକ ସୁପ୍ରତୀମ ପ୍ରତିହାର, ଆଇଏମ୍‌ଆଇଏସ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କେ.କେ.ବେଉରା, ଆଇଏମ୍‌ଆଇଏସ୍ ସମ୍ପାଦକ ପ୍ରୀତିରାଜ୍ ପଟ୍ଟନାୟକ, ବାଲିଅନ୍ତା ସରପଞ୍ଚ ହୃଷୀକେଶ ବେହେରା, ବେଣ୍ଟପୁର ସରପଞ୍ଚ ଗୀତାଞ୍ଜଳି ସାହୁଙ୍କ ସମେତ ବର୍ଷାରାଣୀ ବେହେରା, ରୁତୁଭି ସେଂହଲିୟା, ଚିରଞ୍ଜୀବ ଅଙ୍କିତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ସେହିଭଳି ଉକ୍ତ ମେଳାରେ ବିଭିନ୍ନ ପ୍ରକାର କୃଷି ଉପକରଣ ସହ ୫୦ରୁ ଅଧିକ ଷ୍ଟଲ୍ ଏବଂ ମିନାବଜାର ଆଦି ପ୍ରଦର୍ଶିତ ହୋଇଥିଲା। ଅପରପକ୍ଷରେ ଆଜିର ବ୍ୟସ୍ତ ବହୁଳ ଜୀବନ ଓ ମଣିଷ ଶରୀରର ସୁସ୍ଥତା ପାଇଁ ଭାରତବର୍ଷର ୧ ନମ୍ବର ଅଏଲ ବ୍ରାଣ୍ଡ ଭାବେ ପରିଚିତ ଫ୍ରିଡମ୍ ଅଏଲ ତା'ର ଶୁଦ୍ଧତା ସଦାସର୍ବଦା ବଜାୟ ରଖିପାରିଥିବା ହେତୁ ଉକ୍ତ ମେଳାରେ ସ୍ୱତନ୍ତ୍ର ପ୍ରଦର୍ଶନ ପାଇଁ କମିଟି ପକ୍ଷରୁ ଫ୍ରିଡମ ଅଏଲକୁ ନିମନ୍ତ୍ରଣ କରାଯାଇଥିଲା। ସେହିପରି ମେଳାର ପ୍ରମୁଖ ଆକର୍ଷଣ ସାଂସ୍କୃତିକ ସନ୍ଧ୍ୟାରେ ବିଭିନ୍ନ ପ୍ରକାର କଳାକୌଶଳଭିତ୍ତିକ କାର୍ଯ୍ୟକ୍ରମ ଆଦି ପରିବେଷଣ କରାଯାଇଥିଲା।

# କମୁଛି ଦୁଗ୍ଧ ଉତ୍ପାଦନ, ମୁହଁ ଫେରାଉଛନ୍ତି ଚାଷୀ

**ଧାନ ପରେ ରାଜ୍ୟରେ ଚାଷୀଙ୍କ ଅନ୍ୟତମ ପ୍ରମୁଖ ଆୟ ଉତ୍ସ ଦୁଗ୍ଧ ଚାଷ। ଏହା ଚାଷୀଙ୍କ ଆୟ ବୃଦ୍ଧିରେ ବିଶେଷ ସହାୟକ ହୋଇଥାଏ। ତେବେ ସରକାରୀ ପ୍ରୋତ୍ସାହନ ଅଭାବ ସାଙ୍ଗକୁ ଉଚିତ ମୂଲ୍ୟ ମିଳୁ ନ ଥିବାରୁ ଦୁଗ୍ଧ ଚାଷୀ ଗୋପାଳନରୁ ମୁହଁ ଫେରାଉଛନ୍ତି। ଏଥିଯୋଗୁ ପୁଷ୍ଟିକର ଖାଦ୍ୟ ଭାବେ ଦୈନିକ ଆବଶ୍ୟକ ହେଉଥିବା କ୍ଷୀରର ଉପଲବ୍ଧତା ମଧ୍ୟ କମିବାରେ ଲାଗିଛି। ଏହା ଉପରେ ନିର୍ଭର କରୁଥିବା କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ଆୟ ହ୍ରାସପାଇବା ଆଶଙ୍କା ସୃଷ୍ଟି ହୋଇଛି।**



ଭୁବନେଶ୍ୱର,୧୯।୧୨ (ଅନିଲ ଦାସ)

ଇଣ୍ଡିଆନ କାଉନ୍ସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ସୁପାରିସ ଅନୁଯାୟୀ ଦୈନିକ ଜଣେ ବ୍ୟକ୍ତିର ପୁଷ୍ଟିସାଧନ ପାଇଁ ଅତିକମ୍‌ରେ ୩୦୦ ଗ୍ରାମ୍ ଦୁଗ୍ଧର ଆବଶ୍ୟକତା ଅଛି। ଜାତୀୟ ସ୍ତରରେ ମୁଣ୍ଡ ପିଛା ଦୁଗ୍ଧ ଉତ୍ପାଦନ ୪୪୪ ଗ୍ରାମ୍ ରହିଥିବାବେଳେ ଓଡ଼ିଶାରେ ଏହା ମାତ୍ର ୧୪୪ ଗ୍ରାମ୍ ରହିଛି। ଆଇସିଏମ୍‌ଆର୍ ତଥ୍ୟ ଅନୁଯାୟୀ ରାଜ୍ୟ ପାଇଁ ୫.୨୫ ନିୟୁତ ଟନ୍(ଏମ୍‌ଟି) ଦୁଗ୍ଧର ଆବଶ୍ୟକତା ଥିବାବେଳେ ୨୦୨୨-୨୩ରେ ମାତ୍ର ୨.୪୮ ଏମ୍‌ଟି ଉତ୍ପାଦନ ହୋଇଛି। ଏହା ରାଜ୍ୟ ଆବଶ୍ୟକତାର ମାତ୍ର ୪୭.୨୩ ପ୍ରତିଶତ। ନିକଟରେ ନ୍ୟାଶନାଲ ବ୍ୟାଙ୍କ ଫର୍ ଏଗ୍ରିକଲଚର ଆଣ୍ଡ ରୁରାଲ ଡେଭଲପମେଣ୍ଟ(ନାବାର୍ଡ) ଦ୍ୱାରା ପ୍ରକାଶିତ ରିପୋର୍ଟରେ ମଧ୍ୟ ଦୁଗ୍ଧ ଉତ୍ପାଦନ ହ୍ରାସକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି । ଯଦିଓ ଓଡ଼ିଶା ଗାଈ ସଂଖ୍ୟାରେ ଦେଶର ୧୦ଟି ଶ୍ରେଷ୍ଠ ରାଜ୍ୟ ମଧ୍ୟରେ ରହିଛି ତେବେ ଦୁଗ୍ଧ ଉତ୍ପାଦନରେ ୧୮ତମ ସ୍ଥାନରେ ଅଛି। ଗାଖାଦ୍ୟ, ପ୍ରାଣୀ ଚିକିତ୍ସା ସେବା ଓ କୃତ୍ରିମ ପ୍ରଜନନର ଅଭାବ ସାଙ୍ଗକୁ ଅଧିକାଂଶ ଦୁଗ୍ଧ ସମବାୟ ସମିତି ବନ୍ଦ ହେବା ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିବା କୁହାଯାଉଛି।

ରାଜ୍ୟର ପ୍ରମୁଖ ଦୁଗ୍ଧ ସଂଗ୍ରହକାରୀ ସଂଗଠନ ଓଡ଼ିଶା ଦୁଗ୍ଧ ଉତ୍ପାଦକ ମହାସଂଘ(ଓମ୍‌ଫେଡ୍)ର କ୍ଷୀର ସଂଗ୍ରହ ହ୍ରାସ ପାଇଛି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୮-୧୯ରେ ଓମ୍‌ଫେଡ୍ ରାଜ୍ୟରୁ ୪.୯୨ ଲକ୍ଷ ଲିଟର କ୍ଷୀର ସଂଗ୍ରହ କରିଥିବା ବେଳେ ୨୦୨୨-୨୩ରେ ଏହା ୪.୧୦ ଲକ୍ଷ ଲିଟରକୁ ଖସିଆସିଛି। ରାଜ୍ୟରେ ଅଧିକାଂଶ ଗୋ ସମ୍ପଦଙ୍କ କ୍ଷୀର ଉତ୍ପାଦନ କ୍ଷମତା ମଧ୍ୟ ହ୍ରାସପାଇଛ । ଅନ୍ୟପକ୍ଷରେ ଓମ୍‌ଫେଡ୍ ଏବଂ ରାଜ୍ୟ ସରକାରଙ୍କ ଦୁଗ୍ଧ ସମବାୟ ସମିତିଗୁଡ଼ିକୁ ସରକାରଙ୍କ ପକ୍ଷରୁ ଆବଶ୍ୟକ ସହାୟତା ମିଳିପାରୁ ନାହିଁ। ରାଜ୍ୟ ଓ ଜିଲା ସ୍ତରରେ ଥିବା ଦୁଗ୍ଧ ମହାସଂଘ ଏବଂ ତୃଣମୂଳ ସ୍ତରରେ ଥିବା ଦୁଗ୍ଧ ଉତ୍ପାଦନ ସମବାୟ ସମିତିଗୁଡ଼ିକ ସହଯୋଗରେ ଓମ୍‌ଫେଡ୍ ରାଜ୍ୟରେ କ୍ଷୀର ଉତ୍ପାଦନ, ଚିଲିଂ, ପ୍ରକ୍ରିୟାକରଣ, ମୂଲ୍ୟଯୁକ୍ତ ଏବଂ ବଜାର ଆଦି ପରିଚାଳନା କରୁଛି। ତେବେ ଚାଷୀମାନଙ୍କୁ ସେମାନଙ୍କ ପ୍ରାପ୍ୟ ଠିକ୍ ସମୟରେ ମିଳୁ ନ ଥିବାବେଳେ ପରିଚାଳନାଗତ ତ୍ରୁଟି ଯୋଗୁ ଦୁଗ୍ଧ ସମବାୟ ସମିତିଗୁଡ଼ିକ ଧୀରେ ଧୀରେ ଅଚଳ ହୋଇଥିବା କୁହାଯାଉଛି। ଚାଷୀ ଓ ଦୁଗ୍ଧ ମହାସଂଘଗୁଡ଼ିକୁ ପ୍ରାପ୍ୟ ପ୍ରଦାନରେ ଅନିୟମିତତା ଯୋଗୁ ଗ୍ରାମାଞ୍ଚଳରେ ଗୋ ଚାଷ ସମ୍ପ୍ରସାରଣ ହେବା ପରିବର୍ତ୍ତେ କମିବାରେ ଲାଗିଛି। ଏହାଛଡ଼ା ଗୋଖାଦ୍ୟ ଅଭାବ ଦେଶୀ ଗାଈଙ୍କ ଦୁଗ୍ଧ ଉତ୍ପାଦନ କ୍ଷମତାକୁ ହ୍ରାସ କରିଥିବା କୃଷି ବିଶେଷଜ୍ଞ ମତ ଦେଉଛନ୍ତି। ରାଜ୍ୟରେ ଥିବା ଜର୍ସି ଗାଈ ଦୈନିକ ୬.୭୬ ଲିଟର କ୍ଷୀର ଦେଉଥିବାବେଳେ ଦେଶୀ ଗାଈ ଦୈନିକ ୨.୬୬ ଲିଟର ଏବଂ ଅନ୍ୟାନ୍ୟ ପ୍ରଜାତିର ଗାଈ ମାତ୍ର ୧.୪୨ ଲିଟର କ୍ଷୀର ଦେଉଛନ୍ତି।

କେନ୍ଦ୍ରାପଡ଼ା ଜିଲା ଗରଦପୁର ଅଞ୍ଚଳର ଦୁଗ୍ଧ ଚାଷୀ କୃପାସିନ୍ଧୁ ବେହେରା କହିଛନ୍ତି, ଆମ ବାପା ଅଜା ଅମଳରୁ ଘରେ ଗାଈ ରଖି ଆସୁଛୁ। ୮ରୁ ୧୦ ଗାଈବାଛୁରୀ ଥିଲେ। କ୍ଷୀର ବିକି ଘର ଚଳୁଥିଲା। ଘାସପଡ଼ିଆ ଅଭାବ ଓ ଗୋଖାଦ୍ୟ ଦର ବଢ଼ିବା ଯୋଗୁ ଅଧିକ ଗାଈ ରଖିହେଉନି। କ୍ଷୀର ବିକ୍ରି ହେଉ ନ ଥିବାରୁ ଅଧିକ ଗାଈ ରଖିଲେ ଖର୍ଚ୍ଚ ବଢ଼ିଯାଉଛି।

ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘ ସଭାପତି ରବି ବେହେରା କହିଛନ୍ତି, ଗୋ ପାଳନ ଉପରେ ମୁଖ୍ୟତଃ ଗ୍ରାମାଞ୍ଚଳର ମହିଳା, ନାମମାତ୍ର ଓ କ୍ଷୁଦ୍ରଚାଷୀ ନିର୍ଭର କରି ଥାଆନ୍ତି। ଗୋଚର ଜମି ଲୋପପାଇବା ସହ ଗୋଖାଦ୍ୟ ଦର ହୁ ହୁ ହୋଇ ବଢ଼ି ଚାଲିଛି। ଗାଈଙ୍କ ପିଛା ଯେତିକି ଖର୍ଚ୍ଚ ହେଉଛି ଦୁଗ୍ଧ ଦର ସେହି ଅନୁପାତରେ ବଢୁନାହିଁ। ଡେଏରି ଫାର୍ମ ପାଇଁ ଉଦ୍ୟୋଗୀମାନେ ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ଋଣ ମଧ୍ୟ ପାଇପାରୁନାହାନ୍ତି। ଏଥିପ୍ରତି ଚାଷୀମାନଙ୍କର ଆଗ୍ରହ କମିବାରେ ଲାଗୁଛି। ୬.୩୦ ଲକ୍ଷ ଲିଟର ଦୁଗ୍ଧ ସଂଗ୍ରହ କରୁଥିବା ଓମ୍‌ଫେଡ୍ ଆଜି ୪.୧୦ ଲକ୍ଷ ଲିଟରରେ ପହଞ୍ଚିଛି। ଉତ୍ତର ପ୍ରଦେଶରେ କ୍ଷୀର ଲିଟର ପିଛା ୫୦ରୁ ୬୦ଟଙ୍କା ଥିବାବେଳେ ଆମ ରାଜ୍ୟରେ ୩୨ରୁ ୪୦ ଟଙ୍କା ଭିତରେ ରହିଛି। ଲାଭ ନ ଥିବାରୁ ଦୁଗ୍ଧ ଉତ୍ପାଦନ କମୁଛି।

ପ୍ରାଣୀ ସମ୍ପଦ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ ରାଜ୍ୟରେ ଗୋଚର ଜମି କମିବାରେ ଲାଗିଛି। ଗାଈ ଚରିବା ଲାଗି ପଡ଼ିଆର ଅଭାବ ଦେଖାଦେଇଛି। ଗୋ ଖାଦ୍ୟ ଦର ବଢୁଥିଲେ ମଧ୍ୟ ଦୁଗ୍ଧ ଦର ସେତେଟା ବଢୁନାହିଁ। ତେବେ ରାଜ୍ୟରେ ଦୁଗ୍ଧ ଚାଷୀଙ୍କର ଆୟ ବୃଦ୍ଧି କରିବାକୁ ରାଜ୍ୟ ସରକାର କୃତ୍ରିମ ପ୍ରଜନନ, ସବୁଜ ଘାସଚାଷ, ପ୍ରାଣୀ ବୀମା ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଯୁବ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ, ଚାଷୀଙ୍କ ଦକ୍ଷତା ବୃଦ୍ଧି ପାଇଁ ତାଲିମ ଆଦି ବ୍ୟବସ୍ଥା କରିଛନ୍ତି।

# ଦେଶର ବିକାଶରେ ନୂଆ ପିଢ଼ିର ସୃଜନଶୀଳତାକୁ ଯୋଡ଼ିବା ଉଦ୍ଦେଶ୍ୟ: ଧର୍ମେନ୍ଦ୍ର




ଭୁବନେଶ୍ୱର, ୧୯।୧୨(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଭିଡିଓ କନ୍‌ଫରେନ୍ସରେ ସ୍ମାର୍ଟ ଇଣ୍ଡିଆ ହାକାଥନ -୨୦୨୩(ଏସ୍‌ଆଇଏଚ୍) ଗ୍ରାଣ୍ଡ୍ ଫିନାଲେର ପ୍ରତିଯୋଗୀଙ୍କ ସହ ମତ ବିନିମୟ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ୨୦୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ସ୍ମାର୍ଟ ଇଣ୍ଡିଆ ହାକାଥନର କଳ୍ପନା ହୋଇଥିଲା। ଦେଶର ନୂଆ ପିଢ଼ିର ସୃଜନଶୀଳତାକୁ ଭାରତର ବିକାଶରେ ଯୋଡ଼ିବା ପାଇଁ ଖୋଦ୍ ପ୍ରଧାନମନ୍ତ୍ରୀ ଏହି ନେତୃତ୍ୱ ନେଉଛନ୍ତି। ଚଳିତ ସ୍ମାର୍ଟ ଇଣ୍ଡିଆ ହାକାଥନର ୭ମ ସଂସ୍କରଣରେ ୨ ଲକ୍ଷ ୬୭ ହଜାର ପ୍ରତିଯୋଗୀ ଅଛନ୍ତି। ୫୧ ହଜାର ନୂଆ ଆଇଡିଆକୁ ନେଇ ପ୍ରତିଯୋଗିତା ହେବା କାର୍ଯ୍ୟକ୍ରମ ରହିଛି। ୨୦୧୭ରେ ଏହି ହାକାଥନ ଆରମ୍ଭ ବେଳେ ମାତ୍ର ୭ ହଜାର ୫୩୧ ଟିମ୍ ଥିବା ବେଳେ ଏହି ସଂଖ୍ୟା ୬ ଗୁଣା ବୃଦ୍ଧି ପାଇଁ ୪୪ ହଜାର ୬୧୭ରେ ପହଞ୍ଚିଛି। ଦେଶରେ ଦୀର୍ଘ ୩୪ ବର୍ଷ ପରେ ଜାତୀୟ ଶିକ୍ଷାନୀତି ପ୍ରଣୟନ କରାଯାଇଛି। ଆମ ଦେଶ ନୂଆ ନୂଆ ଉଚ୍ଚତାକୁ ଯାଉଛି। ଭାରତ ବିଶ୍ୱର ୫ମ ବୃହତ୍ତମ ଅର୍ଥନୀତି ହୋଇଥିବା ବେଳେ ଆଗାମୀ ଦିନରେ ୩ୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଛି। ସର୍ବାଧିକ ଯୁବଶକ୍ତିର ଦେଶ ଭାରତ ନିଜ ପାଇଁ ନୁହେଁ ବରଂ ଅନ୍ୟମାନଙ୍କ ପାଇଁ ଭାବୁଥିବା ଦେଶ। ଆଗାମୀ ଦିନରେ ଭାରତକୁ ବିକଶିତ କରିବାର ଲକ୍ଷ୍ୟ ରଖାଯାଇଥିବା ବେଳେ ଉଦ୍ୟମିତା, ନବସୃଜନ ଓ ବ୍ୟବସାୟିକ ଦୃଷ୍ଟିକୋଣରୁ ଆମ ଦେଶ ଆଗକୁ ବଢୁଛି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଉଲ୍ଲେଖନୀୟ, ପ୍ରଧାନମନ୍ତ୍ରୀଙ୍କ ଯୁବ ନେତୃତ୍ୱାଧୀନ ବିକାଶର ଦୃଷ୍ଟିକୋଣ ଅନୁଯାୟୀ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ହେଉଛି ସରକାରଙ୍କ ମନ୍ତ୍ରଣାଳୟ ଏବଂ ବିଭାଗ, ଶିଳ୍ପ ଏବଂ ଅନ୍ୟାନ୍ୟ ସଂଗଠନର ଜଟିଳ ସମସ୍ୟାର ସମାଧାନ ପାଇଁ ଛାତ୍ରୀଛାତ୍ରମାନଙ୍କୁ ଏକ ମଞ୍ଚ ପ୍ରଦାନ କରିବା ପାଇଁ ଏକ ଦେଶବ୍ୟାପୀ ପଦକ୍ଷେପ।

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ରାଜ୍ୟପାଳ

## ଢେଙ୍କାନାଳ, ଅନୁଗୋଳର ସ୍ଥାନୀୟ ସମସ୍ୟା କଥା କହିଲେ

ଭୁବନେଶ୍ୱର, ୧୯।୧୨(ସୁନିତ୍ ମିଶ୍ର)

ଢେଙ୍କାନାଳ ଓ ଅନୁଗୋଳ ଜିଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଉଲ୍ଲେଖକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଜ୍ୟପାଳ ରଘୁବର ଦାସ ଚିଠି ଲେଖିଛନ୍ତି। ରାଜ୍ୟପାଳ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଗତ ୫ରୁ ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟପାଳ ଢେଙ୍କାନାଳ ଓ ଅନୁଗୋଳ ଜିଲା ଗସ୍ତରେ ଯାଇଥିଲେ। ଏହି ସମୟରେ ସେଠାକାର ସ୍ଥାନୀୟ ଲୋକେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ତାଙ୍କୁ ଜଣାଇଥିଲେ। ଯୋରନ୍ଦା ଜରାଶ୍ରମର ଜମି ବିବାଦ ସମାଧାନ , ଦୁରଙ୍ଗ ଗ୍ରାମପଞ୍ଚାୟତରେ ମମତା ଗୃହ ନିର୍ମାଣ ନେଇ ସେଠାକାର ଲୋକ ଅନୁରୋଧ କରିଥିଲେ। ତାଳଚେର ବ୍ଲକର କନ୍ଧବେରେଣୀ ଗାଁର ଲୋକେ ଖଣି ଖନନ ଯୋଗୁ ବାୟୁ, ଜଳ ଓ ଶବ୍ଦ ପ୍ରଦୂଷଣ ଦ୍ୱାରା ଗୁରୁତର ପ୍ରଭାବିତ ହେଉଥିବା କହିଥିଲେ। ସେହିପରି ଖରାଦିନରେ ଭୂତଳ ଜଳ ହ୍ରାସ ପାଉଛି। ଆର୍‌ଡିଏସି ବୈଠକ ନିୟମିତ ହେଉ ନ ଥିବାରୁ ସ୍ଥାନୀୟ ଲୋକଙ୍କ ଅଭିଯୋଗର ସମାଧାନ ହୋଇପାରୁନାହିଁ। ହାତୀ ଆସି ଫସଲ ନଷ୍ଟ କରୁଥିଲେ ହେଁ ଏନେଇ ବନ ବିଭାଗ କୌଣସି ପଦକ୍ଷେପ ନେଉନାହିଁ। ଖଣି ଖନନ ଅଞ୍ଚଳରେ କେବଳ ତାଙ୍କ ଗ୍ରାମ ବାକି ରହିଥିବାରୁ ଏହାକୁ ମଧ୍ୟ ଅଧିଗ୍ରହଣ କରାଯାଇ ନିୟମ ଅନୁସାରେ ଥଇଥାନ କରିବା ନେଇ ସ୍ଥାନୀୟ ବାସିନ୍ଦା ରାଜ୍ୟପାଳଙ୍କୁ ଜଣାଇଥିଲେ। ସେହିପରି କନ୍ଧବେରେଣୀ ଆଶ୍ରମ ସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଲୋକଙ୍କଠାରୁ ସେ ଶୁଣିଥିବା କଥା ଉଲ୍ଲେଖ କରିଛନ୍ତି। ଅନୁଗୋଳ ଚାଷୀ ସୁରକ୍ଷା କମିଟି ମଧ୍ୟ ନିଜର ବିଭିନ୍ନ ଦାବି ରଖିଥିଲେ। ଏହି ଦୁଇ ଜିଲା ଗସ୍ତକରି ଫେରିବା ପରେ ଲୋକଙ୍କ ଉକ୍ତ ସମସ୍ୟାର ସମାଧାନ ଦିଗରେ ଦୃଷ୍ଟିଦେବାକୁ ସେ ଚିଠିରେ ଉଲ୍ଲେଖ କରିଛନ୍ତି।

# ଦେବଗଡ଼ରୁ ଅପହୃତା ଶିଶୁକନ୍ୟା ବଡ଼ଗାଁରୁ ଉଦ୍ଧାର

ସୁନ୍ଦରଗଡ଼/ବଡ଼ଗାଁ/ଦେବଗଡ଼,୧୯।୧୨(ଜୟନାରାୟଣ ମେଣ୍ଟୁଳି/ ଅଶୋକ ଷଡ଼ଙ୍ଗୀ/ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ରୁ ଅପହୃତ ଜଣେ ଶିଶୁକନ୍ୟା(୫)ଙ୍କୁ ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଭୋଇପାଲି ସର୍ବତୀଦେବୀ ସ୍କୁଲ ସମ୍ମୁଖ ୧୦ନଂ. ରାଜ୍ୟ ରାଜପଥ ପାର୍ଶ୍ୱରୁ ମଙ୍ଗଳବାର ଭୋର୍ ୪ଟାରେ ଉଦ୍ଧାର କରାଯାଇଛି। ଶିଶୁଟି ରାଜପଥ ପାର୍ଶ୍ୱ ସର୍ଭିସ୍ ରୋଡ୍‌ରେ ବିକଳ ହୋଇ ପାଟି କରୁଥିବା ଶୁଣି ସେଠାରେ ଭଡ଼ାରେ ରହୁଥିବା କେତେ ଜଣ ବ୍ୟକ୍ତି ଘରୁ ବାହାରି ତାଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କ କହିବା ଅନୁଯାୟୀ, ଏକ କାର୍‌ରେ କେହି ଶିଶୁକନ୍ୟାଙ୍କୁ ଆଣି ଛାଡ଼ି ଚାଲିଯାଇଥିଲେ। ନିଜ ନାମ ପିହୁ ଅଗ୍ରୱାଲ ଓ ବାପାଙ୍କ ନାମ ଆଲୋକ ଅଗ୍ରୱାଲ ବୋଲି ଶିଶୁ କହିଥିଲେ। ଏହାପରେ ସ୍ଥାନୀୟ ଲୋକେ ଧରିତ୍ରୀ ବଡ଼ଗାଁ ପ୍ରତିନିଧି ଅଶୋକ ଷଡ଼ଙ୍ଗୀଙ୍କୁ ଜଣାଇଥିଲେ। ଘଟଣାସ୍ଥଳରେ ଆମ ପ୍ରତିନିଧି ପହଞ୍ଚି ବଡ଼ଗାଁ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କୁ ଜଣାଇଥିଲେ। ଶିଶୁକନ୍ୟାଙ୍କ ବାପାଙ୍କ ନାମ ଜାଣିବା ପରେ ବଡ଼ଗାଁରେ ରହୁଥିବା ସମ୍ପର୍କୀୟ ସିଉଶଙ୍କର ଅଗ୍ରୱାଲଙ୍କୁ ସୂଚନା ଦେଇଥିଲେ। ସିଉଶଙ୍କର ସେଠାରେ ପହଞ୍ଚି ଭିଡିଓ କଲ୍ କରି ଶିଶୁକନ୍ୟାଙ୍କୁ ତାଙ୍କ ଘରଲୋକଙ୍କ ସହ କଥା କରାଇଥିଲେ। ତା'ପରେ ଶିଶୁ ଶାନ୍ତ ପଡ଼ିଥିଲେ। ଶିଶୁଙ୍କ ମାମୁ ଆସିଲା ପରେ ତାଙ୍କୁ ଥାନାକୁ ନିଆଯାଇଥିଲା। ଖବରପାଇ ରାଜଗାଙ୍ଗପୁର ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ, ଡ୍ରାଇଭର ସଂଘ ଓ ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ଥାନାରେ ପହଞ୍ଚିଥିଲେ। ଅଧିକ ପଚରାଉଚରା କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଶିଶୁକନ୍ୟାଙ୍କ ବାପା ଆଲୋକ ଅଗ୍ରୱାଲ ଓ ପରିବାର ଲୋକେ ଥାନାରୁ ଝିଅକୁ ନେଇଯାଇଥିଲେ। ଶିଶୁ ଜଣଙ୍କ ଦେବଗଡ଼ର ଚିନ୍ମୟ ଇଂଲିଶ୍ ମିଡିୟମ୍ ସ୍କୁଲ୍‌ର ଏଲ୍‌କେଜିରେ ପାଠ ପଢୁଛନ୍ତି। ସୋମବାର ସନ୍ଧ୍ୟା ସାଢ଼େ ୬ଟାବେଳେ ତାଙ୍କ ଆଈଙ୍କ ସହ ଟିଉଶନରୁ ଘରକୁ ଫେରୁଥିଲେ। ଘରଠାରୁ ଅଳ୍ପଦୂର ରାସ୍ତାରେ ଏକ ପଲସର ବାଇକ୍‌ରେ ଦୁଇଜଣ ଯୁବକ ଆସି ଆଈଙ୍କୁ ଧକ୍କାମାରି ଶିଶୁକନ୍ୟାଙ୍କୁ ଅପହରଣ କରିନେଇ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକେ ଦେବଗଡ଼ ପୋଲିସକୁ ସୂଚନା ଦେଇଥିଲେ। ଘଟଣା ପ୍ରଘଟ ହେଲା ପରେ ଡ୍ରାଇଭର ସଂଘ, ବିଭିନ୍ନ ସାମାଜିକ ସଙ୍ଗଠନ, ଦେବଗଡ଼ ଜନସାଧାରଣ ଅପହୃତ ଶିଶୁକନ୍ୟାର ଫଟୋ ବିଭିନ୍ନ ସୋସିଆଲ ମିଡିଆରେ ଛାଡ଼ିଥିଲେ। ସମସ୍ତଙ୍କୁ ନଜର ରଖିବାକୁ ଜଣାଇଥିଲେ ଓ ଉଦ୍ଧାର ପାଇଁ ନିବେଦନ କରିଥିଲେ। ଫଟୋ ଭାଇରାଲ ହେବାପରେ ଧରାପଡ଼ିଯିବା ଆଶଙ୍କାରେ ହେଉ ଅବା କୌଣସି କାରଣ ଲାଗି ଅପହରଣକାରୀ ଶିଶୁକନ୍ୟାଙ୍କୁ ଭୋଇପାଲି ରାଜପଥ ପାର୍ଶ୍ୱରେ ଛାଡ଼ି ପଳାଇଥିଲେ। ସେମାନେ ବାଇକ୍‌ରେ ଅପହରଣ କରିବା ପରେ କାରରେ ନେଉଥିଲେ। ତେବେ କେଉଁ ଉଦ୍ଦେଶ୍ୟରେ ଅପହରଣ କରାଯାଇଥିଲା ତାହା ଜଣାପଡ଼ିନାହିଁ। ଝିଅ ପୁନଃଜନ୍ମ ପାଇଲା ବୋଲି ତାଙ୍କ ବାପା ଆଲୋକ କହିଛନ୍ତି।



ରାଜ୍ୟ ରାଜପଥ ପାର୍ଶ୍ୱରୁ ଶିଶୁକନ୍ୟାଙ୍କୁ ଉଦ୍ଧାର କରି ବଡ଼ଗାଁ ଥାନାକୁ ନିଆଯାଉଛି।




ନୂଆଦିଲ୍ଲୀରେ ମଙ୍ଗଳବାର ଅନୁଷ୍ଠିତ 'ଇଣ୍ଡିଆ' ବ୍ଲକ୍ ବୈଠକରେ ଆଲୋଚନାରତ ବିରୋଧୀ ଦଳଗୁଡ଼ିକର ନେତାମାନେ।

## ବିରୋଧୀ ନାହାନ୍ତି... ପ୍ରଥମ ପୃଷ୍ଠାରୁ...

ପ୍ରାୟ ଦୁଇ-ତୃତୀୟାଂଶ ବିରୋଧୀ ସଦସ୍ୟଙ୍କୁ ଗୃହରୁ ବାହାର କରିବା ପଛର କାରଣ କ'ଣ ବୋଲି ଆଲୋଚନା ହେଉଛି। ଏହା ଭିତରେ ସରକାର କୌଣସି ଗୁରୁତ୍ୱପୂର୍ଣ୍ଣ ତଥା ବିବାଦୀୟ ବିଧେୟକକୁ ଗୃହୀତ କରାଇ ନେଇପାରନ୍ତି ବୋଲି ଅନେକେ ସନ୍ଦେହ କରୁଛନ୍ତି। କାରଣ ପୂର୍ବରୁ ମଧ୍ୟ ଏଜେଣ୍ଡାରେ ନ ଥିବା ମହିଳା ସଂରକ୍ଷଣ ବିଲ୍ ଭଳି ବିଧେୟକଗୁଡ଼ିକୁ କେନ୍ଦ୍ର ପାରିତ କରାଇଛି। ୨୦୨୪ ସାଧାରଣ ନିର୍ବାଚନକୁ ଆଉ କିଛି ମାସ ବାକି ଥିବାବେଳେ ଚଳିତ ଶୀତ ଅଧିବେଶନ ହେଉଛି ସଂସଦର ଶେଷ ପୂର୍ଣ୍ଣାଙ୍ଗ ସେସନ୍। ଏହା ପରେ ପାର୍ଲାମେଣ୍ଟକୁ ୩ ମାସ ଭିତରେ ଭଙ୍ଗ କରାଯିବ। ୫୪୩ ଆସନ ବିଶିଷ୍ଟ ଲୋକ ସଭାରେ ୨୧ ଆସନ ଖାଲି ପଡ଼ିଛି। ତେଣୁ ବର୍ତ୍ତମାନ ଆସନ ସଂଖ୍ୟା ୫୨୨ରେ ରହିଛି। ଏଥିରୁ ୩୨୩ ଆସନ ଭାଜପା କିମ୍ବା ଏହାର ସହଯୋଗୀ ଦଳର ଏମ୍‌ପିମାନଙ୍କର। ଲୋକ ସଭାରେ ୧୪୨ ବିରୋଧୀ ଏମ୍‌ପି ଥିବାବେଳେ ସେମାନଙ୍କ ମଧ୍ୟରୁ ୬୭%ଙ୍କୁ ବାଚସ୍ପତି ଓମ୍ ବିର୍ଲା ନିଲମ୍ବନ କରିସାରିଲେଣି। ଫଳରେ ବର୍ତ୍ତମାନ ମାତ୍ର ୪୭ ଜଣ ବିରୋଧୀ ଦଳ ସଦସ୍ୟ ଲୋକ ସଭାରେ ରହିଛନ୍ତି। ରାଜ୍ୟ ସଭାରେ ଶାସକ ଦଳକୁ ପ୍ରଶ୍ନ କରିବା ପାଇଁ ୧୦୦ରୁ କମ୍ ସଦସ୍ୟ ରହିଛନ୍ତି। ଏଯାଏ ନିଲମ୍ବିତ ହୋଇ ନ ଥିବା ଏମ୍‌ପିଙ୍କ ମଧ୍ୟରୁ ଅଧିକାଂଶ ହେଲେ ଓଡ଼ିଶାର ଶାସକ ବିଜୁ ଜନତା ଦଳ (ବିଜେଡି) ଓ ଆନ୍ଧ୍ର ପ୍ରଦେଶରେ କ୍ଷମତାସୀନ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟିର। ଅତୀତରେ କେନ୍ଦ୍ର ସରକାର ବିବାଦୀୟ ବିଲ୍‌ଗୁଡ଼ିକୁ ଗୃହୀତ କରାଇବାବେଳେ ସଂଖ୍ୟା ବଳର ଅଭାବକୁ ଏହି ଦୁଇଦଳ ପୂରଣ କରିଆସିଛନ୍ତି। ବିଜେଡି ଏବଂ ୱାଇଏସ୍‌ଆର୍‌ସିପିର ସଦସ୍ୟମାନେ ଭାଜପାକୁ ଅସୁବିଧା ସମୟରେ ସାହାଯ୍ୟ କରିଛନ୍ତି। ତେଣୁ ସପ୍ତଦଶ ଲୋକ ସଭାର ଶେଷରେ ଶାସକ ଦଳ ଏପରି କିଛି ବିଲ୍ ଗୃହୀତ କରାଇପାରେ, ଯହିଁରୁ ୨୦୨୪ ସାଧାରଣ ନିର୍ବାଚନରେ ଫାଇଦା ପାଇପାରେ ବୋଲି ଆଲୋଚନା ହେଉଛି। ଗୋଟିଏ ପଟେ ବିରୋଧୀ ସଦସ୍ୟମାନଙ୍କୁ ନିଲମ୍ବନକୁ ନେଇ ହଟ୍ଟଗୋଳ ଚାଲିଥିବାବେଳେ ଅନ୍ୟପଟେ ଭାରତୀୟ ଦଣ୍ଡବିଧି ଆଇନ(ଆଇପିସି), ଆପରାଧିକ ଦଣ୍ଡ ସଂହିତା (ସିଆର୍‌ପିସି) ଏବଂ ଭାରତୀୟ ସାକ୍ଷ୍ୟ ପ୍ରମାଣ ଆଇନକୁ ଉଚ୍ଛେଦ କରି ୩ ନୂଆ ଆଇନ ପ୍ରଣୟନ ପାଇଁ ସଂଶୋଧିତ ବିଲ୍ ଲୋକ ସଭାରେ ଆଗତ କରାଯାଇଛି। ଉପରୋକ୍ତ ଆଇନଗୁଡ଼ିକ ପରିବର୍ତ୍ତେ ନୂଆ ଆଇନ ଆଣିବା ଲାଗି ଭାରତୀୟ ନ୍ୟାୟ (ଦ୍ୱିତୀୟ) ସଂହିତା, ଭାରତୀୟ ନାଗରିକ ସୁରକ୍ଷା (ଦ୍ୱିତୀୟ) ସଂହିତା ଓ ଭାରତୀୟ ସାକ୍ଷ୍ୟ (ଦ୍ୱିତୀୟ) ସଂହିତା ଉପରେ ଆଲୋଚନା ହୋଇଛି। ଏହାକୁ ବିଜେଡି ସମର୍ଥନ କରିଛି। ବିଜେଡି ସଦସ୍ୟ ଭର୍ତ୍ତୃହରି ମହତାବ ଆଲୋଚନାରେ ଭାଗନେଇ କହିଥିଲେ, ଭାରତୀୟ ନ୍ୟାୟ ସଂହିତାର ଧାରା ୧୫୦ରେ ଥିବା ଦେଶଦ୍ରୋହ ଆଇନର କେତେକ ନିୟମରେ ତ୍ରୁଟି ରହିଛି। ଏହାକୁ ନେଇ ପ୍ରବର୍ତ୍ତନକାରୀ ଏଜେନ୍ସିଗୁଡ଼ିକ ନିଜ କ୍ଷମତାର ଅତ୍ୟଧିକ ପ୍ରୟୋଗ କରିପାରନ୍ତି। ତେଣୁ ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ଆବଶ୍ୟକ ବୋଲି ଭର୍ତ୍ତୃହରି କହିଥିଲେ। ପ୍ରକାଶ ଯେ, ଏହି ୩ ବିଧେୟକ ମୌସୁମୀ ଅଧିବେଶନରେ ମଧ୍ୟ ଆଗତ ହୋଇଥିଲା। ତେବେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଷ୍ଟାଣ୍ଡିଂ କମିଟି ପକ୍ଷରୁ ସୁପାରିସ ପରେ ଏଥିରେ ଅନେକ ପରିବର୍ତ୍ତନ ଅଣାଯାଇ ଏବେ ଏହାକୁ ପୁନଃ ଆଗତ କରାଯାଇଛି।

ପ୍ରକାଶ ଯେ, ୨୦୦୧ ଡିସେମ୍ବର ୧୩ରେ ପାର୍ଲାମେଣ୍ଟ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ୨୨ ବର୍ଷ ପୂରିଛି। ଗତ ୧୩ରେ ଏହାର ବର୍ଷ ପୂର୍ତ୍ତି ଦିନ ୨ ଜଣ ବିକ୍ଷୋଭକାରୀ ମହୀଶୂର ଏମ୍‌ପି ପ୍ରତାପ ସିମ୍ହାଙ୍କ ପାସ୍‌ରେ ଲୋକ ସଭାକୁ ପଶିଥିଲେ। ସେମାନେ ଏମ୍‌ପିମାନଙ୍କ ଡେସ୍କ ଉପରେ ଧାଇଁବା ସହ ସାଙ୍ଗରେ ନେଇ ଯାଇଥିବା କ୍ୟାନ୍‌ରୁ ହଳଦିଆ ଧୂଆଁ ଛାଡ଼ିଥିଲେ। ଏପରି କି ଏକଛତ୍ରବାଦ ଚଳିବ ନାହିଁ ବୋଲି ସ୍ଲୋଗାନ ଦେଇଥିଲେ। ଏନେଇ ଅଭିଯୁକ୍ତ ଡି. ମନୋରଞ୍ଜନ ଏବଂ ସାଗର ଶର୍ମାଙ୍କ ସମେତ ୬ ଜଣଙ୍କୁ ଦିଲ୍ଲୀ ପୋଲିସ ଗିରଫ କଲାଣି। ସେହିପରି ମୁଖ୍ୟ ଅଭିଯୁକ୍ତ ଲଳିତ ଝା ମଧ୍ୟ ଧରାଦେବା ପରେ ଗିରଫ ହୋଇଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ଆତଙ୍କବାଦ ନିରୋଧୀ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ବଳରେ ମାମଲା ରୁଜୁ ହୋଇଛି। ବିରୋଧୀ ଦଳଗୁଡ଼ିକ ଏହା ଉପରେ ଗୃହରେ ବିତର୍କ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବିବୃତି ଦାବି କରୁଥିବାବେଳେ ପ୍ରଧାନମନ୍ତ୍ରୀ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହା ଏକ ଗମ୍ଭୀର ପ୍ରସଙ୍ଗ। ଏହା ଉପରେ ବିତର୍କ ନୁହେଁ, ବରଂ ପୁଙ୍ଖାନୁପୁଙ୍ଖ ତଦନ୍ତର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ ଏକ ସାକ୍ଷାତ୍‌କାରରେ ସ୍ପଷ୍ଟ କରିଛନ୍ତି।

## ପ୍ରଧାନମନ୍ତ୍ରୀ ପ୍ରାର୍ଥୀ...

ନୀତୀଶ କୁମାର ଓ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ, ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ, ଡିଏମ୍‌କେର ଟି.ଆର୍. ବାଲୁ, ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଓ ନେତା ରାମଗୋପାଳ ଯାଦବ, ସିପିଆଇର ଡି. ରାଜା ପ୍ରମୁଖ ଯୋଗଦେଇଥିଲେ। ଇତିମଧ୍ୟରେ ମେଣ୍ଟ ଦଳଗୁଡ଼ିକ ସହ ଆସନ ବୁଝାମଣା ନେଇ ଆଲୋଚନା କରିବା ଲାଗି କଂଗ୍ରେସ ଏକ ୫ ଜଣିଆ କମିଟି ଗଠନ କରିଛି। ଏହି ନ୍ୟାଶନାଲ ଆଲାଏନ୍ସ କମିଟି (ଏନ୍‌ଏସି)ରେ ଦଳର ୫ ବରିଷ୍ଠ ନେତା ରହିଛନ୍ତି। ମୁକୁଲ ୱାସ୍ନିକ ଏଥିରେ ଅଧ୍ୟକ୍ଷତା କରିବେ। ଦୁଇଜଣ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ (ରାଜସ୍ଥାନ) ଓ ଭୂପେଶ ବଘେଲ (ଛତିଶଗଡ଼), ପୂର୍ବତନ କେନ୍ଦ୍ରମନ୍ତ୍ରୀ ସଲମାନ ଖୁର୍ସିଦ ଏବଂ ଭେଟେରାନ୍ ମୋହନ୍ ପ୍ରକାଶଙ୍କୁ ସଦସ୍ୟ ରଖାଯାଇଛି। ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଏହି ସୂଚନା ଦେଇଛନ୍ତି।

# ଲୋକ ସଭାର ୯୫ ସଦସ୍ୟଙ୍କ ନିଲମ୍ବନକୁ 'ଇଣ୍ଡିଆ'ର ନିନ୍ଦା

ନୂଆଦିଲ୍ଲୀ,୧୯।୧୨(କୁଲଦୀପ ସିଂ)

ପାର୍ଲାମେଣ୍ଟରୁ ୭୮ ସଦସ୍ୟଙ୍କୁ ଶୀତ ଅଧିବେଶନର ଶେଷ ପର୍ଯ୍ୟନ୍ତ ବିଦା କରିବାର ଦିନକ ପରେ ଲୋକ ସଭାରୁ ଆଉ ୪୯ ବିରୋଧୀ ଏମ୍‌ପିଙ୍କୁ ନିଲମ୍ବନ କରାଯାଇଛି। ଫଳରେ ଲୋକ ସଭାରେ ଇଣ୍ଡିଆ ବ୍ଲକ୍ ସଦସ୍ୟଙ୍କ ସଂଖ୍ୟା ଏକ-ତୃତୀୟାଂଶକୁ ଖସିଆସିଛି। ଏହାକୁ ବିରୋଧୀ ଇଣ୍ଡିଆ ବ୍ଲକ୍ ଦୃଢ଼ ନିନ୍ଦା କରିଛି।

ନିମ୍ନ ସଦନରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ସ୍ଲୋଗାନ ଦେବା ସହ ସୁରକ୍ଷା ବିଭ୍ରାଟ ଉପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କଠାରୁ ବିବୃତି ଦାବି କରିଥିଲେ। ଅପରାହ୍ନ ୧୨ଟା ୩୦ରେ ଆଇନମନ୍ତ୍ରୀ ଅର୍ଜୁନରାମ ମେଘୱାଲ ଏମ୍‌ପିଙ୍କ ନିଲମ୍ବନ ସମ୍ପର୍କିତ ଏକ ପ୍ରସ୍ତାବ ଆଣିଥିଲେ। ସେମାନଙ୍କ ମଧ୍ୟରେ ଜେଡିୟୁର ୧୦, ଡିଏମ୍‌କେ ୬, ଟିଏମ୍‌ସି ୪, ଏନ୍‌ସିପି ୩, ନ୍ୟାଶନାଲ କନ୍‌ଫରେନ୍ସ ଏବଂ ସମାଜବାଦୀ ପାର୍ଟିର ୨ ଜଣ ଲେଖାଏ ଅଛନ୍ତି। ସେହିପରି ଆଇୟୁଏମ୍‌ଏଲ୍, ବିଏସ୍‌ପି, ଭିସିକେ ଏବଂ ଏଏପିର ଜଣେ ଲେଖାଏ ସଦସ୍ୟଙ୍କୁ ମଧ୍ୟ ନିଲମ୍ବନ କରାଯାଇଛି। ଏହି ତୃତୀୟ ପର୍ଯ୍ୟାୟ ନିଲମ୍ବନ ସହ ଲୋକ ସଭାରୁ ନିଲମ୍ବିତ ମୋଟ ଏମ୍‌ପିଙ୍କ ସଂଖ୍ୟା ମଙ୍ଗଳବାର ୯୫ରେ ପହଞ୍ଚିଛି। ଫଳରେ ଇଣ୍ଡିଆ ବ୍ଲକ୍‌ର ମୋଟ ୧୩୩ ଏମ୍‌ପିଙ୍କ ମଧ୍ୟରୁ ମାତ୍ର ୩୮ ଜଣ ଶୀତ ଅଧିବେଶନର ଅବଶିଷ୍ଟ ୩ ଦିନ ଗୃହକୁ ଯାଇପାରିବେ।

ରାଜ୍ୟ ସଭାରେ ଇଣ୍ଡିଆ ବ୍ଲକ୍‌ର ୯୫ ଏମ୍‌ପି ଅଛନ୍ତି। ସେମାନଙ୍କ ମଧ୍ୟରୁ ୪୫ ଜଣଙ୍କୁ ନିଲମ୍ବନ କରାଗଲାଣି। ରାଜ୍ୟ ସଭାରେ ଭାଜପାର ୯୩ ସଦସ୍ୟ ଅଛନ୍ତି। ୩ କାର୍ଯ୍ୟ ଦିବସରେ ମୋଟ ୧୪୧ ବିରୋଧୀ ଏମ୍‌ପିଙ୍କୁ ନିଲମ୍ବନ କରାଯାଇସାରିଲାଣି। ନିଲମ୍ବିତ ଏମ୍‌ପି ସପ୍ତଗିରି ଉଲ୍ଲାକା କହିଛନ୍ତି, ସରକାର ଗୃହରେ ବିରୋଧୀଙ୍କ କଣ୍ଠରୋଧ ପାଇଁ ଉଦ୍ୟମ ଚଳାଇଛନ୍ତି। ଏହା କେନ୍ଦ୍ରର ଅହଂକାରକୁ ଦର୍ଶାଉଛି। ସୁରକ୍ଷାରେ ତ୍ରୁଟିକୁ ନେଇ ଆମେ ଆଲୋଚନା ଚାହୁଁଛୁ। କିନ୍ତୁ ସରକାର ପଳାୟନ କରୁଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ମୋଦି ସରକାର ଗଣତନ୍ତ୍ରକୁ ଧ୍ୱସ୍ତବିଧ୍ୱସ୍ତ କରିବାକୁ ଚାହୁଁଛନ୍ତି। ଲୋକେ ବିରୋଧୀଙ୍କ କଥା ଶୁଣନ୍ତୁ ବୋଲି ସରକାର ଚାହୁଁ ନ ଥିବାରୁ ନିଲମ୍ବନ, ବହିଷ୍କାର ଓ ବୁଲ୍‌ଡୋଜର ମଡ଼ାଇବା ନୀତି ଆପଣାଇଛନ୍ତି। ୧୪୧ ଏମ୍‌ପିଙ୍କ ନିଲମ୍ବନରୁ ସରକାରଙ୍କ ଏକଚ୍ଛତ୍ରବାଦୀ ମନୋଭାବ ଧରାପଡ଼ିଛି ବୋଲି ଏକ୍ସ'ରେ ଖାର୍ଗେ ଉଲ୍ଲେଖ କରିଛନ୍ତି।

## ହଇଜା ଭୂତାଣୁରୁ...

ବୋଲି ଆର୍‌ଜିଏଚ୍ ଭାରପ୍ରାପ୍ତ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସୁଧାରାଣୀ ପ୍ରଧାନ କହିଛନ୍ତି। ଜଗଦାସ୍ଥିତ ସିଡବ୍ଲ୍ୟୁଏସ୍ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଡି. ଆର୍ ମିଶ୍ରଙ୍କ ସୂଚନା ଅନୁଯାୟୀ, ଏବେପର୍ଯ୍ୟନ୍ତ ଉକ୍ତ ରୋଗର ଠିକ୍ ଔଷଧ ତାଲିକା ଗାଇଡ୍‌ଲାଇନ କରାଯାଇନାହିଁ। ରୋଗର ଲକ୍ଷଣ ଜଣାଥିଲେ ମଧ୍ୟ କାରଣ ଜଣାପଡୁନାହିଁ। ପ୍ରଶାସନ ଯାହା କହିବ ସେଥିରେ ଆମେ ଏକମତ। ଆମେ ସାଧାରଣ ଚିକିତ୍ସା ବାବଦରେ ରୋଗୀଙ୍କୁ ଔଷଧ ପରାମର୍ଶ କରୁଛୁ। ଏହି ହସ୍ପିଟାଲରେ ୧୮ରୁ ଊର୍ଦ୍ଧ୍ୱ ସଂକ୍ରମିତ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ପ୍ରଶାସନକୁ ପ୍ରତେକ ୪ ଘଣ୍ଟାରେ ରୋଗୀଙ୍କ ସଂଖ୍ୟା ଓ ସ୍ଥିତି ଅବଗତ କରାଉଛୁ ବୋଲି ଡାକ୍ତର ମିଶ୍ର କହିଥିଲେ।

## ଫେବୃୟାରୀରେ ପ୍ରଥମ...

ଏହି ସମ୍ମିଳନୀରେ ସାମିଲ କରାଯାଇ ସେମାନଙ୍କ ମଧ୍ୟରେ ଭାଷା ଜ୍ଞାନକୁ କିଭଳି ଅଧିକ ବୁଦ୍ଧିମନ୍ତ କରିହେବ ସେ ଦିଗରେ ପଦକ୍ଷେପ ନିଆଯିବ। ଏହି ୩ ଦିନିଆ ସମ୍ମିଳନୀରେ ସଂସ୍କୃତି ବିଭାଗ ସମେତ ରାଜ୍ୟ ସରକାରଙ୍କ ଅନ୍ୟ ପ୍ରମୁଖ ବିଭାଗଗୁଡ଼ିକ ସାମିଲ ହେବେ। ବିଶ୍ୱରେ ରହୁଥିବା ବିଭିନ୍ନ ଓଡ଼ିଆ ସଂଗଠନ ଓ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରୁଥିବା ଗବେଷକ ଓ ବ୍ୟକ୍ତିମାନଙ୍କୁ ମଧ୍ୟ ଏହି ସମ୍ମିଳନୀରେ ସାମିଲ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି। ଖୁବ୍‌ଶୀଘ୍ର ସରକାରୀ ସ୍ତରରେ ବୈଠକ ବସି କେବେ ଏହି ସମ୍ମିଳନୀ ହେବ ତା'ର ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ଦିଗରେ ପଦକ୍ଷେପ ନେବାକୁ ୨୦୧୭ ଡିସେମ୍ବର ୨୬ ତାରିଖରେ ରାଜ୍ୟ ଐତିହ୍ୟ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ହୋଇଥିଲା। ଐତିହ୍ୟ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ଓଡ଼ିଆ ଭାଷା ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି ଯେ ଆସନ୍ତା ଫେବୃୟାରୀରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ ପାଇଁ ହେବାକୁ ଥିବା ପ୍ରସ୍ତାବକୁ ଐତିହ୍ୟ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତିସମ୍ପନ୍ନ ଭାଷା ବିଜ୍ଞାନୀ ଓ ଭାଷା ବିଶେଷଜ୍ଞମାନଙ୍କୁ ସମ୍ମିଳନୀର ବିଷୟଭିତ୍ତିକ ଅଧିବେଶନରେ ବକ୍ତବ୍ୟ ରଖିବା ପାଇଁ ନିମନ୍ତ୍ରଣ କରାଯିବା ସହ ସମଗ୍ର ରାଜ୍ୟର ଛାତ୍ରୀଛାତ୍ରମାନଙ୍କୁ ଏଥିରେ ବ୍ୟାପକ ଭାବେ ସାମିଲ କରାଯିବ। ଯୁବପିଢ଼ିଙ୍କ ମଧ୍ୟରେ ଓଡ଼ିଆ ଭାଷାର ଆଦୃତ ନିମନ୍ତେ ସେମାନଙ୍କ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ଏହି ସମ୍ମିଳନୀ ବେଳେ ଶିକ୍ଷାନୁଷ୍ଠାନ, ବିଶ୍ୱବିଦ୍ୟାଳୟଗୁଡ଼ିକ ନିଜ ନିଜର କାର୍ଯ୍ୟକ୍ରମ ଆୟୋଜନ କରିବେ। ଏହି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ଦ୍ୱାରା ରାଜ୍ୟ, ରାଜ୍ୟ ବାହାରେ ଓ ବିଦେଶରେ ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ତଥା ଗବେଷଣା କାର୍ଯ୍ୟ ତ୍ୱରାନ୍ୱିତ ହେବ। ଏତଦ୍‌ବ୍ୟତୀତ ମାତୃଭାଷାକୁ ସମ୍ମାନ ଦେବା ଓ ଏହାର ଉନ୍ନତି ସାଧନ କରିବା ତଥା ଆଗାମୀ ପିଢ଼ିଙ୍କ ପାଇଁ ଓଡ଼ିଆ ଭାଷାର ଅସ୍ମିତାକୁ ବଜାୟ ରଖିବା କାର୍ଯ୍ୟ ସମ୍ପାଦନରେ ଉକ୍ତ ସମ୍ମିଳନୀର ପ୍ରଭାବ ସୁଦୂରପ୍ରସାରୀ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି। ବୈଠକ ଶେଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ସୁଜାତା ଆର୍.କାର୍ତ୍ତିକେୟନ ସମ୍ମିଳନୀ ସମ୍ପର୍କରେ ଗଣମାଧ୍ୟମକୁ ବିଶଦ ସୂଚନା ପ୍ରଦାନ କରିଥିଲେ।

## ୧୪୨ ନୂଆ କୋଭିଡ୍...

ସୋମବାର ସୁଦ୍ଧା ୨୪ ଘଣ୍ଟାରେ କେରଳରେ ୫ ଓ ଉତ୍ତରପ୍ରଦେଶରେ ଜଣେ କୋଭିଡ୍ ଆକ୍ରାନ୍ତ ଆଖି ବୁଜିଥିବା ରିପୋର୍ଟ ହୋଇଥିଲା। କେରଳରେ ଗୋଟିଏ ଦିନରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୧୫ ବୃଦ୍ଧି ପାଇଥିବାବେଳେ ମୋଟ ସକ୍ରିୟ ମାମଲା ସଂଖ୍ୟା ୧,୭୪୯ରେ ପହଞ୍ଚିଥିଲା। କର୍ଣ୍ଣାଟକରେ ୧୦ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ସୋମବାର ମୋଟ ୨୬୦ ଆକ୍ରାନ୍ତଙ୍କୁ ମିଶାଇ ସକ୍ରିୟ ମାମଲା ସଂଖ୍ୟା ୧,୮୨୮କୁ ବୃଦ୍ଧି ପାଇଥିଲା।

## ଷ୍ଟାର୍କ ୨୪.୭୫...

ଖେଳାଳି ରଚିନ ରବୀନ୍ଦ୍ରଙ୍କୁ ମଧ୍ୟ ଚେନ୍ନାଇ ୧.୮ କୋଟିରେ ନେଇଥିଲା। ତାଙ୍କ ବେସ୍ ପ୍ରାଇସ୍ ଥିଲା ୫୦ ଲକ୍ଷ। ୱେଷ୍ଟଇଣ୍ଡିଜ ଟି୨୦ ଅଧିନାୟକ ରୋଭମାନ ପାୱେଲ ୭.୪ କୋଟିରେ ରାଜସ୍ଥାନ ରୟାଲ୍ସ ଦଳକୁ ଯାଇଥିଲେ। ଇଂଲଣ୍ଡର ହ୍ୟାରି ବ୍ରୁକ୍‌ଙ୍କୁ ଦିଲ୍ଲୀ କ୍ୟାପିଟାଲ ୪ କୋଟିରେ କିଣିଥିବାବେଳେ ଦକ୍ଷିଣ ଆଫ୍ରିକାର ଯୁବ ପେସ୍ ବୋଲର ଗେରାଲ୍ଡ କୋଜିଙ୍କୁ ୫ କୋଟିରେ କିଣିଥିଲା ମୁମ୍ବାଇ ଇଣ୍ଡିଆନ୍ସ। ଶାର୍ଦ୍ଦୁଳ ଠାକୁର ୪ କୋଟି ଟଙ୍କାରେ ଚେନ୍ନାଇ ଦଳକୁ ଫେରିଥିଲେ। ତେବେ ଷ୍ଟିଭ୍ ସ୍ମିଥ୍, ମନୀଷ ପାଣ୍ଡେ ଓ ରିଲି ରୋସୋଙ୍କ ପରି ଖେଳାଳି ପ୍ରଥମ ରାଉଣ୍ଡରେ ଅନ୍‌ସୋଲ୍ଡ ରହିଥିଲେ।

# ପନିପରିବା ଚାଷରେ ପୋକ ନିୟନ୍ତ୍ରଣ



**କୋ**ବି ଜାତୀୟ ଫସଲରେ ଜଉପୋକ, ଠିକିରି ପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବାର ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମିଲି ଏଣ୍ଡୋସଲଫାନ୍ କିମ୍ବା ୫୦୦ ମିଲି ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲଟର୍‌ନାରିଆ ଜନିତ ପତ୍ରପୋଡା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ଶୀତ ସହିତ ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉ ପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ଏକ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ।

# ଆଳୁରେ ପାଣି ମଡ଼ାଉଥିଲେ

**ମା**ଟିର ଆବଶ୍ୟକତାକୁ ଚାହିଁ ୮-୧୦ ଦିନ ଅନ୍ତରରେ ଆଳୁରେ ପାଣି ମଡାନ୍ତୁ । ସିଆରର ଦୁଇ ତୃତୀୟାଂଶ ପର୍ଯ୍ୟନ୍ତ ପାଣି ମଡ଼ାଇବା ଉଚିତ। ଆଳୁ ଅମଳ ହେବାର ୧୫ ଦିନ ପୂର୍ବରୁ ପାଣି ମଡ଼ାଇବା ବନ୍ଦ କରନ୍ତୁ। ସଅଳ ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପିଛା ୨ କି.ଗ୍ରା. ଇଣ୍ଡୋଫିଲ୍ ଏମ୍-୪୫ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ୧୫ ଦିନ ଅନ୍ତରରେ ୩ ଥର ସିଞ୍ଚନ କରନ୍ତୁ । ବିଳମ୍ବ ପତ୍ରପୋଡ଼ା ରୋଗ ପାଇଁ ମେଟାଲାକ୍‌ସିଲ୍ ସହ ମାନ୍‌କୋଜେବ୍ ଔଷଧ ୧ କି.ଗ୍ରା.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମୂଳକଟା ପୋକ ଦମନ ପାଇଁ କ୍ଲୋରୋପାଇରିଫସ୍ ୧.୫ ଲିଟରକୁ ୫୦୦ ଲିଟର ପାଣିରେ ମିଶାଇ ଗଛମୂଳ ମାଟିରେ ପକାନ୍ତୁ। ପାଗ ମେଘୁଆ ହେଲେ ଆଗତୁରା ପ୍ରତିଷେଧମୂଳକ ଔଷଧ ସିଞ୍ଚନ କରନ୍ତୁ । ବିଳମ୍ବରେ ଲଗାଯାଇଥିବା ଆଳୁରେ କୋଡ଼ାଖୁସା ଓ ହୁଡ଼ା ଟେକା ଶୀଘ୍ର ସାରି ଦିଅନ୍ତୁ ।



# ଶୀତଦିନେ ପ୍ରାଣୀଙ୍କ ଯତ୍ନ



ଡା. ବୀର କିଶୋର ପରିଡ଼ା

**ଶୀ**ତଦିନେ ଜଳବାୟୁର ଉତ୍ତାପ କମିଯିବା ସହିତ ଆର୍ଦ୍ରତା ହ୍ରାସ ଯୋଗୁ ଉଭୟ ମନୁଷ୍ୟ ଓ ପଶୁପକ୍ଷୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ବାୟୁମଣ୍ଡଳର ଆର୍ଦ୍ରତା କମିଯିବା ଯୋଗୁ ଧୂଳିକଣାଗୁଡିକ ହାଲୁକା ହେବା ସହିତ ଉତ୍ତର-ଦକ୍ଷିଣ ପବନରେ ସ୍ଥାନାନ୍ତରିତ ସହଜରେ ହୋଇଥାଏ । ଶୀତଦିନେ ଭୂତାଣୁଗୁଡିକ ବଞ୍ଚିରହିବା ସହିତ ସକ୍ରିୟ ହୋଇଉଠନ୍ତି ଏବଂ ଧୂଳିକଣା ଓ ବାୟୁ ମାଧ୍ୟମରେ ପଶୁପକ୍ଷୀଙ୍କଠାରେ ବିଭିନ୍ନ ଶ୍ୱାସଜନିତ ରୋଗ ସୃଷ୍ଟି କରିଥାଏ । ସେହିଭଳି ଟିଙ୍କ ଓ ଉକୁଣୀଙ୍କ ବଂଶ ବୃଦ୍ଧି ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି ଯୋଗୁ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇବା ସହିତ ପ୍ରାଣୀଙ୍କୁ କାମୁଡି ରକ୍ତ ଶୋଷିବା ଦ୍ୱାରା ବିଭିନ୍ନ ଜୀବାଣୁ, ଭୂତାଣୁ ଓ ଏକକୋଷୀ ପ୍ରାଣୀଜନିତ ରୋଗ ସୃଷ୍ଟି କରିଥାନ୍ତି । ଏଥିସହିତ ପଶୁପକ୍ଷୀଙ୍କ ଖାଦ୍ୟ ଯଥା- ଦାନା, କୁଣ୍ଡା, ଚୋକଡ଼, ପିଡିଆ, ନଡ଼ା ଆଦିରେ ଆଗରୁ ବର୍ଷାଦିନେ ପାଣି ପଡି ଫିମ୍ପି ମାରିଥାଏ ବା ଗମୁରିଆ ହୋଇଯାଏ । ବେଳେବେଳେ କୁଣ୍ଡା ବା ଦାନା ଗମୁରିଆ ହେବା ଯୋଗୁ ଉକୁଣିଆ ପୋକ ମଧ୍ୟ ହୋଇଥାଏ । ଏହି ଫିମ୍ପି ମାରିଥିବା ଖାଦ୍ୟ ପଶୁପକ୍ଷୀ ଖାଇଲେ କବକଜନିତ କାରଣରୁ ଖାଦ୍ୟ ବିଷାକ୍ତ ଯୋଗୁ ଜୀବନହାନି ଘଟିଥାଏ । ଖାଲି ସେତିକି ନୁହେଁ, ଥଣ୍ଡାର ପ୍ରଭାବ ଯୋଗୁ ପ୍ରାଣୀଙ୍କ ଶରୀରରେ ଉଭୟ ଶାରୀରିକ ଓ ମାନସିକ ଚାପ ସୃଷ୍ଟି କରିଥାଏ । ଫଳରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ଯୋଗୁ ପ୍ରାଣୀମାନେ ବିଭିନ୍ନ ରୋଗର ଶିକାର ହୋଇଥାନ୍ତି । ଶୀତଦିନେ ଅତ୍ୟଧିକ ବୃଦ୍ଧି ଘଟିଥିବା କଅଁଳିଆ ବା ଛନଛନିଆ ଘାସ ଖାଇ ଗୋରୁ, ଛେଳିମେଣ୍ଢା ଓ ଅନ୍ୟ ପ୍ରାଣୀମାନେ ଧାତବଲବଣ ଅଭାବ ଜନିତ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରନ୍ତି । ବାୟୁମଣ୍ଡଳର ଆର୍ଦ୍ରତା କମିଯିବା ଯୋଗୁ ଗାଈଙ୍କ ଶରୀରରେ ଜଳଶୁଷ୍କତା ସହିତ ଧାତବଲବଣ ଓ ଭିଟାମିନ୍ ଅଭାବଜନିତ କାରଣ ଯୋଗୁ ବାଛୁରୀ ପ୍ରସବ ପରେ ଫୁଲ ପଡ଼େ ନାହିଁ ବା ଦୁଃଖ ପ୍ରସବ ହୋଇଥାଏ ।

ତେଣୁ ଶୀତଦିନେ ପଶୁପକ୍ଷୀଙ୍କର ବାସଗୃହ, ଖାଦ୍ୟ, ପ୍ରଜନନ, ଲାଳନ ପାଳନରେ ଯତ୍ନ ଓ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେଲେ, ସେମାନଙ୍କୁ ଶୀତଦିନେ ସୁରକ୍ଷା ଯୋଗାଇ ଦେବା ସହିତ ସେମାନଙ୍କଠାରୁ ଦୁଗ୍ଧ, ମାଂସ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି କରି ଆମେ ବିଶେଷ ଲାଭବାନ ହୋଇପାରିବା।

**ବାସଗୃହ :** ଗୋରୁ ଗୁହାଳ, ଛେଳିମେଣ୍ଢାଙ୍କ ଘର, କୁକୁଡ଼ା ଘର ସର୍ବଦା ଶୁଖିଲା ଓ ସଫାସୁତୁରା ରହିବା ଆବଶ୍ୟକ । ଘରର ଲମ୍ବ ପୂର୍ବ-ପଶ୍ଚିମ ହୋଇ ରହିଲେ ଶୀତଦିନେ ଦକ୍ଷିଣା-ଉତ୍ତର ବାୟୁ ଚଳାଚଳ ଯୋଗୁ କୁକୁଡା ଘରର ଲିଟର ଓ ଗୋରୁଙ୍କ ଗୁହାଳ ଶୁଖିଲା ରହିବ । ଶୀତଦିନେ ଅଧିକ ଶୀତ ହେବା ଫଳରେ ଶ୍ୱାସନଳୀଜନିତ ସଂକ୍ରମଣ ଯୋଗୁ ଛେଳିମେଣ୍ଢାମାନେ ନିମୋନିଆ ରୋଗରେ ଶିକାର ହୁଅନ୍ତି । ତେଣୁ ଛେଳିମେଣ୍ଢା ରହୁଥିବା ଘରେ ରାତ୍ରିରେ ଘରର ଉତ୍ତାପ ବଢ଼ାଇବା ପାଇଁ ରୁମ୍ ହିଟର ବ୍ୟବସ୍ଥା ରହିଲେ ଭଲ । ଛେଳିଙ୍କ ଗୁହାଳର ସମସ୍ତ ଝରକାକୁ ଶୀତ ପଡିଲେ ବନ୍ଦ ରଖିବା ଦରକାର । ଶୀତଦିନେ ଛେଳିମେଣ୍ଢାମାନଙ୍କୁ ଭାଡି ଉପରେ କିମ୍ବା ବାଲିଗୁହାଳେ ରଖିଲେ ଭଲ । କାରଣ ସେମାନଙ୍କ ଠାରୁ ନିର୍ଗତ ମଳମୂତ୍ର ଭାଡି ତଳକୁ ପଡିଯିବ ବା ବାଲିରେ ଶୋଷି ହୋଇଯିବ । ଯାହାଫଳରେ ସେମାନେ ସର୍ବଦା ଶୁଖିଲା ଚଟାଣରେ ରହିପାରିବେ। ସେହିପରି ଗୁହାଳର ସମସ୍ତ ଖୋଲା ସ୍ଥାନକୁ ଅଖା ବା ପଲିଥିନ୍ ଟାଙ୍ଗି ଭଲଭାବେ ନିବୁଜ କରିବା ଦରକାର। ଶୀତ କମିଗଲେ ଦିନବେଳେ ଏହାକୁ ଉପରକୁ ଟେକିଦେବା ଆବଶ୍ୟକ । ଗୋରୁ ଗୁହାଳ ଭିତର ଓ ବାହାର ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ । ଗୁହାଳ ଘରେ ଅଳିଆ ଆବର୍ଜନା ରଖିଲେ ଟିଙ୍କ ଓ ଉକୁଣି ହେବାର ଆଶଙ୍କା ଅଧିକ ଥାଏ । ଗୁହାଳେ ଆଲୋକ ଓ ବାୟୁ ଚଳାଚଳ ଠିକ୍ ରହିବା ଦରକାର ଏବଂ ଏହା ଅନ୍ଧାରିଆ ରହିବା ଉଚିତ ନୁହେଁ । ଗୁହାଳେ ଗୋରୁମାନଙ୍କୁ ଗହଳିରେ ନ ରଖି ଆବଶ୍ୟକ ସଂଖ୍ୟକ ରଖନ୍ତୁ । ନଚେତ ଏହି ଗହଳି ଯୋଗୁ ଟିଙ୍କ ଉକୁଣିଙ୍କ ସଂଖ୍ୟା ବୃଦ୍ଧି ହୋଇଥାଏ। ଏହା ସଙ୍ଗେ ସଙ୍ଗେ ବିଭିନ୍ନ ଏକକୋଷୀ ପ୍ରାଣୀ ରୋଗ ଯଥା- ଥେଇଲେରିଆ, ରକ୍ତ ପରିସ୍ରା, ସରା ଆଦି ରୋଗ ହେବାର ଆଶଙ୍କା ରହିଛି। ଏହାବ୍ୟତୀତ ବିଭିନ୍ନ ଜୀବାଣୁଜନିତ ରୋଗ, ଯଥା- ସାହାଣା ରୋଗ, ଆନ୍ଥ୍ରାକ୍ସ ରୋଗ, ଭୁତାଣୁଜନିତ ଅଢେଇଆ ରୋଗ ଦେଖାଦେବାର ଆଶଙ୍କା ରହିଥାଏ । ସେହିପରି ଗୁହାଳର ଚଟାଣ ଯଦି ଓଦା ବା ସନ୍ତସନ୍ତିଆ ସହିତ କଚ୍ଚା ରହେ, ଶୀତଦିନେ ଗାଈଙ୍କର ପହ୍ନା ସଂକ୍ରମଣ ଯୋଗୁ ଶୀତଦିନିଆ ପହ୍ନା ପ୍ରଦାହ ରୋଗ ସୃଷ୍ଟି ହୁଏ। ତେଣୁ ଅଧିକ ଉତ୍ପାଦନକ୍ଷମ ସଙ୍କର ଗାଈ ପାଇଁ ଗୁହାଳର ଚଟାଣ ସିମେଣ୍ଟ କଂକ୍ରିଟ ହେବା ସହିତ ଅଳ୍ପ ଢାଲୁ ଓ ଖଦଖଦଡିଆ ହେବା ଦରକାର । କୁକୁଡା ଘର ଚଟାଣ ମଧ୍ୟ ସିମେଣ୍ଟରେ ନିର୍ମିତ ହେବା ଆବଶ୍ୟକ।



**ଖାଦ୍ୟ :** ସାଧାରଣତଃ ଶୀତଦିନେ ବାହ୍ୟ ପରିବେଶର ଉତ୍ତାପ ପ୍ରାଣୀଙ୍କ ଶରୀରର ଉତ୍ତାପଠାରୁ ବହୁତ କମ୍ ରହୁଥିବାରୁ ତାହା ପ୍ରାଣୀଙ୍କ ଶରୀର ଉପରେ ଏକ ଚାପ ସୃଷ୍ଟି କରିବା ସହିତ ମାନସିକ ଉତ୍ତେଜନା ସୃଷ୍ଟି କରେ । ଶୀତ ପ୍ରକୋପର ପ୍ରଭାବ ସହିତ ଆର୍ଦ୍ରତା କମିଯିବା ଯୋଗୁ ପ୍ରାଣୀଙ୍କ ଶରୀର ଏହା ଗ୍ରହଣ କରିବାକୁ ସକ୍ଷମ ହୋଇ ନ ଥାଏ । ପ୍ରାଣୀଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଉତ୍ପନ୍ନରେ ବାଧାପ୍ରାପ୍ତ ହୁଏ ଓ ଏହା ପରିପ୍ରକାଶ ହୁଏନାହିଁ । ଯାହାଫଳରେ ବିଭିନ୍ନ ସଂକ୍ରାମକ ରୋଗ ପ୍ରାଣୀମାନଙ୍କୁ ଶୀତଦିନେ ସହଜରେ ଧରିଥାଏ । ତେଣୁ ଶୀତଦିନେ ନବଜାତ ବାଛୁରୀ, ସ୍ୱଳ୍ପ ବୟସ୍କ ବାଛୁରୀ, ରୋଗାକ୍ରାନ୍ତ, ଦୁଗ୍ଧ ଦେଉଥିବା ଓ ବୟସ୍କ ଗୋରୁଙ୍କ ଯତ୍ନ ପ୍ରତି ଆମେ ବିଶେଷ ଧ୍ୟାନ ଦେବା ଦରକାର । ଶୀତଦିନେ ପ୍ରାତଃସକାଳେ କୁହୁଡି ସହିତ ଘାସ ପତ୍ରରେ ପଡିଥିବା କାକର ଗୋରୁଙ୍କ ପାଇଁ ବହୁରୋଗର କାରଣ ହୋଇଥାଏ । ସୂର୍ଯ୍ୟୋଦୟ ପୂର୍ବରୁ କୌଣସିମତେ ଗୋରୁଙ୍କୁ ବାହାରକୁ ଚରିବାକୁ ଛାଡନ୍ତୁ ନାହିଁ । ଏଥିସହିତ ଶୀତଦିନେ ଅତ୍ୟଧିକ ଶୀତ ଯୋଗୁ ଗୋରୁଙ୍କ ଖାଦ୍ୟ ଖାଇବା କମାଇ ଦିଅନ୍ତି । ଏହା ଫଳରେ ଗୋରୁଙ୍କଠାରେ ଖାଦ୍ୟାଭାବଜନିତ ଲକ୍ଷଣ ପ୍ରକାଶ ପାଇଥାଏ ଏବଂ ଏହି ଖାଦ୍ୟାଭାବରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇବା ଯୋଗୁ ବିଭିନ୍ନ ରୋଗ ଧରିବାର ଆଶଙ୍କା ଥାଏ । ବାହ୍ୟ ଜଳବାୟୁର ଉତ୍ତାପ କମିଯିବାରୁ ପ୍ରାଣୀମାନେ ନିଜ ଶରୀରର ସାଧାରଣ ଉତ୍ତାପ ରକ୍ଷା କରିବା ପାଇଁ ଶରୀରରେ ଖାଦ୍ୟରୁ ଉତ୍ପନ୍ନ ହେଉଥିବା ଉତ୍ତାପ ପ୍ରାଣୀଙ୍କ ଶାରୀରିକ ଉତ୍ତାପର ଭାରସାମ୍ୟ ବଜାୟ ରଖିବାକୁ ଚେଷ୍ଟାକରେ। ତେଣୁ ଶୀତଦିନେ ଗୋରୁଙ୍କୁ ଉତ୍ତାପ ଶକ୍ତି ପ୍ରଦାୟକ ତନ୍ତୁଜାତୀୟ ଖାଦ୍ୟ ଯଥା- ଘାସ, ନଡ଼ା, ପାଳ, କୁଣ୍ଡା, ଚୋକଡ଼, ଡାଳପତ୍ର, ମକାଗଛ ପତ୍ର ଓ କାଣ୍ଡ ଇତ୍ୟାଦି ଖାଇବାକୁ ଦେବା ଉଚିତ। (କ୍ରମଶଃ...)

-ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ
ପ୍ଲଟ ନଂ -୨୭୬,
ମହାନଦୀବିହାର, କଟକ

# ଖରିଫ ଧାନ ସଂରକ୍ଷଣ



**ଖ**ରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣ ଖରାରେ ଶୁଖାଇ ଦେବା ଉଚିତ । ଧାନ ସାଇତିବା ପୂର୍ବରୁ ଅମାର ଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ। ଅମାର ଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ । ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହିତ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ୍। ଡାଲୁଅ ଧାନ ତଳି ପ୍ରସ୍ତୁତି (ଏକ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି. ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ସଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ। ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ। ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ ।

## ଅଳ୍ପରେ..



- ତରଭୁଜ ବିହନ ବିଶୋଧନ କରି ତରଭୁଜ ଲଗାନ୍ତୁ । କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ । ଶୀଘ୍ର ଗଜା ହେବା ପାଇଁ ମନ୍ଦା ଉପରେ କିଛି ପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ । ଗଜା ବାହାରିବା ପରେ ଏଗୁଡ଼ିକୁ ହଟେଇ ଦେବା ଉଚିତ।
- ସୋରିଷ ଚାଷ କରିଥିଲେ ଆବଶ୍ୟକତା ନେଇ ଜଳସେଚନ କରନ୍ତୁ । ଜଉପୋକ ପ୍ରତିକାର ପାଇଁ ହେକ୍ଟର ପିଛା ଇମିଡ଼ାକ୍ଲୋପ୍ରିଡ ୧୭.୮ ଏସ୍.ଏଲ୍. ୧୨୦ ମି.ଲି. ସିଞ୍ଚନ କରନ୍ତୁ। କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଚିନାବାଦାମ ବୁଣିବାର ଦୁଇତିନି ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ। ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ଦୁଇପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ। ୧୨ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ଶଁବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ ।
- ଆମ୍ବବଉଳ ଆସିଥିଲେ ଆସିବାର ୭ ଦିନ ପରେ ୨ ମି.ଲି. ପ୍ରୋଫେନୋଫସ୍ ୧ ଲିଟର ପାଣିରେ ପତ୍ର ଓ ବଉଳରେ ଭଲଭାବରେ ସିଞ୍ଚନ କରନ୍ତୁ । ନୂତନ ବଗିଚାରେ ମାଆ ଗଛର ମୂଳରୁ ଉଠିଥିବା ଦେଶୀ କଳିକାଗୁଡ଼ିକୁ ନଷ୍ଟ କରିଦିଅନ୍ତୁ ଓ ବଉଳ ଆସିବା ପରେ ହିଁ ଜଳସେଚନ କରନ୍ତୁ ।



# ଡାଲିଜାତୀୟ ଫସଲ

**ଡା**ଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗ କଲେ ଅମଳ ବୃଦ୍ଧି ହୋଇଥାଏ। ଏକ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍‌ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ। କଲ୍‌ଚର ପ୍ରୟୋଗର ଏକ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ । ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ । ଜମିକୁ ଭଲଭାବରେ ଚାଷ କରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ାଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ । ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ଏକମାସ ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍-ପି-କେ (୧୯-୧୯-୧୯) ସାର ସିଞ୍ଚନ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବାର ସମ୍ଭାବନା ଅଛି । ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. କିମ୍ବା ୧୦୦୦ ମିଲି ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ମଟର ଓ ବୁଟର ଝାଉଁଳା ରୋଗର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ପାଣିରେ ୩ ଗ୍ରାମ୍ ସଲ୍‌ଫର ସେଟିଗୁଣ୍ଡ କିମ୍ବା ୧ ମି.ଲି. ପ୍ରୋପିକୋନାଜୋଲ ମିଶାଇ ସିଞ୍ଚନ କରନ୍ତୁ ।

# ସୂର୍ଯ୍ୟମୁଖୀ ଚାଷ ସମ୍ପର୍କରେ

**ସୂ**ର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶଁବାଳୁଆ, ଧଳାମାଛି, ଥ୍ରୀପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ। ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷ କରି ଥ୍ରୀପ୍ସ ଆକ୍ରମଣ କମାନ୍ତୁ । ସର୍ବଦା ପ୍ରମାଣିତ ବିହନ ବ୍ୟବହାର କରନ୍ତୁ । ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ଏକ ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ । ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ । ସକାଳ ସମୟରେ କୌଣସି କୀଟନାଶକ ବିଷ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ପାଇଁ କ୍ଷତିକାରକ । ତେଣୁ ଅପରାହ୍ଣରେ ସିଞ୍ଚନ କରନ୍ତୁ । ଶୋଷକ ପୋକ ଯଥା- ଧଳାମାଛି, ଜଉପୋକ ପାଇଁ ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସବୁଜ ଘୋଡ଼ାପୋକ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଫୁଟିବା ସମୟରେ ବିଷାକ୍ତ ଔଷଧ ପ୍ରୟୋଗ କରନ୍ତୁ ନାହିଁ । ନିମ ଜାତୀୟ ଔଷଧ ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ୨୫ରୁ ୩୦ ଦିନ ହୋଇଥିବା ସୂର୍ଯ୍ୟମୁଖୀରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।





# ପିଆଜରେ ରୋଗପୋକ ଦମନ

**ପି**ଆଜର ପତ୍ରପୋଡ଼ା ସହ ଆଞ୍ଚୁଡ଼ା ଦାଗ ଦେଖାଦେଲେ ଉକୁଣିଆ ପୋକ ଲାଗିଥିବାର ଜଣାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମିଲି ଡାଇମେଥୋଏଟ୍ କିମ୍ବା ୫୦ ମିଲି ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଆଗରୁ ଲଗାଯାଇଥିବା ପିଆଜରେ ଅଲ୍‌ଟର୍‌ନାରିଆଜନିତ ପତ୍ରପୋଡା ରୋଗ ଲାଗିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଆଗରୁ ଲଗାଇ ନ ଥିଲେ ବର୍ତ୍ତମାନ ଲଗାଇବା କାମ ଶେଷ କରନ୍ତୁ। ତଳିଗୁଡ଼ିକ ୧୨-୧୫ସେ.ମି. ଉଚ୍ଚା ହୋଇଗଲେ ସେଗୁଡ଼ିକୁ ଉପରବେଳା ଓପାଡ଼ି ଲଗାନ୍ତୁ। ଏହି ଋତୁରେ ୬-୮ ସପ୍ତାହର ଚାରା ଲଗାନ୍ତୁ। ଛୋଟ ତଳି ଲଗାଇଲେ ଗଛ ଦୁର୍ବଳ ରୁହେ ଓ ବଡ଼ ତଳି ଲଗାଇଲେ ଶୀଘ୍ର ଶଣ୍ଢା ବାହାରିଥାଏ।

## ଆଇପିଏଲ୍-୨୦୨୪

### ମିନି ଅକ୍ସନରେ ବିକ୍ରି ହୋଇଥିବା ଖେଳାଳି

| ଖେଳାଳି | ମୂଲ୍ୟ | ଦଳ |
|---|---|---|
| ମିଚେଲ ଷ୍ଟାର୍କ | ୨୪.୭୫ କୋଟି | କୋଲକାତା ନାଇଟ ରାଇଡର୍ସ |
| ପ୍ୟାଟ୍ କୁମିନ୍ସ | ୨୦.୫୦ କୋଟି | ସନ୍‌ରାଇଜର୍ସ ହାଇଦ୍ରାବାଦ |
| ଡାରିଲ ମିଚେଲ | ୧୪ କୋଟି | ଚେନ୍ନାଇ ସୁପର କିଙ୍ଗ୍ସ |
| ହର୍ଶଲ ପଟେଲ | ୧୧.୭୫ କୋଟି | ପଞ୍ଜାବ କିଙ୍ଗ୍ସ |
| ଆଲଜାରି ଜୋସେଫ | ୧୧.୫ କୋଟି | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର |
| ସ୍ପେନସର ଜନସନ | ୧୦ କୋଟି | ଗୁଜରାଟ ଟାଇଟନ୍ସ |
| ସମୀର ରିଜଭି | ୮.୪ କୋଟି | ଚେନ୍ନାଇ ସୁପର କିଙ୍ଗ୍ସ |
| ରିଲି ରୋସୋ | ୮ କୋଟି | ପଞ୍ଜାବ କିଙ୍ଗ୍ସ |
| ରୋଭମାନ ପାଓ୍ୱେଲ | ୭.୪ କୋଟି | ରାଜସ୍ଥାନ ରୟାଲ୍ସ |
| ଶାହରୁଖ ଖାଁ | ୭.୪ କୋଟି | ଗୁଜରାଟ ଟାଇଟନ୍ସ |
| କୁମାର କୁଶାଗ୍ର | ୭.୨ କୋଟି | ଦିଲ୍ଲୀ କ୍ୟାପିଟାଲ୍ସ |
| ଟ୍ରାଭିସ ହେଡ୍ | ୬.୮ କୋଟି | ସନ୍‌ରାଇଜର୍ସ ହାଇଦ୍ରାବାଦ |
| ଶିବମ ମାଭି | ୬.୪ କୋଟି | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ |
| ଉମେଶ ଯାଦବ | ୫.୮ କୋଟି | ଗୁଜରାଟ ଟାଇଟନ୍ସ |
| ଶିବମ ଦୁବେ | ୫.୮ କୋଟି | ରାଜସ୍ଥାନ ରୟାଲ୍ସ |
| ଗେରାଲ୍ଡ କୋଜି | ୫ କୋଟି | ମୁମ୍ବାଇ ଇଣ୍ଡିଆନ୍ସ |
| ୟାଶ୍ ଦୟାଲ | ୫ କୋଟି | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର |
| ଝେ ରିଚାର୍ଡଶନ | ୫ କୋଟି | ଦିଲ୍ଲୀ କ୍ୟାପିଟାଲ୍ସ |
| ନୁଆନ ଥୁଶାରା | ୪.୮ କୋଟି | ମୁମ୍ବାଇ ଇଣ୍ଡିଆନ୍ସ |
| ଦିଲସାନ ମଦୁଶଙ୍କା | ୪.୬ କୋଟି | ମୁମ୍ବାଇ ଇଣ୍ଡିଆନ୍ସ |
| କ୍ରିସ୍ ଓ୍ୱକ୍ସ | ୪.୨ କୋଟି | ପଞ୍ଜାବ କିଙ୍ଗ୍ସ |
| ଟ୍ରିଷ୍ଟନ ଷ୍ଟବ୍ସ | ୪.୨ କୋଟି | ଦିଲ୍ଲୀ କ୍ୟାପିଟାଲ୍ସ |
| ହ୍ୟାରି ବ୍ରୁକ୍ | ୪ କୋଟି | ଦିଲ୍ଲୀ କ୍ୟାପିଟାଲ୍ସ |
| ଶାର୍ଦ୍ଦୁଳ ଠାକୁର | ୪ କୋଟି | ଚେନ୍ନାଇ ସୁପର କିଙ୍ଗ୍ସ |
| ରବିନ ମିଞ୍ଜ୍ | ୩.୬ କୋଟି | ଗୁଜରାଟ ଟାଇଟନ୍ସ |
| ମନିମାରାନ ସିଦ୍ଧାର୍ଥ | ୨.୪ କୋଟି | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ |
| ସୁଶାନ୍ତ ମିଶ୍ର | ୨.୨ କୋଟି | ଗୁଜରାଟ ଟାଇଟନ୍ସ |
| ଡାଭିଡ ଓ୍ୱିଲି | ୨ କୋଟି | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ |
| ମୁସ୍ତାଫିଜୁର ରହମନ | ୨ କୋଟି | ଚେନ୍ନାଇ ସୁପର କିଙ୍ଗ୍ସ |
| ଲୋକି ଫର୍ଗୁସନ | ୨ କୋଟି | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର |
| ମୁଜିବ ଉର୍ ରହମନ | ୨ କୋଟି | କୋଲକାତା ନାଇଟ ରାଇଡର୍ସ |
| ରାଚିନ ରବୀନ୍ଦ୍ର | ୧.୮ କୋଟି | ଚେନ୍ନାଇ ସୁପର କିଙ୍ଗ୍ସ |
| ଜୟଦେବ ଉନାଡକଟ୍ | ୧.୬ କୋଟି | ସନ୍‌ରାଇଜର୍ସ ହାଇଦ୍ରାବାଦ |
| ଓ୍ୱାନିନ୍ଦୁ ହସରଙ୍ଗା | ୧.୫ କୋଟି | ସନ୍‌ରାଇଜର୍ସ ହାଇଦ୍ରାବାଦ |
| ଶେର୍ଫାନେ ରୁଥରଫୋର୍ଡ | ୧.୫ କୋଟି | କୋଲକାତା ନାଇଟ ରାଇଡର୍ସ |
| ଟମ୍ କୁରାନ | ୧.୫ କୋଟି | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର |
| ମହମ୍ମଦ ନବି | ୧.୫ କୋଟି | ମୁମ୍ବାଇ ଇଣ୍ଡିଆନ୍ସ |
| ସୁମିତ କୁମାର | ୧ କୋଟି | ଦିଲ୍ଲୀ କ୍ୟାପିଟାଲ୍ସ |
| ଗୁସ ଆଟକିନସନ | ୧ କୋଟି | କୋଲକାତା ନାଇଟ ରାଇଡର୍ସ |
| ଶାଇ ହୋପ୍ | ୭୫ ଲକ୍ଷ | ଦିଲ୍ଲୀ କ୍ୟାପିଟାଲ୍ସ |
| କାର୍ତ୍ତିକ ତ୍ୟାଗୀ | ୬୦ ଲକ୍ଷ | ଗୁଜରାଟ ଟାଇଟନ୍ସ |
| ଆଜମତୁଲ୍ଲା ଓମାରଜାଇ | ୫୦ ଲକ୍ଷ | ଗୁଜରାଟ ଟାଇଟନ୍ସ |
| କେ.ଏସ. ଭରତ | ୫୦ ଲକ୍ଷ | କୋଲକାତା ନାଇଟ ରାଇଡର୍ସ |
| ଚେତନ ସାକାରିଆ | ୫୦ ଲକ୍ଷ | କୋଲକାତା ନାଇଟ ରାଇଡର୍ସ |
| ମନୀଷ ପାଣ୍ଡେ | ୫୦ ଲକ୍ଷ | କୋଲକାତା ନାଇଟ ରାଇଡର୍ସ |
| ନନ୍ଦ୍ରେ ବର୍ଗର | ୫୦ ଲକ୍ଷ | ରାଜସ୍ଥାନ ରୟାଲ୍ସ |
| ଟମ୍ କୋଲୋର-କାଡମୋରେ | ୪୦ ଲକ୍ଷ | ରାଜସ୍ଥାନ ରୟାଲ୍ସ |
| ଅଙ୍ଗକ୍ରିଶ ରଘୁବଂଶୀ | ୨୦ ଲକ୍ଷ | କୋଲକାତା ନାଇଟ ରାଇଡର୍ସ |
| ଅର୍ଶିନ କୁଲକର୍ନୀ | ୨୦ ଲକ୍ଷ | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ |
| ରମଣଦୀପ ସିଂ | ୨୦ ଲକ୍ଷ | କୋଲକାତା ନାଇଟ ରାଇଡର୍ସ |
| ରିକି ଭୁଇ | ୨୦ ଲକ୍ଷ | ଦିଲ୍ଲୀ କ୍ୟାପିଟାଲ୍ସ |
| ଆକାଶ ସିଂ | ୨୦ ଲକ୍ଷ | ସନ୍‌ରାଇଜର୍ସ ହାଇଦ୍ରାବାଦ |
| ରସିଖ ସଲାମ | ୨୦ ଲକ୍ଷ | ଦିଲ୍ଲୀ କ୍ୟାପିଟାଲ୍ସ |
| ମନଭ ସୁଥର | ୨୦ ଲକ୍ଷ | ଗୁଜରାଟ ଟାଇଟନ୍ସ |
| ଶ୍ରେୟାସ ଗୋପାଳ | ୨୦ ଲକ୍ଷ | ମୁମ୍ବାଇ ଇଣ୍ଡିଆନ୍ସ |
| ନମନ ଧିର | ୨୦ ଲକ୍ଷ | ମୁମ୍ବାଇ ଇଣ୍ଡିଆନ୍ସ |
| ଅନ୍‌ସୁଲ କାମ୍ବୋଜ | ୨୦ ଲକ୍ଷ | ମୁମ୍ବାଇ ଇଣ୍ଡିଆନ୍ସ |
| ଆଶୁତୋଷ ଶର୍ମା | ୨୦ ଲକ୍ଷ | ପଞ୍ଜାବ କିଙ୍ଗ୍ସ |
| ବିଶ୍ୱନାଥ ସିଂ | ୨୦ ଲକ୍ଷ | ପଞ୍ଜାବ କିଙ୍ଗ୍ସ |
| ଶଶାଙ୍କ ସିଂ | ୨୦ ଲକ୍ଷ | ପଞ୍ଜାବ କିଙ୍ଗ୍ସ |
| ତନୟ ତ୍ୟାଗରାଜନ | ୨୦ ଲକ୍ଷ | ପଞ୍ଜାବ କିଙ୍ଗ୍ସ |
| ପ୍ରିନ୍ସ ଚୌଧାରୀ | ୨୦ ଲକ୍ଷ | ପଞ୍ଜାବ କିଙ୍ଗ୍ସ |
| ଝଥବେଦ ସୁବ୍ରମଣ୍ୟନ | ୨୦ ଲକ୍ଷ | ସନ୍‌ରାଇଜର୍ସ ହାଇଦ୍ରାବାଦ |
| ମହମ୍ମଦ ଅର୍ଶଦ ଖାଁ | ୨୦ ଲକ୍ଷ | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ |
| ସ୍ୱସ୍ତିକ ଚିକାରା | ୨୦ ଲକ୍ଷ | ଦିଲ୍ଲୀ କ୍ୟାପିଟାଲ୍ସ |
| ଅବିଦ ମୁସ୍ତାକ | ୨୦ ଲକ୍ଷ | ରାଜସ୍ଥାନ ରୟାଲ୍ସ |
| ଶିବଲିକ ଶର୍ମା | ୨୦ ଲକ୍ଷ | ମୁମ୍ବାଇ ଇଣ୍ଡିଆନ୍ସ |
| ସ୍ୱପ୍ନିଲ ସିଂ | ୨୦ ଲକ୍ଷ | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର |
| ଆରାଭେଲି ଅଭାନିଶ | ୨୦ ଲକ୍ଷ | ଚେନ୍ନାଇ ସୁପର କିଙ୍ଗ୍ସ |
| ସାକିବ ହୁସେନ | ୨୦ ଲକ୍ଷ | କୋଲକାତା ନାଇଟ ରାଇଡର୍ସ |
| ସୌରଭ ଚୌହାନ | ୨୦ ଲକ୍ଷ | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର |

# ଜୋର୍ଜିଙ୍କ ଶତକରେ ଦକ୍ଷିଣ ଆଫ୍ରିକା ବିଜୟୀ



ଅର୍ଦ୍ଧଶତକ ହାସଲକାରୀ ଲୋକେଶ ରାହୁଲ ଓ ସାଇ ସୁଦର୍ଶନ।

**ଜିକ୍ବେବେରା, ୧୯।୧୨**

ଟୋନି ଡି ଜୋର୍ଜିଙ୍କ ଶତକ ବଳରେ ଦକ୍ଷିଣ ଆଫ୍ରିକା ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତକୁ ୮ ଉଇକେଟରେ ପରାସ୍ତ କରିଛି। ଭାରତ ୪୬.୨ ଓଭରରେ ୨୧୧ ରନକରି ଅଲ୍‌ଆଉଟ ହୋଇଥିବାବେଳେ ଦକ୍ଷିଣ ଆଫ୍ରିକା ୪୨.୩ ଓଭରରେ ୨ ଉଇକେଟ ହରାଇ ୨୧୫ ରନ ସଂଗ୍ରହ କରି ନେଇଥିଲା। କ୍ୟାରିୟରର ପ୍ରଥମ ଦିନିକିଆ ଶତକ ହାସଲ କରିଥିବା ଜୋର୍ଜି ୧୨୨ ବଲ୍‌ରୁ ୧୧୯ (୯ ଚୌକା, ୬ ଛକା) ରନକରି ଅପରାଜିତ ରହିଥିଲେ। ରିଜା ହେଣ୍ଡ୍ରିକ୍ସ ୫୨ ଓ ରସି ଭାନ୍ ଡର୍ ଡୁସେନ ୩୬ ରନକରି ଆଉଟ ହୋଇଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଅର୍ଶଦୀପ ସିଂ ଓ ଡେବ୍ୟୁ ମ୍ୟାଚ ଖେଳିଥିବା ରିଙ୍କୁ ସିଂ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ। ଭାରତ ପ୍ରଥମ ଦିନିକିଆରେ ବିଜୟୀ ହୋଇଥିବାରୁ ୩ ମ୍ୟାଚ ବିଶିଷ୍ଟ ସିରିଜ ଏବେ ୧-୧ ସ୍ଥିତିରେ ପହଞ୍ଚିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଋତୁରାଜ ଗାଏକ୍ୱାଡ ଓ ତିଳକ ବର୍ମାଙ୍କ ଉଇକେଟ ଶୀଘ୍ର ହରାଇଥିଲା। ସାଇ ସୁଦର୍ଶନ ଓ ଅଧିନାୟକ ଲୋକେଶ ରାହୁଲ ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳିଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବାପରେ ଭାରତ ଇନିଂସ ହଡ଼ବଡ଼େଇ ଯାଇଥିଲା। ତୃତୀୟ ଉଇକେଟରେ ୬୮ ରନର ଭାଗୀଦାରି ପରେ ସାଇ ସୁଦର୍ଶନ ଆଉଟ ହୋଇଥିଲେ। ସେ ୭ ଚୌକା ଓ ୧ ଛକା ସହାୟତାରେ ସର୍ବାଧିକ ୬୨ ରନ କରିଥିଲେ। ସଞ୍ଜୁ ସାମସନ (୧୨ ରନ) ଫେଲ୍ ମାରିଥିବାବେଳେ ଅର୍ଦ୍ଧଶତକ ହାସଲକାରୀ ଲୋକେଶ ରାହୁଲ ଆଉଟ ହେବା ଭାରତକୁ ଶକ୍ତ ଧକ୍କା ପହଞ୍ଚାଇଥିଲା। ରାହୁଲ ୫୬ (୭ ଚୌକା) ରନ ସ୍କୋର କରିଥିଲେ। ପରେ ଟି୨୦ ହିରୋ ରିଙ୍କୁ ସିଂ ମାତ୍ର ୧୭ ଓ ଅକ୍ଷର ପଟେଲ ୭ ରନ କରି ଆଉଟ ହେବାରୁ ଭାରତର ୫୦ ଓଭର ତିଷ୍ଠିବା ଅସମ୍ଭବ ହୋଇପଡ଼ିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ନାନ୍ଦ୍ରେ ବର୍ଗର ସର୍ବାଧିକ ୩ଟି, ବେଉରନ ହେଣ୍ଡ୍ରିକ୍ସ ଓ କେଶବ ମହାରାଜ ୨ଟି ଲେଖାଏ ଏବଂ ଲିଜାଡ ଓ୍ୱିଲିୟମ୍ସ ଓ ଏଡେନ ମାରକ୍ରମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୪୬.୨ ଓଭରରେ ୨୧୧/ଅଲ୍‌ଆଉଟ (ସାଇ ସୁଦର୍ଶନ-୬୨, ଲୋକେଶ ରାହୁଲ-୫୬, ନନ୍ଦ୍ରେ ବର୍ଗର-୩/୩୦, ବେଉରନ ହେଣ୍ଡ୍ରିକ୍ସ-୨/୩୪, କେଶବ ମହାରାଜ-୨/୫୧, ଲିଜାଡ ଓ୍ୱିଲିୟମ୍ସ-୧/୪୯, ଏଡେନ ମାରକ୍ରମ-୧/୨୮)। ଦକ୍ଷିଣ ଆଫ୍ରିକା ୪୨.୩ ଓଭରରେ ୨୧୫/୨ (ଟୋନି ଡି ଜୋର୍ଜି-୧୧୯*, ରିଜା ହେଣ୍ଡ୍ରିକ୍ସ-୫୨, ରସି ଭାନ୍ ଡର୍ ଡୁସେନ-୩୬, ଅର୍ଶଦୀପ ସିଂ-୧/୨୮, ରିଙ୍କୁ ସିଂ-୧/୨)।



ଶଟ୍ ଖେଳିବା ଅବସରରେ ଦକ୍ଷିଣ ଆଫ୍ରିକାର ଟୋନି ଡି ଜୋର୍ଜି।

### ଆଇପିଏଲ୍ ଇତିହାସରେ ଦାମୀ ୧୦ ଖେଳାଳି

| ଖେଳାଳି | ଦେଶ | ଦଳ | ମୂଲ୍ୟ | ସିଜନ |
|---|---|---|---|---|
| ମିଚେଲ ଷ୍ଟାର୍କ | ଅଷ୍ଟ୍ରେଲିଆ | କୋଲକାତା | ୨୪.୭୫ କୋଟି | ୨୦୨୪ |
| ପ୍ୟାଟ୍ କୁମିନ୍ସ | ଅଷ୍ଟ୍ରେଲିଆ | ହାଇଦ୍ରାବାଦ | ୨୦.୫୦ କୋଟି | ୨୦୨୪ |
| ସାମ୍ କୁରାନ | ଇଂଲଣ୍ଡ | ପଞ୍ଜାବ | ୧୮.୫୦ କୋଟି | ୨୦୨୩ |
| କାମେରନ ଗ୍ରୀନ୍ | ଅଷ୍ଟ୍ରେଲିଆ | ମୁମ୍ବାଇ | ୧୭.୫୦ କୋଟି | ୨୦୨୩ |
| ବେନ୍ ଷ୍ଟୋକ୍ସ | ଇଂଲଣ୍ଡ | ଚେନ୍ନାଇ | ୧୬.୨୫ କୋଟି | ୨୦୨୩ |
| କ୍ରିସ୍ ମୋରିସ | ଦ.ଆଫ୍ରିକା | ରାଜସ୍ଥାନ | ୧୬.୨୫ କୋଟି | ୨୦୨୧ |
| ନିକୋଲସ ପୁରନ | ଓ୍ୱେଷ୍ଟଇଣ୍ଡିଜ | ଲକ୍ଷ୍ନୌ | ୧୬ କୋଟି | ୨୦୨୩ |
| ଯୁବରାଜ ସିଂ | ଭାରତ | ଦିଲ୍ଲୀ | ୧୬ କୋଟି | ୨୦୧୫ |
| ପ୍ୟାଟ୍ କୁମିନ୍ସ | ଅଷ୍ଟ୍ରେଲିଆ | କୋଲକାତା | ୧୫.୫୦ କୋଟି | ୨୦୨୦ |
| ଇଶାନ କିଶନ | ଭାରତ | ମୁମ୍ବାଇ | ୧୫.୨୫ କୋଟି | ୨୦୨୨ |

## ଅନ୍‌ସୋଲ୍ଡ ଖେଳାଳି

କରୁଣ ନାୟାର, ଷ୍ଟିଭ୍ ସ୍ମିଥ, ଫିଲ୍ ସଲ୍ଟ, ଜୋଶ୍ ଇଂଲିଶ, କୁସାଲ ମେଣ୍ଡିସ, ଜୋଶ୍ ହାଜେଲଉଡ୍, ଆଦିଲ ରଶିଦ, ଓ୍ୱାକର ସଲମଖିଲ, ଅକେଲ ହୋସେନ, ଇଶ୍ ସୋଧି, ଟାବ୍ରାଇଜ୍ ଶାମସି, ରୋହନ କୁନ୍ନୁମ୍ମାଲ, ପ୍ରିୟାଂଶ ଆର୍ଯ୍ୟ, ମନନ ଭୋରା, ସର୍ଫରାଜ ଖାଁ, ରାଜ ବାୱା, ବିଭ୍ରାନ୍ତ ଶର୍ମା, ଅତୀତ ଶେଠ୍, ହ୍ରିତିକ ଶୋକେନ, ଉର୍ଭିଲ ପଟେଲ, ବିଷ୍ଣୁ ସୋଲାଙ୍କି, କୁଲଦୀପ ଯାଦବ, ଇଶାନ ପୋରେଲ, ଶିବା ସିଂ, ମୁରୁଗାନ ଅଶ୍ୱିନ, ପୁଲକିତ ନାରଙ୍ଗ, ଫିନ୍ ଆଲେନ, କଲିନ ମୁନ୍‌ରୋ, ରସି ଭାନ୍ ଡର୍ ଡୁସେନ, କ୍ୱାଇସ ଅହମଦ, ମିଚେଲ ବ୍ରାସଓ୍ୱେଲ, ଜେମ୍ସ ନିଶାମ, କେମୋ ପଲ୍, ଓଡେନ ସ୍ମିଥ୍, ଦୁଷ୍ମନ୍ତ ଚାମିରା, ବେନ୍ ଡ୍ୱାରଶୁଇସ, ମ୍ୟାଟ୍ଟ ହେନରି, କାଏଲ ଜେମିସନ, ଟାଇମଲ ମିଲ୍ସ, ଆଡାମ ମିଲ୍‌ନେ, ଲାନ୍ସ ମୋରିସ, ସନ୍ଦିପ ଓ୍ୱାରିୟର, ଲ୍ୟୁକ ଉଡ୍, ରିଥିକ ଈଶ୍ୱରନ, ହିମ୍ମତ ସିଂ, ଶଶାଙ୍କ ସିଂ, ସୁମିତ ବର୍ମା, ହର୍ଶ ଦୁବେ, ତନୁଶ କୋଟିଆନ, କମଲେଶ ନାଗରକୋଟି, ପ୍ରଦୋଷ ରଞ୍ଜନ ପଲ, ଜି.ଅଜିତେଶ, ଗୌରବ ଚୌଧାରୀ, ବିପିନ ସୌରଭ, କେ.ଏମ. ଅସିଫ, ମହମ୍ମଦ କୈଫ, ଅଭିଳାଷ ଶେଟ୍ଟୀ, ଗୁରଜପନିତ ସିଂ, ପୃଥ୍ୱୀ ରାଜ, ଶୁଭମ୍ ଅଗ୍ରୱାଲ, କ୍ରିଷ୍ଣନ ଶ୍ରୀଜିତ।

## ପିତାଙ୍କ ମୁହଁରେ ହସ ଫୁଟାଇଲେ ରିଜ୍‌ଭି

**ବେଙ୍ଗାଲୁରୁ, ୧୯।୧୨ (ପି.ଟି.)**

ପୀଡ଼ିତ ପିତାଙ୍କ ମୁହଁରେ ହସ ଫେରାଇ ଆଣିଛନ୍ତି ଉତ୍ତର ପ୍ରଦେଶର ୨୦ ବର୍ଷୀୟ ବ୍ୟାଟର ସମୀର ରିଜ୍‌ଭୀ। ମଙ୍ଗଳବାର ଅନୁଷ୍ଠିତ ଆଇପିଏଲ୍ ନିଲାମିରେ ଚେନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ତାଙ୍କୁ ୮.୪୦କୋଟି ଟଙ୍କାରେ କ୍ରୟ କରିଛି। ତାଙ୍କୁ ନେବା ଲାଗି ଗୁଜରାଟ ଟାଇଟନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ସହିତ ସିଏସ୍‌କେକୁ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ପିତାଙ୍କ ଦୁର୍ବଳ ସ୍ୱାସ୍ଥ୍ୟ ଯୋଗୁ ବର୍ତ୍ତମାନ ସେ କାର୍ଯ୍ୟ କରିବା ଲାଗି ଅକ୍ଷମ। ବର୍ତ୍ତମାନ ସେ ଆବଶ୍ୟକ ଡାକ୍ତରୀ ଚିକିତ୍ସା କରାଇ ପିତାଙ୍କ ମୁହଁରେ ହସ ଫେରି ଆଣିପାରିବେ। ରିଜଭିଙ୍କ ନିଲାମିକୁ ନେଇ ତାଙ୍କ ମାମୁଁ ତନକିଭ ଅଖତର ଖୁସିରେ ଆତ୍ମହରା ହୋଇ ପଡ଼ିଥିଲେ। ନିଲାମିରେ କୌଣସି ନା କୌଣସି ଦଳ ରିଜଭିଙ୍କୁ ସେମାନଙ୍କ ଦଳରେ ନେବେ ବୋଲି ସେମାନେ ଆଶା କରୁଥିଲେ। କିନ୍ତୁ ଏତେ ମୂଲ୍ୟରେ ପୁଣି ସିଏସ୍‌କେ କ୍ରୟ କରିବ ଏହା ସେମାନଙ୍କ କଳ୍ପନା ବାହାରେ ଥିଲା। ସୂଚନାଯୋଗ୍ୟ, ୟୁପିଟି୨୦ ଲିଗ୍‌ରେ କାନପୁର ସୁପର ଷ୍ଟାର ଦଳ ତରଫରୁ ଖେଳୁଥିବା ବେଳେ ରିଜ୍‌ଭି ପ୍ରଥମ ଥର ଆଇପିଏଲ ଟ୍ୟାଲେଣ୍ଟର ନଜରକୁ ଆସିଥିଲେ। ଏଥିରେ ସେ ୯ଟି ମ୍ୟାଚରେ ମୋଟ ୪୫୫ ରନ ସଂଗ୍ରହ କରିଥିଲେ। ତନ୍ମଧ୍ୟରେ ତାଙ୍କର ୪୭ ବଲ୍‌ରୁ ଟୁର୍ନାମେଣ୍ଟର ଦ୍ରୁତତମ ଶତକ ରହିଥିଲା। ରିଜ୍‌ଭି ରାଜ୍ୟ ୨୩ ବର୍ଷରୁ କମ୍ ଟୁର୍ନାମେଣ୍ଟ ଖେଳି ୭ମ୍ୟାଚରୁ ୪୫୪ ରନ ସଂଗ୍ରହ କରିଥିଲେ। ରିଜ୍‌ଭି ତାଙ୍କର ଅଧିକାଂଶ ରନ ଚୌକା ଓ ଛକା ଜରିଆରେ ସଂଗ୍ରହ କରିଥାନ୍ତି। ସେହି ସବୁ ଟୁର୍ନାମେଣ୍ଟଗୁଡ଼ିକରେ ସେ ମୋଟ ୭୨ ଛକା ମାରି ସାରିଛନ୍ତି। ଏହା ହେଉଛି ତାଙ୍କର ସ୍ୱାଭାବିକ ଖେଳ। ୟୁପି ଟି୨୦ ଲିଗ୍ ସମୟରେ ସେ ନୀତୀଶ ରାଣା ଓ ରିଙ୍କୁ ସିଂଙ୍କ ସହିତ ବାର୍ତ୍ତାଳାପ କରିଛନ୍ତି।



ଆଇପିଏଲ୍ ଇତିହାସରେ ପ୍ରଥମ ମହିଳା ଅକ୍ସନର ମଲିକା ସାଗର।

## କିଟ୍-କିସ୍‌ରେ ମେଗା ସ୍ପୋର୍ଟ୍ସ ଫେଷ୍ଟିଭାଲ

**ଭୁବନେଶ୍ୱର, ୧୯।୧୨**
**(ବିଜୟ ରଣା)**

କିଟ୍ ଓ କିସ୍‌ରେ ଅନ୍ତର୍ଜାତୀୟ ମାନର ଭିତ୍ତିଭୂମି ରହିଥିବାରୁ ଏହା ପରିସରରେ ବିଭିନ୍ନ ପ୍ରକାର ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ଇଭେଣ୍ଟ ଆୟୋଜିତ ହୋଇ ଆସୁଛି। ପ୍ରତିବର୍ଷ ଗ୍ରୀଷ୍ମଋତୁରେ କ୍ରୀଡ଼ା ଇଭେଣ୍ଟଗୁଡ଼ିକରେ ଭାଗ ନେବା ଲାଗି ସମଗ୍ର ଦେଶରୁ କ୍ରୀଡ଼ାବିତ୍‌ମାନେ କିଟ୍/କିସ୍‌କୁ ଆସିଥାନ୍ତି। ଚଳିତ ବର୍ଷ ୧୫,୦୦୦ ଖେଳାଳି ଅଂଶଗ୍ରହଣ କରିବେ। କାର୍ଯ୍ୟସୂଚୀ ଅନୁସାରେ କିଟ୍‌ରେ ଉତ୍ତରପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଯୋଗାସନ (ପୁରୁଷ ଓ ମହିଳା) ଚାମ୍ପିୟନଶିପ୍ ଚଳିତମାସ ୨୧ରୁ ୨୩ ପର୍ଯ୍ୟନ୍ତ ହେବ। ଉତ୍ତର/ପୂର୍ବ/ପଶ୍ଚିମାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ (ପୁରୁଷ ଚାମ୍ପିୟନଶିପ୍ ଆସନ୍ତା ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ହେବ। ସର୍ବ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ (ମହିଳା) ଚାମ୍ପିୟନଶିପ୍ ମଧ୍ୟ ୨୬ରୁ ୨୯ ପର୍ଯ୍ୟନ୍ତ ହେବ। ସେହିପରି କିସ୍‌ରେ ୨୧ରୁ ୨୩ ପର୍ଯ୍ୟନ୍ତ ଉତ୍ତର ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ସୁଇମିଂ (ପୁରୁଷ ଓ ମହିଳା) ପ୍ରତିଯୋଗିତା ହେବ। ସେହିପରି ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ (ମହିଳା) ଚାମ୍ପିୟନଶିପ୍ ଆସନ୍ତା ବର୍ଷ ଜାନୁୟାରୀ ୪ ରୁ ୭ ତାରିଖ ପର୍ଯ୍ୟନ୍ତ ହେବ। ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃଜୋନ୍ ଭଲିବଲ (ମହିଳା) ଚାମ୍ପିୟନଶିପ୍ ୨୦୨୪ ଜାନୁୟାରୀ ୯ରୁ ୧୩ ପର୍ଯ୍ୟନ୍ତ ହେବ। ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ୮୫୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟର ୧୩,୦୦୦ରୁ ଅଧିକ ପ୍ରତିଯୋଗୀ ଭାଗ ନେବେ। ସେହିପରି ୬୭ତମ ଜାତୀୟ ସ୍କୁଲ କ୍ରୀଡ଼ା ୨୦୨୩ରେ ପ୍ରାୟ ୨,୦୦୦ ଖେଳାଳି ଅଂଶଗ୍ରହଣ କରିବେ।









# କ୍ଳବ-୭୩ ସୁବର୍ଣ୍ଣ ଜୟନ୍ତୀ ଫୁଟ୍‌ବଲ ୨୬ରୁ

## ଭାଗନେବେ ୮ ଦଳ, ବିଜେତାଙ୍କୁ ୧ ଲକ୍ଷ

ଭୁବନେଶ୍ୱର, ୧୯।୧୨ (ତପନ ସ୍ୱାଇଁ)



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

ରାଜ୍ୟର ଅନ୍ୟତମ ପୁରାତନ ଏବଂ ପ୍ରତିଷ୍ଠିତ କ୍ଳବ-୭୩ ୫୦ ବର୍ଷରେ ପଦାର୍ପଣ କରିଛି। ଏହାର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ କ୍ଳବ ଆନୁକୂଲ୍ୟରେ ଏକ ଅଲ୍ ଓଡ଼ିଶା ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହା ଚଳିତ ମାସ ୨୬ରେ ଆରମ୍ଭ ହୋଇ ୨୯ ତାରିଖରେ ଶେଷ ହେବ। ଏଥିରେ ରାଜ୍ୟର ପ୍ରତିଷ୍ଠିତ ୮ଟି ଦଳ ଅଂଶଗ୍ରହଣ କରିବେ। ଏହି ଦଳଗୁଡ଼ିକ ହେଲେ କଟକର ରାଇଜିଂ ଷ୍ଟୁଡେଣ୍ଟ, ଇଣ୍ଡିପେଣ୍ଡେଣ୍ଟ ଓ ସନ୍‌ରାଇଜ, ଭୁବନେଶ୍ୱରର କିଶୋର କ୍ଳବ, ୟୁନିଟ-୬ ଓ କିଟ୍ ଏବଂ ସମ୍ବଲପୁର ଫୁଟବଲ ଏକାଡେମୀ ଓ ଫୁଲବାଣୀ ଫୁଟ୍‌ବଲ କ୍ଳବ। ପ୍ରତିଯୋଗିତାର ସମସ୍ତ ମ୍ୟାଚ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ହେବ। ପ୍ରଥମ ୩ ଦିନରେ ୨ଟି ଲେଖାଏ ମ୍ୟାଚ ନକ୍‌ଆଉଟ ଭିତ୍ତିରେ ଖେଳାଯିବ। ପ୍ରଥମ ମ୍ୟାଚ ଅପରାହ୍ନ ୨ଟା ୩୦ ଓ ଦ୍ୱିତୀୟ ମ୍ୟାଚ ୫ଟା ୩୦ରେ ଆରମ୍ଭ ହେବ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧ ଲକ୍ଷ ଏବଂ ରନରଅପ୍ ଦଳକୁ ୫୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି ମଙ୍ଗଳବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କ୍ଳବ-୭୩ ସଭାପତି ତଥା ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରକାଶ କରିଛନ୍ତି। ''ବିଭିନ୍ନ କାରଣ ଯୋଗୁ ଗତ କିଛି ବର୍ଷ ଧରି କ୍ଳବ ପକ୍ଷରୁ ଟୁର୍ନାମେଣ୍ଟ ଆୟୋଜନ ବନ୍ଦ ହୋଇଥିଲା। ଏବେ ଏହାକୁ ପୁଣି ପ୍ରତିବର୍ଷ କରାଯିବାକୁ ନିଷ୍ପତ୍ତି ହୋଇଛି। କ୍ଳବ ନିକଟରେ ଅନେକ ଯୁବପ୍ରତିଭା ରହିଛନ୍ତି। ସେମାନଙ୍କୁ ଟ୍ରେନିଂ ମାଧମରେ ଆଗକୁ ନେବା କ୍ଳବର ମୁଖ୍ୟ ଲକ୍ଷ୍ୟ ରହିବ। ରାଜ୍ୟ ସରକାର ଇତିମଧ୍ୟରେ ବହୁ ବିଶ୍ୱସ୍ତରୀୟ ଭିତ୍ତିଭୂମି ପ୍ରସ୍ତୁତ କରିଛନ୍ତି। ଏହା ନିଶ୍ଚିତ ପ୍ରଶଂସନୀୟ। ତେବେ ରାଜ୍ୟର ଯୁବ ଖେଳାଳିମାନେ ଖେଳିବା ପାଇଁ ପଡ଼ିଆର ଆବଶ୍ୟକତା ରହିଛି। ନ ହେଲେ ସେମାନଙ୍କ ପ୍ରତିଭା ବିକଶିତ ହୋଇପାରିବ ନାହିଁ। ଏଥିପ୍ରତି ଦୃଷ୍ଟି ଦିଆଗଲେ ରାଜ୍ୟ ଫୁଟବଲ ଆହୁରି ସମୃଦ୍ଧ ହୋଇପାରିବ'' ବୋଲି ଲଳିତେନ୍ଦୁ କହିଛନ୍ତି।

ମୁଖ୍ୟ ପୁରସ୍କାର ବ୍ୟତୀତ ଦୁଇ ପରାଜିତ ସେମିଫାଇନାଲିଷ୍ଟ ଦଳକୁ ୨୫,୦୦୦ ଲେଖାଏ ଏବଂ ପ୍ଲେୟର ଅଫ୍ ଦି ମ୍ୟାଚ, ପ୍ଲେୟର ଅଫ୍ ଦି ସିରିଜ ଓ ବିଭିନ୍ନ ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯିବ। ଚାମ୍ପିୟନ ଦଳକୁ ସତ୍ୟବ୍ରତ ସ୍ମାରକୀ ଟ୍ରଫି ଏବଂ ରନରଅପ୍ ଦଳକୁ ତପନ ଦାସ ସ୍ମାରକୀ ଟ୍ରଫି ଦିଆଯିବ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶାର ଦୁଇ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଫୁଟବଲ ତାରକା ରାଜେନ୍ଦ୍ର ପ୍ରସାଦ ସିଂ ଓ ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ଦିଆଯିବ ବୋଲି କ୍ଳବ ସମ୍ପାଦକ ସୁବ୍ରତ କୁମାର ପଟ୍ଟନାୟକ କହିଛନ୍ତି। ଖବରଦାତା ସମ୍ମିଳନୀରେ କ୍ଳବର ଉପସଭାପତି ସିଦ୍ଧାର୍ଥ ଶଙ୍କର ପାଢ଼ୀ ଏବଂ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବଲାଙ୍ଗୀରରେ ୨ ସର୍ବଭାରତୀୟ ରେଟିଂ ଚେସ୍ ଟୁର୍ନାମେଣ୍ଟ

**ଭୁବନେଶ୍ୱର, ୧୯।୧୨ (ତପନ ସ୍ୱାଇଁ):** ଚଳିତ ମାସ ୨୩ରୁ ୩୧ ତାରିଖ ମଧ୍ୟରେ ବଲାଙ୍ଗୀରରେ ୨ଟି ସର୍ବଭାରତୀୟ ରେଟିଂ ଚେସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ବଲାଙ୍ଗୀର ଜିଲା ଚେସ୍ ଆସୋସିଏଶନ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଏବଂ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ର ବଲାଙ୍ଗୀର ଶାଖା ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯିବ। ସର୍ବଭାରତୀୟ ବଲାଙ୍ଗୀର ଓପନ ଫିଡେ ରେଟିଂ ଇଭେଣ୍ଟ ୨୩ରୁ ୨୭ ଏବଂ ୧୬୦୦ରୁ କମ୍ ରେଟିଂ ବିଶିଷ୍ଟ ଟୁର୍ନାମେଣ୍ଟ ୨୯ରୁ ୩୧ ପର୍ଯ୍ୟନ୍ତ ଖେଳାଯିବ। ଉଭୟ ପ୍ରତିଯୋଗିତା ପାଇଁ ୧୩୮ଟି ଟ୍ରଫି ସହ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗ ଏବଂ ବିଭାଗରେ ସ୍ୱତନ୍ତ୍ର ପୁରସ୍କାରମାନ ପ୍ରଦାନ କରାଯିବ। ଉଭୟ ପ୍ରତିଯୋଗିତା ୯ ରାଉଣ୍ଡ ବିଶିଷ୍ଟ ହେବ।




# ହାର୍ଦ୍ଦିକ, ସବିତାଙ୍କୁ ଏଫ୍‌ଆଇଏଚ୍ ପୁରସ୍କାର

ଲାଉସାନେ, ୧୯।୧୨(ପି.ଟି.)

ଭାରତୀୟ ପୁରୁଷ ହକି ଦଳର ମିଡ୍‌ଫିଲ୍‌ଡର ହାର୍ଦ୍ଦିକ ସିଂ ଏବଂ ମହିଳା ଅଧିନାୟକ ସବିତା ପୁନିଆ ମଙ୍ଗଳବାର ଯଥାକ୍ରମେ ଏଫ୍‌ଆଇଏଚ୍ ପ୍ଲେୟର ଅଫ୍ ଦି ଇୟର ଏବଂ ଗୋଲକିପର ଅଫ୍ ଦି ଇୟର ପୁରସ୍କାର ଜିତିଛନ୍ତି। ଜାତୀୟ ଆସୋସିଏଶନଗୁଡ଼ିକ ତରଫରୁ ସେମାନଙ୍କ ଅଧିନାୟକ, କୋଚ୍, ସମର୍ଥକ ଏବଂ ମିଡିଆକୁ ନେଇ ଗଠିତ ଏକ୍ସପର୍ଟ ପ୍ୟାନେଲର ଭୋଟ ଗ୍ରହଣ ପରେ ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଥିଲା। ହାର୍ଦ୍ଦିକ ଭାରତ ତରଫରୁ ଇତିମଧ୍ୟରେ ୧୧୪ଟି ମ୍ୟାଚ ଖେଳିସାରିଲେଣି। ୨୦୨୦ ଅଲିମ୍ପିକ୍ସରେ ଭାରତର ବ୍ରୋଞ୍ଜ ପଦକ ହାସଲ ପଛରେ ତାଙ୍କର ବିଶେଷ ଭୂମିକା ରହିଥିଲା। ଏହାପରଠାରୁ ତାଙ୍କ ପ୍ରଦର୍ଶନ କ୍ରମେ ଅଧିକରୁ ଅଧିକ ବଳିଷ୍ଠ ହେବାରେ ଲାଗିଛି। ଚଳିତବର୍ଷ ହାର୍ଦ୍ଦିକଙ୍କର ଏହା ହେଉଛି ଦ୍ୱିତୀୟ ବଡ଼ ପୁରସ୍କାର। ସେ ଏହାପୂର୍ବରୁ ୨୦୨୨ ହକି ଇଣ୍ଡିଆ ବଲବୀର ସିଂ ସିନିୟର ଆୱାର୍ଡ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇସାରିଛନ୍ତି। ଅନ୍ୟପକ୍ଷରେ ସବିତା କ୍ରମାଗତ ତୃତୀୟ ବର୍ଷ ଓମେନ୍ସ ଗୋଲକିପର ଅଫ୍ ଦି ଇୟର ପୁରସ୍କାର ଲାଭ କରିଛନ୍ତି। ସେ ଏହା ପୂର୍ବରୁ ୨୦୨୧ ଓ ୨୦୨୨ରେ ଏହି ପୁରସ୍କାର ପାଇ ସାରିଛନ୍ତି। ଭାରତୀୟ ଗୋଲ୍‌କିପର ୨୦୨୩ ସାରା ଚମତ୍କାର ଫର୍ମରେ ରହିଛନ୍ତି। ଅଷ୍ଟ୍ରେଲିଆରେ ଟେଷ୍ଟ ମ୍ୟାଚଠାରୁ ଆରମ୍ଭ କରି ହାଙ୍ଗଝୋ ଏସିଆନ ଗେମ୍ସ ପର୍ଯ୍ୟନ୍ତ ସେ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ସେହିପରି ମହିଳା କାଟେଗୋରିରେ ନେଦରଲାଣ୍ଡ୍ସର ଜାନ ଡି' ୱାର୍ଡ ୨୦୨୩ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଲାଭ କରିଛନ୍ତି। ଡଚ୍ ଗୋଲକିପର ପିରମିନ ବ୍ଲାକ୍ ପୁରୁଷଙ୍କ ମଧ୍ୟରେ ଏଫ୍‌ଆଇଏଚ୍ ଗୋଲକିପର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ଅନ୍ୟପକ୍ଷରେ ସ୍ପେନର ଟେରେସା ଲିମା ଏବଂ ଫ୍ରାନ୍ସର ଗାସପାର୍ଡ ଜାଭିଅର ଏଫ୍‌ଆଇଏଚ୍ ରାଇଜିଂ ଷ୍ଟାର ପୁରସ୍କାର ଜିତିଛନ୍ତି।



FOLLOW US ON: @tvsraiderofficial | TVS RAIDER | VISIT US AT: www.tvsmotor.com/tvs-raider

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR: THREE S TVS: 8860629978, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, PURI: MODERN TVS: 7978707757, 7440002101, CUTTACK: LAXMI TVS: 7077774420, ARNAPURNA TVS: 9778422980, KENDRAPADA: SAMIR TVS: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 9778728751, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 06724-222717, 7788901717. Authorised Dealers: Rohibank: 6371229226, Kalapathar: 9937844941, Ranpur: 9778520193, Khandapada: 7008659421, Purunakatak: 9439071610, Chandpur: 9337112565, Raj Sunakhela: 9437637421, Narasinghpur: 9658410027, Odogaon: 7815050701. Bhapur: 7389040805, Daspalla: 9938375040, Gothopatna: 8249710415, Jatani: 7978421266, Balugaon: 9937886712, Nirakarpur: 9658971360, Bhubaneshwar (CRP Square): 9337022334, Baghamari: 9437015363 Khurda: 7008412374, Balipatna: 9776036999, Mendhasala: 9437072019, Pipili: 9861150706, Sakhigopal: 9861150706. Nimapara: 7381765800, Delang: 9090214582, Brahmagiri: 8480928882, 6370937155, Chari Chowk: 8327783765, Panaspada: 6372608810, Kanas: 9090214582, Athagarh: 9853429148, Abhimanpur Post: 9937019555, Banki: 9437666687, Badamba: 9337135769, Niali: 9437307967, Phulnakhara, Cuttack: 9437037344, Nischintakoili: 9337438686, Kandarpur: 9090098000, Pattamundai: 9938602209, Sisua: 8018556514, Marshaghai: 9938837705, Rajnagar: 9439650236, Chandbali: 9238514769, Basudevpur: 8249905878, Garadapur: 9437527214, Erasama: 8658421889, Naugoan: 8339939725, Krushnanandapur: 9237066573, Raghunathpur: 6371724757, Balichandrapur: 7978388298, Brahmabarada: 7894020786, Raipur: 9937963372, Chhatia: 7328005678, Mangalpur: 9853486660, Bari: 9437510237, Binjharpur: 9090503379, Kuakhia: 9348035630, Singhpur: 9040646458.
dentsu/dha bhu/01/23

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ